୬୩ତମ ବର୍ଷ ୨୧ ଫେବ୍ରୁଆରୀ ୨୦୨୦ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

The chief purpose of the avatar" is to give to men a concrete proof that the Divine can manifest upon earth

With my blessings

୬୩ତମ ବର୍ଷ ୨୧ ଫେବ୍ରୁଆରୀ ୨୦୨୦ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୦]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ସୁବର୍ଣ୍ଣ ଦିବସ<br>୨୯ ଫେବ୍ରୁଆରୀ, ପ୍ରଭୁଙ୍କର ଦିନ | ... | ଶ୍ରୀମା | ୬ |
| ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ | ... | ଶ୍ରୀଅରବିନ୍ଦ | ୯ |
| ଆତ୍ମା ଓ ଆଧ୍ୟାତ୍ମିକ ଜ୍ଞାନ | ... | ଶ୍ରୀଅରବିନ୍ଦ | ୧୦ |
| ଅଧ୍ୟାତ୍ମ ଜୀବନର ଲକ୍ଷଣ | ... | ଶ୍ରୀମା | ୧୨ |
| ଧର୍ମ ଓ ଆଧ୍ୟାତ୍ମିକତା | ... | ଶ୍ରୀମା | ୧୪ |
| ଆଧ୍ୟାତ୍ମିକ ରୂପାନ୍ତର<br>(ପ୍ରଶ୍ନୋତ୍ତର) | ... | ଶ୍ରୀମା | ୧୮ |
| ପଛକୁ ହଟି ଛିଡ଼ା ହେବା | ... | ଶ୍ରୀମା | ୨୧ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୨୨ |
| ଆମ୍ଭମାନଙ୍କର ଶକ୍ତିପୂଜା | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୨୬ |
| ଋଭୁଗଣ — ଅମୃତତ୍ୱର ଶିଳ୍ପିଗଣ<br>(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୨୦,<br>ଋଷି : ମେଧାତିଥି କାଣ୍ୱ) | ... | ଶ୍ରୀଅରବିନ୍ଦ | ୩୦ |
| ''କାଳୀ ହେଲେ ଜନନୀ; ଶିବ ହେଲେ ପୁତ୍ର''<br>ଶ୍ମଶାନ-ସହରରେ ଏକ ରାତ୍ର | ... | ଶ୍ରୀ ମନୋଜ ଦାସ | ୩୫ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୧୩) | ... | ... | ୩୯ |
| ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା (୧) | ... | ଶ୍ରୀ ପ୍ରପତ୍ତି | ୪୨ |
| ସଂସାର ଜୀବନ ଓ ଅଧ୍ୟାତ୍ମ ଜୀବନ | ... | ଶ୍ରୀ ଲଳିତ ମୋହନ ଘୋଷ | ୪୬ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୩) | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ସୂକ୍ଷ୍ମସ୍ପନ୍ଦନସବୁକୁ ଅନୁଭବ କରିବାର ସାମର୍ଥ୍ୟ | ... | ଶ୍ରୀମା | ୫୪ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ନୂତନ ଜଗତର ନିର୍ମାଣରେ ମା'ଙ୍କ ଯନ୍ତ୍ର ହୋଇଉଠିବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ୫୮ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

There are two ways of doing Yoga, one by knowledge and one's own efforts, the other by reliance on the Mother. In the last way one has to offer one's mind and heart and all to the Mother for her Force to work on it, call her in difficulties, have faith and bhakti. At first it takes time, often a long time, for the consciousness to be prepared in this way – and during that time many difficulties can come up, but if one perseveres a time comes when all is ready, the Mother's Force opens the consciousness fully to the Divine, then all that must develop develops within, spiritual experience comes and with it the knowledge and union with the Divine.

– Sri Aurobindo

ଯୋଗ କରିବାର ଦୁଇଟି ମାର୍ଗ ରହିଛି, ଗୋଟିଏ ହେଉଛି ଜ୍ଞାନ ଓ ନିଜ ପ୍ରଚେଷ୍ଟାର ମାର୍ଗ ଏବଂ ଅନ୍ୟଟି ହେଉଛି ମା'ଙ୍କ ଉପରେ ନିର୍ଭର କରିବାର ମାର୍ଗ । ଶେଷୋକ୍ତ ମାର୍ଗଟିରେ ଜଣକୁ ନିଜର ମନ ଓ ହୃଦୟ ଏବଂ ସବୁକିଛିକୁ ମା'ଙ୍କୁ ଅର୍ପଣ କରିଦେବାକୁ ହେବ ସେଗୁଡ଼ିକ ଉପରେ ମା'ଙ୍କ ଦିବ୍ୟଶକ୍ତିର କ୍ରିୟା ନିମନ୍ତେ, ସମସ୍ତ ବାଧାବିପଦରେ ତାଙ୍କୁ ଡାକିବାକୁ ହେବ, ବିଶ୍ୱାସ ଓ ଭକ୍ତି ରଖିବାକୁ ହେବ । ପ୍ରଥମେ ଏଥିପାଇଁ ସମୟ ଲାଗେ, ଚେତନାକୁ ଏହି ଭାବରେ ପ୍ରସ୍ତୁତ କରିବା ପାଇଁ ଅନେକ ସମୟରେ ଦୀର୍ଘକାଳ ଲାଗିଯାଏ — ଏବଂ ସେହି ସମୟ ଭିତରେ ଅନେକ ବାଧାବିଘ୍ନ ଦେଖା ଦେଇପାରେ; କିନ୍ତୁ ଜଣେ ଯଦି ଲାଗି ରୁହେ ତେବେ ଏପରି ଏକ ସମୟ ଆସେ ଯେତେବେଳେ ସବୁକିଛି ପ୍ରସ୍ତୁତ, ମା'ଙ୍କର ଶକ୍ତି ଚେତନାକୁ ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ଖୋଲିଦିଏ, ସେତେବେଳେ ଯାହାସବୁ ବିକଶିତ ହେବା କଥା ତାହା ବିକଶିତ ହୁଏ ନିଜ ଭିତରେ, ଆଧ୍ୟାତ୍ମିକ ଅନୁଭୂତିସବୁ ଆସେ ଏବଂ ତା' ସହିତ ଆସେ ଜ୍ଞାନ ଓ ଭଗବାନଙ୍କ ସହ ମିଳନ ।

— ଶ୍ରୀଅରବିନ୍ଦ



## The Golden Day,
### 29 February, The day of the Lord

Characteristically the old world, the creation of what Sri Aurobindo calls the Overmind, was an age of the gods, and consequently the age of religions. As I said, the flower of human effort towards what is above it gave rise to innumerable religious forms, to a religious relationship between the noble souls and the invisible world....

And now, all these old things seem so old, so out-of-date, so arbitrary – such a travesty of the real truth.

In the supramental creation there will no longer be any religions. The whole life will be the expression, the flowering into forms of the divine Unity manifesting in the world.

– The Mother

## ସୁବର୍ଣ୍ଣ ଦିବସ
### ୨୯ ଫେବ୍ରୁଆରୀ, ପ୍ରଭୁଙ୍କର ଦିନ

ପୁରୁଣା ପୃଥିବୀ, ଯାହାକି ଶ୍ରୀଅରବିନ୍ଦଙ୍କ ଭାଷାରେ ଅଧିମାନସର ସୃଜନ, ତାହା ସ୍ୱଭାବତଃ ଥିଲା ଦେବତାମାନଙ୍କର ଯୁଗ, ଏବଂ ଫଳତଃ ଧର୍ମସମୂହର ଯୁଗ । ମୁଁ ଯାହା କହିଲି, ଏ ପୃଥିବୀର ଊର୍ଦ୍ଧ୍ୱରେ ଯାହା ଅଛି, ସେଦିଗରେ ମାନବିକ ପ୍ରୟାସର ନିର୍ଯ୍ୟାସ ଅସଂଖ୍ୟ ଧର୍ମଧାରାର, ମହତ୍ ଆତ୍ମାସବୁ ସହ ଅଦୃଶ୍ୟ ଜଗତର ଏକ ଧର୍ମନୈତିକ ସମ୍ପର୍କର ପ୍ରବର୍ତ୍ତନ କଲା ।...

ଏବଂ ବର୍ତ୍ତମାନ, ଏଯାବତ୍ ପୁରୁଣା କଥା ମନେହୁଏ ଏକାନ୍ତ ପୁରୁଣା, ଏକାନ୍ତ ସମୟ-ସଂଗତି-ରହିତ, ଏକାନ୍ତ ଅଯୌକ୍ତିକ – ପ୍ରକୃତ ସତ୍ୟର ଏକାନ୍ତ ବିକୃତି ।

ଅତିମାନସ ସୃଷ୍ଟିରେ କୌଣସି ଧର୍ମ ତିଷ୍ଠିବ ନାହିଁ । ସମଗ୍ର ଜୀବନ ହିଁ ହେବ ପୃଥିବୀରେ ଅଭିପ୍ରକାଶମାନ ଦିବ୍ୟ ଏକତ୍ୱର ଅଭିବ୍ୟକ୍ତି, ତା'ର କ୍ରମ-ରୂପାୟନ ।

– ଶ୍ରୀମା

# ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ

ଶ୍ରୀମାଙ୍କର ଅବତାର-ଗ୍ରହଣ ହେଉଛି ଏକ ସୁଯୋଗ, ଯଦ୍ୱାରା ପୃଥିବୀ-ଚେତନା ନିଜ ମଧ୍ୟରେ ଅତିମାନସ ଶକ୍ତିକୁ ଗ୍ରହଣ କରିପାରିବ ଏବଂ ପ୍ରଥମେ ତାହା ସମ୍ଭବ ହେବା ପାଇଁ ଆବଶ୍ୟକ ହେଉଥିବା ରୂପାନ୍ତର ମଧ୍ୟଦେଇ ଯାଇ ପାରିବ । ପରେ ଅଧିକତର ରୂପାନ୍ତର ଅତିମାନସ ଦ୍ୱାରା ହିଁ ହେବ ।

ସେହି ଏକ ହିଁ ମାତ୍ର ଦିବ୍ୟଶକ୍ତି ରହିଛି ଯାହା ବିଶ୍ୱଗତ ଓ ବ୍ୟକ୍ତିଗତ ଓ ଉଭୟର ଊର୍ଦ୍ଧ୍ୱରେ ହିଁ ରହିଥାଏ । ଦିବ୍ୟଜନନୀ ସେହି ସମସ୍ତ ଶକ୍ତିର ପ୍ରତୀକ । କିନ୍ତୁ ସେ ଏହି ପୃଥିବୀ ଉପରକୁ ଅବତରଣ କରି ଆସିଛନ୍ତି ଓ ଏଠାରେ କାର୍ଯ୍ୟ କରୁଛନ୍ତି ଅନ୍ୟ ଏକ ବିଶେଷ ଶକ୍ତିକୁ ପୃଥିବୀ ଉପରକୁ ଉତାରି ଆଣିବା ପାଇଁ, ଯାହା ଏପର୍ଯ୍ୟନ୍ତ ସ୍ଥୂଳ ଜଗତରେ ପ୍ରକଟ ହୋଇ ନାହିଁ; ଯଦ୍ୱାରା ଏଠାକାର ଜୀବନ ମଧ୍ୟରେ ଦେଖା ଦେବ ରୂପାନ୍ତର । ତେଣୁ ତୁମେମାନେ ତାଙ୍କୁ ପରମଙ୍କ ଶକ୍ତି ରୂପରେ ଦେଖିବ, ଯିଏ ସେହି ଲକ୍ଷ୍ୟ ସିଦ୍ଧ କରିବା ପାଇଁ ଏଠାରେ କାର୍ଯ୍ୟ କରୁଛନ୍ତି, ସେହି ଶରୀର ଗ୍ରହଣ କରିଛନ୍ତି; କିନ୍ତୁ ତାଙ୍କର ସମଗ୍ର ଚେତନା ମଧ୍ୟରେ ସେ ଦିବ୍ୟଙ୍କର ସମସ୍ତ ବିଭାବ ସହିତ ଏକ ହୋଇ ରହିଛନ୍ତି ।

*

ମୋର ଓ ଶ୍ରୀମାଙ୍କର ଚେତନା ଏକ; ଏକ ହିଁ ଦିବ୍ୟ-ଚେତନା ଦୁଇଟି ରୂପରେ ପ୍ରକଟିତ ହୋଇଛି । କାରଣ ତାହା ଲୀଳା ପାଇଁ ଆବଶ୍ୟକ । ତାଙ୍କର ଜ୍ଞାନ, ଶକ୍ତି ଓ ଚେତନା ବ୍ୟତିରେକେ କୌଣସି କିଛି କରାଯାଇ ନ ପାରେ; ଯଦି ପ୍ରକୃତରେ କାହାର ତାଙ୍କ ଚେତନାର ଅନୁଭୂତି ହୋଇଥାଏ — ତେବେ ତା'ର ଜାଣିବା ଉଚିତ ଯେ ମୁଁ ସେସବୁର ପଶ୍ଚାତରେ ରହିଛି, ଏବଂ ସେ ଯଦି ମୋତେ ଅନୁଭବ କରିପାରିବ, ଶ୍ରୀମାଙ୍କୁ ମଧ୍ୟ ଅନୁଭବ କରପାରିବ ।

ଶ୍ରୀମାଙ୍କ ଚେତନା ହେଉଛି ପରମଙ୍କ ଚେତନା ବା ଦିବ୍ୟଚେତନା; ଏବଂ ସେଥିରୁ ଯେଉଁ ଆଲୋକ ଆସୁଥାଏ ତାହା ହେଉଛି ଦିବ୍ୟସତ୍ୟର ଆଲୋକ । ଯଦି କେହି ଶ୍ରୀମାଙ୍କର ଆଲୋକକୁ ଗ୍ରହଣ କରେ, ସ୍ୱୀକାର କରେ ଏବଂ ସେଥିରେ ବାସ କରେ ତେବେ ମାନସିକ, ପ୍ରାଣିକ ଓ ଶାରୀରିକ — ସମସ୍ତ ସ୍ତରରେ ସେ ଦିବ୍ୟସତ୍ୟକୁ ହୃଦୟଙ୍ଗମ କରିପାରିବ ।

*

ଯୋଗପଥରେ କେହି ଥରେ ପ୍ରବେଶ କଲେ, ତାଙ୍କୁ କେବଳ ଏହାହିଁ କରିବାକୁ ହେବ : ଯାହାକିଛି ଘଟୁ, ଯେକୌଣସି ବାଧା ଆସୁ, ନିଜର ଏହି ସ୍ଥିର ସଂକଳ୍ପ ରଖିବାକୁ ହେବ ଯେ ଶେଷ ପର୍ଯ୍ୟନ୍ତ ଯିବାକୁ ହେବ । ନିଜ ଶକ୍ତିରେ କେହି ଯୋଗସିଦ୍ଧି ଲାଭ କରେ ନାହିଁ — ତୁମ ଊର୍ଦ୍ଧ୍ୱରେ ଯେଉଁ ମହତ୍ତର ଶକ୍ତି ରହିଛି, ତାହାରି ଦ୍ୱାରା ହିଁ ସେହି ମହତ୍ତର ସିଦ୍ଧି ପ୍ରାପ୍ତ ହେବ । ସମସ୍ତ ବିପର୍ଯ୍ୟୟ ସତ୍ତ୍ୱେ ଅବ୍ୟାହତ ସେହି ମହତ୍ତର ଶକ୍ତି ପ୍ରତି ଆବାହନ ଦ୍ୱାରା ହିଁ ସିଦ୍ଧିଲାଭ ହେବ । ଏପରିକି ତୁମେ ଯେତେବେଳେ ସକ୍ରିୟ ଭାବରେ ଅଭୀପ୍ସା କରି ନପାର, ସେତେବେଳେ ମଧ୍ୟ ମା'ଙ୍କ ସାହାଯ୍ୟ ପାଇବା ପାଇଁ ତାଙ୍କ ପ୍ରତି ଉନ୍ମୁଖ ହୋଇ ରହ । ଏହି କାର୍ଯ୍ୟଟି ହିଁ ସର୍ବଦା କରଣୀୟ । ❖

# ଆତ୍ମା ଓ ଆଧ୍ୟାତ୍ମିକ ଜ୍ଞାନ

## ଶ୍ରୀଅରବିନ୍ଦ

ଆତ୍ମା ଓ ଆଧ୍ୟାତ୍ମିକ ଜ୍ଞାନର କ୍ଷେତ୍ରରେ ଆତ୍ମ-ସିଦ୍ଧିର ତିନୋଟି ସୋପାନ ରହିଛି । ଏହାକୁ ସେହି ଏକହିଁ ଜ୍ଞାନର ତିନୋଟି ଭାଗ ବୋଲି କୁହାଯାଇପାରେ । ପ୍ରଥମଟି ହେଉଛି ଅନ୍ତରାତ୍ମାର ଆବିଷ୍କାର, ଯାହା ବିଚାର, ଆବେଗ ଓ ବାସନାର ବାହ୍ୟ ଆତ୍ମା ନୁହେଁ, ତାହା ହେଉଛି ଆମ ଭିତରେ ଗୋପନ ହୋଇ ରହିଥିବା ସେହି ଦିବ୍ୟ ଉପାଦାନ ଚୈତ୍ୟସତ୍ତାର ଆବିଷ୍କାର । ଯେତେବେଳେ ତାହା ପ୍ରକୃତି ଉପରେ କର୍ତ୍ତୃତ୍ୱ ବିସ୍ତାର କରେ, ଆମେ ଯେତେବେଳେ ସଚେତ ଭାବରେ ଆତ୍ମା ହୋଇ ଉଠୁ ଏବଂ ମନ, ପ୍ରାଣ ଓ ଦେହ ତାହାର ଯନ୍ତ୍ର ରୂପେହିଁ ନିଜ ନିଜର ଯଥାର୍ଥ ସ୍ଥାନ ଗ୍ରହଣ କରନ୍ତି ସେତେବେଳେ ଆମେ ଆମର ଅନ୍ତରରେ ଏକ ପଥପ୍ରଦର୍ଶକ ସଂପର୍କରେ ସଚେତ ହୋଇଉଠୁ, ଯାହା ଜାଣେ ସତ୍ୟ କ'ଣ, ଶୁଭ କ'ଣ, ଯଥାର୍ଥ ଆନନ୍ଦ କ'ଣ ଏବଂ ଅସ୍ତିତ୍ୱର ସୌନ୍ଦର୍ଯ୍ୟ କ'ଣ । ଏହାହିଁ ନିଜର ଜ୍ୟୋତିର୍ମୟ ବିଧାନ ଅନୁସାରେ ଆମର ହୃଦୟ ଓ ବୁଦ୍ଧିକୁ ନିୟନ୍ତ୍ରଣ କରେ ଏବଂ ଆମର ଜୀବନ ଓ ଆମର ସତ୍ତାକୁ ଆଗେଇ ନିଏ ପୂର୍ଣ୍ଣତାର ଅଭିମୁଖରେ । ଏପରିକି ଅଜ୍ଞାନର ତମସାଚ୍ଛନ୍ନ କ୍ରିୟାଗୁଡ଼ିକ ମଧ୍ୟରେ ବି ଆମେ ଏକ ସାକ୍ଷୀପୁରୁଷର ସଂଧାନ ପାଉ, ଯେ ଭୁଲ୍-ଠିକ୍‌ର ପ୍ରଭେଦ ନିର୍ଣ୍ଣୟ କରିପାରେ; ଏକ ଜୀବନ୍ତ ଜ୍ୟୋତିଃର ସନ୍ଧାନ ପାଉ ଯାହା ଆଲୋକ ପ୍ରଦାନ କରେ, ଏକ ସଂକଳ୍ପର ପରିଚୟ ପାଉ ଯାହାକି ଭୁଲ୍ ବାଟରେ ଯିବା ପାଇଁ ଅସ୍ୱୀକାର କରେ, ଏବଂ ମନର ସତ୍ୟକୁ ମନର ଭ୍ରାନ୍ତିଠାରୁ ଅଲଗା କରିଦିଏ । ଏହି ସଂକଳ୍ପ ବା ଇଚ୍ଛାଶକ୍ତି ମଧ୍ୟ ହୃଦୟକୁ ନିବୃତ୍ତ କରାଏ କୌଣସି ଭୁଲ୍ ଆହ୍ୱାନର ବା ତା' ଉପରେ କୌଣସି ଭୁଲ୍ ଦାବୀର ଅନ୍ତରଙ୍ଗ ପ୍ରତ୍ୟୁତ୍ତର ଦେବାର ସମସ୍ତ ଭାବ ସ୍ପନ୍ଦନରୁ । ଏହି ଇଚ୍ଛାଶକ୍ତି ମଧ୍ୟ ପ୍ରାଣିକ ଆବେଗ ଓ ପ୍ରାଣିକ ପ୍ରକୃତିର ପଙ୍କିଳ ମିଥ୍ୟାଚାର ଓ ତାହାର ଆତ୍ମ-ସ୍ୱାର୍ଥାନ୍ୱେଷଣର ଅନ୍ଧକାରମୟ ପ୍ରବୃତ୍ତିଗୁଡ଼ିକଠାରୁ ଜୀବନର ଯଥାର୍ଥ ପ୍ରୋତ୍ସାହ ଓ ପୂର୍ଣ୍ଣତାର ଗତିବେଗଗୁଡ଼ିକୁ ଅଲଗା କରି ଦେଖେ; ଏହା ଏହି ଉଭୟ ସ୍ପନ୍ଦନ ଭିତରେ ଥିବା ପ୍ରଭେଦକୁ ଠିକ୍ ରୂପେ ନିର୍ଣ୍ଣୟ କରିପାରେ । ଏହାହିଁ ହେଉଛି ଆତ୍ମୋପଲବ୍ଧିର ପ୍ରଥମ ଚରଣ, ଯେତେବେଳେ ଆମେ ଅହଂର ସ୍ଥାନରେ ଅନ୍ତରାତ୍ମାକୁ ଓ ଦିବ୍ୟଚୈତ୍ୟ ବ୍ୟକ୍ତିତ୍ୱକୁ ସିଂହାସନାରୂଢ଼ କରାଉ ।

ଏହାର ପରବର୍ତ୍ତୀ ଦ୍ୱିତୀୟ ଚରଣ ହେଉଛି ଆମ ଭିତରେ ରହିଥିବା ସେହି ଶାଶ୍ୱତ ଦିବ୍ୟାତ୍ମାଙ୍କ ସଂପର୍କରେ ସଚେତ ହେବା ଯେ ହେଉଛନ୍ତି ଅଜନ୍ମା ଏବଂ ସକଳ ସତ୍ତାଙ୍କ ଆତ୍ମା ସହିତ ଏକ ଓ ଅଭିନ୍ନ । ଏହି ଆତ୍ମୋପଲବ୍ଧି ମୁକ୍ତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଶ୍ୱମୟତା ଆଣିଦିଏ । ଏପରିକି ଯଦିଓ ଆମର କର୍ମଗୁଡ଼ିକ ତଥାପି ଅଜ୍ଞାନର ଗତିବେଗ ଭିତରୁ ଉତ୍ସାରିତ ହେଉଥାଏ, ତେବେ ମଧ୍ୟ ଏହା ଆମକୁ ଆଉ ପାଶବଦ୍ଧ କରି ରଖିପାରେ ନାହିଁ ବା ଭୁଲ୍ ବାଟରେ ନେଇଯାଇ ପାରେ ନାହିଁ, କାରଣ ସେତେବେଳେ ଆମର ଅନ୍ତର୍ସତ୍ତା ଆତ୍ମଜ୍ଞାନର ଆଲୋକରେ ହିଁ ଆସୀନ ହୋଇ ରହିଥାଏ ।

ଏହି ଉପଲବ୍ଧିର ତୃତୀୟ ଚରଣ ହେଉଛି ସେହି ଭଗବତ୍ ଦିବ୍ୟସତ୍ତାଙ୍କୁ ଜାଣିବା, ଯେକି ସେହି ଏକ ସଙ୍ଗରେ ଆମର ପରମ ବିଶ୍ୱାତୀତ ଆତ୍ମା, ବିଶ୍ୱସତ୍ତା, ଆମର ବିଶ୍ୱାତ୍ମକତାର ଆଧାର ଏବଂ ଆମର ଅନ୍ତରସ୍ଥ ଦିବ୍ୟସତ୍ତା । ଆମର ଚୈତ୍ୟସତ୍ତା, ଯାହାକି ଆମର ପ୍ରକୃତିରେ ଯଥାର୍ଥ ବିବର୍ତ୍ତନଶୀଳ ସତ୍ତା, ତାହା ହେଉଛି ସେହି ପରମ ଦିବ୍ୟ-ସତ୍ତାଙ୍କର ହିଁ ଏକ ଅଂଶ, ଏକ ସ୍ଫୁଲିଙ୍ଗ । ତାହା ଏପରି ଏକ ଅଗ୍ନିଶିଖା ଯାହାର ପ୍ରଜ୍ୱଳନ ଏବଂ ଜନ୍ମ ସେହି ଶାଶ୍ୱତ ଦିବ୍ୟଶିଖାରୁ ଏବଂ ତାହା ସେହି ଦିବ୍ୟଶିଖା ହୋଇ ଉଠିବା ଦିଗରେ ହିଁ ବୃଦ୍ଧିଲାଭ କରି ଚାଲିଛି । ଏବଂ ଆମ ଭିତରେ ତାହା ନିତ୍ୟ ଜୀବନ୍ତ ହୋଇ ସେହି ଦିବ୍ୟଶିଖାର ଚିରତର ସାକ୍ଷୀ ରୂପେ ରହିବା ସଙ୍ଗେ ସଙ୍ଗେ ତାହାର ଆଲୋକ, ଶକ୍ତି, ଆନନ୍ଦ ଓ ସୌନ୍ଦର୍ଯ୍ୟର ସଚେତନ ଯନ୍ତ୍ର ରୂପେ କ୍ରିୟା କରି ଚାଲିଛି । ଭଗବାନହିଁ ଆମ ସତ୍ତା ଓ କର୍ମର ପ୍ରଭୁ ବୋଲି ସଚେତ ହୋଇ ଉଠିଲେ ଆମେ ତାଙ୍କର ସେହି ଦିବ୍ୟଶକ୍ତିର ଏକ ପ୍ରବହମାନ ଧାରା ହୋଇ ଉଠିବୁ ଏବଂ ଆମ ଅନ୍ତରସ୍ଥିତ ସେହି ମହାଶକ୍ତିଙ୍କର ଆଜ୍ଞାନୁବର୍ତ୍ତୀ ହୋଇ ତାଙ୍କରି ଆଲୋକ ଓ ଶକ୍ତିର ବିଧାନ ଅନୁସାରେ କର୍ମ କରିପାରିବୁ । ସେତେବେଳେ ଆମର କର୍ମ ଆଉ ଆମର କୌଣସି ପ୍ରାଣିକ ପ୍ରବୃତ୍ତି ବା ମନର କୌଣସି

ମାନଦଣ୍ଡ ଦ୍ୱାରା ଚାଳିତ ହେବ ନାହିଁ । କାରଣ ସେହି ଦିବ୍ୟ ଶକ୍ତି କ୍ରିୟା କରେ ବିଷୟସବୁର ଶାଶ୍ୱତ ଅଥଚ ନମନୀୟ ସତ୍ୟ ଅନୁସାରେ ।

ସେଗୁଡ଼ିକ ମନ ଦ୍ୱାରା ଗଠିତ ହୋଇ ନାହିଁ, ସେଗୁଡ଼ିକ ହେଉଛି ସେହି ଉଚ୍ଚତର, ଗଭୀରତର ଓ ସୂକ୍ଷ୍ମତର ସତ୍ୟ ଯାହାକି ପରମ ଜ୍ଞାନ ଆଗରେ ଉଦ୍ଭାସିତ ହୋଇଥାଏ ଓ ବିଶ୍ୱରେ କ୍ରିୟାରତ ପରମ ସଂକଳ୍ପ ଯାହାର ଅଭିବ୍ୟକ୍ତି ପାଇଁ ଦାବୀ ଜଣାଇ ଥାଏ । ସଂକଳ୍ପ ବା ଇଚ୍ଛାଶକ୍ତିର ମୁକ୍ତି ଅନୁସରଣ କରିଥାଏ ଜ୍ଞାନର ମୁକ୍ତିକୁ ଏବଂ ସେହି ଇଚ୍ଛାଶକ୍ତି ହେଉଛି ଜ୍ଞାନରହିଁ ଗତିଶୀଳ ପରିଣାମ । ଏହା ହେଉଛି ସେହି ଜ୍ଞାନ ଯାହା ଶୁଦ୍ଧ କରେ, ଏହା ହେଉଛି ସେହି ସତ୍ୟ ଯାହା ମୁକ୍ତି ଆଣିଦିଏ । ଅମଙ୍ଗଳ ହେଉଛି ଆଧ୍ୟାତ୍ମିକ ଅଜ୍ଞାନତାର ହିଁ ଫଳ ଏବଂ କେବଳ ଏକ ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ଓ ଜ୍ଞାନାଲୋକର ବିକାଶ ଦ୍ୱାରା ଏହାର ନିରାକରଣ ହୋଇପାରିବ । ଅନ୍ୟମାନଙ୍କ ସତ୍ତାଠାରୁ ଆମ ସତ୍ତାର ବିଭାଜନକୁ କେବଳ ସେତିକିବେଳେ ହିଁ ଦୂରୀଭୂତ ଓ ଆରୋଗ୍ୟ କରାଯାଇ ପାରିବ ଯେତେବେଳେ ଆମର ଅନ୍ତରସ୍ଥ ଆତ୍ମସତ୍ୟଠାରୁ ଆମର ପ୍ରକୃତିର ବିଚ୍ଛିନ୍ନତାଟିକୁ ଦୂର କରି ଦିଆଯିବ ଏବଂ ଆମର ସମ୍ଭୂତି ଓ ଆମ ଆତ୍ମସତ୍ତା ମଧ୍ୟରେ ବ୍ୟବଧାନ ସୃଷ୍ଟି କରୁଥିବା ପରଦାଟିକୁ ଖୋଲି ଅପସାରିତ କରି ଦିଆଯିବ । ପ୍ରକୃତି ଭିତରେ ରହିଥିବା ଆମର ବ୍ୟକ୍ତି ଜୀବନ ଓ ଭଗବତ୍ ସତ୍ତାଙ୍କ ଭିତରେ ଯେଉଁ ବ୍ୟବଧାନ ଓ ଦୂରତ୍ୱ ରହିଛି ତାହାକୁ ଏକ ସେତୁ ଦ୍ୱାରା ଯୋଡ଼ି ଦେବାକୁ ହେବ; ସେହି ଭଗବତ୍ ସତ୍ତା ହେଉଛନ୍ତି ପ୍ରକୃତି ଭିତରେ ତଥା ପ୍ରକୃତିର ଊର୍ଦ୍ଧ୍ୱରେ ରହିଥିବା ସର୍ବବ୍ୟାପୀ ଦିବ୍ୟ ସତ୍ୟ ଓ ପରମ ବାସ୍ତବତା ।

(Bulletin, Aug. 2000, p.56) ✤

*ପ୍ରଶ୍ନ : ଆଶ୍ରମ ଏବଂ ଅରୋଭିଲ୍ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?*

**ଶ୍ରୀମା** : ଆଶ୍ରମ ପୁରୋଗାମୀ, ପ୍ରେରଣାଦାୟକ ଏବଂ ପଥପ୍ରଦର୍ଶନକାରୀର ଯଥାର୍ଥ ଭୂମିକାଟିକୁ ଅକ୍ଷୁଣ୍ଣ ରଖିବ ।

ଅରୋଭିଲ୍ ହେଉଛି ସାମୂହିକ ଉପଲବ୍ଧି ସକାଶେ କରାଯାଉଥିବା ଏକ ପ୍ରୟାସ ।

*ଜୁନ୍ ୧୯୬୮*

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅରୋଭିଲ୍‌ରେ ବାସ କରିବାକୁ ହେଲେ ଚେତନାର କ୍ଷେତ୍ରରେ ଏକ ବୃହତ୍ ଅଗ୍ରଗତି ଅବଶ୍ୟ କରିବାକୁ ପଡ଼ିବ ।

ମାତ୍ର, ସେହି ଅଗ୍ରଗତି ସମ୍ଭବ ହେବାର ମୁହୂର୍ତ୍ତଟି ବର୍ତ୍ତମାନ ଆସି ଉପଗତ ହୋଇଛି ।

ମୋର ସମସ୍ତ ସ୍ନେହ ସହିତ ।

(CWM, Vol. 13, p. 196) *ଜୁନ୍ ୧୯୬୮*

# ଅଧ୍ୟାତ୍ମ ଜୀବନର ଲକ୍ଷଣ

## ଶ୍ରୀମା

*ପ୍ରଶ୍ନ : କୌଣସି ବ୍ୟକ୍ତି ଆଧ୍ୟାତ୍ମିକ ମାର୍ଗରେ ପ୍ରକୃତରେ ପ୍ରବେଶ କରିଛନ୍ତି କି ନାହିଁ, ତାହା କେତେବେଳେ କୁହାଯାଇ ପାରିବ ?*

**ଶ୍ରୀମା** : ସମୟ-ଅନୁକ୍ରମ ହିସାବରେ ପ୍ରଥମ ଲକ୍ଷଣ (ଏହା ପ୍ରତ୍ୟେକଙ୍କ ପାଇଁ ସମାନ ନୁହେଁ) ହେଲା, ମୁଁ ବିଶ୍ୱାସ କରେ, ଏହା (ଆଧ୍ୟାତ୍ମିକତା) ବ୍ୟତୀତ ସବୁ ବିଷୟ ତୁମକୁ ଏକାନ୍ତ ଅବାସ୍ତବ ମନେହୁଏ । ତୁମର ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ତୁମର ସମସ୍ତ ଜୀବନ, ତୁମର କାର୍ଯ୍ୟକଳାପ, ତୁମର ସମସ୍ତ ଗତି ଅବ୍ୟାହତ ରହିଥାଏ; କିନ୍ତୁ ସେସବୁ ତୁମକୁ ସମ୍ପୂର୍ଣ୍ଣ ଅସାର ମନେ ହୁଏ । ଏହା ତୁମର ବଞ୍ଚି ରହିବାର କାରଣ ହିସାବରେ ଆଉ ରହେ ନାହିଁ । ମୋର ବିଶ୍ୱାସ, ଏହାହିଁ ହେଉଛି ପ୍ରଥମ ଲକ୍ଷଣ ।

ଅନ୍ୟ କଥା ମଧ୍ୟ ହୋଇପାରେ । ଉଦାହରଣ ସ୍ୱରୂପ, ପ୍ରତ୍ୟେକ ବିଷୟ ଭିନ୍ନ ପରି ମନେ ହୋଇପାରେ, ଯେପରିକି ଜଣକର ବଞ୍ଚି ରହିବାର ଧାରା ଭିନ୍ନ ରୂପ ନେଇପାରେ । ମନ ମଧ୍ୟରେ ଏକ ଆଲୋକ ଯାହାର ସତ୍ତା ବା ଅସ୍ତିତ୍ୱ ପୂର୍ବରୁ ନଥିଲା, ହୃଦୟରେ ଏକ ଶାନ୍ତି ଯାହାକି ପୂର୍ବେ ନଥିଲା, ବିରାଜମାନ କରିପାରେ । ସେଥିରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ, କିନ୍ତୁ ନିଶ୍ଚିତ ପରିବର୍ତ୍ତନ ସାଧାରଣତଃ ପରେ ଆସିଥାଏ; ବ୍ୟକ୍ତିବିଶେଷ ପକ୍ଷରେ ଆଧ୍ୟାତ୍ମିକ ଜୀବନ ଗ୍ରହଣ କରିବାର ସଂକଳ୍ପ କରିବା ମୁହୂର୍ତ୍ତରେ ସହସା ଦୀପ୍ତ ରୂପେ ଆସିବା ବ୍ୟତୀତ ଏହା କଦାଚିତ୍ ପ୍ରଥମରୁ ଆସିଥାଏ । ସମୟ ବିଶେଷରେ ଏହା ଏକ ବିରାଟ ଉଦ୍ଭାସିତ ଆଲୋକ ରୂପେ ଆରମ୍ଭ ହୁଏ, ଏକ ମହାନ୍ ଆନନ୍ଦ ତୁମ ମଧ୍ୟରେ ପ୍ରବେଶ କରେ; କିନ୍ତୁ ପ୍ରାୟ ସାଧାରଣତଃ ଏହା ପରେ ଆଢୁଆଳକୁ ଚାଲିଯାଏ; କାରଣ ତୁମ ମଧ୍ୟରେ ତଥାପି ବହୁ ଅପୂର୍ଣ୍ଣତା ଲାଗି ରହିଥାଏ । ଏହା ବିତୃଷ୍ଣା ନୁହେଁ, ଏହା ଘୃଣା ନୁହେଁ, କିନ୍ତୁ ନିଜକୁ ବ୍ୟସ୍ତ ରଖିବା ସକାଶେ ଯେତେ ମାତ୍ରାରେ କଷ୍ଟସ୍ୱୀକାର କରିବା ଆବଶ୍ୟକ ସେଥିପାଇଁ ଏହା ଯଥେଷ୍ଟ ନୁହେଁ ବୋଲି ତୁମକୁ ସବୁକିଛି ନୀରସ ମନେହୁଏ । ଉଦାହରଣସ୍ୱରୂପ ତୁମେ ଯେତେବେଳେ କୌଣସି ପାର୍ଥିବ ଅବସ୍ଥା ମଧ୍ୟରେ ରହିଥାଅ, ତାହା ସୁଖକର ହେଉ ବା ଅସୁଖକର ହେଉ (ଏହି ଦୁଇ ଚୂଡ଼ାନ୍ତ ସଂଯୋଜକ ଅଟନ୍ତି), ତୁମେ ନିଜକୁ କୁହ, ''ଏହା ମୋ ପାଖରେ ଅତ୍ୟନ୍ତ ପ୍ରୟୋଜନୀୟ ଥିଲା । କିନ୍ତୁ ସେଥିରେ ତିଳେ ହେଲେ ଗୁରୁତ୍ୱ ନାହିଁ !'' ତୁମର ଧାରଣା ହୁଏ ଯେ ତୁମେ ପ୍ରକୃତରେ ଅନ୍ୟ ଦିଗକୁ ଗତି ପରିବର୍ତ୍ତନ କରିଛ ।

ନିରୋଳାରେ ଶାନ୍ତଭାବେ ବସି ରହି ଧ୍ୟାନମଗ୍ନ ହେବାର କ୍ଷମତାଲାଭକୁ କେହି କେହି ଆଧ୍ୟାତ୍ମିକ ଜୀବନର ଲକ୍ଷଣ ହିସାବରେ କଳ୍ପନା କରିଥା'ନ୍ତି; ଏହା ଏକ ଅତ୍ୟନ୍ତ ସାଧାରଣ ପ୍ରଚଳିତ ଧାରଣା । ମୁଁ କୌଣସି କଠୋର ସିଦ୍ଧାନ୍ତ ନେବା ପାଇଁ ଚାହେଁନା, କିନ୍ତୁ ଅଧିକାଂଶ ଲୋକ, ଯେଉଁମାନେ ସେମାନଙ୍କର ଧ୍ୟାନ କରିବାର କ୍ଷମତା ପାଇଁ ଗର୍ବ କରିଥା'ନ୍ତି, ମୋର ମନେହୁଏ ସେମାନେ ଘଣ୍ଟାକ ମଧ୍ୟରୁ ଏପରିକି ଗୋଟିଏ ମିନିଟ ପର୍ଯ୍ୟନ୍ତ ଧ୍ୟାନ କରନ୍ତି ନାହିଁ । ଯେଉଁମାନେ ପ୍ରକୃତରେ ଧ୍ୟାନ କରନ୍ତି, ସେମାନଙ୍କ ପାଇଁ ଏହା ଏକ ସମ୍ପୂର୍ଣ୍ଣ ସାଧାରଣ କଥା । ଯେତେବେଳେ ଏହା ଏକ ସାଧାରଣ ବିଷୟରେ ପରିଣତ ହୁଏ, ଯାହା ପାଇଁ ଯଶୋଗାନ କରିବା ଦରକାର ହୁଏ ନାହିଁ, ସେତେବେଳେ ତୁମେ ନିଜକୁ କହିପାର ଯେ ତୁମେ ଉନ୍ନତି କରୁଛ । ଏହା ନିଶ୍ଚିତ ଯେ ଯେଉଁମାନେ କହି ବୁଲନ୍ତି ବା ଭାବନ୍ତି ଯେ ଏହା ସେମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଶ୍ରେଷ୍ଠତ୍ୱ ଦେଇଥାଏ, ସେମାନେ ଅଧିକାଂଶ ସମୟ ସମ୍ପୂର୍ଣ୍ଣ ଜଡ଼ତା ମଧ୍ୟରେ କଟାଇଥା'ନ୍ତି ।

ଧ୍ୟାନ କରିବା ଅତି କଷ୍ଟସାଧ୍ୟ । ବହୁ ପ୍ରକାର ଧ୍ୟାନ ରହିଛି... ତୁମେ ଗୋଟିଏ ଧାରଣାକୁ ଗ୍ରହଣ କରିପାର ଓ ତାହାକୁ ଅନୁସରଣ କରି ଗୋଟିଏ ନିର୍ଦ୍ଦିଷ୍ଟ ପରିଣତିରେ ପହଞ୍ଚିପାର — ଏହା ଏକ ସକ୍ରିୟ ଧ୍ୟାନ ଅଟେ; ଯେଉଁମାନେ କୌଣସି ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତି କିଂବା ଯେଉଁମାନେ କିଛି ଲେଖିବାକୁ ବସନ୍ତି, ସେମାନେ ଧ୍ୟାନ କରୁଛନ୍ତି ବୋଲି ନ ଜାଣି ମଧ୍ୟ ଧ୍ୟାନ କରନ୍ତି । ଅନ୍ୟମାନେ କୌଣସି ଧାରଣାର ଅନୁସରଣ ନକରି ବସି ରହି କୌଣସି ବିଷୟରେ ମନୋଯୋଗୀ ହେବାର ଚେଷ୍ଟା କରନ୍ତି; ନିଜର ଏକାଗ୍ରତାର କ୍ଷମତାକୁ ଅଧିକ ତୀବ୍ର

କରିବା ପାଇଁ କେବଳ ଗୋଟିଏ ବିନ୍ଦୁରେ ଏକାଗ୍ର ହୋଇଥା'ନ୍ତି : ଯଦି ତୁମେ ତୁମର କ୍ଷମତାକୁ ଏକତ୍ରିତ କରି ଏକ ମାନସିକ ବା ଭୌତିକ ବିନ୍ଦୁ ଉପରେ ଯଥେଷ୍ଟ ଭାବରେ ଏକାଗ୍ର ହେବାରେ ସଫଳ ହୁଅ, ତାହା ହେଲେ ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତୁମେ ଯାଇ ଅନ୍ୟ ଏକ ଚେତନାରେ ପ୍ରବେଶ କରିପାରିବ । ଅନ୍ୟ କେତେକେ ପୁଣି ତାଙ୍କ ମସ୍ତକରୁ ସମସ୍ତ ଚାଳନା, ଧାରଣା, ପ୍ରତିଫଳନ, ପ୍ରତିକ୍ରିୟା ଦୂରୀଭୂତ କରି ଗୋଟିଏ ନୀରବ ପ୍ରଶାନ୍ତିରେ ଉପନୀତ ହେବା ଲାଗି ଚେଷ୍ଟା କରନ୍ତି । ଏହା ଅତ୍ୟନ୍ତ କଷ୍ଟସାଧ୍ୟ । ଏପରି ଲୋକ ଅଛନ୍ତି ଯେଉଁମାନେ ପଚିଶ ବର୍ଷ ଧରି ଚେଷ୍ଟା କରି ଏଥିରେ ସଫଳ ହୋଇପାରି ନାହାନ୍ତି; ଏହା ଗୋଟିଏ ଷଣ୍ଢର ଶିଙ୍ଗ ଧରି ନେବା ପରି ହୁଏ ।

ଅନ୍ୟ ଗୋଟିଏ ପ୍ରକାର ଧ୍ୟାନ ହେଉଛି ସବୁ ଚିନ୍ତାକୁ ବାଧା ନ ଦେଇ ଯଥାସାଧ୍ୟ ଶାନ୍ତ ରହିବା । କାରଣ କେବଳ ଯାନ୍ତ୍ରିକ ଚିନ୍ତାସବୁ ମଧ୍ୟ ଆସିଥାଏ, ଏବଂ ତୁମେ ଯଦି ଏହାକୁ ବନ୍ଦ କରିବା ପାଇଁ ଚେଷ୍ଟା କର ତୁମର ବର୍ଷ ବର୍ଷ ସମୟ ଲାଗିପାରେ । ଏବଂ ଏହାଛଡ଼ା ତୁମେ ପରିଣାମ ବିଷୟରେ ମଧ୍ୟ ନିଶ୍ଚିତ ହୋଇପାରିବ ନାହିଁ । ଏହା ପରିବର୍ତ୍ତେ ତୁମେ ତୁମର ସମସ୍ତ ଚେତନାକୁ ଏକତ୍ରିତ କରି ଯେତେଦୂର ସମ୍ଭବ ନୀରବ ଓ ଶାନ୍ତ ରୁହ, ତୁମେ ବାହ୍ୟିକ ବସ୍ତୁ ସକଳରୁ ନିଜକୁ ବିଚ୍ଛିନ୍ନ କରିଆଣ, ଯେପରିକି ସେଗୁଡ଼ିକ ତୁମକୁ ଆଦୌ କୌତୂହଳୀ କରୁ ନାହାନ୍ତି ଏବଂ ହଠାତ୍ ତୁମେ ଅଭୀପ୍ସାର ସେହି ଶିଖାକୁ ପ୍ରଜ୍ୱଳିତ କରି ସେଥିରେ ତୁମ ମଧ୍ୟକୁ ଆସୁଥିବା ସବୁକିଛିକୁ ନିକ୍ଷେପ କର, ଯାହାଦ୍ୱାରା ସେହି ପ୍ରଜ୍ୱଳିତ ଶିଖା ଅଧିକରୁ ଅଧିକ ଓ ତତୋଽଧିକ ଉଜ୍ଜ୍ୱଳିତ ହୋଇଉଠେ, ତୁମେ ଏହା ସହିତ ଏକାତ୍ମ ହୋଇଥାଅ, ଏବଂ ତୁମେ ତୁମ ଚେତନା ଓ ଆସ୍ପୃହାର ଚୂଡ଼ାନ୍ତ ବିନ୍ଦୁରେ ଉପନୀତ ହୁଅ, ତୁମେ ଅନ୍ୟ କୌଣସି ବିଷୟ ଚିନ୍ତା କର ନାହିଁ – ସେହି ଆସ୍ପୃହା କେବଳ କ୍ରମାଗତ ଉତ୍ତୋଳିତ ହେବାରେ ଲାଗିଥାଏ, ଫଳାଫଳ କ'ଣ ହେବ ସେ ସମ୍ବନ୍ଧେ ଗୋଟିଏ ମିନିଟ ମଧ୍ୟ ଚିନ୍ତା କରେ ନାହିଁ, କ'ଣ ହେବ ବା ବିଶେଷ କରି କ'ଣ ନହେବ ଏବଂ ସର୍ବୋପରି ଯାହା କିଛି ବି ତୁମ ପାଇଁ ହେଉ, ଏହା ଆଶା ନକରି – କେବଳ ନିଜକୁ ଏକ ଅବିରାମ ଏକାଗ୍ରତାରେ ଅଧିକରୁ ଅଧିକ ତୀବ୍ର କରିବାରେ ଏକ ଅଭୀପ୍ସାର ଆନନ୍ଦ କ୍ରମାଗତ ଉତ୍ତୋଳିତ ହେଉଥାଏ । ଏବଂ ଏହିଠାରେ ମୁଁ ତୁମକୁ ଭରସା ଦେଇପାରେ ଯେ ଯାହାକିଛି ଘଟେ ତାହାର ଫଳ ସର୍ବଶ୍ରେଷ୍ଠ । କହିବାକୁ ଗଲେ ତୁମେ ଯେତେବେଳେ ଏହା କାର୍ଯ୍ୟକାରୀ କରିବାକୁ ସକ୍ଷମ ହୁଅ ସେତେବେଳେ ତୁମ ସମ୍ଭାବନାର ଚରମ ପରିଣତି ଉପଲବ୍ଧ ହୋଇଥାଏ । ବ୍ୟକ୍ତିବିଶେଷକୁ ନେଇ ଏହି ସମ୍ଭାବନା ଭିନ୍ନ ଭିନ୍ନ ହୋଇପାରେ । କିନ୍ତୁ ସେତେବେଳେ ନୀରବ ରହିବାର ଚେଷ୍ଟା, କୌଣସି ରୂପର ପଶ୍ଚାତକୁ ଚାଲିଯିବା, ଗୋଟିଏ ପ୍ରତ୍ୟୁତ୍ତରକାରୀ ଶକ୍ତିକୁ ଆବାହନ କରିବା, ତୁମ ପ୍ରଶ୍ନର ଉତ୍ତର ଆଶାରେ ଅପେକ୍ଷା କରିବା, ଏହି ସକଳ ଉଦ୍‌ବେଗ ଅବାସ୍ତବ ବାଷ୍ପ ପରି ମିଳାଇ ଯାଏ । ଏବଂ ତୁମେ ଯଦି ଏହି ପ୍ରଜ୍ୱଳିତ ଶିଖାରେ, ଏହି କ୍ରମୋତ୍ତୋଳିତ ଅଭୀପ୍ସାର ସ୍ତମ୍ଭ ମଧ୍ୟରେ ସଚେତନ ଭାବରେ ବଞ୍ଚି ରହିବାରେ ସଫଳ ହୁଅ, ତୁମେ ଦେଖିବ, ଯଦିବା ତୁମର ପ୍ରତ୍ୟକ୍ଷ ଫଳ ଲାଭ ନହୁଏ, ତଥାପି କିଛି ସମୟ ପରେ କିଛି ନା କିଛି ତୁମର ଲାଭ ହେବ ।

(CWM, Vol. 4, p. 103 - 105)
ଅନୁବାଦ : ଶ୍ରୀ ପୁଣ୍ୟବ୍ରତ ଦାସ ✤

ମନୁଷ୍ୟମାନଙ୍କ ଭିତରେ ଥାଇ ଏକାକୀ ଅନୁଭବ କରିବା ହେଉଛି ସେହି ଲକ୍ଷଣ ଯାହା ସୂଚିତ କରେ ଯେ ତୁମେ ନିଜ ସତ୍ତା ଭିତରେ ଭଗବତ୍ ଉପସ୍ଥିତି ସହ ସଂଯୋଗ-ସ୍ଥାପନର ପ୍ରୟୋଜନୀୟତା ଅନୁଭବ କରିବାକୁ ଆରମ୍ଭ କରୁଛ । ତେଣୁ ନୀରବତା ଭିତରେ ଏକାଗ୍ର ରହିବାକୁ ଓ ସମସ୍ତ ମାନସିକ କ୍ରିୟାକଳାପର ଅପହଞ୍ଚ ହୋଇ ତୁମ ଚେତନାର ଗଭୀରରେ ରହିଥିବା ଭଗବତ୍ ଉପସ୍ଥିତିର ଆବିଷ୍କାର ନିମନ୍ତେ ତୁମକୁ ଗଭୀର ଭିତରକୁ ପ୍ରବେଶ କରିବା ପାଇଁ ଚେଷ୍ଟା କରିବାକୁ ହେବ ।

– ଶ୍ରୀମା

# ଧର୍ମ ଓ ଆଧ୍ୟାତ୍ମିକତା

## ଶ୍ରୀମା

*ପ୍ରଶ୍ନ : ଧର୍ମର ଯଥାର୍ଥ ସ୍ୱରୂପ କ'ଣ ? ଆଧ୍ୟାତ୍ମିକ ଜୀବନ ପଥରେ ଧର୍ମ କ'ଣ ଅନ୍ତରାୟ ?*

**ଶ୍ରୀମା** : ଧର୍ମ ମନୁଷ୍ୟର ଉଚ୍ଚତର-ମାନସର ବସ୍ତୁ । ମନୁଷ୍ୟର ଉଚ୍ଚତର-ମାନସ ତାହାର ଊର୍ଦ୍ଧ୍ୱରେ ଅବସ୍ଥିତ ଏକ ବୃହତ୍ତର ବସ୍ତୁ ପ୍ରାପ୍ତି ନିମିତ୍ତ ଯେତେଦୂର ସମ୍ଭବ ଚେଷ୍ଟା କରେ ଏବଂ ଏହାକୁ ହିଁ ମନୁଷ୍ୟ ବହୁ ବିଭିନ୍ନ ନାମ ଦେଇଛି — ଭଗବାନ୍, ଆତ୍ମନ୍, ସତ୍ୟ, ଭକ୍ତି, ଜ୍ଞାନ ଅଥବା ଅସୀମ, ଏପରିକି ନିରପେକ୍ଷ ତତ୍ତ୍ୱ, ସେଥିରେ ମନୁଷ୍ୟ ମନ କଦାପି ପହଞ୍ଚିପାରେ ନାହିଁ, ତଥାପି ପହଞ୍ଚିବାକୁ ସର୍ବଦା ଚେଷ୍ଟା କରେ । ଧର୍ମ ମୂଳତଃ ଦିବ୍ୟବସ୍ତୁ, କିନ୍ତୁ ତାହାର ପ୍ରାକୃତ ରୂପରେ ଦିବ୍ୟ ନୁହେଁ, ମାନବୀୟ । ସତ କହିବାକୁ ଗଲେ ଆମ୍ଭେମାନେ ଧର୍ମ ନକହି, ଧର୍ମ ସମୂହର କଥା କହିବା ଉଚିତ; କାରଣ ମନୁଷ୍ୟକୃତ ଧର୍ମ ଅସଂଖ୍ୟ । ଏହି ବିଭିନ୍ନ ଧର୍ମର ଉତ୍ପତ୍ତି ଏକହିଁ ପ୍ରକାରେ ହୋଇ ନଥିଲେ ମଧ୍ୟ ଏହି ସବୁର ଗଠନଧାରା ଏକ ପ୍ରକାରର । ଆମ୍ଭେମାନେ ଜାଣୁ ଖ୍ରୀଷ୍ଟଧର୍ମ କିପରି ଗଢ଼ି ଉଠିଛି । ଆଜିକାଲି ଯାହା ଖ୍ରୀଷ୍ଟଧର୍ମ ନାମରେ ବିଦିତ, ଯିଶୁଖ୍ରୀଷ୍ଟ ନିଶ୍ଚୟହିଁ ତାହାର ସ୍ରଷ୍ଟା ନୁହନ୍ତି; ବରଂ କେତେକ ପଣ୍ଡିତ ଓ ବୁଦ୍ଧିମାନ୍ ବ୍ୟକ୍ତି ଏକମତ ହୋଇ ଆଜିର ଖ୍ରୀଷ୍ଟଧର୍ମକୁ ନିର୍ମାଣ କରିଛନ୍ତି । ଯେଉଁ ଭାବରେ ଏହା ଗଠିତ ହୋଇଥିଲା ସେଥିରେ କିଛି ବି ଦିବ୍ୟତା ନଥିଲା, ଆଉ ବି ଆଜି ଏହା ଯେପରି କାର୍ଯ୍ୟ କରୁଛି ସେଥିରେ ମଧ୍ୟ କିଛି ଦିବ୍ୟତା ନାହିଁ । ତଥାପି ଏହି ଧର୍ମର ମୂଳଭିତ୍ତି ଗଠନ ନିଃସନ୍ଦେହରେ କୌଣସି ଏକ ଦିବ୍ୟ-ପୁରୁଷଙ୍କ ମୁଖ-ନିଃସୃତ ବାଣୀ ବୋଲି ଉପଲକ୍ଷ୍ୟ ଦିଆଯାଏ — ଏହି ଦିବ୍ୟ-ପୁରୁଷ ଆସିଥିଲେ ଅନ୍ୟ ଏକ ଭୂମିରୁ ଏବଂ ଏହି ପୃଥିବୀ ନିମିତ୍ତ ସଙ୍ଗରେ ଆଣିଥିଲେ ସେହି ଉଚ୍ଚତର ଲୋକର ଜ୍ଞାନ ଓ ସତ୍ୟ । ସେ ପୃଥିବୀକୁ ଆସିଥିଲେ, ଆଉ ସତ୍ୟ ସ୍ଥାପନା ନିମିତ୍ତ ବହୁତ କଷ୍ଟ ସହ୍ୟ କରିଥିଲେ; କିନ୍ତୁ ଖୁବ୍ କମ୍ ଲୋକ ତାଙ୍କର ବାଣୀ ବୁଝିପାରି ଥିଲେ, ଏପରିକି ଯେଉଁ ସତ୍ୟ ସ୍ଥାପନା ନିମିତ୍ତ ସେ ବହୁ କଷ୍ଟ ବରଣ କରିଥିଲେ, ଅତି ଅଳ୍ପ ବ୍ୟକ୍ତି ସେହି ସତ୍ୟକୁ ଧରିପାରି ଥିଲେ ବା ସ୍ୱୀକାର କରିଥିଲେ । ବୁଦ୍ଧଦେବ ସଂସାର ତ୍ୟାଗ କଲେ, ଧ୍ୟାନାସନରେ ବସିଲେ ଏବଂ ଏପରି ଏକ ମାର୍ଗର ସନ୍ଧାନ ଦେଲେ ଯାହା ଦ୍ୱାରା ପୃଥିବୀର ଦୁଃଖତାପ, ରୋଗମୃତ୍ୟୁ, ବାସନା-ବୁଭୁକ୍ଷା ଓ ପାପ ମଧ୍ୟରୁ ମୁକ୍ତି ମିଳିପାରେ । ସେ ଏକ ଧ୍ରୁବ ସତ୍ୟ ପ୍ରାପ୍ତ କରିଥିଲେ ଏବଂ ତାଙ୍କ ଚତୁଃପାର୍ଶ୍ୱରେ ସମବେତ ଶିଷ୍ୟବର୍ଗଙ୍କ ପାଖେ ତାହା ବ୍ୟକ୍ତ କରିଥିଲେ । କିନ୍ତୁ ତାଙ୍କର ମୃତ୍ୟୁ ପୂର୍ବରୁ ତାଙ୍କର ଦିବ୍ୟବାଣୀକୁ ବ୍ୟାଖ୍ୟାନ୍ତର ଓ ବିକୃତ କରା ହୋଇଥିଲା । ତାଙ୍କର ଦେହତ୍ୟାଗ ପରେ ହିଁ ବୌଦ୍ଧଧର୍ମ ଏକ ସ୍ୱତନ୍ତ୍ର ଧର୍ମ ରୂପେ ମୁଣ୍ଡ ଟେକି ଛିଡ଼ା ହେଲା ଏବଂ ଏହା କୁଆଡ଼େ ବୁଦ୍ଧଦେବଙ୍କ ବାଣୀ ଏବଂ ତହିଁର ମନ-ପ୍ରସୂତ ବ୍ୟାଖ୍ୟା ଉପରେ ପ୍ରତିଷ୍ଠିତ ବୋଲି କୁହାଗଲା । କିନ୍ତୁ କିଛି କାଳ ପରେ ଯେତେବେଳେ ଶିଷ୍ୟ-ପ୍ରଶିଷ୍ୟଗଣ ବୁଦ୍ଧଦେବଙ୍କ ବାଣୀ ଏବଂ ତାଙ୍କର ଶିକ୍ଷା ସମ୍ବନ୍ଧେ ଏକମତ ହୋଇପାରିଲେ ନାହିଁ, ସେତେବେଳେ ସେହି ମୂଳ ଧର୍ମ ମଧ୍ୟରେ ବହୁ ସମ୍ପ୍ରଦାୟ, ଉପସମ୍ପ୍ରଦାୟ ଗଢ଼ି ଉଠିଲା — ଦକ୍ଷିଣର ହୀନଯାନ ପନ୍ଥା, ଉତ୍ତରର ମହାଯାନ ପନ୍ଥା ଏବଂ ସୁଦୂର ପ୍ରାଚୀନ ନାନା ପନ୍ଥା ଏବଂ ପ୍ରତ୍ୟେକ ସମ୍ପ୍ରଦାୟ ଦାବୀ କଲେ ଯେ ତାଙ୍କର ପନ୍ଥାହିଁ ଏକମାତ୍ର ମୂଳ ଶୁଦ୍ଧ ବୌଦ୍ଧମତ । ଖ୍ରୀଷ୍ଟଙ୍କ ବାଣୀର ଠିକ୍ ଏହି ଦଶା ହିଁ ହୋଇଥିଲା । ଏହା ମଧ୍ୟ ସେହିପରି ଗୋଟିଏ ବିଧିବଦ୍ଧ ଓ ସଂଗଠିତ ଧର୍ମରେ ପରିଣତ ହେଲା । ଏକଥା ଅନେକ ସମୟରେ କୁହାଯାଏ ଯେ ଯିଶୁଖ୍ରୀଷ୍ଟ ଯଦି ଆଜି ଫେରି ଆସନ୍ତି ତେବେ ତାଙ୍କର ଶିକ୍ଷାକୁ ଯେପରି ବିକୃତ କରାଯାଇଛି, ତାହାକୁ ସେ ଚିହ୍ନି ପାରିବେ ନାହିଁ । ସେହିପରି ବୁଦ୍ଧଦେବ ଯଦି ଏ ପୃଥିବୀକୁ ଫେରି ଆସି ଦେଖନ୍ତି, ତାଙ୍କର ଦିବ୍ୟ-ବାଣୀ କିପରି ବିକୃତ ହୋଇଛି, ତାହା ହେଲେ ସେ ମଧ୍ୟ ହତୋତ୍ସାହିତ ହୋଇ ନିର୍ବାଣକୁ ଫେରିଯିବେ ! ପ୍ରତ୍ୟେକ ଧର୍ମରେ ଠିକ୍ ଏହି ଏକ କାହାଣୀ । ପ୍ରତ୍ୟେକ ଧର୍ମର ଉତ୍ପତ୍ତିର କାରଣ ହେଲା ଜଗତରେ କୌଣସି ମହାପୁରୁଷଙ୍କ ଆବିର୍ଭାବ । ସେ ଦିବ୍ୟ ସତ୍ୟର ଅବତାର ରୂପେ ଆସନ୍ତି ଏବଂ ତାହାକୁ ବ୍ୟକ୍ତ କରନ୍ତି । କିନ୍ତୁ ମନୁଷ୍ୟ ସେହି ସତ୍ୟକୁ ନିଜର ବୋଲି ମାଡ଼ି ବସେ, ତାହା ଦ୍ୱାରା ବ୍ୟବସାୟ କରେ ଏବଂ ତାହା ମଧ୍ୟରୁ ପ୍ରାୟ ଏକ ରାଜନୈତିକ ଅନୁଷ୍ଠାନ ଗଢ଼ିତୋଳେ । ମନୁଷ୍ୟ ଧର୍ମ

ସହିତ ଯୋଡ଼ି ଦିଏ ଗୋଟିଏ ଶାସନ-ତନ୍ତ୍ର, ରାଷ୍ଟ୍ରୀୟ ବ୍ୟବସ୍ଥା, ଆଇନକାନୁନ, ନିୟମାବଳୀ, ଆଚାର-ପଦ୍ଧତି, ନାନବିଧ କ୍ରିୟା ଓ ପର୍ବ-ପର୍ବାଣୀ – ଆଉ ଭକ୍ତମାନଙ୍କୁ ଏହା ଅବଶ୍ୟ ମାନି ଚଳିବାକୁ ହୁଏ । ଏହାକୁ ସନାତନ ଓ ଅମୋଘ ବିଧାନ ବୋଲି ସ୍ୱୀକାର କରାଯାଏ । ରାଷ୍ଟ୍ରତୁଲ୍ୟ ଧର୍ମ ସମ୍ପ୍ରଦାୟ ମଧ୍ୟ ବିଶ୍ୱସ୍ତ ଭକ୍ତଗଣଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା କରେ ଏବଂ ବିଦ୍ରୋହୀ, ଅବିଶ୍ୱାସୀ, ପଥଭ୍ରଷ୍ଟ ଧର୍ମତ୍ୟାଗୀଙ୍କୁ ଶାସ୍ତି ଦିଏ ।

ଏହି ସମସ୍ତ ସୁବ୍ୟବସ୍ଥିତ, ସଂଘବଦ୍ଧ ଧର୍ମର ମୁଖ୍ୟ ନୀତି ହେଲା, ''ଆମର ଧର୍ମହିଁ ସର୍ବୋତ୍କୃଷ୍ଟ, ଏକମାତ୍ର ସତ୍ୟର ଅଧିକାରୀ, ବାକୀ ସବୁ ଧର୍ମ ମିଥ୍ୟା ଏବଂ ନିକୃଷ୍ଟ ।'' କାରଣ ଏହି ମୂଳ ଅଯୌକ୍ତିକ ସିଦ୍ଧାନ୍ତ (dogma)ଛଡ଼ା ଅନ୍ଧବିଶ୍ୱାସ ପ୍ରତିଷ୍ଠିତ କୌଣସି ଧର୍ମ ବେଶୀ ଦିନ ସ୍ଥାୟୀ ହୋଇପାରିବ ନାହିଁ । ଯଦି ତୁମେ ବିଶ୍ୱାସ କର ନାହିଁ ଏବଂ ଚିତ୍କାର କର ନାହିଁ ଯେ ତୁମେ ହିଁ ଏକମାତ୍ର ପରମ ସତ୍ୟର ଅଧିକାରୀ, ତାହା ହେଲେ ତୁମେ ଲୋକଙ୍କୁ ପ୍ରଭାବିତ କରିପାରିବ ନାହିଁ, ଆଉ ସେମାନେ ତୁମ ଚତୁଃପାର୍ଶ୍ୱରେ ରୁଣ୍ଡ ହେବେ ନାହିଁ ।

ଧର୍ମ-ପ୍ରବଣ ବ୍ୟକ୍ତିର ଏହାହିଁ ସ୍ୱାଭାବିକ ମନୋଭାବ, କିନ୍ତୁ ଠିକ୍ ଏହି ମନୋଭାବ ସକାଶେ ହିଁ ଧର୍ମ ଆଧ୍ୟାତ୍ମିକ ଜୀବନ ପଥରେ ପ୍ରତିବନ୍ଧକ ହୁଏ । ଧର୍ମର ମୂଳ ନୀତି ଓ ମୂଳ-ସୂତ୍ର ମନ-ପ୍ରସୂତ ବସ୍ତୁ । ଯଦି ତୁମେ ସେହିଗୁଡ଼ିକୁ ଜାବୁଡ଼ି ଧରି ବସ, ଅନ୍ୟ ଦ୍ୱାରା ଗଠିତ ଜୀବନ-ପଦ୍ଧତିରେ ନିଜକୁ ଅବରୁଦ୍ଧ କରି ରଖ, ତାହାହେଲେ ତୁମେ ଜାଣ ନାହିଁ, ଜାଣିପାରିବ ନାହିଁ, ଆତ୍ମାର ମହାନ୍ ସତ୍ୟକୁ – ଯେଉଁ ସତ୍ୟ ସକଳ ବିଧିବିଧାନର ଊର୍ଦ୍ଧ୍ୱରେ, ସର୍ବଦା ମୁକ୍ତ, ଉଦାର ଓ ବିଶାଳ । ଯଦି ତୁମେ କୌଣସି ବିଶିଷ୍ଟ ଧର୍ମ-ବିଶ୍ୱାସ ମଧ୍ୟରେ ଅଟକି ଯାଅ ଏବଂ ଜଗତରେ ତାହାକୁ ଏକମାତ୍ର ସତ୍ୟ ବୋଲି ମାନି ନେଇ ତହିଁରେ ନିଜକୁ ବାନ୍ଧି ରଖ, ତାହାହେଲେ ତୁମର ଅନ୍ତରାତ୍ମାର ପ୍ରସାର ଓ ପ୍ରଗତି, ଦୁଇଟିକୁ ବ୍ୟାହତ କର । ଯଦି ତୁମେ ଧର୍ମ ପ୍ରତି ଅନ୍ୟ ଏକ ଦିଗରୁ ଦୃଷ୍ଟିପାତ କର ତେବେ ବୁଝିବ ଯେ ଏହା ସବୁ ସମୟରେ ସମସ୍ତଙ୍କ ପକ୍ଷରେ ପ୍ରତିବନ୍ଧକ ନୁହେଁ । ତୁମେ ଏହାକୁ ମନୁଷ୍ୟର ଗୋଟିଏ ଊର୍ଦ୍ଧ୍ୱତନ-କର୍ମଧାରା ରୂପେ ଦେଖ, ଯଦି ତୁମେ ଏହା ମଧ୍ୟରେ ଊର୍ଦ୍ଧ୍ୱମୁଖୀ ଅଭୀପ୍ସା ଦେଖିପାର – ଅବଶ୍ୟ ମନୁଷ୍ୟ ଗଠିତ ସକଳ ବସ୍ତୁ ଅପୂର୍ଣ୍ଣ ଏହି ଖିଆଲ ରଖି – ତାହାହେଲେ ଏହା ତୁମର ଆଧ୍ୟାତ୍ମିକ-ଜୀବନ ଗ୍ରହଣ କରିବାରେ ସହାୟକ ହେବ । ଗଭୀର ଏବଂ ଏକାଗ୍ର ମନୋଭାବ ସହ ତୁମେ ଏହାକୁ ଗ୍ରହଣ କଲେ ଦେଖି ପାରିବ ଏହା ମଧ୍ୟରେ କେଉଁ ଯଥାର୍ଥ ସତ୍ୟ ଅଛି, କେଉଁ ମହାନ୍ ଅଭୀପ୍ସା ଗୁପ୍ତ ରହିଛି ଏବଂ ଏଠାରେ କେଉଁ ଭାଗବତ ପ୍ରେରଣା ମନୁଷ୍ୟର ଭାବନା ଓ ଅନୁଷ୍ଠାନ ଦ୍ୱାରା ବିକୃତ ଓ ରୂପାନ୍ତରିତ ହୋଇଅଛି । ଆଉ ବି ଯଥାର୍ଥ ମନୋଭାବ ସହ ଗତି କଲେ ଆଜିକାଲିର ଧର୍ମ ବି ତୁମ ପଥରେ ଆଲୋକପାତ କରିବ ଏବଂ ତୁମର ଆଧ୍ୟାତ୍ମିକ ପ୍ରଚେଷ୍ଟାକୁ ସାହାଯ୍ୟ କରିବ ।

ସକଳ ଧର୍ମ ସମ୍ପ୍ରଦାୟରେ ଆମ୍ଭେମାନେ ସର୍ବଦା ଏପରି କେତେକ ଲୋକଙ୍କୁ ଦେଖୁ ଯେଉଁମାନଙ୍କର ହୃଦୟ ଗଭୀର ଭାବାବେଗ ଏବଂ ଯଥାର୍ଥ ଓ ଜ୍ୱଳନ୍ତ ଅଭୀପ୍ସାରେ ପୂର୍ଣ୍ଣ; କିନ୍ତୁ ସେମାନଙ୍କ ମନ ଅତ୍ୟନ୍ତ ସରଳ ଏବଂ ସେମାନେ ଜ୍ଞାନମାର୍ଗରେ ଭଗବାନଙ୍କ ଆଡ଼କୁ ଯିବାକୁ ପ୍ରୟୋଜନ ବୋଧ କରନ୍ତି ନାହିଁ । ଏହି ସ୍ୱଭାବର ଲୋକଙ୍କ ନିମିତ୍ତ ଧର୍ମ ବିଶେଷ ଉପଯୋଗୀ ଏବଂ ପ୍ରୟୋଜନ ମଧ୍ୟ; କାରଣ ବାହ୍ୟ ଅନୁଷ୍ଠାନ ଓ କ୍ରିୟାକର୍ମାଦି ଏମାନଙ୍କର ଆନ୍ତରିକ ଓ ଆଧ୍ୟାତ୍ମିକ ଅଭୀପ୍ସାକୁ ସମର୍ଥନ ଓ ସାହାଯ୍ୟ କରେ । ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଉଚ୍ଚ ଆଧ୍ୟାତ୍ମିକ ଜୀବନ ପ୍ରାପ୍ତ କରିଅଛନ୍ତି, କିନ୍ତୁ ସେହି ଧର୍ମ ସମ୍ପ୍ରଦାୟ ଏମାନଙ୍କୁ ଆଧ୍ୟାତ୍ମିକତା ପ୍ରଦାନ କରେ ନାହିଁ ବରଂ ସେମାନେ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଆଧ୍ୟାତ୍ମିକତାକୁ ଉତାରି ଆଣନ୍ତି । ଯେକୌଣସି ସ୍ଥାନରେ, ଯେକୌଣସି ସମ୍ପ୍ରଦାୟରେ ଏମାନେ ଜନ୍ମଲାଭ କଲେ ସୁଦ୍ଧା, ଏମାନେ ନିଜର ଆଧ୍ୟାତ୍ମିକ ଜୀବନ ଓ ଆଧ୍ୟାତ୍ମିକ ସତ୍ୟକୁ ନିଶ୍ଚୟ ପ୍ରାପ୍ତ କରନ୍ତି । ଏହି ମହାନ୍ ବ୍ୟକ୍ତିଗଣଙ୍କର ବ୍ୟକ୍ତିତ୍ୱ ବିକଶିତ ହୁଏ ନିଜର ସାମର୍ଥ୍ୟ ଓ ଆନ୍ତର ସତ୍ତାର ଶକ୍ତି ଫଳରେ, ଧର୍ମ ବିଶ୍ୱାସ ଫଳରେ ନୁହେଁ । ସେମାନଙ୍କଠାରେ ଏହି ଆନ୍ତର ସାମର୍ଥ୍ୟ ଏତେ ପ୍ରବଳ ଯେ ଧର୍ମ ସେମାନଙ୍କ ପକ୍ଷରେ ଗୋଟାଏ ବନ୍ଧନ ବା ଦାସତ୍ୱର କାରଣ ହୁଏ ନାହିଁ । କିନ୍ତୁ ଯେହେତୁ ସେମାନଙ୍କର ଗୋଟାଏ ଖୁବ୍ ଦୃଢ଼, ସ୍ୱଚ୍ଛ ଏବଂ ସକ୍ରିୟ ମନ ନଥାଏ, ସେଥିପାଇଁ ସେମାନେ କୌଣସି ଧର୍ମମତକୁ ଅଖଣ୍ଡ ଓ ନିର୍ଭୁଲ ବୋଲି ସ୍ୱୀକାର କରି ନିଅନ୍ତି ଏବଂ ନିଜକୁ ତାହା ହାତରେ ନିଃସଂଶୟ ଓ ନିଃସଂକୋଚରେ ସମର୍ପଣ କରି ଦିଅନ୍ତି । ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟ ମଧ୍ୟରେ ମୁଁ ଏଇ ପ୍ରକାରର ବ୍ୟକ୍ତି ଦେଖିଛି ଏବଂ ସେମାନଙ୍କର ଏହି ସରଳ ବିଶ୍ୱାସକୁ ଚହଲେଇ ଦେବା ପାପ ହେବ । ସେମାନଙ୍କ ପକ୍ଷରେ ଧର୍ମ ଗୋଟିଏ ପ୍ରତିବନ୍ଧକ ନୁହେଁ । ଅଧ୍ୟାତ୍ମମାର୍ଗରେ ଯେଉଁମାନେ ବେଶୀ ଦୂର ଯାଇପାରିବେ

ସେମାନଙ୍କ ପକ୍ଷରେ ଧର୍ମ ପ୍ରତିବନ୍ଧକ ହୋଇପାରେ ମାତ୍ର ଯେଉଁମାନେ ସେତେଦୂର ଯାଇପାରିବେ ନାହିଁ, ଅଥଚ କିଛି ଦୂର ଯାଇପାରିବେ ସେମାନଙ୍କ ପକ୍ଷେ ଧର୍ମ ସହାୟକ ହୁଏ । ଧର୍ମ ଅତି ଖରାପ କାମ ଓ ଅତି ଭଲ କାର୍ଯ୍ୟ ଉଭୟର ପ୍ରେରଣା ଦେଇଛି; ଏକ ଦିଗରେ ଧର୍ମ ନାମରେ ଯେପରି ଅତି ଭୀଷଣ ଯୁଦ୍ଧ-ବିଗ୍ରହ, ଅତି କୁତ୍ସିତ ଅତ୍ୟାଚାର ଓ ଅନାଚାର ସଂଘଟିତ ହୋଇଛି, ଅନ୍ୟ ଦିଗରେ ସେହିପରି ଧର୍ମ ମନୁଷ୍ୟକୁ ଚରମ ବୀରତ୍ୱ ଓ ମହାନ୍ ଆତ୍ମୋତ୍ସର୍ଗ ନିମିତ୍ତ ପ୍ରଣୋଦନା ଦେଇଛି । ଦର୍ଶନଶାସ୍ତ୍ର ଓ ଧର୍ମ, ଏହି ଦୁଇ ବସ୍ତୁରେ ଆମ୍ଭେମାନେ ମାନବ ମନର ଉଚ୍ଚତମ ଅଭିବ୍ୟକ୍ତି ଦେଖୁ । ଯଦି ତୁ ଧର୍ମର ବାହ୍ୟ ଅନୁଷ୍ଠାନ ପାଖରେ ଦାସତ୍ୱ ସ୍ୱୀକାର କରିଛୁ, ତେବେ ଧର୍ମ ତୋ ପାଖରେ ଗୋଟିଏ ଶୃଙ୍ଖଳ ଏବଂ ପ୍ରତିବନ୍ଧକ, କିନ୍ତୁ ତୁ ଯଦି ତାହାର ଅନ୍ତର୍ନିହିତ ସଦ୍‌ବସ୍ତୁକୁ କିପରି ଉପଯୋଗ କରିବାକୁ ହୁଏ ଜାଣୁ, ତାହାହେଲେ ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରିବା ପାଇଁ ଏହା ତୋ ଲମ୍ଫଦାନର ଭୂମି ହୋଇପାରେ ।

ଯଦି କେହି ବ୍ୟକ୍ତି କୌଣସି ଏକ ବିଶିଷ୍ଟ ଧର୍ମ-ମତର ବିଶ୍ୱାସୀ, ଅଥବା ଯଦି ସେ ସତ୍ୟର କୌଣସି ଏକ ବିଶିଷ୍ଟ ଭାବର ସନ୍ଧାନ ପାଇଛନ୍ତି, ତେବେ ସେ ଭାବନ୍ତି ଏକମାତ୍ର ସେହିଁ ଅଖଣ୍ଡ ଓ ପୂର୍ଣ୍ଣ ସତ୍ୟକୁ ପ୍ରାପ୍ତ କରିଛନ୍ତି । ଏହାହିଁ ମନୁଷ୍ୟର ସ୍ୱଭାବ । ନିଜ ପାଦରେ ଛିଡ଼ା ହେବା ନିମିତ୍ତ ଓ ନିଜ ମତରେ ଚାଲିବା ନିମିତ୍ତ ମନୁଷ୍ୟ ସକାଶେ ମିଥ୍ୟା-ମିଶ୍ରଣର ଆବଶ୍ୟକ । ନଚେତ୍ ହଠାତ୍ ଯଦି ପୂର୍ଣ୍ଣ ସତ୍ୟର ମୂର୍ତ୍ତି ମନୁଷ୍ୟ ସମ୍ମୁଖକୁ ଆସିଯାଏ ତେବେ ସେ ତାହାର ଭାରରେ ଚାପି ହୋଇ ପିଷ୍ଟ ହୋଇଯିବ ।

ପ୍ରତ୍ୟେକବାର ଯେତେବେଳେ କିଛି ଭାଗବତ ସତ୍ୟ ଓ ଭାଗବତ ଶକ୍ତି ପୃଥିବୀ ଉପରେ ପ୍ରକାଶିତ ହେବା ନିମିତ୍ତ ଉତରି ଆସେ, ସେତେବେଳେ ପାର୍ଥିବ ବାତାବରଣରେ କିଛି ପରିବର୍ତ୍ତନ ନିଶ୍ଚୟ ହିଁ ହୁଏ । ଏହି ଅବତରଣ ଫଳରେ ଯେଉଁମାନେ ଗ୍ରହଣଶୀଳ ସେମାନେ ଏହାର ଏକ ପ୍ରେରଣା, ଏକ ସ୍ପର୍ଶ ଓ ସୂକ୍ଷ୍ମଦୃଷ୍ଟିରେ ଜାଗ୍ରତ୍ ହୋଇଉଠନ୍ତି । ଯାହା ସେମାନେ ଲାଭ କରନ୍ତି ଯଦି ତାହାକୁ ସେମାନେ ଠିକ୍‌ଭାବେ ଧାରଣ କରିପାରନ୍ତି ଏବଂ ବ୍ୟକ୍ତ କରିପାରନ୍ତି, ତାହାହେଲେ ସେମାନେ କହିବେ, ''ଗୋଟାଏ ମହାନ୍ ଶକ୍ତି ଉତରି ଆସିଛି, ମୁଁ ତାହାର ସଂସ୍ପର୍ଶ ଲାଭ କରିଛି, ସେଥିରୁ ଯାହା ମୁଁ ବୁଝିଛି ତାହା ମୁଁ କହୁଛି ।'' କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଏହି ସାମର୍ଥ୍ୟ ନଥାଏ, କାରଣ ସେମାନଙ୍କର ମନ ସଂକୀର୍ଣ୍ଣ । ସେମାନେ ପ୍ରଦୀପ୍ତ ହୋଇ ଉଠନ୍ତି ଏବଂ ଭୂତ ମାଡ଼ି ବସିଥିଲା ପରି ଚିତ୍କାର କରି କହନ୍ତି, ''ଭାଗବତ ସତ୍ୟ ମୁଁ ଲାଭ କରିଛି, ଅଖଣ୍ଡ ଓ ପୂର୍ଣ୍ଣ ରୂପେ ମୁଁ ଏହା ପ୍ରାପ୍ତ କରିଛି ।'' ବର୍ତ୍ତମାନ ପୃଥିବୀ ଉପରେ ପ୍ରାୟ ଦୁଇ ଡଜନ ଯିଶୁଖ୍ରୀଷ୍ଟ ଅଛନ୍ତି, ଯଦିଓ ତାହା ଅପେକ୍ଷା ଅଧିକ ସଂଖ୍ୟକ ବୁଦ୍ଧ ଥାଇ ପାରନ୍ତି; କେବଳ ଭାରତବର୍ଷରେ ଅସଂଖ୍ୟ ଅବତାର ମିଳି ପାରିବେ, ଆଉ ସାଧାରଣ ବିଭୂତିଙ୍କ କଥା ପଚାରେ କିଏ ! ଏହି ଦିଗରୁ ଦେଖିଲେ ସମସ୍ତ ବ୍ୟାପାରଟା ଅତି ଅଦ୍ଭୁତ ଓ ହାସ୍ୟାସ୍ପଦ ବୋଧହୁଏ, କିନ୍ତୁ ଏହାର ପଶ୍ଚାତ୍‌ରେ କ'ଣ ରହିଛି ଯଦି ବୁଝାଯାଏ ତେବେ ସମସ୍ତ ବ୍ୟାପାରଟା ପ୍ରଥମ ଦୃଷ୍ଟିରୁ ଯେପରି ମୂର୍ଖତାପୂର୍ଣ୍ଣ ବୋଲି ମନେ ହୁଏ, ସେପରି ମନେ ହେବ ନାହିଁ । ଅସଲ ସତ୍ୟ ହେଉଛି ମନୁଷ୍ୟ କୌଣସି ଭାଗବତ ସତ୍ତା ବା ଶକ୍ତିର ସଂସ୍ପର୍ଶରେ ଆସେ ଏବଂ ନିଜର ଶିକ୍ଷା ଅଥବା ପରମ୍ପରାର ପ୍ରଭାବ ଅନୁଯାୟୀ ତାକୁ ବୁଦ୍ଧ, ଖ୍ରୀଷ୍ଟ ବା ଅନ୍ୟ କୌଣସି ପରିଚିତ ନାମରେ ନାମିତ କରେ । କିନ୍ତୁ ସେ ଯେ ଠିକ୍ ସ୍ୱୟଂ ବୁଦ୍ଧ କିଂବା ଠିକ୍ ସେହି ଖ୍ରୀଷ୍ଟଙ୍କ ସଙ୍ଗେ ସଂସ୍ପର୍ଶରେ ଆସିଥିଲା, ଏହା କହିବା କଠିନ; ଆଉ ଏକଥା ବି କେହି ଜୋର୍ କରି କହି ପାରିବ ନାହିଁ ଯେ ବୁଦ୍ଧ ଏବଂ ଖ୍ରୀଷ୍ଟ ଯେଉଁଠାରୁ ପ୍ରେରଣା ପାଇଥିଲେ ସେହି ବ୍ୟକ୍ତି ସେଠାରୁ ପ୍ରେରଣା ପାଇନାହିଁ । ଏହି ମାନବୀୟ ଆଧାର ସକଳ ଏହିପରି କୌଣସି ଏକ ଉତ୍ସରୁ ପ୍ରେରଣା ଅବଶ୍ୟ ହିଁ ପାଇ ପାରିଥାଆନ୍ତି । ଯଦି ଏହି ବ୍ୟକ୍ତିମାନେ ବିନୟୀ ଏବଂ ସରଳ ହୁଅନ୍ତି, ତେବେ ସେମାନେ ଏତିକି କହି ସନ୍ତୁଷ୍ଟ ହେବେ ଯେ, ''ମୁଁ ଏହି ପ୍ରେରଣା ଅମୁକ ମହାତ୍ମାଙ୍କଠାରୁ ପାଇଛି; କିନ୍ତୁ ଏହା ପରିବର୍ତ୍ତେ ସେମାନେ ଘୋଷଣା କରନ୍ତି, ''ମୁଁ ହିଁ ସେହି ଅମୁକ ମହାତ୍ମା ।'' ମୁଁ ପୂର୍ବେ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି ଯେ ଏକାଧାରରେ ନିଜକୁ ବୁଦ୍ଧ ଏବଂ ଖ୍ରୀଷ୍ଟ ବୋଲି କହୁଥିଲେ । ସେ ନିଜେ କିଛି ପାଇଥିଲେ, କିଛି ସତ୍ୟର ଉପଲବ୍ଧି କରିଥିଲେ, ଦିବ୍ୟ ସତ୍ତାକୁ ନିଜ ମଧ୍ୟରେ ଓ ଅପର ସକଳଙ୍କ ମଧ୍ୟରେ ଦେଖି ପାରିଥିଲେ । କିନ୍ତୁ ତାଙ୍କ ପକ୍ଷେ ସେହି ଅନୁଭୂତି ଥିଲା ଅତି ପ୍ରବଳ ଓ ସେହି ସତ୍ୟ ଅତି ମହାନ୍ । ସେ ଅଧାପାଗଳ ହୋଇଗଲେ ଏବଂ ପରଦିନ ରାସ୍ତାକୁ ବାହାରି ଆସି ତାଙ୍କ ମଧ୍ୟରେ ବୁଦ୍ଧ ଏବଂ ଖ୍ରୀଷ୍ଟ ଏକ ହୋଇ ଯାଇଛନ୍ତି ବୋଲି ଘୋଷଣା କରିବାକୁ ଲାଗିଲେ ।

ଏକ ଅଖଣ୍ଡ ଭାଗବତ ଚେତନା ଏହି ସମସ୍ତ ବ୍ୟକ୍ତିଙ୍କ

ମଧ୍ୟଦେଇ କାର୍ଯ୍ୟ କରି ଯାଉଛି, ଏହି ସକଳ ଅଭିବ୍ୟକ୍ତିର ମଧ୍ୟଦେଇ ନିଜର ପଥ ପ୍ରସ୍ତୁତ କରି ନେଉଛି । ଏହି କାର୍ଯ୍ୟ ଆଜି ପୃଥିବୀରେ ଅତି ତୀବ୍ର ଭାବରେ ଚାଲୁଛି, ଯାହା ପୂର୍ବେ କେବେ ବି ହୋଇ ନଥିଲା । କେହି କେହି ବ୍ୟକ୍ତି ଏହି ଚୈତନ୍ୟର ସ୍ପର୍ଶ କିଛି ପରିମାଣରେ ବା କେତେକାଂଶରେ ପାଉଛନ୍ତି, କିନ୍ତୁ ସେମାନେ ଯାହା ପ୍ରାପ୍ତ କରୁଛନ୍ତି, ତାହାକୁ ବିକୃତ କରି ଦେଉଛନ୍ତି, ତାହା ଭିତରୁ ନିଜର ବସ୍ତୁ ଗଢ଼ି ତୋଳୁଛନ୍ତି । ଅନ୍ୟ କେହି କେହି ଏହାର ସ୍ପର୍ଶ ଅନୁଭବ କରନ୍ତି, କିନ୍ତୁ ଶକ୍ତି ସହ୍ୟ କରି ପାରନ୍ତି ନାହିଁ । ତାହାରି ଚାପାରେ ପାଗଳ ହୋଇ ଯାଆନ୍ତି । କିନ୍ତୁ ଅନ୍ୟ କେତେକଙ୍କର ଏହାକୁ ଗ୍ରହଣ କରିବାକୁ ଶକ୍ତି ଥାଏ ଏବଂ ସହ୍ୟ କରିବାକୁ ସାମର୍ଥ୍ୟ ଥାଏ ଏବଂ ସେହିମାନେ ପୂର୍ଣ୍ଣଜ୍ଞାନର ଆଧାର ହୋଇପାରନ୍ତି, ଭଗବାନଙ୍କର ନିର୍ବାଚିତ ଯନ୍ତ୍ର ଓ କରଣ ।

(କ୍ରମଶଃ)

(CMW, Vol. 3. p. 76 - 80) ❖

### ଅରୋଭିଲ୍ ଓ ପୃଥିବୀର ବିଭିନ୍ନ ଧର୍ମ

ପରମସତ୍ୟର ପ୍ରାପ୍ତି ଆମର ଲକ୍ଷ୍ୟ ।

ଅଧିକାଂଶ ମଣିଷଙ୍କର କ୍ଷେତ୍ରରେ ଏହାହିଁ ହୁଏ ଯେ, ସେମାନେ ଯାହାକିଛି ଇଚ୍ଛା କରୁଥା'ନ୍ତି, ତାହାକୁ ହିଁ ସତ୍ୟ ବୋଲି କହନ୍ତି ।

ପରମସତ୍ୟ ଯାହା ହୋଇଥାଉ ପଛକେ, ଅରୋଭିଲ୍‌ର ଅନ୍ତେବାସୀମାନେ ତାହାର ହିଁ ଅଭିଳାଷ କରିବେ ।

ଯେଉଁ ବ୍ୟକ୍ତିମାନେ ମୂଳତଃ ଏକ ଦିବ୍ୟଜୀବନ ଯାପନ କରିବାକୁ ଇଚ୍ଛା କରୁଛନ୍ତି; ମାତ୍ର, ପ୍ରାଚୀନ, ଆଧୁନିକ, ନୂତନ ବା ଭବିଷ୍ୟତର ଯାବତୀୟ ଧର୍ମକୁ ପରିତ୍ୟାଗ କରୁଛନ୍ତି, ଅରୋଭିଲ୍ ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ।

କେବଳ ଅଭିଜ୍ଞତା ମଧ୍ୟରେ ହିଁ ପରମସତ୍ୟ ବିଷୟରେ ଜ୍ଞାନଲାଭ ହୋଇ ପାରିବ ।

ଦିବ୍ୟ ପରମସତ୍ତାଙ୍କ ବିଷୟରେ ଅଭିଜ୍ଞତା ହୋଇ ନ ଥିବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ତାଙ୍କ ବିଷୟରେ କିଛି କହିବା ଆଦୌ ଉଚିତ ହେବ ନାହିଁ ।

ତୁମେ ଦିବ୍ୟ ପରମସତ୍ତାଙ୍କ ବିଷୟରେ ଅଭିଜ୍ଞତା ଲାଭ କର, ତେବେ ଯାଇ ତୁମର ସେହି ବିଷୟରେ କିଛି କହିବା ଲାଗି ଅଧିକାର ରହିବ ।

ଧର୍ମଗୁଡ଼ିକ ବିଷୟରେ ବିଷୟନିଷ୍ଠ ଯାବତୀୟ ଅଧ୍ୟୟନ ମନୁଷ୍ୟ-ଚେତନାର ବିକାଶ ସମ୍ବନ୍ଧରେ କରାଯାଉଥିବା ଐତିହାସିକ ଅଧ୍ୟୟନର ହିଁ ଏକ ଅଂଶ ହୋଇ ରହିବ ।

ଧର୍ମଗୁଡ଼ିକ ହେଉଛନ୍ତି ମନୁଷ୍ୟଜାତିର ଇତିହାସର ଏକ ଅଂଶ ଏବଂ ଅରୋଭିଲ୍‌ରେ ସେହି ବାହ୍ୟ ରୂପରେ ହିଁ ସେଗୁଡ଼ିକର ଅଧ୍ୟୟନ କରାଯିବ – ସେଗୁଡ଼ିକୁ ଗୋଟିଏ ଗୋଟିଏ ବିଶ୍ୱାସ ରୂପେ ଆଦୌ ଅଧ୍ୟୟନ କରାଯିବ ନାହିଁ, ଯାହାକୁ କି ଜୀବନରେ ଅବଲମ୍ବନ ଅଥବା ବର୍ଜନ କରାଯାଇ ପାରିବ । ସେଗୁଡ଼ିକୁ ମନୁଷ୍ୟ-ଚେତନାର ବିକାଶ ପ୍ରକ୍ରିୟାରେ ଏକ ଅଂଶ ରୂପେ ଗ୍ରହଣ କରିବାକୁ ହେବ, ଯେଉଁ ପ୍ରକ୍ରିୟା କି ମନୁଷ୍ୟକୁ ତା'ର ଉଚ୍ଚତର ଉପଲବ୍ଧିଟି ଆଡ଼କୁ ଅଗ୍ରସର କରାଇ ନେଇଯାଇ ପାରୁଥିବ ।... ...

(CWM, Vol. 13, p. 196) — ଶ୍ରୀମା

# ଆଧ୍ୟାତ୍ମିକ ରୂପାନ୍ତର

## (ପ୍ରଶ୍ନୋତ୍ତର)

### ଶ୍ରୀମା

[ବର୍ତ୍ତମାନ ମାନବସମାଜ ଏକ ଗଭୀର ସଙ୍କଟ ମଧ୍ୟ ଦେଇ ଗତିକରୁଛି । ଏହି ସଙ୍କଟର ଯଥାର୍ଥ ସମାଧାନର ଏକମାତ୍ର ଉପାୟ ମନୁଷ୍ୟ ଚେତନାର ଆଧ୍ୟାତ୍ମିକ ରୂପାନ୍ତର । ଏ ସମ୍ବନ୍ଧରେ ଶ୍ରୀମାଙ୍କ ଏକ ପ୍ରଶ୍ନର ଉତ୍ତର ଏଠାରେ ପ୍ରଦତ୍ତ ହେଲା ।]

*ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କର 'ଚିନ୍ତାରାଜି ଓ ଦୃଷ୍ଟି-ନିମେଷ' ପୁସ୍ତକରେ ଏହାହିଁ ଉଲ୍ଲେଖ କରିଛନ୍ତି : ''ଭଗବାନ୍ କାହିଁକି ତାଙ୍କର ସ୍ୱକୀୟ ଜଗତକୁ ହାତୁଡ଼ି ଦ୍ୱାରା ଏପରି ପିଟନ୍ତି ଏବଂ ତାକୁ ମଇଦା ପରି ଦଳନ୍ତି ଓ ପେଷଣ କରନ୍ତି, ବାରଂବାର ତାକୁ ରକ୍ତର ବନ୍ୟାରେ ବୁଡାଇ ଦିଅନ୍ତି, ନରକର ଅଗ୍ନିକୁଣ୍ଡରେ ବି ନିକ୍ଷେପ କରନ୍ତି ? ଏହାର କାରଣ ଏହି ଯେ ବର୍ତ୍ତମାନ ମନୁଷ୍ୟ ଖଣିଗର୍ଭସ୍ଥ, ଅପରିଣତ, ଅମାର୍ଜିତ, କଠୋର ଧାତୁ ପିଣ୍ଡତୁଲ୍ୟ ତାକୁ ଶୋଧନ କରି, ନରମ କରି, ତରଳାଇ ଗୋଟାଏ ଯଥାର୍ଥ ବସ୍ତୁରେ ପରିଣତ କରିବାକୁ ହେଲେ ଏହାଛଡ଼ା ଅନ୍ୟ ଉପାୟ ନାହିଁ ।''*

[*Thoughts and Glimpses, SABCL, Vol. 16, pp. 392 – 93*]

**ଶ୍ରୀମା** : ହଁ, ଏକଥା ଆପଣମାନଙ୍କୁ ବିଶେଷ କରି ଜାଣିବା ଉଚିତ; ବର୍ତ୍ତମାନ କ'ଣ ମନୁଷ୍ୟ ସେହି ଖାଣ୍ଟି ସୁନା ଅବସ୍ଥାରେ ପହଞ୍ଚିଅଛି, ଯେଉଁଥିରେ ତାକୁ ଏହିପରି ଶୋଧନ କରିବାକୁ ହେଲେ ଆଉ ସେହି ହିଂସା ଓ ଦ୍ୱେଷର ଉପାୟଗୁଡ଼ିକ ପ୍ରୟୋଜନ ହେବ ନାହିଁ ?

ବସ୍ତୁତଃ ବର୍ତ୍ତମାନ ସେ ଅବସ୍ଥା ଆସି ନାହିଁ; ମନୁଷ୍ୟ ଏବେ ବି ତୀବ୍ର ଆସକ୍ତି ସହ ଏପରି ଆଚରଣ କରୁଛି, ଯେଉଁଥିରେ ଏହିପରି କଠୋର ଉପାୟଗୁଡ଼ିକ ଗ୍ରହଣ କରିବା କେବଳ ଆବଶ୍ୟକ ନୁହେଁ, ବରଂ ଅନିବାର୍ଯ୍ୟ । ଏଥିନିମିତ୍ତ ପୃଥିବୀରେ ପ୍ରତ୍ୟେକ ଦେଶ ଆଜି ଗୋଟିଏ ସାଧାରଣ ବ୍ୟାଧିରେ ଆକ୍ରାନ୍ତ ହୋଇ ଗଭୀର ଅସ୍ୱସ୍ତି ଭୋଗ କରୁଛି : ସମଗ୍ର ଜଗତର ମସ୍ତକ ଉପରେ ସବୁବେଳେ ଗୋଟାଏ ଭୟଙ୍କର ଯୁଦ୍ଧର କୃଷ୍ଣ ମେଘମାଳା ଝୁଲୁଛି ।

କିନ୍ତୁ, ଯଦିଓ ମନୁଷ୍ୟ ଏପର୍ଯ୍ୟନ୍ତ ଖାଣ୍ଟି ଧାତୁରେ ପରିଣତ ହୋଇ ନାହିଁ, ତଥାପି ତାହାର ବିଶୁଦ୍ଧି ସକାଶେ, ପୃଥିବୀ ଇତିହାସରେ ଆଦିମକାଳଠାରୁ ଆଜି ପର୍ଯ୍ୟନ୍ତ ଏହିପରି ଅନେକ ଘଟଣା ଘଟି ଯାଇଅଛି, ଯେଉଁଥିରେ ଆମ୍ଭେମାନେ ଅନେକ କିଛି ଭଲ ଦିଗରେ ଆଶା କରି ପାରିବା । ଅନ୍ତତଃ ଏତକ ଆଶା କରି ପାରିବା ଯେ, ମନୁଷ୍ୟ ସମାଜର କୌଣସି ଗୋଟିଏ ନିର୍ବାଚିତ ଅଂଶ ଅର୍ଥାତ୍ କେତେକ ମନୁଷ୍ୟ ଦ୍ୱାରା ଗଠିତ ଛୋଟ ଦଳଟିଏ (group) ଏପରି ଖାଣ୍ଟି ସୁନାରେ ପରିଣତ ହେବାକୁ ତିଆରି ହୋଇଅଛି । ଆଉ ସେହିମାନେ ହିଁ ପ୍ରଥମେ ଦେଖାଇ ଦେବେ ଯେ କିପରି ଯୁଦ୍ଧ ବିଗ୍ରହ ନକରି ଶାନ୍ତି ପ୍ରତିଷ୍ଠା କରାଯାଏ, ଅନ୍ୟକୁ ଧ୍ୱଂସ ନକରି, ବୀରତ୍ୱ ଦେଖାଇ ଦିଆଯାଏ, କୌଣସି ହୁଲସ୍ଥୂଳ କାଣ୍ଡ ନ ଘଟାଇ ସମୁଚିତ ବୀର୍ଯ୍ୟର ପ୍ରକାଶ କରାଯାଏ ।

ଶ୍ରୀଅରବିନ୍ଦ ଏହି ପୁସ୍ତକର କେତେକ ଧାଡ଼ି ପରେ ପୁନଶ୍ଚ ଏହି ସମସ୍ୟାର ସମାଧାନ ସମ୍ବନ୍ଧେ ଲେଖି ଅଛନ୍ତି : ''ମନୁଷ୍ୟ ଥରେ ଯଦି କେବଳ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବାକୁ ରାଜି ହୁଏ, ତାହାହେଲେ ସବୁକିଛି ବଦଳି ଯିବ'' । ଏହା ହିଁ ହେଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ! ଯଦି ମନୁଷ୍ୟ ଆଧ୍ୟାତ୍ମିକ ରୂପାନ୍ତରରେ ରାଜି ହୁଏ, ତାହା ମଧ୍ୟରେ ଅନେକ ଅଂଶ ଏହା ଚାହାନ୍ତି, ଅଭୀପ୍ସା କରନ୍ତି, କିନ୍ତୁ ଅନ୍ୟାନ୍ୟ ସକଳ ଅଂଶ ଏହାକୁ ଅସ୍ୱୀକାର କରନ୍ତି ଏବଂ ପୂର୍ବବତ୍ ରହିବାକୁ ଚାହାନ୍ତି । ସେଥି ନିମିତ୍ତ କୁହା ହେଉଛି ଅଶୁଦ୍ଧ ଓ ମିଶ୍ରିତ ଧାତୁପିଣ୍ଡ, ତାକୁ ତରଳାଇ ଶୋଧନ କରିବା ସକାଶେ ବାରଂବାର ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ନିକ୍ଷେପ କରିବାକୁ ହେଉଅଛି ।

ଆଜି ଏହି ମୁହୂର୍ତ୍ତରେ ଆମ୍ଭେମାନେ ପୃଥିବୀ ଇତିହାସର ଗୋଟାଏ ତ୍ରିଛକି ମୋଡ଼ ଉପରେ ଆସି ଉପସ୍ଥିତ ହୋଇଅଛୁ । ଚାରିଆଡୁ ମୋତେ ସମସ୍ତେ ପ୍ରଶ୍ନ କରୁଛନ୍ତି, ''ଏହାପରେ କ'ଣ

ଘଟିବ ?'' ସର୍ବତ୍ର ଦେଖା ଦେଇଛି ଗୋଟାଏ ଭୟ, ଅନିଶ୍ଚିତତା ଓ ଉତ୍କଣ୍ଠା । ''ଏବେ କ'ଣ ଘଟିବ ? ଏବେ କ'ଣ ଘଟିବ ?'' – ଏହିପରି ଗୋଟାଏ ଭାବ । ଏହି ପ୍ରଶ୍ନର ଏକମାତ୍ର ଉତ୍ତର ଶ୍ରୀଅରବିନ୍ଦ ଦେଇ ଅଛନ୍ତି : ''ଥରେ ଯଦି ମନୁଷ୍ୟ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବାକୁ ରାଜି ହୁଏ'' ସମ୍ଭବତଃ ଯଦି ଅଳ୍ପ କେତେକ ବ୍ୟକ୍ତି ଖାଣ୍ଟି ସୁନା ହୋଇ ଯାଆନ୍ତି, ତାହାହେଲେ ସେମାନଙ୍କର ଦୃଷ୍ଟାନ୍ତହିଁ ଘଟଣାବଳୀର କ୍ରମ ବଦଳାଇ ଦେବାକୁ ପର୍ଯ୍ୟାପ୍ତ ହେବ । କିନ୍ତୁ ଏହା ହେବା ନିତାନ୍ତ ଆବଶ୍ୟକ ।

ତାହାହେଲେ ଏହି ଯେଉଁ ସାହସ, ଏହି ଯେଉଁ ବୀରତ୍ୱ ଭଗବାନ୍ ଆମ୍ଭମାନଙ୍କଠାରୁ ଦାବୀ କରୁଛନ୍ତି, ଏହାର ଆମ୍ଭେମାନେ ସୁଯୋଗ ନ ନେବା କାହିଁକି ? ନିଜ ଭିତରର ବାଧାବିଘ୍ନ, ଅପୂର୍ଣ୍ଣତା ଓ ତାମସିକତା ବିରୋଧରେ ସଂଗ୍ରାମ ନ କରିବା କାହିଁକି ? ଚାଲ ସେହି ଅନ୍ତଃଶୁଦ୍ଧି ଅଗ୍ନିକୁଣ୍ଡର ସମ୍ମୁଖୀନ ହେବା ଯେଉଁଥିରେ ସମଗ୍ର ମାନବ ସଭ୍ୟତାର ଧ୍ୱଂସକାରୀ ଏକ ଭୟଙ୍କର ଦାନବୀୟ ଯୁଦ୍ଧ ବିଗ୍ରହର ମଧ୍ୟ ଦେଇ ପୁନଶ୍ଚ ଯିବାକୁ ପ୍ରୟୋଜନ ହେବ ନାହିଁ ।

ବର୍ତ୍ତମାନ ଏହାହିଁ (ଏହି ଉପର୍ଯ୍ୟୁକ୍ତ ବିଷୟଟି) ଆମ୍ଭମାନଙ୍କ ସମ୍ମୁଖରେ ସମସ୍ୟା । ପ୍ରତ୍ୟେକଙ୍କୁ ହିଁ ନିଜ ଉପାୟରେ ଏହି ସମସ୍ୟାର ସମାଧାନ କରିବାକୁ ହେବ ।

ଆଜି ସନ୍ଧ୍ୟାରେ ତୁମ୍ଭେମାନେ ମୋତେ ଯେଉଁ ପ୍ରଶ୍ନ ପଚାରିଛ, ତାହାର ସେହି ଗୋଟିଏ ଉତ୍ତର ଯାହା ଶ୍ରୀଅରବିନ୍ଦ କହି ଯାଇଅଛନ୍ତି । ''ଥରେ ଯଦି ମନୁଷ୍ୟ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବାକୁ ସ୍ୱୀକାର କରେ !'' ଏହା ସଙ୍ଗେ ମୁଁ ଆଉ ଗୋଟିଏ କଥା ଯୋଗ କରି ଦେଉଅଛି, – ଆମ୍ଭମାନଙ୍କ ନିଜ ତରଫରୁ ଦେଖିବାକୁ ହେଲେ ଏ ବିଷୟରେ ସ୍ଥିର କରିବାର ସମୟ ଅତି ଅଳ୍ପ, ଆଉ ବିଳମ୍ବ କଲେ ଚଳିବ ନାହିଁ ।

(CWM, Vol. 9, pp. 73 - 74)

*

**ଚେତନାର ପରିବର୍ତ୍ତନ :**

*ପ୍ରଶ୍ନ : ମା, ଚେତନାର କିପରି ପରିବର୍ତ୍ତନ କରିହେବ ?*

**ଶ୍ରୀମା :** ଏହା କରିବା ପାଇଁ ଅନେକ ଉପାୟ ଅଛି । ପ୍ରତ୍ୟେକର ପ୍ରକୃତି ଅନୁଯାୟୀ ତା'ର ସବୁଠାରୁ ଉପଯୋଗୀ ଉପାୟଟିକୁ ବ୍ୟବହାର କରିବାକୁ ପଡ଼ିବ । ଏହି ଉପାୟର ସୂଚନା କୌଣସି ଗୋଟାଏ ଅପ୍ରତ୍ୟାଶିତ ଅନୁଭୂତି ଦ୍ୱାରା ସ୍ୱତଃସ୍ଫୂର୍ତ୍ତଭାବେ ଆସେ,– ଉଦାହରଣସ୍ୱରୂପ ତୁମେ ପ୍ରାୟ ଗୋଟାଏ ସାଧାରଣ ବାହ୍ୟିକ ଏବଂ ସମତଳ ଚେତନାରେ ବାସ କର । ସେହି ସମତଳ ଭୂମିକୁ ସକଳ ମନୁଷ୍ୟ, ସକଳ ବସ୍ତୁ ଓ ସକଳ ଘଟଣାକୁ ଏ ପର୍ଯ୍ୟନ୍ତ ଦେଖି ଆସିଛ । କିନ୍ତୁ ହଠାତ୍ ଦିନେ କୌଣସି କାରଣରୁ ଉପର ସ୍ତରରେ କିଛି ବିଶେଷ ଘଟଣା ଘଟିଲା ଏବଂ ତୁମେ ଉର୍ଦ୍ଧ୍ୱକୁ ଉଠିଗଲ, ସେତେବେଳେ ସବୁ ଜିନିଷକୁ ତୁମେ ସେହି ସମତଳ ଭୂମିରେ ନ ଦେଖି ଉର୍ଦ୍ଧ୍ୱରୁ ଦେଖିବାକୁ ଲାଗିଲ ଏବଂ ତାହା ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାକୁ ଲାଗିଲ । ସେତେବେଳେ ସନ୍ନିକଟସ୍ଥ ସଂକୀର୍ଣ୍ଣ ଗଣ୍ଡିର ଜିନିଷଗୁଡ଼ିକ ଦେଖି ପାରିବା ପରିବର୍ତ୍ତେ, ତୁମେ ସବୁକିଛିକୁ ଆହୁରି ସମଗ୍ର ଭାବେ ଦେଖିବାକୁ ଲାଗିଲ । ଯେପରି ନିମ୍ନରୁ ଏକ ସମତଳ ଭୂମିରୁ ହଠାତ୍ ଏକ ପାହାଡ଼ ଚୂଡ଼ା ଦେଶରେ ଉଠିଅଛ, ତୁମେ ସେଠାରେ ବସ୍ତୁ ସକଳକୁ ବିଚ୍ଛିନ୍ନ ଭାବେ ନ ଦେଖି ଉର୍ଦ୍ଧ୍ୱରୁ ଏକଭାବେ ସମଗ୍ର ରୂପେ ଦେଖିବାକୁ ଲାଗିଲ ।

ଏହି ଅନୁଭୂତି ଅନେକ ଉପାୟରେ ପ୍ରାପ୍ତ ହୁଏ, କିନ୍ତୁ ସାଧାରଣତଃ ଏହା ହଠାତ୍ ଦେଖାଦିଏ ।

ଆଉ ସମୟ ସମୟରେ ଠିକ୍ ଏହାର ବିପରୀତ ଅନୁଭୂତି ଆସିପାରେ; ମାତ୍ର ପରିଣାମ ଏକ । ହଠାତ୍ ତୁମେ ଗୋଟାଏ ଗଭୀରରେ ବୁଡ଼ିଗଲ, ତୁମେ ବସ୍ତୁ ସକଳକୁ ଯେପରି ଦେଖିଥିଲ, ସେସବୁ ତୁମଠାରୁ ବିଚ୍ଛିନ୍ନ, ବାହ୍ୟିକ ଏବଂ ସମ୍ପର୍କଶୂନ୍ୟ ବୋଧ ହେଲା । ତୁମେ ଗୋଟାଏ ଆନ୍ତର ନୀରବତା, ଆନ୍ତର ଅଚଞ୍ଚଳତା ଅଥବା ଗୋଟାଏ ବିଶେଷ ଆନ୍ତର ଦୃଶ୍ୟ ମଧ୍ୟରେ ପ୍ରବେଶ କଲ । ସେଠାରେ ତୁମେ ବସ୍ତୁ ସକଳ ବା ଘଟଣାବଳିର ଗୋଟାଏ ନିବିଡ଼ ବୋଧ ବା ଗଭୀର ଅନୁଭୂତି ଲାଭ କଲ । ପରିଦୃଶ୍ୟମାନ ବହୁବିଧ ବସ୍ତୁସକଳର ପଶ୍ଚାତ୍‌ରେ ତୁମେ ସେତେବେଳେ ଗଭୀର ତାଦାମ୍ୟ ଫଳରେ ଐକ୍ୟର ଅନୁଭୂତି ପ୍ରାପ୍ତ ହେଲ ।

ଅଥବା, ହଠାତ୍ ତୁମ ଚେତନାର ସୀମାବନ୍ଧନ ଭାଙ୍ଗିଗଲା । ତୁମେ ଗୋଟାଏ ଅନନ୍ତ ଏବଂ ଅସୀମ କାଳ ମଧ୍ୟରେ ପ୍ରବେଶ କଲ, ଯେଉଁ କାଳର ଆରମ୍ଭ ନାହିଁ କି ଅନ୍ତ ନାହିଁ – ଯେଉଁ କାଳ ସର୍ବଦା ଥିଲା ଏବଂ ଯାହା ସର୍ବଦା ରହିବ ।

ଜୀବନରେ ଏହିସବୁ ଅନୁଭୂତି ଆସେ ହଠାତ୍, ବିଦ୍ୟୁତ୍ ଝଲକ ତୁଲ୍ୟ, ପୁଣି ରହେ ନିମିଷକ ମାତ୍ର, ମାତ୍ର କ୍ଷଣକ ସକାଶେ; ତୁମେ ଜାଣ ନାହିଁ କିପରି ଓ କାହିଁକି ଏ ଅନୁଭୂତି

ଆସେ । ଏହିସବୁ ଅନୁଭୂତି ଅସଂଖ୍ୟ ଏବଂ ବିଭିନ୍ନ ଲୋକଙ୍କ ପାଖରେ ବିଭିନ୍ନ ରୂପରେ ଆସେ । କିନ୍ତୁ ସେହି ନିମିଷକ ମଧ୍ୟରେ, ସେହି ନିମିଷ ମାତ୍ର ଅନୁଭୂତି ଫଳରେ ତୁମେ ଗୋଟାଏ ଜୀବନର ନିର୍ଦ୍ଦେଶକାରୀ ସୂତ୍ରକୁ ଧରିପାର ।

ତାହାପରେ ଏହି ଅନୁଭୂତି ତୁମକୁ ସ୍ମରଣ ରଖିବାକୁ ହେବ, ପୁନର୍ବାର ତୁମକୁ ସେହି ଅନୁଭୂତିରେ ବାସ କରିବାକୁ ହେବ, ଅନ୍ତରର ଗଭୀରରେ ପ୍ରବେଶ କରିବାକୁ ହେବ, ଅନୁଭୂତିକୁ ଡାକି ଆଣିବାକୁ ହେବ, ଏହା ସକାଶେ ଅଭୀପ୍‌ସା କରିବାକୁ ହେବ । ଏହାହିଁ ଆରମ୍ଭ ମାତ୍ର ।

ଯେଉଁମାନେ ସ୍ୱକୀୟ ସତ୍ତାର ଗଭୀରତର ସତ୍ୟ ଉଦ୍‌ଘାଟନ କରିବା ସକାଶେ ବିଧି-ନିର୍ଦ୍ଦିଷ୍ଟ, ସେମାନଙ୍କ ଜୀବନରେ ଅତି କମ୍‌ରେ ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ସେମାନେ ସତ୍ୟ-ଚେତନାର ଅନୁଭୂତି ପ୍ରାପ୍ତ ହୁଅନ୍ତି, ସେତେବେଳେ ସେମାନେ ଆଉ ସେହି ପୂର୍ବପରି ସାଧାରଣ ମନୁଷ୍ୟ ହୋଇ ରହନ୍ତି ନାହିଁ । ଅତି ବାଲ୍ୟକାଳରୁ ମଧ୍ୟ ସେମାନଙ୍କର ଏହି ଅନୁଭୂତି ଆସିପାରେ ଏବଂ କେବଳ ନିମିଷକ ସକାଶେ, କିନ୍ତୁ ତାହାହିଁ ପର୍ଯ୍ୟାପ୍ତ; ଏହାପରେ ସୁନିଶ୍ଚିତ ଭାବେ ଜାଣି ପାରିବ ତୁମକୁ କେଉଁ ପଥ ଧରି ଚାଲିବାକୁ ହେବ । ଏହା ଫଳରେ ସେହି ପଥର ଦ୍ୱାର ତୁମ ସମ୍ମୁଖରେ ଖୋଲିଯାଏ । ଏହାପରେ ତୁମକୁ ଏହି ପଥରେ ଅଗ୍ରସର ହେବାକୁ ହେବ ଏବଂ ଅଧ୍ୟବସାୟ, ଅକ୍ଳାନ୍ତ ଧୈର୍ଯ୍ୟ ଓ ଦୃଢ଼ ନିଷ୍ଠାସହ ଏହି ଅନୁଭୂତିକୁ ପୁନର୍ବାର ପ୍ରାପ୍ତ କରିବାକୁ ହେବ । ଏହାହିଁ ତୁମକୁ ଆହୁରି କିଛି ଅଧିକତର ବାସ୍ତବ, ଅଧିକତର ଅଖଣ୍ଡତା ଆଡ଼କୁ ନେଇଯିବ ।

ଯଥାର୍ଥ ଆନ୍ତର ଚେତନା ପ୍ରାପ୍ତ କରିବାକୁ ବହୁ ମାର୍ଗ ନିର୍ଦ୍ଦେଶ କରାଯାଇଛି ଏବଂ କରାଯାଇପାରେ । କିନ୍ତୁ ଏହି ପଥ ଶିକ୍ଷା ଦ୍ୱାରା ବା ବହି ପଢ଼ି ଅଥବା ଗୁରୁଙ୍କଠାରୁ ଜାଣିବା ଅପେକ୍ଷା ନିଜ ଅନ୍ତରର ଅପ୍ରତ୍ୟାଶିତ ସ୍ୱତଃସ୍ଫୂର୍ତ୍ତ ଅନୁଭୂତି ଦ୍ୱାରା ପ୍ରାପ୍ତ ହେବା ଅଧିକ ଫଳପ୍ରଦ । ଏହାହିଁ ହେଲା ତୁମ ଅନ୍ତରାତ୍ମାର ଜାଗରଣ ବା ଚୈତ୍ୟପୁରୁଷଙ୍କ ସଙ୍ଗେ ସଂସ୍ପର୍ଶ । ଏହାହିଁ ତୁମକୁ ଦେଖାଇ ଦିଏ ତୁମ ପାଇଁ ସବୁଠାରୁ ଉତ୍କୃଷ୍ଟ ମାର୍ଗ କ'ଣ; ଏବଂ ଯାହାକୁ ତୁମେ ଅନାୟାସରେ ପ୍ରାପ୍ତ କରିପାର ଏବଂ ଯାହାକୁ ଲକ୍ଷ୍ୟ ବୋଲି ମାନି ଅଧ୍ୟବସାୟ ସହକାରେ ଅନୁସରଣ କରିପାର । କେତେକଙ୍କୁ ଏସବୁ ରାତ୍ରିରେ ସ୍ୱପ୍ନରେ ଆସେ । ଅନ୍ୟମାନଙ୍କୁ ଅନ୍ୟ ଘଟଣା ସୂତ୍ରରେ ଏହା ମିଳେ, ସେମାନେ ଏପରି କିଛି ଦେଖନ୍ତି ଯାହାକି ତାଙ୍କ ଭିତରେ ଗୋଟାଏ ନୂତନ ଚେତନାକୁ ଜାଗରିତ କରି ଦିଏ । ସେମାନେ କିଛି ଶୁଣନ୍ତି ବା କିଛି ପଢ଼ନ୍ତି ବା ସୁଲଳିତ ସଙ୍ଗୀତ ବା ମଧୁର ବାକ୍ୟ, ଅଥବା କୌଣସି କୌଣସି କାର୍ଯ୍ୟରେ ଗଭୀର ଏକାଗ୍ରତା ଫଳରେ ଏହି ଅନୁଭୂତି ଲାଭ କରନ୍ତି । କେଉଁ ଉପାୟରେ ଏହା ଆସେ ସେଥିରେ କିଛି ଯାଏ ଆସେ ନାହିଁ – ହଜାର ଉପାୟରେ ଆସିପାରେ, ହଜାର କାରଣରୁ ବି ଆସିପାରେ । କେବଳ ବ୍ୟକ୍ତିକୁ ଏହି ସମୟରେ ଜାଗ୍ରତ୍ ଏବଂ ସତର୍କ ରହିବାକୁ ହେବ । ସମୟ ସମୟରେ କୌଣସି ବୀରତ୍ୱ ବା ମହତ୍ତ୍ୱ ବା ଉଦାରତାର ଦୃଷ୍ଟାନ୍ତ ଦେଖିଲେ କିଂବା ଏପରି କୌଣସି ଗୁଣୀ ଲୋକଙ୍କୁ ଯାହାଙ୍କ କାର୍ଯ୍ୟଗୁଡ଼ିକ ଅତି ଆଶ୍ଚର୍ଯ୍ୟମୟ, ମନରେ ହଠାତ୍ ଗୋଟାଏ ଉତ୍ସାହ, ଉଦ୍ଦୀପନା ଅଥବା କୃତଜ୍ଞତା ଜାଗ୍ରତ୍ ହୁଏ ଏବଂ ଏହାହିଁ ହଠାତ୍ ଗୋଟାଏ ନୂତନ ଚେତନା, ଜ୍ୟୋତିଃ, ଉତ୍ତାପ, ଆନନ୍ଦର ପ୍ରବେଶ ନିମିତ୍ତ ଆଧାରର ଦ୍ୱାର ଖୋଲିଦିଏ, ଯାହା ପୂର୍ବରୁ ତୁମେ ଜାଣି ନଥିଲ । ଏହାହିଁ ସୂତ୍ର ଧରିବାର ଅନ୍ୟତମ ମାର୍ଗ ।

କିନ୍ତୁ ଚେତନାର ରୂପାନ୍ତର, ଏହି ପ୍ରୟୋଜନବୋଧ, ସର୍ବପ୍ରଥମେ ତୁମକୁ ସ୍ୱୀକାର କରିବାକୁ ହେବ ଏବଂ ଏହି ଧାରଣା ଅବଶ୍ୟ ମାନି ନେବାକୁ ହେବ ଯେ ଏହାହିଁ ଏକମାତ୍ର ମାର୍ଗ ଯାହା ସେହି ଲକ୍ଷ୍ୟରେ ନିଶ୍ଚୟ ପହଞ୍ଚାଇ ଦେବ । ଯେବେ ତୁମେ ଏହାକୁ ସିଦ୍ଧାନ୍ତ ବୋଲି ସ୍ୱୀକାର କର, ତେବେ ତୁମକୁ ସଜାଗ ଓ ସତର୍କ ହେବାକୁ ହେବ । ସେତେବେଳେ ତୁମେ ଉପାୟ ପାଇବ, ଅବଶ୍ୟ ପାଇବ ଏବଂ ଥରେ ଯଦି ତୁମେ ଏହି ଉପାୟ ଲାଭକର ତେବେ ବିନା ଦ୍ୱିଧାରେ ଅଗ୍ରସର ହେବ ।

ବସ୍ତୁତଃ, ଆପଣାକୁ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କରିବା, କୌଣସି ସମୟରେ ବି ନିଜର ଜୀବନରେ ଉଦାସୀନତାକୁ ସ୍ଥାନ ନ ଦେବା – ଏହା ହିଁ ହେଲା ଯାତ୍ରାର ଆରମ୍ଭ ବିନ୍ଦୁ; ତୁମକୁ ଅନୁକ୍ଷଣ ମନୋଯୋଗୀ ହୋଇ ରହିବାକୁ ପଡ଼ିବ ।

ହେଲା ତ !

(CMW Vol. 8. p. 402 - 405)

# ପଛକୁ ହଟି ଛିଡ଼ା ହେବା

## ଶ୍ରୀମା

ତୁମ ଭିତରୁ ଅଧିକାଂଶ ତୁମ ସତ୍ତାର ବାହ୍ୟ ଅଂଶରେ ବାସ କରୁଛ ଯାହାକି ସବୁ ପ୍ରକାର ବାହାରର ସ୍ପର୍ଶ ଓ ପ୍ରଭାବ ପ୍ରତି ଉନ୍ମୁକ୍ତ । ତୁମେ ନିଜର ଶରୀରର ବାହାରେ ଯେପରିକି ଅନେକାଂଶରେ ପ୍ରକ୍ଷିପ୍ତ (projected) ହୋଇ ଅବସ୍ଥାନ କରୁଛ ଏବଂ ଯେତେବେଳେ ସେହି ଧରଣର ପ୍ରକ୍ଷିପ୍ତ ହୋଇ ଅବସ୍ଥାନ କରୁଥିବା କୌଣସି ଅସ୍ୱସ୍ତିକର ସତ୍ତାର ସମ୍ପର୍କରେ ଆସ ସେତେବେଳେ ତୁମ ଭିତରେ ବିକ୍ଷୋଭ ସୃଷ୍ଟି ହୁଏ । ଏ ସମସ୍ତ ଅସୁବିଧାର ମୂଳ କାରଣ ହେଲା କିପରି ପଛକୁ ହଟି ଛିଡ଼ା ହେବାକୁ (to step back) ହୁଏ, ସେ ସମ୍ପର୍କରେ ତୁମେ ଅଭ୍ୟସ୍ତ ନୁହଁ । ତୁମେ ବରାବର ନିଜ ଭିତରକୁ ଫେରି ଆସିବା ଉଚିତ, ନିଜର ଗଭୀର ଭିତରକୁ ଯିବା ପାଇଁ ଶିଖିବା ଉଚିତ । ପଛକୁ ହଟି ଛିଡ଼ା ହୁଅ, ତା'ହେଲେ ତୁମେ ନିରାପଦ ରହିବ । ଜଗତରେ ଯେଉଁସବୁ ବାହ୍ୟ ଶକ୍ତି ବିଚରଣ କରୁଥା'ନ୍ତି ନିଜକୁ ସେମାନଙ୍କ ହାତରେ ଛାଡ଼ି ଦିଅ ନାହିଁ । ଏପରିକି ଯଦି ତୁମର କୌଣସି କାମ ଖୁବ୍ ଶୀଘ୍ର କରିବାର ଥାଏ, ତଥାପି କିଛି ସମୟ ପାଇଁ ନିଜ ଭିତରକୁ ହଟି ଆସ, ଦେଖି ଆଶ୍ଚର୍ଯ୍ୟ ହୋଇଯିବ ଯେ ଉକ୍ତ କାର୍ଯ୍ୟଟି କେତେ ଅଧିକ ଶୀଘ୍ର ଓ ଅଧିକ ସଫଳତାର ସହ ସମ୍ପନ୍ନ ହୋଇପାରୁଛି । ଯଦି ତୁମ ଉପରେ କେହି କ୍ରୋଧ ପ୍ରକାଶ କରେ ତେବେ ତୁମେ ତା'ର କ୍ରୋଧର ତରଙ୍ଗ ଭିତରେ ନିଜକୁ ଧରାଦିଅ ନାହିଁ, ପଛକୁ ହଟି ଛିଡ଼ା ହୁଅ, କୌଣସି ସମର୍ଥନ ବା ପ୍ରତ୍ୟୁତ୍ତର ନପାଇ ତା'ର କ୍ରୋଧ ଉଭେଇଯିବ । ସର୍ବଦା ନିଜର ଶାନ୍ତିକୁ ବଜାୟ ରଖ, ଶାନ୍ତି ହରାଇବାର ସମସ୍ତ ପ୍ରଲୋଭନକୁ ପ୍ରତିରୋଧ କର । ପଛକୁ ହଟି ନଆସି କୌଣସି ନିଷ୍ପତ୍ତି ଗ୍ରହଣ କର ନାହିଁ, ପଛକୁ ହଟି ନଆସି କୌଣସି ଶବ୍ଦ ଉଚ୍ଚାରଣ କର ନାହିଁ, ପଛକୁ ହଟି ନଆସି କୌଣସି କର୍ମ ଭିତରକୁ ଲମ୍ଫ ପ୍ରଦାନ କର ନାହିଁ । ଯାହାକିଛି ଏହି ସାଧାରଣ ଜଗତର ଅଧୀନ ତାହା ଅନିତ୍ୟ ଏବଂ ଅସ୍ଥାୟୀ, ତେଣୁ ବିଚଳିତ ବା ବ୍ୟସ୍ତ ହେବା ପରି କୌଣସି ବସ୍ତୁ ଏଥିରେ ନାହିଁ । ଯାହା ନିତ୍ୟ, ଚିରନ୍ତନ, ଅମର ଏବଂ ଅନନ୍ତ; ପ୍ରକୃତରେ ତାହାକୁହିଁ ପ୍ରାପ୍ତ କରିବା, ଜୟ କରିବା ବା ଅଧିକାର କରିବାରେ ଯଥାର୍ଥ ମୂଲ୍ୟ ରହିଛି । ଏହା ହେଉଛି ଦିବ୍ୟ-ଆଲୋକ, ଦିବ୍ୟ-ପ୍ରେମ, ଦିବ୍ୟଜୀବନ – ଏହା ମଧ୍ୟ ପରମ ଶାନ୍ତି, ପରିପୂର୍ଣ୍ଣ ଆନନ୍ଦ ଓ ପୃଥିବୀ ଉପରେ ସର୍ବାଙ୍ଗୀନ କର୍ତ୍ତୃତ୍ୱ; ଯାହାର ମୁକୁଟ ହେଉଛି ପୂର୍ଣ୍ଣାଙ୍ଗ ଦିବ୍ୟପ୍ରକାଶ ।

ତୁମେ ଯେତେବେଳେ ବସ୍ତୁମାନଙ୍କର ଆପେକ୍ଷିକତା ସମ୍ପର୍କରେ ସଚେତ ହୁଅ, ସେତେବେଳେ ଯାହାକିଛି ଘଟିଲେ ବି ତୁମେ ପଛକୁ ହଟି ଛିଡ଼ା ହୋଇ ଘଟଣାଟିକୁ ଦେଖିପାର, ସମ୍ପୂର୍ଣ୍ଣ ନୀରବ ରହି ଦିବ୍ୟଶକ୍ତିକୁ ଆହ୍ୱାନ କରି ଉତ୍ତର ପାଇଁ ପ୍ରତୀକ୍ଷା କରିପାର । ତା'ହେଲେ ତୁମେ ଠିକ୍ କ'ଣ କରିବା ଉଚିତ ତାହା ଜାଣିପାରିବ । ତେଣୁ ଏହା ବରାବର ମନେରଖ ଯେ ତୁମେ ଖୁବ୍ ଶାନ୍ତ ନହୋଇ ଯିବା ପର୍ଯ୍ୟନ୍ତ କୌଣସି ଉତ୍ତର ପାଇବ ନାହିଁ । ସେହି ଆଭ୍ୟନ୍ତରୀଣ ଶାନ୍ତିକୁ ଅଭ୍ୟାସ କର, ଅନ୍ତତଃ ପକ୍ଷେ ସେ ଦିଗରେ ଏକ କ୍ଷୁଦ୍ର ପ୍ରଚେଷ୍ଟା ଆରମ୍ଭ କର ଓ ତୁମ ଉଦ୍ୟମରେ ଲାଗି ରହ ଯେପର୍ଯ୍ୟନ୍ତ ଏହା ଏକ ଅଭ୍ୟାସରେ ପରିଣତ ନ ହୋଇଛି ।

(CWM, Vol. III, page - 160)

# ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

## ଭାରତ କ'ଣ ସ୍ୱାଧୀନ ହେବ ?

### ଅନୁଗତବାଦୀର ମତାଦର୍ଶ :

ଗୋଟିଏ ରାଷ୍ଟ୍ରର ସୁଢ଼ଳ ଅଙ୍ଗ ସୌଷ୍ଠବ ଓ ପ୍ରାଣ ପ୍ରାଚୁର୍ଯ୍ୟଭରା ଜୀବନ ପାଇଁ ମୁକ୍ତି ହେଉଛି ପ୍ରଥମ ପ୍ରୟୋଜନୀୟ । ବିଦେଶୀ ଏକଛତ୍ରବାଦ ସ୍ୱୟଂ ଏଭଳି ଏକ ଅସ୍ୱାଭାବିକ ଅବସ୍ଥା ଆଉ ତାକୁ ସୁଯୋଗ ମିଳିଲେ ପରାଧୀନ ଜାତିଟି ଭିତରେ ତାହା ଆହୁରି ଅସ୍ୱାସ୍ଥ୍ୟକର ଓ ଅସ୍ୱାଭାବିକ ଅବସ୍ଥାମାନ ସୃଷ୍ଟି କରିବ ଯାହା ଟାଣି ନେଇଯାଏ ତାକୁ ଦାରୁଣ ଅବକ୍ଷୟ ଏବଂ ଅବ୍ୟବସ୍ଥା ଆଡ଼କୁ । ବିଦେଶୀ ଶାସନ ଏକ ରାଷ୍ଟ୍ରର ଗଠନ କରି ପାରିବନି – କେବଳ ବିଦେଶୀ ଶାସନର ପ୍ରତିରୋଧ ବଳରେ ହିଁ ଗୋଟିଏ ଜାତିର ସଙ୍ଗତିଶୂନ୍ୟ ଉପାଦାନଗୁଡ଼ିକୁ ଏକତ୍ର ସଂଯୋଗ କରି ଅବିଭାଜ୍ୟ ସଂହତିରେ ପରିଣତ କରି ଦିଆଯାଇ ପାରେ । ଗୋଟିଏ ଜାତିର ଐକ୍ୟ ପୂର୍ବରୁ ବିଧିନିର୍ଦ୍ଦିଷ୍ଟ ହୋଇ ରହିଥିଲା ବେଳେ ଯଦି ତା' ନିୟତିକୁ ସେ ଚୂଡ଼ାନ୍ତ କରିପାରେ ନାହିଁ, ତା'ହେଲେ ବିଦେଶୀ ଶାସନ ହେଉଛି ମହାପ୍ରକୃତିଙ୍କର ଏକ ଅସ୍ଥାୟୀ ବ୍ୟବସ୍ଥା ମାତ୍ର; ଯାହାଦ୍ୱାରା ପରସ୍ପରକୁ ଆଘାତ କରୁଥିବା ବିବଦମାନ ଅଙ୍ଗଗୁଡ଼ିକୁ ମୈତ୍ରୀ ସୂତ୍ରରେ ଆବଦ୍ଧ ହେବା ଦିଗରେ ବିବଶ କରିବା ପାଇଁ ତା' ଉପରେ ଜବରଦସ୍ତ ଚାପର ପ୍ରୟୋଗ ହୁଏ । କିଛି କାଳ ଧରି ବିଦେଶୀ ଶାସନଜନିତ ଅସ୍ୱାଭାବିକ ପରିସ୍ଥିତିର ଅୟମାରମ୍ଭ ହେବା ପୂର୍ବରୁ ରହି ଆସିଥିବା ଅପରିପୂର୍ଣ୍ଣ ଐକ୍ୟବଦ୍ଧତାର ଅସ୍ୱାଭାବିକ ପରିସ୍ଥିତିକୁ ଉପଶମ କରିବା ଉଦ୍ଦେଶ୍ୟରେ; କିନ୍ତୁ ଅକ୍ଳେଶରେ ତାହା ସମ୍ପନ୍ନ ହୋଇ ପାରିବ ଯଦି ପରାଧୀନ ଜାତିଟି ପ୍ରତିରୋଧ କରେ; କାରଣ ବିଦେଶୀ ଶାସନ ଅଧୀନରେ ଥାଇ ଏକତା ସକାଶେ ଯେଉଁ ପ୍ରୋତ୍ସାହନ ମିଳେ ତାହା ଯଥାର୍ଥରେ ଏହି ଶାସନ କବଳରୁ ନିସ୍ତାର ପାଇବାର ଆକାଂକ୍ଷା ଭିତରେହିଁ ନିହିତ; ଆଉ ଯଦି ଏଇ ମହତ୍ ଆକାଂକ୍ଷାଟିର ଅସ୍ତିତ୍ୱ ନରହେ, ଯଦି ଜନସାଧାରଣ ଚୁପ୍‌ଚାପ୍ ରହିଯାଆନ୍ତି, ଏକତା ବିଧାନ ପାଇଁ ଆଉ କୌଣସି ଶକ୍ତି ରହିବ ନାହିଁ । ବିଦେଶୀ ଶାସନକୁ ସେଇଥିପାଇଁ ହିଁ ପ୍ରତିରୋଧ କରାଯାଉଥିଲା, ଏବଂ ଏହି ଶାସନ ପ୍ରତି ମଉନ ସମ୍ମତି ପ୍ରଦାନ କରିବା ଅର୍ଥ ଏ ଜାତିଟିର ସୃଷ୍ଟି ଅନ୍ତରାଳରେ ଥିବା ପ୍ରକୃତିର ଅସଲ ଉଦ୍ଦେଶ୍ୟକୁ ଭଣ୍ଡୁର କରିବା ।

ଏଇ ବିଚାରଗୁଡ଼ିକ ମାନସ ପ୍ରସୂତ ଅବବୋଧ ନୁହେଁ, କିନ୍ତୁ ଅନସ୍ୱୀକାର୍ଯ୍ୟ ଶିକ୍ଷା ଇତିହାସର, ଯାହାକି ସାରା ବିଶ୍ୱର ଅଭିଜ୍ଞତାଲବ୍ଧ ରେକର୍ଡ଼ । ଜାତୀୟତାବାଦ ଦଣ୍ଡାୟମାନ ହୋଇଛି ଏହି ଅଭିଜ୍ଞତା ଉପରେ ଏବଂ ଭାରତର ଜନସାଧାରଣଙ୍କୁ ନିବେଦନ କରି କହୁଛି ପରାଧୀନତା କବଳରେ ପଡ଼ି ନୀରବ ରହିଯିବା ସକାଶେ ନିଜକୁ ଅବାଧରେ ଛାଡ଼ି ନ ଦେବାକୁ, ଯାହା ହେଉଛି ରାଷ୍ଟ୍ରମାନଙ୍କର ମରଣ-ନିଦ୍ରା । କିନ୍ତୁ ବିଦେଶୀ ଆଧିପତ୍ୟର ସଦୁପଯୋଗ କରିବା, ତା' ବିରୋଧରେ ଲଢ଼େଇ କରି ଚାଲିବା ଆଉ ସ୍ୱାବଲମ୍ବୀ ଜାତୀୟ ସଙ୍ଗଠନ ରୂପେ ଏକତା ପାଇଁ, ଆତ୍ମଜ୍ଞାନ ପାଇଁ ଏଇ ଆଧିପତ୍ୟକୁ ଛିନ୍ନ କରି ଦୂରକୁ ଫିଙ୍ଗି ଦେବା – ମହାପ୍ରକୃତି ଏଇଥିପାଇଁ ତ ଚାହିଁ ରହିଛନ୍ତି ଉଦ୍‌ଗ୍ରୀବ ହୋଇ । ଯାହାହେଉ ଏ ଦେଶରେ ବିଜ୍ଞ ମଣିଷମାନଙ୍କର ଏମିତି ଗୋଟିଏ ଗୋଷ୍ଠୀ ଅଛନ୍ତି ଯେଉଁମାନେ ବ୍ରିଟିଶ ଶାସନତନ୍ତ୍ରକୁ ଅଦୃଷ୍ଟର ବିଧାନ ବୋଲି ମନେ କରିଥା'ନ୍ତି ଏକତାକୁ ଖାଲି ସୃଷ୍ଟି କରିବା ପାଇଁ ନୁହେଁ କିନ୍ତୁ ତାକୁ ସୁରକ୍ଷିତ କରି ରଖିବା ପାଇଁ । ସେମାନେ ତେଣୁ ବିଦେଶୀଠାରେ ବିଶ୍ୱାସର ଏକ ବେଦବାକ୍ୟର ପ୍ରଚାର କରି ଚାଲନ୍ତି, ଆମ ଦେଶବାସୀମାନଙ୍କ ପ୍ରତି ଅନାସ୍ଥାଭାବ ପ୍ରକଟ କରି ଆଉ ଲୋକାନ୍ତର ସ୍ଥିତ ଉର୍ଦ୍ଧ୍ୱଧାମରୁ ଅଚାନକ ଏକ ପରମ ସୌଭାଗ୍ୟର ତଥା ଶାନ୍ତି ଓ ସମୃଦ୍ଧିର ଗୋଟିଏ ଦୁର୍ନିବାର ବିଧାନଭାବେ ଫିରିଙ୍ଗି ଶାସନକୁ ମଥାପାତି ନୀରବରେ ମାନି ନେଇ । ଅଧିକନ୍ତୁ ଯେଉଁମାନଙ୍କର ଅନ୍ତର ଏହିଭଳି ଗୋଲାମଗିରିର ମତବାଦ ବିରୋଧରେ ବିଦ୍ରୋହ କରିଉଠେ, ବୌଦ୍ଧିକ ଦୃଷ୍ଟିଭଙ୍ଗୀରୁ ସେମାନେ ମଧ୍ୟ ଏତେ ବେଶୀ ପ୍ରଭାବିତ ହୋଇ ପଡ଼ନ୍ତି ଯେ ଜାତୀୟତାବାଦକୁ ପୂର୍ଣ୍ଣପ୍ରାଣରେ ଜାବୁଡ଼ି ଧରି ପାରନ୍ତିନି ଆଉ ପରାବଲମ୍ବନ ଓ ସ୍ୱାବଲମ୍ବନ ମଧ୍ୟରେ ଗୋଟିଏ ସାଲିସ ପାଖରେ ଆସି ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, – ଯାହା ଜୀବନ ଓ ମରଣର ମଝି ରାସ୍ତାରେ ଚଟିଘର ସଦୃଶ । ସେମାନଙ୍କର ଶାଣିତ ବୁଦ୍ଧି ଏକ ମଧ୍ୟବର୍ତ୍ତୀ ଅବସ୍ଥାକୁ ଖୋଜି ବାହାର କରେ ଯହିଁରେ ମୁକ୍ତିର ବରଦାନ ସହିତ ପରାଧୀନତାର କଲ୍ୟାଣ ଆସି

ଛନ୍ଦି ହୋଇଯାଏ, ଆଉ ମନୋମୁଗ୍ଧକର ରାଇଜ (fairy land)ରେ ଥିବା ଏହି ମହଲର ନାମକରଣ ସେମାନେ କରିଛନ୍ତି ଔପନିବେଶିକ ସ୍ୱାୟତ୍ତଶାସନ । ଏଇ ନରମପନ୍ଥୀ ଟିପ୍ପଣୀ ଆଉ ତା'ର ଅଦ୍ଭୁତ ବର୍ଣ୍ଣବୈଚିତ୍ର୍ୟର ଭ୍ରମ (Parti-coloured delusions), ସତରେ ଯଦି ବିରାଜମାନ କରି ନଥା'ନ୍ତା, ତା'ହେଲେ ପ୍ରଥମ ସିଦ୍ଧାନ୍ତଗୁଡ଼ିକ ପାଖକୁ ଫେରିଯିବାକୁ ଆଉ ଅନୁଗତବାଦୀର ମଉନ ସମ୍ମତି ଯେ ଏକ ପ୍ରବଞ୍ଚନା ତାହା ପ୍ରତିପାଦିତ କରିବା ପାଇଁ କେବେ ବି ଉଚିତ ମଣି ନଥା'ନ୍ତୁ । କିନ୍ତୁ ନରମପନ୍ଥୀର ଭ୍ରମ ହେଉଛି ଅନୁଗତବାଦୀକୁ ଘାରି ରଖିଥିବା ବିଭ୍ରାନ୍ତିର ଉପଜାତ (by-product) ବସ୍ତୁମାତ୍ର; ମୂଳ ଭ୍ରାନ୍ତିଟିକୁ ପ୍ରଥମେ ଯେମିତି ହେଲେ ବିଲୋପ କରିବାକୁ ପଡ଼ିବ ତା'ର ବଂଶଜମାନଙ୍କର ଭ୍ରାନ୍ତିର ସଂଶୋଧନ ହେବା ପୂର୍ବରୁ । ନରମପନ୍ଥୀମାନେ ହେଲେ ବର୍ଣ୍ଣସଙ୍କର ପ୍ରଜାତିର (hybrid species); ସେମାନେ ଜାତୀୟତାବାଦୀ କେବଳ ଭାବର ଉଦ୍ଦୀପନାରେ, କିନ୍ତୁ ଅନୁଗତବାଦୀ ବୌଦ୍ଧିକ ସ୍ତରରେ । ଏହି ଦ୍ୱିବିଧ ସ୍ୱଭାବ ଯୋଗୁହିଁ ସେମାନଙ୍କ ଭ୍ରାନ୍ତିର ଅନ୍ତଃହୀନ ସାମର୍ଥ୍ୟ ରହିଛି ଅନିଷ୍ଟ ସାଧନ କରିବା ପାଇଁ । ସର୍ବସାଧାରଣ ସେମାନଙ୍କ କଥାକୁ କାନ ଡେରି ଶୁଣନ୍ତି କାରଣ ସେମାନେ ନିଜକୁ ଜାହିର କରନ୍ତି ଜାତୀୟତାବାଦୀ ବୋଲି, କାରଣ ନିଷ୍ଠାବାନ୍ ଜାତୀୟତାବାଦର ଅନୁଭବ କପଟୀ ଅନୁଗତବାଦୀର ଯୁକ୍ତିକୁ ସେମିତି ଅସାଧାରଣ ଭାବେ ଖଣ୍ଡନ କରେ ନାହିଁ । ଅଧିକନ୍ତୁ ନରମପନ୍ଥୀ ନିଜକୁ ସେଇ ଗୋଟିଏ ମୋର୍ଚ୍ଚାରେ ସଂଯୁକ୍ତ କରିବା ଦ୍ୱାରା ଅନୁଗତବାଦୀମାନେ ଜନମତ ଉପରେ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୁଅନ୍ତି । ତା' ନ ହୋଇଥିଲେ ସେମାନଙ୍କ ସପକ୍ଷରେ ଜନମତ ମିଳନ୍ତାନି । ଶ୍ରୀ ଫିରୋଜସାହ ମେହେଟାଙ୍କ ବେଦବାକ୍ୟରେ ଅନିଷ୍ଟ ସାଧନର ସାମର୍ଥ୍ୟ ଏତେ ମାତ୍ରାରେ ନଥା'ନ୍ତା ଯଦି ତାହା ମିଃ ଗୋଖଲେଙ୍କ ବେଦବାକ୍ୟ (Gospel) ସହିତ ଏକ ଓ ଅଭିନ୍ନଭାବେ ନିଜକୁ ଉପସ୍ଥାପିତ କରିବା ପାଇଁ ସୁଯୋଗ ପାଇଥା'ନ୍ତା ।

ତା'ହେଲେ ସେଇ ମୌଳିକ ଚିନ୍ତାଧାରାଗୁଡ଼ିକ କ'ଣ ଯାହା ମଧ୍ୟରୁ ଉଦ୍ଭବ ହୁଏ ଅନୁଗତବାଦୀର ବେଦବାକ୍ୟ । ଏହା ହେଉଛି ଭୁଲ୍ ଧାରଣାର ଏକ ତ୍ରିବିଧ ଭିତ୍ତି । ପ୍ରଥମେ ଏହି ପୂର୍ବକଳ୍ପିତ ଧାରଣାଟି ଆସେ ଯେ ବିଭେଦ ଆଉ ଦୁର୍ବଳତା ହେଲା ଭାରତୀୟ ଜନସାଧାରଣଙ୍କ ଅସ୍ଥିମଜ୍ଜାଗତ ବିଶେଷତ୍ୱ ଏବଂ ଗୋଟିଏ ବାହ୍ୟ ଶକ୍ତିର ଆବଶ୍ୟକତା ରହିଛି ମଧ୍ୟସ୍ଥତା କରିବା ପାଇଁ, ଶାନ୍ତି ବଜାୟ ରଖିବା ପାଇଁ ଆଉ କର୍ଣ୍ଣ କୁହରରେ ଗୁଞ୍ଜରିତ ହୋଇ ଉଠୁଥିବା ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ଧମକରୁ ଦେଶକୁ ସୁରକ୍ଷିତ କରି ରଖିବା ପାଇଁ । ଏହି ଦୃଷ୍ଟିକୋଣରୁ ଉଦ୍ଭବ ହୋଇ ତଥା ଏହାକୁ ସମର୍ଥନ ଜ୍ଞାପନ କରି ଉଦ୍ରେକ ହୁଏ ଦ୍ୱିତୀୟ ପୂର୍ବକଳ୍ପିତ ଧାରଣାଟିର ଯେ ସକଳ ମତଭେଦକୁ ସମ୍ପୂର୍ଣ୍ଣ ରୂପେ ସମାନ ସ୍ତରକୁ ଆଣି ଆଉ ସେ ସମସ୍ତର ଅବସାନ ଘଟାଇ ସମ୍ଭ୍ରାନ୍ତ ବଂଶଜ, କୃଷକ, ବ୍ରାହ୍ମଣ ଏବଂ ଶୂଦ୍ର, ବଙ୍ଗାଳୀ, ପଞ୍ଜାବୀ ଓ ମରାଠା ସମସ୍ତେ ଆପଣା ଆପଣାର ବିଶେଷତ୍ୱ ଏବଂ ମତପାର୍ଥକ୍ୟଗୁଡ଼ିକର ମୂଳପୋଛ କରିଦେବା ଉଚିତ ବିଦେଶୀ ଶାସନର ପ୍ରତିରୋଧ ପାଇଁ କୌଣସି ପ୍ରକାରର ପ୍ରୟାସ ଆରମ୍ଭ ହୋଇଯିବା ପୂର୍ବରୁ, ଏମିତିକି ପ୍ରତିରୋଧଟା ଯଦି ନିହାତି କାମ୍ୟ ହୋଇଥାଏ । ତୃତୀୟ ପୂର୍ବକଳ୍ପିତ ଧାରଣାଟି ହେଲା ବିଦେଶୀ ଶାସନ ଅଧୀନରେ ରହି ଏକ ଲାଭଜନକ ବିକାଶ ସମ୍ଭବ ହୋଇପାରେ ଆଉ ସ୍ୱାଧୀନତାର କିଂବା ଏପରିକି ଗୋଟିଏ ରାଷ୍ଟ୍ରରେ ପରିଣତ ହେବାକୁ ସ୍ୱପ୍ନ ଦେଖିବା ପୂର୍ବରୁ ଏହି ଲାଭଜନକ ବିକାଶକୁ ସଫଳତାର ସହିତ ଯେମିତି ହେଲେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଯଦି ଏହି ତିନିଗୋଟି ଧାରଣାକୁ ସତ୍ୟ ବୋଲି ଧରି ନିଆଯାଏ ତା'ହେଲେ ଅନୁଗତବାଦୀର ମତାଦର୍ଶ ହେଉଛି ଅକାଟ୍ୟ; ଯଦି ସେଗୁଡ଼ିକ ଭ୍ରମାତ୍ମକ ବୋଲି ପ୍ରମାଣିତ ହୋଇଯାଏ ତା'ହେଲେ ଖାଲି ଅନୁଗତବାଦୀର ମତାଦର୍ଶ ନୁହେଁ, ନରମପନ୍ଥୀମାନଙ୍କ ଦୃଷ୍ଟିଭଙ୍ଗୀଗୁଡ଼ିକର କୌଣସି ସୁଦୃଢ଼ ଭିତ୍ତି ରହିବ ନାହିଁ ଆଉ ତାହା ଶେଷକୁ ଶୂନ୍ୟରେ ଉଭାନ ହୋଇଯିବ । ଜାତୀୟତାବାଦୀର ଯୁକ୍ତି ଅନୁସାରେ ଏହି ତିନିଗୋଟି ପୂର୍ବାନୁମାନ ହେଉଛି ରାଜନୈତିକ ଅବିଚାରର ସ୍ମୃତିସ୍ତମ୍ଭ ସଦୃଶ ଏବଂ ଐତିହାସିକ ଅଭିଜ୍ଞତା ଦୃଷ୍ଟିରୁ କିଂବା ଆମ ଚତୁର୍ଦିଗରେ ଆମେ ଦେଖିବାକୁ ପାଉଥିବା ପ୍ରତ୍ୟକ୍ଷ ଘଟଣାବଳୀ ଭିତରେ କିଂବା ବସ୍ତୁ ସକଳର ସ୍ୱରୂପରେ ସେସବୁର ସେମିତି ବଳିଷ୍ଠ ଭିତ୍ତି କିଛି ନାହିଁ । ବିଦେଶୀ ଆଧିପତ୍ୟର ମୌଳିକ ସ୍ୱରୂପ ସାଥିରେ ସେଗୁଡ଼ିକର କିଛି ହେଲେ ତାଳମେଳ ନାହିଁ; ସେଗୁଡ଼ିକ ମାନବ ପ୍ରକୃତିକୁ ଏବଂ ଗୋଷ୍ଠୀଗୁଡ଼ିକରେ ଥିବା ମାନବୀୟ ବିକାଶର ଅନୁକୂଳ ପରିସ୍ଥିତିକୁ ହେୟ ମନେ କରନ୍ତି; ସେମାନେ ଅବଜ୍ଞା ଭାବ ପ୍ରଦର୍ଶନ କରନ୍ତି ପରାଧୀନ ରାଷ୍ଟ୍ରମାନଙ୍କର ଅଭିଜ୍ଞତା ପ୍ରତି ତଥା ଗୋଷ୍ଠୀ ମଧ୍ୟରେ ମାନବ ଅବସ୍ଥାର ଉତ୍ଥାନ ଦିଗରେ । ଅନୁଗତବାଦୀର ମତାଦର୍ଶ ହେଉଛି ଯେମିତି ଅବାସ୍ତବ, ସେହିପରି ଲଜ୍ଜାଜନକ ମଧ୍ୟ ।

## ମୁଖା ଖୋଲି ଯାଇଛି

ବ୍ରିଟିଶ ତରବାରୀର ଛତ୍ରଛାୟା ତଳେ ଜମାଲପୁରରେ ସବୁକିଛି ଯେ ଥଣ୍ଡା ପଡ଼ିଯାଇଛି ଆଙ୍ଗ୍ଲୋ-ଭାରତୀୟ ପତ୍ରିକାଗୁଡ଼ିକ ଜନସାଧାରଣଙ୍କ ମନରେ ଏଇ ଭରସା ଦେବାକୁ ଚେଷ୍ଟା ଚଳେଇଛନ୍ତି । ବିଭିନ୍ନ ପତ୍ରପତ୍ରିକାମାନଙ୍କରେ ଯେଉଁ ବିବରଣୀସବୁ ପ୍ରକାଶିତ ହୋଇଛି ତହିଁରୁ ପରିସ୍ଥିତି ସମ୍ପର୍କରେ ଭିନ୍ନ ଚିତ୍ର ମିଳୁଛି । ଯାହା ଜଣା ପଡୁଛି, ଆରମ୍ଭରୁ ଶାନ୍ତିରକ୍ଷା ପାଇଁ ଯେଉଁ ଗୁର୍ଖାମାନଙ୍କୁ ମୁତୟନ କରାଯାଇଥିଲା ସେମାନଙ୍କୁ ସୁଯୋଗ ଦିଆଯାଇଛି ସ୍ଥାନୀୟ ଗୁଣ୍ଡାମାନଙ୍କ ସହଯୋଗରେ ତାକୁ ବ୍ୟାହତ କରିବାକୁ । ମୂର୍ତ୍ତି ଭଙ୍ଗା ଘଟଣାକୁ ଜାଣିଶୁଣି ଏଡ଼ି ଦିଆଯାଉଛି ଆଉ କାର୍ଯ୍ୟନିର୍ବାହୀର ସମସ୍ତ ଶକ୍ତି ବିନିଯୋଗ କରାଯାଉଛି କେବଳ ହିନ୍ଦୁମାନଙ୍କୁ ଭୟଭୀତ କରି ରଖିବା ପାଇଁ । ଅନେକ ଆଇନଜୀବୀ, ଜଣେ ମୁକ୍ତିଆର, ରାମଗୋପାଳପୁରର ନାଏବ ଓ ଗୌରୀପୁରର ଅଞ୍ଚଳ ଅଧୀକ୍ଷକ (Estate Superintendent), ତା' ସହିତ ଜମାଲପୁରର ଅନ୍ୟାନ୍ୟ ପ୍ରମୁଖ ଭଦ୍ରବ୍ୟକ୍ତିମାନେ ଗିରଫ ହୋଇଛନ୍ତି । ଜଣେ ପତ୍ରକାର ଲେଖିଛନ୍ତି ମୁସଲମାନଙ୍କ ଗିରଫ ସଂଖ୍ୟା ହେଉଛି ''ତୁଚ୍ଛା ଶୂନ'' । ଟିପ୍ପଣୀର ପ୍ରାୟ ପ୍ରୟୋଜନ ନାହିଁ । ଗୁଣ୍ଡାଗର୍ଦ୍ଦି ସହିତ ବ୍ରିଟିଶ ଶାସନତନ୍ତ୍ରର ସମ୍ପର୍କକୁ ନେଇ ସ୍ୱୀକାରୋକ୍ତି ହୋଇ ସାରିଛି । ମୁସଲମାନ ଦଙ୍ଗାଗୁଡ଼ିକରୁ ଫାଇଦା ଉଠେଇବା ଲକ୍ଷ୍ୟ ରଖି ଅପମାନର ଶିକାର ହୋଇଥିବା ହିନ୍ଦୁମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ବଳରେ ଆହୁରି ଅଧିକ ଭୟଭୀତ କରିବା ପାଇଁ ସ୍ଥାନୀୟ ମାଜିଷ୍ଟ୍ରେଟଗଣ ଭାରି ବ୍ୟସ୍ତ । ସ୍ୱଦେଶୀ ବିରୋଧୀ ହିଂସା ଆଉ ଲୁଟପାଟ ପାଇଁ ଓ ତା'ପରେ ଆତ୍ମରକ୍ଷା ରୂପକ ଅପରାଧ କିଂବା ଏମିତିକି ଖାଲି ଲାଞ୍ଛିତ ହେବାର ଦୋଷ ସକାଶେ ସ୍ୱଦେଶୀ ଆନ୍ଦୋଳନକାରୀମାନଙ୍କୁ ଯେ ଦଣ୍ଡିତ କରିବା ଉଦ୍ଦେଶ୍ୟରେ ଅଧିକ ପ୍ରଶ୍ରୟ ଓ ସୁଯୋଗ ଜୁଟେଇବାର ପ୍ରକ୍ରିୟା ଜାରି ରଖାଯାଇଛି, ଏକଥା ଆମେ ସୂଚନା ଦେଇସାରିଛୁ । ମୁଖା ଖୋଲି ଯାଇଛି ।

## ଜଣେ ଅନୁଗତବାଦୀଙ୍କର ଛାନିଆ

ପଞ୍ଜାବରେ ସଂଘଟିତ ଘଟଣାଗୁଡ଼ିକର ସ୍ରୋତରେ କେବଳ 'ଇଂଲିଶମ୍ୟାନ୍' ନୁହେଁ 'ଇଣ୍ଡିଆନ୍ ମିରର୍' ମଧ୍ୟ ସାଂଘାତିକ ଭାବେ ଭୟଭୀତ ହୋଇ ଉଠିଛି । ଏଥିରେ ଆଶ୍ଚର୍ଯ୍ୟ ହେବାର ସେମିତି କିଛି ନାହିଁ । ପଞ୍ଜାବରେ ରଣଜିତ ସିଂଙ୍କ ଚିତାରେ କେଶରୀର ପରାକ୍ରମ ଦଗ୍ଧୀଭୂତ ହୋଇଯାଇନି; ଚିଲିଆନ୍‌ୱାଲା (Chilianwala) ଘଟଣା ପରେ ଏହା ମାତ୍ର କିଛିକ୍ଷଣ ପାଇଁ ଶୋଇ ପଡ଼ିଥିଲା ଆଉ ବର୍ତ୍ତମାନ ପୁଣି ଥରେ ଜାଗ୍ରତ୍ ହୋଇଛି । ସାମ୍ରାଜ୍ୟର ନିରାପତ୍ତା ସମ୍ପର୍କରେ 'ମିରର୍', ଭାରି ବିବ୍ରତ ହୋଇ ପଡ଼ିଲାଣି । ପୂର୍ବବଙ୍ଗରେ କ'ଣ ନା କ'ଣ ଯେ ଘଟି ଯାଇପାରେ ସେଥିପାଇଁ 'ମିରର୍'ର କିଛି ଚିନ୍ତା ନାହିଁ, କିନ୍ତୁ ଅସନ୍ତୋଷଟା ଯଦି ପଞ୍ଜାବକୁ ବ୍ୟାପିଯାଏ ଶିଖମାନଙ୍କୁ ତାହା ପ୍ରଭାବିତ କରିପାରେ, ଆଉ ତା'ପରେ ବ୍ରିଟିଶ ସାମ୍ରାଜ୍ୟ ଓ ମିରର୍‌ର ତା'ହେଲେ କ'ଣ ହେବ ? ଆମର ବାର୍ଦ୍ଧକ୍ୟ ପ୍ରପୀଡ଼ିତ ବନ୍ଧୁ ଯେଉଁ ପ୍ରତିକାରର ବିଧାନ କରିଛନ୍ତି ତାହା ହେଲା ଦେଶ ଶାନ୍ତ ନହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ସାଧାରଣ ସଭା ସମିତି ବାତିଲ କରି ରାଜନୈତିକ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ପଡ଼ିବ ଆଉ ସ୍ୱଦେଶୀ, ବୟକଟ୍, ସ୍ୱରାଜ ଓ ଅନ୍ୟାନ୍ୟ ବିଷୟ ନେଇ ବାବୁ ବିପିନ ଚନ୍ଦ୍ର ପାଲ ଦକ୍ଷିଣ ଭାରତରେ ଆଲୋଡ଼ନ ସୃଷ୍ଟି କରିବାକୁ ଯିବାଟା ଉଚିତ ହେବନି । ସାର୍ ଡେଞ୍ଜିଲ୍ ଇବ୍‌ବର୍ଟସନ୍ (Denzil Ibbertson)ଙ୍କୁ ସୁଦୟାପୂର୍ବକ ଅନିଷ୍ଟର ନିରାକରଣ କରିବାକୁ ପରାମର୍ଶ ଦିଆଯାଇଛି,– ଏହା ଯେ ଗୋଟିଏ ବିଜ୍ଞ ପରାମର୍ଶ ଯାହାକୁ ସେ ନିଃସନ୍ଦେହରେ ଧୈର୍ଯ୍ୟର ସହିତ ଉତ୍କର୍ଣ୍ଣ ହୋଇ ଶୁଣିବେ; କାରଣ 'ଇଣ୍ଡିଆନ୍ ମିରର୍' ଅପେକ୍ଷା ଆହୁରି ଶୁଭଚିନ୍ତକ ସେ କେଉଁଠୁ ପାଇବେ ? ଦେଖା ଯାଉଛି, ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପାଲଙ୍କ ଦ୍ୱାରା ସମ୍ବୋଧିତ ସଭାଗୁଡ଼ିକ ''ସମ୍ଭବତଃ ରାଜନୈତିକ ଅସ୍ଥିରତାକୁ ହ୍ରାସ କରୁନି ବରଂ ଚୂଡ଼ାନ୍ତଭାବେ ଅଗ୍ନିରେ ଇନ୍ଧନ ସଂଯୋଗ କରି ଚାଲିଛି'' । ଆଚ୍ଛା, ଏବେ ସେମାନଙ୍କର ତା'ହେଲେ ଉଦ୍ଦେଶ୍ୟ କ'ଣ ? ଦେଶକୁ ନିଦ୍ରା ଏବଂ ସମର୍ପଣ ଅଭିମୁଖେ ଫେରାଇ ନେଇ ନିଷ୍କ୍ରିୟ କରି ଦେବା ? 'ମିରର୍' ଆମକୁ ସ୍ମରଣ କରେଇ ଦେଇଛି ଜଣେ ପୂଜାସ୍ପଦା ବୃଦ୍ଧାଙ୍କ କଥା, ଗୃହ ମଧ୍ୟରେ ରାତ୍ରରେ ପ୍ରବେଶ କରିଥିବା ଚୋରମାନଙ୍କ କୋଳାହଳରେ ସେ କେମିତି ଉଠିପଡ଼ି ଜଣ ଜଣ କରି ସମସ୍ତଙ୍କୁ କହିଥିଲେ ମୁହଁମାଡ଼ି ଶୋଇ ରହିବାକୁ କିଂବା ଶୋଇବାର ବାହାନା କରିବାକୁ, ଘର ନିସ୍ତବ୍ଧ ହେଲା ପର୍ଯ୍ୟନ୍ତ,– ଆଉ ଚୋରମାନେ ନିର୍ବିଘ୍ନରେ ସେମାନଙ୍କ କାର୍ଯ୍ୟ ସମ୍ପନ୍ନ କରିଥିଲେ । କିନ୍ତୁ ଆମେ ଭାବିନେଲୁ ଯେ 'ମିରର୍' ଚରମପନ୍ଥୀମାନଙ୍କୁ

ଦେଶ ଭିତରେ କେହି ଅନୁଗାମୀ ନଥିବା ଏକ କ୍ଷୁଦ୍ର କିଂବା ନଗଣ୍ୟ ଦଳର ବୋଲି ଆବିଷ୍କାର କରିଥିଲା । ଏଭଳି ଗୋଟିଏ ଦଳ ଯେ କ'ଣ କରୁଛି, ନକରୁଛି ଏଥିରେ କ'ଣ ବା ଯାଏ ଆସେ ? 'ମିରର୍' ଘୋଷଣା କଲାଣି ଦେଶ ନରମପନ୍ଥୀ ଦଳ ପଛରେ ରହିଛି । ତା'ହେଲେ ସେଇ ସ୍ୱସ୍ତିବାଚକ ବିଶ୍ୱାସଟା କ'ଣ ଏତେ ଶୀଘ୍ର ଭାଙ୍ଗିରୁଜି ଖଣ୍ଡ ବିଖଣ୍ଡିତ ହୋଇଯାଇଛି ?

[ବନ୍ଦେ ମାତରମ୍, ଏପ୍ରିଲ ୨୭, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

*ପ୍ରଶ୍ନ : ଅବତାର ଓ ବିଭୂତିଙ୍କ ଭିତରେ କ'ଣ ପାର୍ଥକ୍ୟ ?*

**ଶ୍ରୀମା** : ଆମେ ସେଦିନ କହିଥିଲୁ ଯେ 'ବିଭୂତି'ମାନେ ହେଉଛନ୍ତି ଏକ ସତ୍ତାର ବିଭାବ, ଗୁଣ ବା ଗୁହ୍ୟବିଦ୍ୟାରେ ଯାହାକୁ ମୂଳ ସତ୍ତାରୁ ନିଃସୃତ ଏକ କିରଣଛଟା ବୋଲି କୁହାଯାଇଥାଏ । ସେମାନେ ହେଉଛନ୍ତି ମୂଳସତ୍ତାର କେତେକ ଶକ୍ତି, କ୍ଷମତା, ଗୁଣ ବା ଧର୍ମଗୁଡ଼ିକୁ ଯେତେବେଳେ କୌଣସି ବାହ୍ୟରୂପ ବା ଆଧାର ସହିତ ସଂଯୁକ୍ତ କରାଯାଇଥାଏ, ଉଦାହରଣ ସ୍ୱରୂପ ଏକ ଦୈହିକ ଆଧାର ଏବଂ ସେହି ରୂପ ଓ ଦେହଧାରୀ ସତ୍ତା ଭିତର ଦେଇ ଯେତେବେଳେ ଏହି ଗୁଣଗୁଡ଼ିକ ନିଜକୁ ଅଭିବ୍ୟକ୍ତ କରନ୍ତି । ଏହା ଏକ ମାନବୀୟ ଆଧାର ହୋଇପାରେ । ଅବତାର ହେଉଛନ୍ତି (ଯଥାର୍ଥ ଭାବ ନେଇ ବୁଝିଲେ) ସର୍ବୋଚ୍ଚ ପରମସତ୍ୟ ଯେତେବେଳେ ପୃଥିବୀ ଉପରେ ଅବତାର ରୂପେ ଆବିର୍ଭୂତ ହୁଅନ୍ତି । ବର୍ତ୍ତମାନ ଏହି ଶବ୍ଦଟିକୁ ନାନା ଅର୍ଥ ଦିଆଯାଉଛି ଏପରିକି ଫରାସୀ ଭାଷାରେ 'ଅବତାର' ବୋଲି ଏକ ଶବ୍ଦ ରହିଛି ଯାହାକୁ ଏକ ଅତି ବିଶେଷ ଅର୍ଥରେ ପ୍ରୟୋଗ କରାଯାଏ । କୁହାଯାଏ ଯେ ଦୁଃସାହସିକ ଅଭିଯାନରେ ଲିପ୍ତଥିବା ଜଣେ ବ୍ୟକ୍ତିର ଅନେକଗୁଡ଼ିଏ 'ଅବତାର' ରହିଛି । ଏହାର ଅର୍ଥ ହେଉଛି ସେ ପ୍ରୟୋଜନ ଅନୁସାରେ ବିଭିନ୍ନ ସମୟରେ ନିଜର ଆକୃତି, ବ୍ୟକ୍ତିତ୍ୱ ଓ କର୍ମର ପରିବର୍ତ୍ତନ କରିଥାଏ... । କିନ୍ତୁ ମୂଳ ଅର୍ଥରେ (ଦୃଷ୍ଟାନ୍ତ ସ୍ୱରୂପ ଗୀତାରେ ଯେପରି କୁହାଯାଇଛି) ଯେତେବେଳେ ସ୍ୱୟଂ ପରମ କୌଣସି ନିର୍ଦ୍ଦିଷ୍ଟ କାରଣ ହେତୁ ନିଜକୁ ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ କରିବା ପାଇଁ ସ୍ଥିର କରନ୍ତି ଏବଂ ସେଥିପାଇଁ ଏକ ପାର୍ଥିବ ଶରୀର ଗ୍ରହଣ କରନ୍ତି ତାହାକୁ ହିଁ କେବଳ ଅବତାର ବୋଲି କୁହାଯିବ । ପ୍ରୟୋଜନ ଓ ପରିସ୍ଥିତି ଅନୁଯାୟୀ ତାଙ୍କୁ କ୍ରମାଗତ ଭାବେ ପରପର ଅନେକଗୁଡ଼ିଏ ଶରୀର ଗ୍ରହଣ କରିବାକୁ ପଡ଼ିପାରେ କିନ୍ତୁ ଯାହାଙ୍କୁ ପରମଙ୍କର 'କେନ୍ଦ୍ରୀୟ ସତ୍ତା' ବୋଲି କୁହାଯାଇପାରେ, ସବୁକ୍ଷେତ୍ରରେ ସେହି ପରମସତ୍ତା ହିଁ ଏକ ପାର୍ଥିବ ଶରୀର ଗ୍ରହଣ କରନ୍ତି । ତାହାହିଁ ଅବତାର ପଦବାଚ୍ୟ । ମୁଁ ଭାବୁଛି ତୁମେ ଏହା ଜାଣିଛ । ଶ୍ରୀଅରବିନ୍ଦ ବହୁସ୍ଥାନରେ ଏହାର ବ୍ୟାଖ୍ୟା ଦେଇଛନ୍ତି ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୯୧-୯୨)

# ଆମ୍ଭମାନଙ୍କର ଶକ୍ତିପୂଜା*

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆମ୍ଭମାନଙ୍କର ପୂଜା ଆମେ ଐଶ୍ୱର୍ଯ୍ୟ, ବୈଚିତ୍ର୍ୟ ଓ ପୂର୍ଣ୍ଣତାର ଈଶ୍ୱରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥାଉ । ସୁତରାଂ ଇଷ୍ଟ ଆମର ଏକ ଦେବତା ନୁହେଁ, ବହୁ ଦେବତା; ସବୁ ଦେବତାଙ୍କର ସମ୍ମିଳିତ ଶକ୍ତିହିଁ ଆମର ଇଷ୍ଟ । ଅନ୍ୟାନ୍ୟ ସ୍ଥାନରେ ଆମ ଦେଶର ସାଧନାରେ ଇଷ୍ଟ ଏକ ବା ଏକାଧିକ ଦେବ-ଦେବୀ; ଯେପରି ବିଷ୍ଣୁ, ଶିବ, କାର୍ତ୍ତିକେୟ ଓ ଗଣପତି । କେଉଁଠି କେଉଁଠି ଯୁଗଳମୂର୍ତ୍ତିର ବି ଆରାଧନା ହୁଏ, ଯେମିତି ହର-ପାର୍ବତୀ, ଲକ୍ଷ୍ମୀ-ନାରାୟଣ, ରାଧା-କୃଷ୍ଣ ଓ ରାମ-ସୀତା, କିନ୍ତୁ ଆମ ପୂଜାର ପ୍ରତିମା ମଧ୍ୟରେ ଆମେ ଦେଖିବାକୁ ପାଉ ବହୁଳ ବିଚିତ୍ର ଦେବଶକ୍ତିର ସମାବେଶ; ସେଇ ଦେବଶକ୍ତିର ସମାବେଶ ସିଂହବାହିନୀ ଦଶଭୁଜାଙ୍କ ମଧ୍ୟରେ ଆମେ ଦେଖିବାକୁ ପାଉ, ସେଇ ଦେବୀ ଆମ ପ୍ରାଣକୁ ଯେପରି ଆଲୋଡ଼ିତ କରିଛନ୍ତି, ହୁଏତ ସେପରି ସ୍ପନ୍ଦନ, ସେପରି ଆଲୋଡ଼ନ ଅନ୍ୟମାନେ ଅନୁଭବ କରୁ ନ ଥିବେ ।

କାରଣ ଆମେ ଚାହୁଁ ପ୍ରକାଶ, ପୂର୍ଣ୍ଣ ପ୍ରକାଶ – ଦେବ ଶକ୍ତିର ବହୁ ବିଚିତ୍ର ଅଭିବ୍ୟକ୍ତି । ଭାରତର କୌଣସି କୌଣସି ଅଞ୍ଚଳ, କେହି କେହି ମହାମାନବ ପୃଥିବୀକୁ, ଜଗତ୍-ସଂସାରକୁ ମାୟା ବୋଲି ଉଡ଼ାଇ ଦେଇଛନ୍ତି, ସେମାନେ କହନ୍ତି ପ୍ରକୃତିର ଏତେ ସବୁ ଐଶ୍ୱର୍ଯ୍ୟମୟ ଲୀଳା କେବଳ ମତିଭ୍ରମ, ଏଥିରେ ତିଳେ ବି ସତ୍ୟ ନାହିଁ । ସତ୍‌ପୁରୁଷହିଁ ଏକମାତ୍ର ସତ୍ୟ । ଯିଏ ଏଭଳି ଅନୁଭବ କରେ, ତା' ପାଇଁ ମନ୍ତ୍ର ହେଉଛି ''ଶିବୋଽହଂ ଶିବୋଽହଂ''– ଏହା ସ୍ୱାଭାବିକ; ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଅଥବା ଯେଉଁମାନେ ଦେଖନ୍ତି ଜଗତର ସ୍ୱଭାବରେ ଏକ ଛନ୍ଦ ରହିଛି ଏବଂ ସେ ଛନ୍ଦର ଦ୍ୟୋତକ ଏକ ବିଗ୍ରହ, ଏକ ରୂପ – ଯାହାଙ୍କୁ ଆମେ ବିଶେଷ ଦେବତାଙ୍କ ନାମ ଦେଇଥାଉ; ପୁଣି କେଉଁଠି ଦେବତାଯୁଗଳଙ୍କୁ ଏହି ଛନ୍ଦର ଯୁଗଳ ଦ୍ୟୋତକ ବୋଲି ପ୍ରତ୍ୟକ୍ଷ କରିଥା'ନ୍ତି କେହି କେହି । ସେମାନେ ଯେ ସେହି ଦେବତାଯୁଗଳଙ୍କର ନୈଷ୍ଠିକ ପୂଜାରୀ ହୋଇ ପଡ଼ିବେ, ସେଥିରେ ବି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ତେବେ, ଆମେ ଏପରି ଏକ ଅଖଣ୍ଡ ସତ୍ୟ ଚାହିଁ ଆସିଛୁ ଯାହା ଅନ୍ୟ ସତ୍ୟକୁ ବାଦ୍ ଦେବ ନାହିଁ, କାହାକୁ କାଟ-ଛାଣ୍ଟ କରିବ ନାହିଁ; ବରଂ ସେଇସବୁ ସତ୍ୟକୁ ଅଙ୍ଗୀକାର ଖାଲି କରିବ ନାହିଁ, ଏକାଠି ଅଙ୍ଗୀଭୂତ କରି ଧରିଥିବ – ଏବଂ ସେଇ କାରଣରୁ ହିଁ ତାହା ଅଖଣ୍ଡ ବୋଲି ଆମର ନତି ତାଙ୍କ ପାଖରେ । ''ଏକଂ ସତ୍''କୁ ଆମ ସାଧନାର ସଂସ୍କୃତି ମାନ୍ୟ ଦେଲେ ବି ବିଶେଷ ବଡ଼ ସ୍ଥାନ ଦେଇ ନାହିଁ, ସେ ଜାଗାରେ ''ବହୁଧା ବଦନ୍ତି''କୁ ବେଶୀ ମର୍ଯ୍ୟାଦା ଦେଇଛି – ଅର୍ଥାତ୍ ଆମେ ଚାହୁଁ ଏକହିଁ ସତ୍ୟକୁ ବହୁଭାବରେ ପ୍ରକାଶ କରିବା, ବହୁଭାବରେ କଳ୍ପନା କରିବା, କହିବା, ଜୀବନରେ ଗ୍ରହଣ କରିବା । ସେଇ ସତ୍ୟର ଏକଦେଶଦର୍ଶିତାର – 'ଏକତା' ହିଁ ଏକମାତ୍ର ସତ୍ୟ, 'ବହୁଟି' ଭୁଲ୍ – ଏହା ଆମ କହିବାର ଉଦ୍ଦେଶ୍ୟ ନୁହେଁ; ଦେବତାଙ୍କର ଭିନ୍ନ ଭିନ୍ନ ରୂପ, ସେଇପରି ବିଭିନ୍ନ କ୍ରିୟା – ଅଗ୍ନି, ଯମ, ଇନ୍ଦ୍ର, ମାତରିଶ୍ୱା ସମସ୍ତେ ସତ୍ୟ । ତେବେ ବି ଏମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଅଛି ପୃଥକ୍ ପୃଥକ୍ କର୍ମ-ବିଭାଗ, ସୁତରାଂ ଏମାନେ ପ୍ରତ୍ୟେକେ ପୃଥକ୍ ସତ୍ୟର ପ୍ରତିନିଧିତ୍ୱ କରନ୍ତି । ସକଳ ଦେବତାଙ୍କର ଯେଉଁ ବହୁଳ ପ୍ରତିଭା, ତାହାର ହିଁ ସମୁଦାୟ 'ବିଶ୍ୱଦେବ'; ଏବଂ ଆମେ ଏହି ବିଶ୍ୱ-ଦେବଙ୍କର ହିଁ ପୂଜାରୀ ।

ଆମ ସାଧନାର ଲକ୍ଷ୍ୟ – ସକଳ ଦେବତାଙ୍କର ଦେବତ୍ୱକୁ ଅଙ୍ଗେ ଅଙ୍ଗେ ଭରି, ସ୍ତର ପରେ ସ୍ତର ସୁଚାରୁ ବିନ୍ୟାସ କରି ଯେଉଁ ପୂର୍ଣ୍ଣ ଦେବତ୍ୱ ପରିପ୍ରକାଶର ଅପେକ୍ଷାରେ, ତାହାକୁ ଅଧିଗତ କରିବା । ସୁତରାଂ ସେଇ ଦେବଶକ୍ତି ଜଟିଳ । ଶାନ୍ତ ଶିବ ମହାଦେବ, ଯିଏ ସମସ୍ତଙ୍କ ଉପରେ, ସିଏ ଆମ ମସ୍ତକର ଊର୍ଦ୍ଧ୍ୱରେ ଆସୀନ ସ୍ଥିରପ୍ରତିଷ୍ଠ ରୂପେ । ତାଙ୍କର ହିଁ ଲୀଳା ନାନା ପ୍ରହରଣଧାରିଣୀ ଦଶଭୁଜା । ଶ୍ରୀ-ସମ୍ପଦ-ସୌଭାଗ୍ୟ ପ୍ରଦାନ କରୁଛନ୍ତି ଯିଏ – ସେଇ ନାରାୟଣୀ ଶକ୍ତି ମହାଲକ୍ଷ୍ମୀ; ମହାସରସ୍ୱତୀ ରୂପେ ସେ ଦିବ୍ୟଜ୍ଞାନର ଭଣ୍ଡାର

* ରଚନାଟି ବଙ୍ଗଳାର ଶକ୍ତି-ପୂଜକମାନଙ୍କ ଉଦ୍ଦେଶ୍ୟରେ ଲିଖିତ; ପ୍ରବନ୍ଧଟି ବିଶ୍ୱର ସକଳ ମାତୃ-ଭକ୍ତ ପୂର୍ଣ୍ଣଯୋଗ ସାଧକଙ୍କ ଲାଗି ଉପଯୁକ୍ତ ମନେକରି ଏଠାରେ ଦିଆଗଲା; ଏଥିରେ ଶକ୍ତିପୂଜାର ଉଦ୍ଦେଶ୍ୟ ଓ ସାର୍ଥକତାର ବର୍ଣ୍ଣନା ରହିଛି ।

ଆମ ପାଇଁ ଖୋଲି ଦେଇଛନ୍ତି; କୁମାର କାର୍ତ୍ତିକ ଆମର ଦିବ୍ୟବୀର୍ଯ୍ୟର ଉତ୍ସ; ସିଦ୍ଧିଦାତା ଗଣପତି ଆମ ସମବେତ ସାଧନାର ପ୍ରତୀକ । ଏମିତିକି ଦେହଗତ ପାର୍ଥିବ ଚେତନାର ଶୁଦ୍ଧ-ଶକ୍ତି ମୂର୍ତ୍ତ ହୋଇଛି ଦୁର୍ଗାଙ୍କର ବାହନ ପଶୁରାଜ ସିଂହ ଭିତରେ ।

ଶକ୍ତି, ଶକ୍ତି ସାମର୍ଥ୍ୟର ବହୁଧା ବିଚିତ୍ର ବିଭବହିଁ ଆମର ଜୀବନ-ସତ୍ୟ । ଜୀବନର ଅବଧ୍ ନିଶ୍ଚଳ ଏବଂ ଅଦ୍ୱୈତ ସତ୍ କିଂବା ସାକ୍ଷୀମାତ୍ର ପୁରୁଷଙ୍କଠାରେ ଆମେ ଶେଷ କରୁ ନାହୁଁ, ସେଇ ସତ୍ୟ ନିକଟରୁ, ସେଇ ସତ୍-ପୁରୁଷଙ୍କ ଦେହରୁ ବିଚ୍ଛୁରିତ ଯେଉଁ ବହୁଭଙ୍ଗିମ ଚିନ୍ମୟ ରୂପାୟଣ, ଜାଗତିକ ଜୀବନର ଯେଉଁ ନାନାବିଧ ରସାୟନ, ତାହାକୁ ପୁଷ୍ପ-ଫଳ ଶୋଭିତ ଦେଖିବାକୁ ଚାହୁଁ ଆମେ, ତାକୁ ଧାରଣ କରିବାକୁ ଇଚ୍ଛୁକ ଆମେ । ଜୀବନ ଆମର ଅଗ୍ରାହ୍ୟ ନୁହେଁ, ବରଂ ସମଗ୍ର ଜୀବନକୁ ପୂର୍ଣ୍ଣ ସତ୍ୟ ମଧ୍ୟରେ ଫୁଟାଇବା, ବିକଶିତ କରିବା ଆମ ସାଧନାର ଲକ୍ଷ୍ୟ । ସଜୀବ, ସବୁଜ, ସମୃଦ୍ଧ ପ୍ରକୃତିର ଲୀଳାଭୂମି ଏଇ ଭାରତବର୍ଷ ପ୍ରକୃତି-ପୂଜାର ପୀଠସ୍ଥାନ । ପ୍ରକୃତିର ସତ୍ୟ କ'ଣ, ଧର୍ମ କ'ଣ, ଛନ୍ଦ କ'ଣ, ପ୍ରକୃତିର ଲକ୍ଷ୍ୟ, କି ସାଧନ କରିବାକୁ ଚାହେଁ, ଉଦ୍ଦେଶ୍ୟ ତା'ର କି ପ୍ରକାର, ଆବଶ୍ୟକତା କେଉଁଠି — ଏଗୁଡ଼ିକ ଆମ ଅନ୍ତରାତ୍ମାର ସମସ୍ୟା । ଆମ ଦେଶ ଭୂଇଁର ଧର୍ମ ସାଧନାରେ, ଆମ ଶିଳ୍ପ-ସାହିତ୍ୟରେ ପ୍ରକୃତିର ଆକର୍ଷଣ ଆମେ ଦେଖିବାକୁ ପାଉ; ଏଇ ଆକର୍ଷଣକୁ ଆମେ ପ୍ରାକୃତ ଆକର୍ଷଣ ବୋଲି କହିବୁ ନାହିଁ, କାହିଁକି ନା, ଏଇ ଆକର୍ଷଣରେ ପ୍ରାକୃତ ଭିତରେ ଅତି-ପ୍ରାକୃତର ଅଥବା ପୁରୁଷର ବିଦ୍ୟମାନତା ଯେ ରହିଛି, ତାହା ଅପରିସ୍ଫୁଟ ନୁହେଁ । ନାଡ଼ିର ସମ୍ପର୍କ ଆମର ପୃଥିବୀ ସହିତ, ଦେବତାଙ୍କ ସହ ବି ଏଇ ମାନୁଷୀ-ଭାବ, ଏଇ ଇହମୁଖୀ ପ୍ରେରଣା ଲୀଳାୟିତ ହୋଇ ଆସିଛି ଆମ ଇଷ୍ଟ-ସାଧନା କ୍ଷେତ୍ରରେ ।

ତେଣୁ ଆମେ ନିଜକୁ କହିପାରିବା ଯେ ଆମେ ମା'ର ସନ୍ତାନ — ଆମ ସ୍ୱଭାବ-ଚରିତ୍ରରେ ମା'ର ସ୍ୱଭାବଚରିତ୍ର ଦେଖା ଦେବାର କଥା । ଆମ ଦେହର ନମନୀୟତା — ସେଥିଯୋଗୁଁ ଗୋଟିଏ ଦିଗରେ ଦୁର୍ବଳ ହେଲେ ବି ଅନ୍ୟ ଦିଗରେ ନୂଆ ଛନ୍ଦକୁ ଆମ ଦେହ ପ୍ରତିଫଳିତ କରିପାରେ; ଆମ ପ୍ରାଣ ସ୍ପର୍ଶାଳୁ, ଆମ ମସ୍ତିଷ୍କ ସାକ୍ଷାତ୍ ଅନୁଭୂତିଗତ ପ୍ରତିଭାର ଆଲୋକରେ ଉଦ୍ଭାସିତ । ଖାଲି ଜ୍ଞାନ-ବିଚାରର ପଥ ମାତୃ-ସନ୍ତାନର ନୁହେଁ, ପଥ ତାହାର ଭକ୍ତିବିଧୃତ ଧର୍ମ ଉପରେ, ପ୍ରାଣର ନିତ୍ୟ-ଆବେଦନର କର୍ମଭୂଇଁ ଉପରେ । ପରମପୁରୁଷଙ୍କ ଅପେକ୍ଷା ପୁରୁଷର ଯେଉଁ ହ୍ଲାଦିନୀ ଶକ୍ତି, ତାହାଙ୍କୁ ହିଁ ସିଏ ବଡ଼ କରି ଦେଖିଆସିଛି, ତା' ପାଖରେ ଶିବଙ୍କ ଅପେକ୍ଷା ଦୁର୍ଗାକାଳୀ, ନାରାୟଣଙ୍କ ଅପେକ୍ଷା ମହାଲକ୍ଷ୍ମୀ, କୃଷ୍ଣଙ୍କ ଅପେକ୍ଷା ରାଧା ହିଁ ଅଧିକ ପ୍ରିୟ, ତା'ର ହୃଦୟକୁ ଏହି ଶକ୍ତିମାନେ ବ୍ୟାପ୍ତ କରି ରହିଛନ୍ତି । ଅନ୍ତରର ସାଧନା କଥା ଛାଡ଼ି ଦେଲେ ବି ବାହାରେ ମାନବର ସମାଜ-ଜୀବନରେ ଆମେ ଲକ୍ଷ୍ୟ କଲେ ଦେଖିବା ଦିନକୁ ଦିନ ନାରୀ-ମଙ୍ଗଳର ଗୀତି ସ୍ଫୁଟ ମୁଖର ହୋଇ ଉଠୁଅଛି ।

ଆମର ମାତୃପୂଜାର ପଛରେ ଯେଉଁ ଭାବ ରହିଛି, ଯେଉଁ ପ୍ରେରଣା ରହିଛି ତାହାକୁ ସଜ୍ଞାନରେ ଧରିବାକୁ ଆମେ ଚେଷ୍ଟା କରିବା । ସେଇ ସମ୍ୟକ୍ ଜ୍ଞାନର ଅଭାବ ଯୋଗୁଁ ହିଁ ଆମ ଜୀବନରେ ଯାହା କିଛି ବିକୃତି ଓ ଅବନତି । ମାତୃଭକ୍ତ ସନ୍ତାନର ବିଶେଷତ୍ୱକୁ ବଞ୍ଚାଇ ରଖିବାକୁ ହେବ, ପ୍ରସାରିତ କରିବାକୁ ହେବ; ବହିରାକ୍ରମଣରୁ ଏହାକୁ ବଞ୍ଚାଇବାକୁ ପଡ଼ିବ । ସବୁ ମଣିଷ ସମାନ, ସାରା ଭାରତ ଏକ, ତେଣୁ ସବୁକିଛିକୁ ମିଶାଇ ଏକାକାର କରି ଦେବା ଯେ ନିହାତି ଦରକାର, ସେପରି କିଛି କଥା ନାହିଁ । ଦେଶଗତ ବୈଶିଷ୍ଟ୍ୟ, ପାତ୍ରଗତ ବୈଚିତ୍ର୍ୟର ବି ମୂଲ୍ୟ ରହିଛି । ସେଇ ବୈଶିଷ୍ଟ୍ୟ, ସେଇ ବୈଚିତ୍ର୍ୟ ହିଁ ସମଷ୍ଟିକୁ, ସମାଜର ଏକତ୍ୱକୁ ପୁଷ୍ଟ କରିଥାଏ, ପୂର୍ଣ୍ଣରୂପ ଦେଇଥାଏ । ଅଥଚ ଆମର ସଂସ୍କାରଗତ ସଂକୀର୍ଣ୍ଣତାର ପଥ ଆମେ ଯାହା ଧରି ଆସିଥିଲୁ, ତାହାକୁ ଏକାନ୍ତ ସର୍ବସ୍ୱ କରି ବସିଲେ ଆଉ ଚଳିବ ନାହିଁ । କାରଣ ସେ ପଥ ଧରି ଯାହାସବୁ ଆଜି ପର୍ଯ୍ୟନ୍ତ ଗଢ଼ି ଉଠିଛି, ସେଗୁଡ଼ିକ ବାହାରର ଜିନିଷ । ଆନ୍ତର ପ୍ରେରଣା ଆମର ସେଥିରେ କିଛି ପରିମାଣରେ ପ୍ରତିଫଳିତ ହୋଇଥିଲେ ବି ଆମର ଯଥାର୍ଥ ଜ୍ଞାନର ଅଭାବ ଓ ସଜାଗ ସାଧନାର ଅଭାବ ହେତୁ ସେସବୁ ଆମ ଅନ୍ତରାତ୍ମାର ମୂର୍ତ୍ତ ବିଗ୍ରହ ହେବାକୁ ଅକ୍ଷମ ହୋଇଛନ୍ତି ।

ଆମେ ଯେ ମା'ର ପୂଜା, ପ୍ରକୃତିର ପୂଜା, ଶକ୍ତିର ପୂଜା କରିବାକୁ ଆରମ୍ଭ କରିଛୁ, ସେଇ ଆରାଧନାର ଯଥାଯଥ ଅର୍ଥ ନିରୂପଣ କରି ମାତୃ-ସାଧନା ବ୍ରତୀ, ଆମେ, କାୟମନୋବାକ୍ୟରେ ସେ ସାଧନାରେ ଆଗେ ସିଦ୍ଧ ହୋଇଉଠୁ । ଯେଉଁ ଶ୍ରୀ, ଯେଉଁ ଯଶଃ, ଯେଉଁ ଆୟୁ, ଯେଉଁ ସୌନ୍ଦର୍ଯ୍ୟ, ଯେଉଁ ବୀର୍ଯ୍ୟ ଓ ଯେଉଁ ଐଶ୍ୱର୍ଯ୍ୟ — ଜାଗତିକ ଜୀବନରେ ଏଇ ଯେତେଗୁଡ଼ିଏ ପରିପୂର୍ଣ୍ଣ-ସାର୍ଥକତା, ସେସବୁକୁ ଲାଭ କରିବା ନିମନ୍ତେ ଆମକୁ ନିଜକୁ ସଚେତନ, ସଜ୍ଞାନ ତପସ୍ୟାରେ ମଗ୍ନ ରହିବାକୁ ହେବ ମାତୃପୂଜାର କ୍ଷେତ୍ରରେ ।

## (୨)

ଆମ ଦେଶ, ଆମ ପ୍ରାନ୍ତ ଶକ୍ତି ସାଧନାର ପୀଠସ୍ଥଳ । ଏଇ ସାଧନାର ବିଶେଷତ୍ୱ କିଛି ଅଛି କି ? ସାଧାରଣତଃ ଆଧ୍ୟାତ୍ମିକ ସାଧନାର ଦୁଇଟି ଧାରା ଆମ ଦେଶରେ ପ୍ରଚଳିତ; ସେଥିରୁ ଗୋଟିଏ ଶକ୍ତି-ସାଧନା, ଅନ୍ୟଟି ବେଦାନ୍ତ-ସାଧନା । ସୃଷ୍ଟି ମଧ୍ୟରେ ରହିଛି ଦୁଇଟି ତତ୍ତ୍ୱ ଏବଂ ସେଇ ଦୁଇ ତତ୍ତ୍ୱକୁ ଧରି — ଦୁଇ ମୂଳସୂତ୍ରର ସଂଯୋଗରେ ସେଇ ଲୀଳାରେ ହିଁ ଫୁଟି ଉଠିଛି ଏଇ ବିଶ୍ୱବ୍ରହ୍ମାଣ୍ଡ ।

ପୁରୁଷ ଓ ପ୍ରକୃତି — ଜଗତ୍ ରହସ୍ୟର ଏ ଦୁହେଁ ଆଦି ବସ୍ତୁ; ଆମକୁ ଜାଣିବାକୁ ହେବ ପୁରୁଷ କ'ଣ, ପ୍ରକୃତି କ'ଣ ? ପୁରୁଷ ହେଉଛି ସତ୍ତା, ଆଉ ପ୍ରକୃତି ହେଉଛି ଶକ୍ତି । ସୃଷ୍ଟିର ଅନ୍ତରାଳରେ ପୁରୁଷ ରହିଛନ୍ତି — ନିର୍ବିକାର, ନିଷ୍କ୍ରିୟ, ଅସ୍ତି-ଜ୍ଞାନ; ଏବଂ ପ୍ରକୃତି ହେଉଛନ୍ତି ସେଇ ପ୍ରେରଣା, ସେଇ ଆନନ୍ଦର ପ୍ରତିଭା, ଯାହା ବଳରେ ଜଗତ୍ ଜନ୍ମ ନେଉଛି, ଗତି କରୁଛି, ନିତ୍ୟ ନବ-ନବ ଉନ୍ମେଷରେ ବିଚିତ୍ର ହୋଇ ଉଠୁଛି । ପୁରୁଷ ହେଉଛି ସ୍ଥିତି, ଆଉ ପ୍ରକୃତି ହେଉଛି ଗତି । 'ଅଛି' ଯାହା, ସେଇଟି ପୁରୁଷ, 'ହେଉଛି' ଯାହାକିଛି — ତାହା ପ୍ରକୃତି । ପୁରୁଷର ଅନ୍ୟ ନାମ ଶିବ, ପ୍ରକୃତିର ଅନ୍ୟ ନାମ ଆଦ୍ୟା-ଶକ୍ତି ।

ମନୁଷ୍ୟର ସାଧନା ଏଇ ଦୁଇଟି ପଥରେ ଚାଲିପାରେ — ଅବଲମ୍ବନ ପୁରୁଷ ଅଥବା ଅବଲମ୍ବନ ପ୍ରକୃତି; ବେଦାନ୍ତ-ମାର୍ଗ ପୁରୁଷକୁ ଧରି, ଶକ୍ତି-ସାଧନାର ମାର୍ଗ ପ୍ରକୃତିକୁ ଧରି । ବେଦାନ୍ତ ପଥର ଉଦ୍ଦେଶ୍ୟ ହେଉଛି ପୁରୁଷ ମଧ୍ୟରେ ପ୍ରକୃତିକୁ ମିଶାଇ ଦେଇ, ତାହାର ଲୀଳା-ବିଳାସକୁ ପୁରୁଷର ନିସ୍ତରଙ୍ଗ ସତ୍ତାରେ ବୁଡ଼ାଇ ଦେଇ ଲୀନ କରି ଦେବା । ଶକ୍ତି-ସାଧନାର ଉଦ୍ଦେଶ୍ୟ ହେଉଛି ପୁରୁଷକୁ ପ୍ରକୃତି ମଧ୍ୟରେ ଅବତରଣ କରାଇ, ପ୍ରକୃତିର ନିବିଡ଼ତମ ଉଚ୍ଚତମ ଲୀଳାକୁ ଫୁଟାଇ ତୋଳିବା । ବେଦାନ୍ତ ସାଧନାରେ ଚରମ ଲକ୍ଷ୍ୟ — ସମାଧି, ଲୟ; ଶକ୍ତି ସାଧନାର ଅସଲ ଲକ୍ଷ୍ୟ ଜାଗ୍ରତ୍ ଜୀବନ ଭିତରକୁ ଏକ ତୁରୀୟଶ୍ରୀକୁ ଆଣି ପ୍ରତିଷ୍ଠା କରିବା, ବିଜୟ ଓ ବିଭୂତି ନେଇ ଆସିବା ସଚେତନ ସକ୍ରିୟ ଭାବରେ ।

ପୁରୁଷର ପ୍ରକାଶ ମଣିଷର ଜୀବନରେ ଅହଂ — 'ମୁଁ' ବା 'ମୁଁ ବିଦ୍ୟମାନ୍' ଏଇ ବୋଧକୁ ନେଇ; ଏବଂ ପ୍ରକୃତିର ପ୍ରକାଶ ହେଉଛି 'ଆଧାର', ଯେଉଁ ଶକ୍ତି ଆଧାର ମଧ୍ୟରେ ଖେଳୁଛି, ତାହାର ଅବ୍ୟାହତ ପ୍ରସ୍ଫୁରଣକୁ ନେଇ । ସେଥିପାଇଁ ବେଦାନ୍ତ ଜ୍ଞାନର ପ୍ରତିଷ୍ଠା ଅହଂ-ଜ୍ଞାନ ଉପରେ । ସାଧକ ସେଥିରେ 'ନେତି-ନେତି'ର ଭାବକୁ ଅନୁସରଣ କରେ । ମୁଁ ଅଛି ଓ ମୋର ଆଧାର ଅଛି, ଅଥଚ ମୁଁ ଏଇ ଆଧାର ନୁହେଁ କି ଦେହ ନୁହେଁ, କି ପ୍ରାଣ ନୁହେଁ, ମନ ବା ଇନ୍ଦ୍ରିୟ ନୁହେଁ । ମୁଁ ଦ୍ରଷ୍ଟା ମାତ୍ର, ସାକ୍ଷୀ ମାତ୍ର ଏବଂ ମୋର ଦୃଷ୍ଟିକୁ ମୁଁ ଏଇସବୁଥିରୁ ତୋଳି ନେଇ ଯିବି ଉପରକୁ, ତା'ହେଲେ ମୋ ପାଇଁ ସବୁ କିଛି ଲୋପ ପାଇବ ଓ ମୁଁ ଉପରକୁ ଉଠିଯିବି — ଆହୁରି ଅଧିକ ଅଧିକ ଉପରକୁ, ମୋର ସ୍ୱରୂପସ୍ଥିତି ମଧ୍ୟକୁ । ଏକମ୍-ଅଦ୍ୱିତୀୟମ୍ ଶିବସ୍ୱରୂପରେ ମିଶିଯାଇ ପାରିବି । ବିଚାର-ବିବେକର ସାହାଯ୍ୟ ନେଇ ଏକ ଏକ କରି ପ୍ରକୃତିର ସବୁ ବନ୍ଧନରୁ ମୁକ୍ତ ହେବି ବାଧା କାଟି ଓ ସୃଷ୍ଟିର ମୂଳସତ୍ତା ସହିତ ଏକୀଭୂତ ହୋଇ ଯିବି — ଏହାହିଁ ବୈଦାନ୍ତିକ ସାଧକର ପ୍ରେରଣାର ଉତ୍ସ ।

କିନ୍ତୁ ଶକ୍ତି-ସାଧନାର କେନ୍ଦ୍ର ଅହଂଜ୍ଞାନ ନୁହେଁ, ଆଧାରର ଶକ୍ତି ହିଁ କେନ୍ଦ୍ର । ବେଦାନ୍ତ-ସାଧକର କ୍ଷେତ୍ରରେ ଅହଂର ଯେଉଁ ମୂଲ୍ୟ, ଶକ୍ତି-ସାଧକ ପାଖରେ ଅହଂର ସେ ମୂଲ୍ୟ ନାହିଁ । ପୂର୍ବ ସାଧନାରେ ଅହଂକୁ ଦେଖାଯାଏ ପରମାତ୍ମାଙ୍କ ନିକଟରେ ପହଞ୍ଚିବାର, ପରମସତ୍ତା ସହିତ ଏକୀଭୂତ ହେବାର ଏକ ଉପାୟ ରୂପେ ବା ଆଶ୍ରୟ ରୂପେ । ଶକ୍ତି-ସାଧକ ଶିବ-ଶକ୍ତିର ସମ୍ମିଳିତ ଲୀଳାର, ପ୍ରକାଶ-ବୈଚିତ୍ର୍ୟର ପ୍ରଣାଳୀ ରୂପେ ଅହଂକୁ ଗ୍ରହଣ କରି ଆସିଛି । ତା' ପାଖରେ ଆଧାରର ଅନ୍ୟାନ୍ୟ ଅଙ୍ଗ ଭଳି ଅହଂ ଏକ ଅଙ୍ଗ ମାତ୍ର — ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ସହିତ ଯେପରି ବ୍ୟବହାର କରାଯିବା କଥା — ଅହଂ ସହିତ ବି ଠିକ୍ ସେଇ ଭଳି ହେବ — ଊଣା ବା ଅଧିକ ନୁହେଁ ।

ବୈଦାନ୍ତିକ ମାର୍ଗଟି ଜ୍ଞାନର ମାର୍ଗ, ଅର୍ଥାତ୍ ଅହଂ ଉପରେ ନିର୍ଭର କରୁଥିବା ବିବେକ, ବିଚାର-ବିବେଚନାର ପଥ । ସାଧକର କର୍ତ୍ତୃତ୍ୱବୋଧକୁ ବାଦ୍ ଦେଇ ଏ ସାଧନା ଚାଲିପାରେ ନା; ଶକ୍ତିମାର୍ଗରେ ଆତ୍ମ-ସମର୍ପଣହିଁ ମୁଖ୍ୟ-ସାଧନ । ଏଠାରେ ସିଦ୍ଧି ଆସେ ଆପଣାର କର୍ତ୍ତୃତ୍ୱର ସର୍ବଥା ବିଲୋପନରେ । ସାଧନାର ପଥରେ ଏ ସାଧକ ପ୍ରକୃତରେ ନିଜେ ସାଧନା କରନ୍ତି ନାହିଁ; ନିଜକୁ, ନିଜର ଅହଂବୋଧକୁ ତଥା ଆଧାରକୁ ମଧ୍ୟ ନିଃଶେଷରେ ଆଦ୍ୟାଶକ୍ତିଙ୍କ ଚରଣରେ ଢାଳି ଦିଅନ୍ତି ସିଏ । ସେଥିପାଇଁ ସ୍ୱୟଂ ପ୍ରକୃତି ହିଁ ଏଠାରେ ସାଧକ, ସେ ହିଁ ଆରମ୍ଭରୁ ଶେଷଯାଏ ପରିଚାଳିକା ଶକ୍ତି ।

ବେଦାନ୍ତ-ସାଧନାରେ ସାଧକ ପ୍ରଯତ୍ନ କରେ ପୁରୁଷର

ବଳ ଦେଇ, ପୁରୁଷକାର ଦେଇ ପ୍ରକୃତିକୁ ଜୟ କରିବାକୁ। ଶକ୍ତିସାଧନାରେ ପ୍ରକୃତିକୁ ପ୍ରକୃତି ଦ୍ୱାରା ହିଁ ଜୟ କରିବାକୁ ସାଧକ ଯତ୍ନଶୀଳ ହୁଏ। ପୂର୍ବ ସାଧନାରେ ସାଧକ ପ୍ରକୃତିର ଲୀଳା-ଖେଳା ଚାହାନ୍ତି ନାହିଁ, ତାକୁ ସଂପୂର୍ଣ୍ଣ ବିଲୋପ କରି ତା'ଉପରକୁ ଉଠି ଯିବାକୁ ପ୍ରୟାସ କରନ୍ତି; ଏଣେ ଆଦ୍ୟାଶକ୍ତିଙ୍କ ନିକଟରେ ଶକ୍ତି-ସାଧକ ସମସ୍ତ ପୁରୁଷକାରକୁ ବଳିଦେବାକୁ ଲାଗି ପଡ଼ନ୍ତି। କାରଣ ସାଧକର ଆଧାର ମଧ୍ୟରେ ଆଦ୍ୟାଶକ୍ତିଙ୍କର ଯଥେଚ୍ଛା ପ୍ରକାଶ ଓ ଅବାଧ ଲୀଳା ପାଇଁ ତାହାହିଁ ଏକମାତ୍ର ଉତ୍କୃଷ୍ଟ ପନ୍ଥା।

ଆଦ୍ୟାଶକ୍ତି ହେଉଛନ୍ତି ଚିନ୍ମୟୀ ଶକ୍ତି, ପରା ପ୍ରକୃତି। ଆଦ୍ୟାଶକ୍ତିଙ୍କର ରହିଛି ଏକ ମାୟାମୟୀ ଶକ୍ତି, ଅପରା ପ୍ରକୃତି ଯାହାକୁ କହୁ, ଯାହାର ଫଳ ଅବିଦ୍ୟା, ଅଜ୍ଞାନ ଓ ଅଶକ୍ତିର ବନ୍ଧନ। ବୈଦାନ୍ତିକ ଅବିଦ୍ୟାର ଅପରା ପ୍ରକୃତିର କବଳରୁ ମୁକ୍ତ ହେବା ପାଇଁ ଏହାର ପ୍ରଭାବକୁ ଏଡ଼ାଇ ଦେବାକୁ ଯାଇ ସ୍ୱୟଂ ଆଦ୍ୟାଶକ୍ତିଙ୍କୁ ଆଡ଼େଇ ଦେଇଛନ୍ତି ଏବଂ ଅନ୍ତିମରେ ଶିବତ୍ୱରେ ଆଶ୍ରୟ ନେଇଛନ୍ତି। ଶକ୍ତି-ସାଧକଙ୍କର ଏହି ଜ୍ଞାନ ରହିବାର କଥା ଯେ ଶିବତ୍ୱ ଆଦ୍ୟାଶକ୍ତିଙ୍କ ଅନ୍ତରରେ ପ୍ରତିଷ୍ଠିତ, ତାଙ୍କୁ ପୃଥକ୍ କରି, ଏକାନ୍ତ କରି ଧରିବାର କିଛି ପ୍ରୟୋଜନ ନାହିଁ — ସୁତରାଂ ସକଳ ଧର୍ମ, ସକଳ ସଂକଳ୍ପ ପରିତ୍ୟାଗ କରି ଚିନ୍ମୟୀ ଶିବ-ଶକ୍ତିଙ୍କ ହାତରେ ନିଜକୁ ସ୍ଥାପନ କରିବା ଯନ୍ତ୍ରବତ୍ — ତାହାହିଁ ଏ ସାଧନାର ମୂଳଦୁଆ। ଏବଂ ଏଇ ସମର୍ପଣ, ଏଇ ନତି ଯେତେ ପୂର୍ଣ୍ଣରୁ ପୂର୍ଣ୍ଣତର ହୋଇ ଚାଲିବ ଆଧାରର ଅବିଦ୍ୟା-ଶକ୍ତି ସେତେ ଅଧିକ ଘୁଞ୍ଚି ଘୁଞ୍ଚି ଯିବ; ଆଉ ସେ ଜାଗାରେ ଚିନ୍ମୟୀ ମା'ଙ୍କର ବିଦ୍ୟାଶକ୍ତି ନିଜର ଛନ୍ଦ, ନିଜର ଧର୍ମ ଆସନ ଜମାଇ ବସିବ। ଏଇ ଆଧାର ଓ ଏଇ ଜୀବନ ରୂପାନ୍ତରିତ ହୋଇ ଦେଖା ଦେବ ଦିବ୍ୟ ଗଠନରେ, ଦିବ୍ୟ ସାର୍ଥକତାରେ।

ମାତୃ-ସାଧନାରେ ବ୍ରତୀ ଯେଉଁମାନେ, ସେମାନେ ଏ ତତ୍ତ୍ୱଟି ବୁଝିଛନ୍ତି, ଏକଥା ବି ବୁଝିଛନ୍ତି ଯେ ଶକ୍ତିର ପ୍ରସାଦ ନ ଥିଲେ କୌଣସି ବି ସାଧନା ସଫଳ ହେବ ନାହିଁ, ହୁଏତ ମୁକ୍ତି ମିଳିପାରେ, ମାତ୍ର ସିଦ୍ଧି ମିଳିବ ନାହିଁ। ଆମେ ଶକ୍ତି-ପୂଜକମାନେ ନା ଚାହୁଁ ନିର୍ବାଣ ନା ଲୟ। ଆମେ ଚାହୁଁ ପାଇବାକୁ ସୁଷମା, ଶ୍ରୀ, ଐଶ୍ୱର୍ଯ୍ୟ। ସେଇସବୁ କାରଣରୁ ତ ଆମ ଦେଶ, ଆମ ପ୍ରାନ୍ତ ଏତେ ଶ୍ୟାମଳ-ସବୁଜ ଓ ରସମୟ — ଏତେ ରୂପ, ଏତେ ଶୋଭା, ଏତେ ପ୍ରାଚୁର୍ଯ୍ୟ, ଏତେ ଋଦ୍ଧି — ଏ ସମସ୍ତ ତ ସେ ଦିବ୍ୟା ଆଦ୍ୟାଶକ୍ତିଙ୍କର ଅବଦାନ। ଆମ ହୃଦୟରେ ଦେବୀଙ୍କର ସ୍ଥାନ, ଆସନ ଯେତେ ଦୃଢ଼, ସେତେ ଦୃଢ଼ ନୁହେଁ ଦେବତାଙ୍କର ଆସନ। ଭଗବାନଙ୍କର ହ୍ଲାଦିନୀ ଚୈତନ୍ୟଶକ୍ତି ଶ୍ରୀରାଧା, ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାକାଳୀଙ୍କର ପ୍ରଭାବ ଆମ ଉପରେ ଅଧିକ। ସେଇ କାରଣରୁ ହୁଏତ ଆମେ ସ୍ୱୀୟ ରୁଦ୍ରଶକ୍ତି ଶିବାନୀଙ୍କ ପଦତଳେ ଶାୟିତ ଥିବା ଶିବଙ୍କୁ ନମସ୍କାର କରୁ — ମନ-ପ୍ରାଣର ସ୍ୱୀକୃତି ଦେଇ।

ପ୍ରକୃତିକୁ ପଲ୍ଲବିତ କରି କୁସୁମିତ ଓ ଫଳବତୀ କରିବାର ସାଧନା ଆମେ ବରଣ କରି ନେଇଛୁ, ସେଥି ସକାଶେ ମାନବ-ଜୀବନକୁ ବିଶୁଦ୍ଧ କରି ଗଭୀରତର ଏକ ସତ୍ୟ ଉପରେ ଗଢ଼ି ତୋଳିବାକୁ ହେବ। ପରା-ପ୍ରକୃତିଙ୍କର ଆବାହନ ଓ ପୂଜା ଏବଂ ଆଦ୍ୟାଶକ୍ତିଙ୍କ ହାତରେ ଆମ ସତ୍ତା ଓ ଆଧାରର ସମସ୍ତ କିଛି ଅର୍ପଣ କରି ଅଛୁ। ପ୍ରକୃତିର ନିଜ ନିୟମ, ନିଜେ ପ୍ରକୃତି ହିଁ ସ୍ଥିର କରିପାରେ, ତା'ଛଡ଼ା ଆଉ କିଏ ବାନ୍ଧିପାରିବ ଏ ନିୟମ-ଶୃଙ୍ଖଳା ? ସେ ସ୍ୱୟଂ ନିଜର ସତ୍ୟ-ଧର୍ମ ଆମ ଅନ୍ତରରେ ବିକଶିତ କରି ପାରିବେ; ମନୁଷ୍ୟର ପୁରୁଷକାରର ସେ ସାମର୍ଥ୍ୟ କାହୁଁ ଆସିବ ? ନିଷ୍କ୍ରିୟ ସ୍ଥାଣୁ ପରମ ପୁରୁଷଙ୍କର ମଧ୍ୟ କେବଳ ନିଜକୁ ନେଇ ସେ ଯୋଗ୍ୟତା ନାହିଁ ଆମ ପ୍ରକୃତିକୁ ବଦଳାଇବାର।

(ରଚନାବଳୀ - ୩ୟ ଖଣ୍ଡ,
'ରୂପ ଓ ରସ'ରୁ ସଂଗୃହୀତ)

ଅନୁବାଦ : କୃଷ୍ଣା ଦେବୀ ❖

ଭଗବାନଙ୍କ ସହ ଗୋଟିଏ ମୁହୂର୍ତ୍ତର ସଚେତ ସଂଯୋଗ ସମସ୍ତ ପ୍ରତିରୋଧକୁ ଭାଙ୍ଗି ଚୂରମାର କରିଦିଏ, ତାହା ଯେତେ ଶକ୍ତିଶାଳୀ ହୋଇଥାଉ ନା କାହିଁକି।

— ଶ୍ରୀମା

বেদরহস্য - (দ্বিতীয় ভাগ) : নির্বাচিত সূক্তাবলী – ১১

# ରଭୁଗଣ – ଅମୃତତ୍ୱର ଶିଳ୍ପିଗଣ

## (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୨୦, ଋଷି : ମେଧାତିଥି କାଣ୍ୱ)

## ଶ୍ରୀଅରବିନ୍ଦ

**ଅୟଂ ଦେବାୟ ଜନ୍ମନେ ସ୍ତୋମୋ ବିପ୍ରେଭିରାସୟା ।**
**ଅକାରି ରତ୍ନଧାତମଃ ॥୧॥**

ଅର୍ଥ : ଦେଖ, ଜ୍ଞାନଦୀପ୍ତ ମନସ୍ୱୀମାନଙ୍କ ଦ୍ୱାରା [ବିପ୍ରେଭିଃ] ମୁଖନିଃସୃତ ଶ୍ୱାସ ବାୟୁ ମାଧ୍ୟମରେ [ଆସୟା] ଦିବ୍ୟଜନ୍ମ ନିମନ୍ତେ [ଦେବାୟ ଜନ୍ମନେ] ଏହି ସ୍ତୁତି ରଚିତ ହୋଇଛି [ଅୟଂ ସ୍ତୋମଃ ଅକାରି], ତାହା ପୂର୍ଣ୍ଣତଃ ଦିବ୍ୟ ଆନନ୍ଦ ପ୍ରଦାନ କରିଥାଏ [ରତ୍ନଧାତମଃ] ।

**ୟ ଇନ୍ଦ୍ରାୟ ବଚୋୟୁଜା ତତକ୍ଷୁର୍ମନସା ହରୀ ।**
**ଶମୀଭିର୍ୟଜ୍ଞମାଶତ ॥୨॥**

ଅର୍ଥ : ଏପରିକି ସେମାନେ [ୟେ] ମନ ଦ୍ୱାରା [ମନସା] ଇନ୍ଦ୍ରଙ୍କ ନିମନ୍ତେ [ଇନ୍ଦ୍ରାୟ] 'ବାକ୍' ରୂପକ ଯୁଆଳିରେ ଆବଦ୍ଧ [ବଚୋୟୁଜା] ଦୁଇ ଉଜ୍ଜ୍ୱଳ ଅଶ୍ୱର ରଚନା କରି ଥିଲେ [ହରୀ ତତକ୍ଷୁଃ], ତଥା ସେମାନଙ୍କ ନିଜ କର୍ମ ସମ୍ପାଦନ ଦ୍ୱାରା [ଶମୀଭିଃ] ସେମାନେ ଯଜ୍ଞର ଆନନ୍ଦ ଲାଭ କରିଛନ୍ତି [ୟଜ୍ଞମ୍ ଆଶତ] ।

**ତକ୍ଷନ୍ନାସତ୍ୟାଭ୍ୟାଂ ପରିଜ୍ମାନଂ ସୁଖଂ ରଥମ୍ ।**
**ତକ୍ଷନ୍ଧେନୁଂ ସବର୍ଦୁଘାମ୍ ॥୩॥**

ଅର୍ଥ : ସେମାନେ ସମୁଦ୍ର ଯାତ୍ରାର ଯୁଗଳ ଦେବଙ୍କ ନିମନ୍ତେ (ଅଶ୍ୱିନଦ୍ୱୟଙ୍କ) ନିମନ୍ତେ [ନାସତ୍ୟାଭ୍ୟାମ୍] ସେମାନଙ୍କର ସର୍ବ ପ୍ରବେଶନଶୀଳ [ପରିଜ୍ମାନମ୍] ସୁଖରଥକୁ [ସୁଖଂ ରଥମ୍] ରଚନା କରିଛନ୍ତି [ତକ୍ଷନ୍], ସେମାନେ ମିଷ୍ଟ ଦୁଗ୍ଧଦାତ୍ରୀ [ସବର୍ଦୁଘାମ୍] ପୋଷୟିତ୍ରୀ ଧେନୁକୁ ରଚନା କରିଛନ୍ତି [ଧେନୁଂ ତକ୍ଷନ୍] ।

**ୟୁବାନା ପିତରା ପୁନଃ ସତ୍ୟମନ୍ତ୍ରା ଋଜୂୟବଃ ।**
**ଋଭବୋ ବିଷ୍ଟ୍ୟକ୍ରତ ॥୪॥**

ଅର୍ଥ : ସରଳ ମାର୍ଗର ଅନ୍ୱେଷୀ [ଋଜୂୟବଃ] ମନୋବିଚାରରେ 'ସତ୍ୟ' ଶୀଳ [ସତ୍ୟମନ୍ତ୍ରାଃ] ହେ ରଭୁଗଣ [ଋଭବଃ] ! ତୁମର ପରିବ୍ୟାପ୍ତି ଦ୍ୱାରା [ବିଷ୍ଟି] ତୁମେ ନିଜ ପିତାମାତାଙ୍କୁ [ପିତରା] ପୁଣି ଯୁବା କରାଇ ପାରିଛ [ପୁନଃ ୟୁବାନା ଅକ୍ରତ] ।

**ସଂ ବୋ ମଦାସୋ ଅଗ୍ମତେନ୍ଦ୍ରେଣ ଚ ମରୁତ୍ୱତା ।**
**ଆଦିତ୍ୟେଭିଶ୍ଚ ରାଜଭିଃ ॥୫॥**

ଅର୍ଥ : ମଦ୍ୟର ମାଦକତା [ମଦାସଃ] ମରୁଦ୍‌ଗଣ ଯୁକ୍ତ ଇନ୍ଦ୍ରଙ୍କ ସହ [ମରୁଦ୍‌ବତା ଇନ୍ଦ୍ରେଣ ଚ], ଅଦିତିପୁତ୍ର ରାଜାମାନଙ୍କ ସହିତ [ଆଦିତ୍ୟେଭିଃ ରାଜଭିଃ ଚ] ତୁମମାନଙ୍କ ନିକଟକୁ [ବଃ] ସମ୍ପୂର୍ଣ୍ଣରୂପେ ଆଗମନ କରିଥାଏ [ସମ୍-ଅଗ୍ମତ] ।

**ଉତ ତ୍ୟଂ ଚମସଂ ନବଂ ତ୍ୱଷ୍ଟୁର୍ଦେବସ୍ୟ ନିଷ୍କୃତମ୍ ।**
**ଅକର୍ତ ଚତୁରଃ ପୁନଃ ॥୬॥**

ଅର୍ଥ : ଆହୁରି ମଧ୍ୟ [ଉତ], ନୂତନ [ନବମ୍] ତଥା ଉତ୍ତମରୂପେ ନିର୍ମିତ [ନିଷ୍କୃତମ୍] ତ୍ୱଷ୍ଟଦେବଙ୍କର ଏହି ପାନପାତ୍ରକୁ [ତ୍ୱଷ୍ଟୁଃ ଦେବସ୍ୟ ତ୍ୟଂ ଚମସମ୍] ତୁମେ ପୁଣି ଚତୁର୍ଗୁଣ କରିଛ [ପୁନଃ ଚତୁରଃ ଅକର୍ତ] ।

**ତେ ନୋ ରତ୍ନାନି ଧତ୍ତନ ତ୍ରିରା ସାପ୍ତାନି ସୁନ୍ୱତେ ।**
**ଏକମେକଂ ସୁଶସ୍ତିଭିଃ ॥୭॥**

ଅର୍ଥ : ତେଣୁ ତୁମେମାନେ [ତେ] ସୋମ ହବନକାରୀ ଆମମାନଙ୍କ ନିମନ୍ତେ [ସୁନ୍ୱତେ ନଃ] ତ୍ରିଗୁଣ ସପ୍ତସଂଖ୍ୟକ ଆନନ୍ଦରୂପକ ରତ୍ନ [ତ୍ରିଃ ସାପ୍ତାନି ରତ୍ନାନି] ଧାରଣ କର [ଆ ଧତ୍ତନ], ସେଗୁଡ଼ିକ ନିଜର ଶୋଭନ ପ୍ରକାଶନରେ ପ୍ରତ୍ୟେକ ପୃଥକ୍ ପୃଥକ୍ [ସୁଶସ୍ତିଭିଃ ଏକମ୍ ଏକମ୍] ।

**ଅଧାରୟନ୍ତ ବହ୍ନୟୋଽଭଜନ୍ତ ସୁକୃତ୍ୟୟା ।**
**ଭାଗଂ ଦେବେଷୁ ୟଜ୍ଞିୟମ୍ ॥୮॥**

ଅର୍ଥ : ସେମାନେ (ସେହି ରତ୍ନଗୁଡ଼ିକୁ) ନିଜ ମଧ୍ୟରେ ସଜୀବ କରିଥିଲେ [ଅଧାରୟନ୍ତ] ଏବଂ ନିଜ ମଧ୍ୟରେ ବହନ କରିଥିଲେ [ବହ୍ନୟୋ], ସେମାନେ ନିଜ ଶୋଭନ କର୍ମ ଦ୍ୱାରା [ସୁକୃତ୍ୟୟା] ଦେବଗଣଙ୍କ ମଧ୍ୟରେ [ଦେବେଷୁ] ଯଜ୍ଞଭାଗ ସ୍ୱରୂପ ଭୋଗକୁ [ଯଜ୍ଞିୟଂ ଭାଗମ୍] ବିଭାଜିତ କରିଥିଲେ [ଅଭଜନ୍ତ]।

## ଶ୍ରୀଅରବିନ୍ଦଙ୍କ ଭାଷ୍ୟ

ପ୍ରାପ୍ତ ସୂଚନା ଅନୁସାରେ 'ଋଭୁଗଣ' ହେଉଛନ୍ତି ସୂର୍ଯ୍ୟଙ୍କର କିରଣରାଜି। ଏହା ବି ସତ୍ୟ ଯେ ବରୁଣ, ମିତ୍ର, ଭଗ ଓ ଅର୍ଯ୍ୟମନ୍ ପ୍ରଭୃତିଙ୍କ ଭଳି ସେମାନେ 'ସତ୍ୟ' ସ୍ୱରୂପ ସୌର 'ଜ୍ୟୋତିଃ' ଶକ୍ତି, କିନ୍ତୁ ବେଦରେ ସେମାନଙ୍କର ପ୍ରକୃତ ଚରିତ୍ର ହେଉଛି ସେମାନେ ଅମୃତତ୍ୱର ଶିଳ୍ପିଗଣ। ସେମାନେ ସେହି ମାନବ ସତ୍ତାମାନଙ୍କର ପ୍ରତିନିଧିତ୍ୱ କରନ୍ତି ଯେଉଁମାନେ ଜ୍ଞାନଶକ୍ତିରେ ତଥା ନିଜ କର୍ମରେ ପ୍ରାପ୍ତ ପୂର୍ଣ୍ଣତା ବଳରେ ଦେବତ୍ୱ ଅବସ୍ଥାକୁ ଉନ୍ନୀତ ହୋଇଛନ୍ତି। ସେମାନଙ୍କର କର୍ମ ହେଉଛି ମନୁଷ୍ୟକୁ ଆଲୋକ ଓ ଆନନ୍ଦର ସେହି ସ୍ତର ପ୍ରତି ଉତ୍ତୋଳନ କାର୍ଯ୍ୟରେ 'ଇନ୍ଦ୍ର'ଙ୍କୁ ସାହାଯ୍ୟ କରିବା ଯାହାକୁ ସେମାନେ ଭାଗବତ ବିଶେଷାଧିକାର ରୂପେ ଅର୍ଜନ କରିଛନ୍ତି। ବେଦରେ ସେମାନଙ୍କ ଉଦ୍ଦେଶ୍ୟରେ ଅଭିବ୍ୟକ୍ତ ସୂକ୍ତ ସଂଖ୍ୟା କମ୍ ଏବଂ ସେଥିରେ ଆମର ଦୃଷ୍ଟିପାତ ମାତ୍ରେ ସେଗୁଡ଼ିକ ଅତ୍ୟନ୍ତ ରହସ୍ୟମୟ ଜଣା ପଡ଼ନ୍ତି; କାରଣ ବାରଂବାର ଆବୃତ୍ତ ହେଉଥିବା ନିର୍ଦ୍ଦିଷ୍ଟ କେତେକ ରୂପ ତଥା ପ୍ରତୀକରେ ସେଗୁଡ଼ିକ ଭରି ହୋଇ ରହିଥା'ନ୍ତି। କିନ୍ତୁ ବେଦର ମୁଖ୍ୟ ସୂତ୍ରଟି ଥରେ ଜ୍ଞାତ ହୋଇଗଲେ ସେମାନେ ବିପରୀତ ପକ୍ଷେ ଅତ୍ୟନ୍ତ ସ୍ୱଷ୍ଟ ତଥା ସରଳ ହୋଇ ଯାଆନ୍ତି ଏବଂ ଏଭଳି ଏକ ସୁସଂଗତ ଓ ଆଗ୍ରହଦାୟକ ଦୃଷ୍ଟିଭଙ୍ଗୀର ଉପସ୍ଥାପନା କରନ୍ତି ଯାହା ବେଦର ଅମୃତତ୍ୱ ବିଷୟକ ଗାଥା ଉପରେ ଏକ ସ୍ୱଷ୍ଟ ଆଲୋକର ଛାପ ପକାଇ ଥାଏ।

'ଋଭୁଗଣ' ହେଉଛନ୍ତି 'ଜ୍ୟୋତିଃ'ର ଶକ୍ତିଗଣ; ସେମାନେ ବସ୍ତୁଜଗତ୍ ମଧ୍ୟକୁ ଅବତରଣ କରି ସେଠାରେ ସେହି ମାନବୀୟ ଅତିରିକ୍ତ ଗୁଣରୂପେ ଜନ୍ମଗ୍ରହଣ କରିଥା'ନ୍ତି ଯାହା ଦିବ୍ୟ ଓ ଅମର ହେବାକୁ ଆସ୍ପୃହା କରୁଥାଏ। ଏହି ଭୂମିକାରେ ସେମାନଙ୍କୁ 'ସୁଧନ୍ୱନ୍'[୧]ଙ୍କ ସନ୍ତାନଗଣ ବୋଲି ନାମିତ କରାଯାଇଛି, ଏହା ଏକ ପୈତୃକ ନାମ ଯାହା ଜ୍ୟୋତିର୍ମୟ ଶକ୍ତିର ସ୍ପର୍ଶଲାଭ କରିଥିବା 'ଭୌତିକତା'ର ପୂର୍ଣ୍ଣ ସାମର୍ଥ୍ୟ ମଧ୍ୟରୁ ଜନ୍ମଗ୍ରହଣ କରିଥିବା କଥାନକର ସୂଚକ ମାତ୍ର। କିନ୍ତୁ ନିଜର ଯଥାର୍ଥ ପ୍ରକୃତିରେ ସେମାନେ ଜ୍ୟୋତିର୍ମୟ 'ଶକ୍ତି'ରୁ ଅବତରଣ କରିଛନ୍ତି ଏବଂ ସେହି କାରଣରୁ ସେମାନଙ୍କୁ ବେଳେବେଳେ ''ଇନ୍ଦ୍ରାତ୍ମଜ, ଜ୍ୟୋତିର୍ମୟ ଶକ୍ତିର ପୌତ୍ର'' ଭାବେ ସମ୍ବୋଧନ କରାଯାଇଛି। କାରଣ ମାନବ ମଧ୍ୟସ୍ଥ ଦିବ୍ୟମନଃସ୍ୱରୂପ ଇନ୍ଦ୍ର ଜ୍ୟୋତିର୍ମୟ 'ଶକ୍ତି' ମଧ୍ୟରୁ ଉତ୍ପନ୍ନ – ଠିକ୍ ଯେପରି ଅଗ୍ନି ଶୁଦ୍ଧ 'ଶକ୍ତି' ମଧ୍ୟରୁ ଜାତ – ଏବଂ ଦିବ୍ୟ ମନଃ ସ୍ୱରୂପ ଇନ୍ଦ୍ରଙ୍କଠାରୁ ଅମୃତତ୍ୱ ପ୍ରତି ମାନବୀୟ ଅଭୀପ୍ସାର ଜାଗରଣ ଘଟିଥାଏ।

ଋଭୁଗଣଙ୍କ ଜନ୍ମକ୍ରମ ଅନୁସାରେ ସେମାନଙ୍କ ତିନୋଟି ନାମ ଏହି ପ୍ରକାରେ – 'ଋଭୁ' ବା 'ଋଭୁକ୍ଷନ୍', ଅର୍ଥାତ୍ କୁଶଳ ଜ୍ଞାନୀ ବା ଜ୍ଞାନର ଗଠନ କର୍ତ୍ତା, ଦ୍ୱିତୀୟରେ 'ବିଭ୍ୱ' ବା 'ବିଭୁ', ବ୍ୟାପନଶୀଳ ବା ସ୍ୱୟଂ-ବିସ୍ତାରୀ, ତୃତୀୟରେ 'ବାଜ', ପ୍ରାଚୁର୍ଯ୍ୟମୟତ୍ୱ।

ସେମାନଙ୍କ ନାମ ହିଁ ସେମାନଙ୍କ ସ୍ୱଭାବ ଓ କର୍ମର ସୂଚକ, କିନ୍ତୁ ପ୍ରକୃତରେ ସେମାନେ ତ୍ରିତ-ସ୍ୱରୂପ ଅଟନ୍ତି, ସେହି କାରଣରୁ, ସେମାନଙ୍କୁ 'ଋଭୁଗଣ' ବୋଲି ଅଭିହିତ କରାଗଲେ ବି 'ଋଭବଃ' ଓ 'ବାଜାଃ' ବୋଲି ଆହ୍ୱାନ କରାଯାଏ। ପ୍ରଥମେ 'ଋଭୁ', ସେମାନଙ୍କ ମଧ୍ୟରେ ଜ୍ୟେଷ୍ଠ, ସେ ନିଜର ଚିନ୍ତା ଓ କର୍ମ ଦ୍ୱାରା ଅମୃତତ୍ୱର ରୂପକୁ ଗଠନ କରିବାକୁ ଆରମ୍ଭ କରନ୍ତି; ଦ୍ୱିତୀୟରେ, 'ବିଭ୍ୱ', ସେ ଦିଅନ୍ତି ଏହି କର୍ମରେ ବ୍ୟାପକତା; 'ବାଜ', କନିଷ୍ଠ, ସେ ଏଥିରେ ଦିବ୍ୟ ଆଲୋକ ଓ ତତ୍ତ୍ୱର ପ୍ରାଚୁର୍ଯ୍ୟ ଆଣି ଯୋଗାଇ-ଥା'ନ୍ତି ଯାହା ଦ୍ୱାରା କାର୍ଯ୍ୟଟି ପୂର୍ଣ୍ଣ ସିଦ୍ଧ ହୋଇ ପାରିବ। ମନକୁ କ୍ଷେତ୍ର ତଥା ମୂଳ ଉପାଦାନ କରି 'ଧୀ-ଶକ୍ତି' ମାଧ୍ୟମରେ ସେମାନେ ଅମୃତତ୍ୱର ଏହି ସମସ୍ତ କର୍ମ ଓ ରୂପାୟନ କରିଥା'ନ୍ତି ବୋଲି ନିରନ୍ତର ବେଦରେ ପୁନଃପୁନଃ କୁହାଯାଇଛି; 'ଶକ୍ତି' ସହ ସେଗୁଡ଼ିକ ସିଦ୍ଧ ହୋଇଥା'ନ୍ତି; ଅମୃତତ୍ୱ ସମ୍ପାଦନର ସର୍ତ୍ତ ସ୍ୱରୂପ ସୃଜନାତ୍ମକ ତଥା ଫଳୋତ୍ପାଦକ କର୍ମର ପୂର୍ଣ୍ଣତା ଦ୍ୱାରା, **ସ୍ୱପସ୍ୟୟା**, **ସୁକୃତ୍ୟୟା**, ସେମାନେ ସଂଗତ

୧. ''ଧନ୍ୱନ୍'' – ଏହି ନାମ ମଧ୍ୟରେ ''ଧନୁ'' ଅର୍ଥ ନାହିଁ, ପରନ୍ତୁ ଏଥିରେ ରହିଛି ଭୌତିକତାର ଏକ ପିଣ୍ଡ ଅଥବା ମରୁସ୍ଥଳ ରୂପକ ଅର୍ଥ, ଅନ୍ୟଥା ଏହା ଗିରି ବା ବୃହତ୍ ଶିଳାର ଅର୍ଥ ହୋଇପାରେ ଯାହାଠାରୁ ଆପଃ ଏବଂ ରଶ୍ମିମାଳା ନିର୍ଗତ ହେଉଛନ୍ତି।

ହୋଇଥା'ନ୍ତି । ଏହି ସୂକ୍ତରେ ସଂକ୍ଷେପରେ ସାରତଃ ଆମ ସମ୍ମୁଖରେ ବ୍ୟକ୍ତ ହୋଇଥିବା ଏହି ସମସ୍ତ ହେଉଛି ଅମୃତତ୍ୱର ସେହି କାରିଗରମାନଙ୍କର ରଚନା – ଇନ୍ଦ୍ରଙ୍କର ଅଶ୍ୱଗଣ, ଅଶ୍ୱିନଦ୍ୱୟଙ୍କ ରଥ, ମଧୁଦୁହା 'ଧେନୁ', ବିଶ୍ୱାତ୍ମକ 'ଜନକ-ଜନନୀ', ଦେବଗଣଙ୍କର ଏକକ ପାନ-ପାତ୍ର, ଯାହାକୁ ପ୍ରଥମେ ବସ୍ତୁଗୁଡ଼ିକର ସ୍ରଷ୍ଟା ତ୍ୱଷ୍ଟା ରଚନା କରିବା ପରେ ଏମାନେ ତାହାକୁ ଚତୁର୍ଧା କରି ଦେଇଥିଲେ ।

ଶଂସିତ ସୂକ୍ତଟି ନିଜ ଉଦ୍ଦେଶ୍ୟକୁ ସୂଚିତ କରିବା ସହ ଆରମ୍ଭ ହୋଇଛି । ରଭୁଗଣଙ୍କର ଯେଉଁ ଶକ୍ତି ଦେବଜନ୍ମ ନିମନ୍ତେ ଗଠିତ, ଏବଂ ଏହା ସେହି ମନୁଷ୍ୟମାନଙ୍କ ଦ୍ୱାରା ରଚିତ ଯେଉଁମାନଙ୍କ ମନ ଜ୍ଞାନ-ଜ୍ୟୋତିଃର ଉପଲବ୍ଧି କରିସାରିଛି ଏବଂ ରଭୁଗଣଙ୍କ ଜନ୍ମସ୍ଥାନ ସ୍ୱରୂପ 'ଜ୍ୟାତିଃ' ଶକ୍ତିର ଅଧିକାରୀ ହୋଇପାରିଛି – ସେହି ଶକ୍ତିର ଏହା ଏକ ସ୍ତୁତି । ଏହି ଜଗତରେ ପ୍ରାଣ ଶକ୍ତି ରୂପେ ବିଦ୍ୟମାନ ଏକ ମୁଖଶ୍ୱାସରୁ ଏହାର ସୃଷ୍ଟି । ଏହି ଶକ୍ତିର ଲକ୍ଷ୍ୟ ହେଉଛି ମାନବାତ୍ମା ମଧ୍ୟରେ 'ଆନନ୍ଦ'ର ପୂର୍ଣ୍ଣ ଆହ୍ଲାଦକୁ ପ୍ରତିଷ୍ଠା କରିବା ଯାହାକୁ ଦିବ୍ୟ 'ଜୀବନ'ର ତ୍ରିଗୁଣସପ୍ତ ଆନନ୍ଦ ବୋଲି କୁହାଯାଇଛି ।[୨]

ଏହି ଦିବ୍ୟ 'ଜନ୍ମ'ର 'ରଭୁଗଣ' ପ୍ରତିନିଧିତ୍ୱ କରୁଛନ୍ତି – ଏମାନେ ଦିନେ ମାନବ ଥିଲେ, ପରେ ଅମର ହୋଇଛନ୍ତି । ସେମାନଙ୍କର ଯେଉଁ କର୍ମ – ବିଶ୍ୱଯଜ୍ଞର ଶିଖର ଉର୍ଦ୍ଧ୍ୱଦିଗରେ ମାନବ ବିବର୍ତ୍ତନ ରୂପକ ସେହି ମହାନ୍ କର୍ମ – ତାହାକୁ ସୁସମ୍ପନ୍ନ କରିବା ଦ୍ୱାରା ସେମାନେ ସେହି ଯଜ୍ଞରେ (ବିଶ୍ୱ-ଯଜ୍ଞରେ) ନିଜର ଦିବ୍ୟ ଭାଗ ଓ ସ୍ୱତ୍ୱକୁ ଦିବ୍ୟ ଶକ୍ତିମାନଙ୍କ (ଦେବଗଣଙ୍କ) ସହ ଲାଭ କରିଛନ୍ତି । ସଂରଚନ ତଥା ଉର୍ଦ୍ଧ୍ୱମୁଖୀ ପ୍ରଗତିର ଏମାନେ ହେଉଛନ୍ତି ସେହି ମାନବୀୟ ଶକ୍ତିଗଣ ଯେଉଁମାନେ ଦେବଗଣଙ୍କୁ ମାନବ-ଦିବ୍ୟୀକରଣ କାର୍ଯ୍ୟରେ ସହଯୋଗ କରିଥା'ନ୍ତି । ସେମାନେ ଯେତେସବୁ କାର୍ଯ୍ୟ ସିଦ୍ଧ କରିଛନ୍ତି ସେଗୁଡ଼ିକ ମଧ୍ୟରେ 'ଇନ୍ଦ୍ର'ଙ୍କର ତେଜସ୍ୱୀ ଅଶ୍ୱଗଣ ହେଉଛନ୍ତି କେନ୍ଦ୍ର ସ୍ୱରୂପ, ସେମାନେ ନିଜର ଗତିରେ ପ୍ରବୃତ୍ତ ହେବାକୁ ବାକ୍ ଦ୍ୱାରା ରଥଦଣ୍ଡରେ ନିଯୋଜିତ ହୋଇଥା'ନ୍ତି, ଅର୍ଥାତ୍ 'ବାକ୍' ଦ୍ୱାରା ନିଯୋଜିତ ହୋଇ ମନ ଦ୍ୱାରା ରୂପ ଗ୍ରହଣ କରନ୍ତି । ଜ୍ୟୋତିର୍ମୟ ମନର, ମାନବସ୍ଥ ଦିବ୍ୟ ମନର ପ୍ରମୁକ୍ତ ଗତିକ୍ରିୟା ନିମନ୍ତେ ସର୍ତ୍ତ ହେଲା ଅନ୍ୟାନ୍ୟ ସମସ୍ତ ଅମୃତତ୍ୱ ପ୍ରଦାୟକ କର୍ମ କରିବା ।[୩]

ରଭୁଗଣଙ୍କ ଦ୍ୱିତୀୟ କୃତିଟି ହେଉଛି ଅଶ୍ୱିନ-ଦ୍ୱୟଙ୍କ ପାଇଁ ରଥ ନିର୍ମାଣ – ଏହି ଯୁଗଳ ଦେବ ହେଉଛନ୍ତି ମାନବ-ଯାତ୍ରାର ପ୍ରଭୁ, – ଯାତ୍ରା କହିଲେ, ମାନବର ଅନ୍ତର୍ଗତ ଆନନ୍ଦର ସମ୍ମୁଖ ଗତିବୃତ୍ତି ଯାହା ନିଜର କ୍ରିୟା ଦ୍ୱାରା ମାନବ ସତ୍ତାର ସକଳ ଲୋକ ଓ ସ୍ତରକୁ ବ୍ୟାପ୍ତ ହୋଇଯାଏ ଏବଂ ଏଥି ସହିତ ବସ୍ତୁ-ଜଗତସ୍ଥ ମାନବ ନିମନ୍ତେ ଆଣିଥାଏ ସ୍ୱାସ୍ଥ୍ୟ, ଯୌବନ, ଶକ୍ତି, ସମଗ୍ରତା । ପ୍ରାଣିକ ସତ୍ତା ମଧ୍ୟକୁ ଆଣିଥାଏ ପରିଭୋଗର ତଥା କର୍ମର ସାମର୍ଥ୍ୟ, ମାନସ ସତ୍ତା ମଧ୍ୟକୁ ଆଣିଥାଏ ପ୍ରଫୁଲ୍ଲିତ ଉର୍ଜା – ଏହାକୁ ସଂକ୍ଷେପରେ କହିଲେ ସକଳ ଅଙ୍ଗ ସମେତ ମାନବ ସତ୍ତାର ବିଶୁଦ୍ଧ ଆହ୍ଲାଦ ଶକ୍ତି ।[୪]

ମଧୁର ଦୁଗ୍‌ଧବତୀ ଧେନୁ ରଚନା ହେଉଛି 'ରଭୁଗଣ'ଙ୍କ ତୃତୀୟ କୃତି । କୌଣସି ଏକ ସ୍ଥାନରେ କୁହାଯାଇଛି ଯେ ରଭୁଗଣଙ୍କ ଏହି ଧେନୁକୁ ତାହାର ଆଚ୍ଛାଦକ ତ୍ୱଚାତଳୁ, ଅର୍ଥାତ୍ ପ୍ରକୃତିର ବାହ୍ୟ ଗତିବୃତ୍ତି ଓ କ୍ରିୟା ମଧ୍ୟରୁ, ଉଦ୍ଧାର କରାଯାଇଛି (**ନିଷ୍ଚର୍ମଣୋ ଗାମରିଣୀତ ଧୀତିଭିଃ**) । ଏହି ପୋଷୟିତ୍ରୀ ଧେନୁ ହେଉଛି ବିଶ୍ୱାତ୍ମକ ରୂପଗୁଡ଼ିକର ତଥା ବିଶ୍ୱାତ୍ମିକା ଗତିବୃତ୍ତିର ଧେନୁ, **ବିଶ୍ୱଜୁବାମ୍ ବିଶ୍ୱରୂପାମ୍**, ଅନ୍ୟ ପ୍ରକାରେ କହିଲେ, ଜଗଜ୍ଜନନୀ, ଅନନ୍ତ ଚିତ୍‌ସତ୍ତାର 'ଚେତନା', 'ଅଦିତି'ଙ୍କର ପ୍ରଥମ ଜ୍ୟୋତି । 'ରଭୁଗଣ'ଙ୍କ ଦ୍ୱାରା ସେହି ଚେତନାକୁ 'ପ୍ରକୃତି'ର ଆବରକ ଗତିବୃତ୍ତି ମଧ୍ୟରୁ ବାହାରକୁ ଅଣା ଯାଇଛି ଏବଂ ସେମାନଙ୍କ ଦ୍ୱାରା ଇହଲୋକରେ ଆମ ମଧ୍ୟରେ ତାହାର ଏକ ଆକୃତି ଗଠନ କରାଯାଇଛି । ଦ୍ୱୈତତାଶକ୍ତିର କ୍ରିୟା ଦ୍ୱାରା ସେ ନିଜ ସନ୍ତାନଠାରୁ, ଅର୍ଥାତ୍ ନିମ୍ନ-ଜଗତର ଅନ୍ତର୍ଗତ ଆତ୍ମାଠାରୁ, ବିଯୁକ୍ତ ହୋଇ ଯାଇଛି; 'ରଭୁଗଣ' ଏହାକୁ ତାହାର ଅନନ୍ତ-ଜନନୀଙ୍କ ସହିତ ସତତ ସାହଚର୍ଯ୍ୟକୁ ପୁନଃ ସଂସ୍ଥାପନ କରିଥା'ନ୍ତି ।[୫] (ତୃତୀୟ ମନ୍ତ୍ରର ଉତ୍ତରାର୍ଦ୍ଧ ଦ୍ରଷ୍ଟବ୍ୟ)

---

୨. ପ୍ରଥମ ମନ୍ତ୍ର ଦ୍ରଷ୍ଟବ୍ୟ ।

୩. ଦ୍ୱିତୀୟ ମନ୍ତ୍ର ଦ୍ରଷ୍ଟବ୍ୟ ।

୪. ତୃତୀୟ ମନ୍ତ୍ରର ପ୍ରଥମାର୍ଦ୍ଧ – ତକ୍ଷନ୍ଧେନୁଂ ସବର୍ଦୁଘାମ୍ ।

୫. ତକ୍ଷନ୍ ଧେନୁଂ ସବର୍ଦୁଘାମ୍ । ଅନ୍ୟ ତଥ୍ୟର ସ୍ପଷ୍ଟତା ନିମନ୍ତେ ଋ.ବେ. ୪/୩୩/୪ ଓ ୮ ଏବଂ ୮/୩୬/୪, ଇତ୍ୟାଦି ଦ୍ରଷ୍ଟବ୍ୟ ।

ଋଭୁଗଣଙ୍କର ଅନ୍ୟ ଏକ ମହାନ୍ କୃତି ହେଉଛି ସେମାନଙ୍କର ପୂର୍ବକୃତିଗୁଡ଼ିକର ଯଥା : ଇନ୍ଦ୍ରଙ୍କର ଜ୍ୟୋତି, ଅଶ୍ୱିନଦ୍ୱୟଙ୍କର ଗତିବୃତ୍ତି, ପୋଷୟିତ୍ରୀ 'ଧେନୁ'ର ପୂର୍ଣ୍ଣ ଦୋହନ ଇତ୍ୟାଦି, ଏସବୁର ଶକ୍ତିକୁ ଧାରଣ କରି ଜଗତର ବୃଦ୍ଧ ପିତାମାତାଙ୍କର – ଦ୍ୟୌଃ ଓ ପୃଥିବୀର – ଯୌବନର ପୁନଃ ପ୍ରତିଷ୍ଠା । ଏହି ଉଭୟଙ୍କ ମିଳନ ଅବସରରେ ସେମାନଙ୍କ ଅବସ୍ଥାକୁ ଏଭଳି ପ୍ରଦର୍ଶିତ କରାଯାଇଛି ଯେ ଦୀର୍ଘକାଳୀନ ବାର୍ଦ୍ଧକ୍ୟରେ ସେ ଦୁହେଁ ଗ୍ରସ୍ତ ଏବଂ ନିପତିତ ଯଜ୍ଞ-ଖମ୍ଭଦ୍ୱୟ ଭଳି ପଡ଼ି ରହିଛନ୍ତି, ଜୀର୍ଣ୍ଣ-ଶୀର୍ଣ୍ଣ ହେବା ସହ ପୀଡ଼ା ମଧ୍ୟ ପାଉଛନ୍ତି । ଏହା କୁହାଯାଇଛି ଯେ, 'ଋଭୁଗଣ' ସୂର୍ଯ୍ୟଙ୍କ ଆବାସକୁ, ଯେଉଁଠି ସେ ନିଜ 'ସତ୍ୟ'ର ଅନାବୃତ ପ୍ରଭାମଣ୍ଡଳ ସହ ନିବାସ କରନ୍ତି ସେଠାକୁ ସେମାନେ ଆରୋହଣ କରନ୍ତି ଏବଂ ସେଠାରେ ସେମାନେ ଦ୍ୱାଦଶ ଦିବସ ନିଦ୍ରା ଯିବା ପରେ ଦ୍ୟୌଃ ଓ ପୃଥିବୀକୁ ପରିବ୍ୟାପ୍ତ ହୋଇ, 'ସତ୍ୟ'ର ପ୍ରବାହ ରୂପକ ପ୍ରଚୁର ବୃଷ୍ଟି ଦ୍ୱାରା ତାହାକୁ ପୂର୍ଣ୍ଣ କରି, ସେହି ଉଭୟ ଲୋକକୁ ପରିପୋଷିତ କରି, ତାଙ୍କ ମଧ୍ୟରେ ଯୌବନ ତଥା ଉଦ୍ଦାମତାର ପୁନଃପ୍ରତିଷ୍ଠା କରନ୍ତି ।[୬] ସେମାନେ ନିଜ କାର୍ଯ୍ୟାବଳି ଦ୍ୱାରା ସ୍ୱର୍ଗକୁ ବ୍ୟାପି ଯାଆନ୍ତି; ମାନସ ସତ୍ତାରେ ସେମାନେ ଦିବ୍ୟ ବିକାଶ ଆଣନ୍ତି;[୭] ଏହାକୁ ଏବଂ ଦୈହିକ ସତ୍ତାକୁ ଏକ ଅଭିନବ ତଥା ତରୁଣ ଓ ଅମୃତ ଗତିବୃତ୍ତି ପ୍ରଦାନ କରିଥା'ନ୍ତି ।[୮] କାରଣ ସେହି 'ସତ୍ୟ'ର ଆବାସ ମଧ୍ୟରୁ ନିଜ ସହିତ ସେମାନେ ଯେଉଁ ପୂର୍ଣ୍ଣତାକୁ ବହନ କରି ଆଣିଥା'ନ୍ତି ତାହାହିଁ ସେମାନଙ୍କ କର୍ମର ସର୍ତ୍ତ, 'ସତ୍ୟ'ର ରଜ୍ଜୁ ପଛାରେ ଗତିସଚଳତାକୁ ଏବଂ ମାନସ ସତ୍ତାର ସେହି ସକଳ ବିଚାର ଓ ବାକ୍ୟାବଳି ସହିତ ପରମ ସଫଳତାଯୁକ୍ତ ସ୍ୱୟଂ 'ସତ୍ୟ'କୁ ନେଇ ଆସିଥା'ନ୍ତି । ସେମାନଙ୍କ ବ୍ୟାପକତା ମଧ୍ୟରେ ନିଜର ଏହି ସକଳ ଶକ୍ତିକୁ ବହନ କରି ସେମାନେ ଏହି ନିମ୍ନ ଲୋକକୁ ପ୍ରବେଶ କରନ୍ତି ଏବଂ ଏହାର ଗର୍ଭରେ ଅମୃତ ରସକୁ ଅଜାଡ଼ି ଦିଅନ୍ତି ।[୯]

ଅର୍ଥାତ୍ ଏହି ଅମୃତ ରସ ରୂପକ ମଦ୍ୟ ଓ ଏହାର ମାଦକତାକୁ ସେମାନେ ନିଜର କୃତି ଦ୍ୱାରା ହାସଲ କରିଥା'ନ୍ତି ଏବଂ ମନୁଷ୍ୟର ଯଜ୍ଞକୁ ଆସିବା ବେଳେ ନିଜ ସହିତ ତାହାକୁ ଆଣିଥା'ନ୍ତି । ଆହୁରି ମଧ୍ୟ ତାଙ୍କ ସହ ଆସି ଉପବେଶନ କରନ୍ତି 'ଇନ୍ଦ୍ର' ଓ 'ମରୁତ୍', ଦିବ୍ୟ-'ମନ' ଓ 'ଚିନ୍ତା'-ଶକ୍ତି, ଏବଂ ଅଦିତିଙ୍କ ଅର୍ଥାତ୍ ଅନନ୍ତଙ୍କ ପୁତ୍ର ଚାରି ରାଜା – 'ବରୁଣ', 'ମିତ୍ର', 'ଅର୍ଯ୍ୟମା', 'ଭଗ', ଅର୍ଥାତ୍ 'ସତ୍ୟ-ଚେତନା'ର ବିଶୁଦ୍ଧି ଓ ବିଶାଳତା (ବରୁଣ), ଏହାର ପ୍ରେମ ଓ ଆଲୋକ ତଥା ସଂଗତିର ବିଧାନ (ମିତ୍ର), ଏହାର ଶକ୍ତି ଓ ଅଭୀପ୍ସା (ଅର୍ଯ୍ୟମା), ଏହାର ବସ୍ତୁ ସମ୍ପର୍କୀୟ ବିଶୁଦ୍ଧ ମଙ୍ଗଳକର ଉପଭୋଗ (ଭଗ) ।[୧୦]

ଆହୁରି ମଧ୍ୟ, ଦେବତାମାନେ ଯଜ୍ଞରେ ଚତୁର୍ଗୁଣିତ ପାତ୍ରରେ, **ଚମସଂ ଚତୁର୍ବୟମ୍**, ଅମୃତର ଝରକୁ ପାନ କରିଥା'ନ୍ତି । କାରଣ, ବସ୍ତୁଗୁଡ଼ିକର ନିର୍ମାତା 'ତ୍ୱଷ୍ଟା' ଆରମ୍ଭରେ ମାନବକୁ ଏକମାତ୍ର ପାତ୍ର ବା ଭୌତିକ ଚେତନା ବା ଭୌତିକ ଶରୀର ପ୍ରଦାନ କରିଥିଲେ ଯାହା ମଧ୍ୟରେ ସେ ଦେବଗଣଙ୍କ ପ୍ରତି ସତ୍ତାର ଆନନ୍ଦକୁ ଅର୍ପଣ କରିବେ । 'ଋଭୁଗଣ' ଅର୍ଥାତ୍ ଭାସ୍ୱର ଜ୍ଞାନର ଦେବଗଣ, ଏହାକୁ 'ତ୍ୱଷ୍ଟା'ଙ୍କ ଦ୍ୱାରା ନବୀକୃତ ତଥା ପୂର୍ଣ୍ଣତଃ ସାଧିତ ପରକାଳୀନ ରଚନା ରୂପେ ଗ୍ରହଣ କରନ୍ତି ଏବଂ ଚାରି ସ୍ତରରୁ ଉପାଦାନ ସଂଗ୍ରହ କରି ପ୍ରାଣିକ, ମାନସିକ ଏବଂ କାରଣ ବା ବୈଚାରିକ ଶରୀର ରୂପକ ଅନ୍ୟ ତିନି ଶରୀର ନିର୍ମାଣ କରନ୍ତି ।[୧୧]

ଯେହେତୁ ସେମାନେ ଆନନ୍ଦର ଏହି ଚତୁର୍ଗୁଣ ପାନପାତ୍ରକୁ ରଚନା କରିଛନ୍ତି ଏବଂ ସେହି କାରଣରୁ ମାନବକୁ 'ସତ୍ୟ'-ଚେତନାର ସ୍ତରରେ ନିବାସ କରିବାର ଯୋଗ୍ୟ କରାଇଛନ୍ତି ତେଣୁ ସଂପୂରିତ ମାନବ-ସତ୍ତା ମଧ୍ୟରେ ପରମ ସତ୍‌ଙ୍କର ତ୍ରିଗୁଣ-ସପ୍ତ ଦିବ୍ୟ ଆହ୍ଲାଦକୁ ପ୍ରତିଷ୍ଠା କରିବାକୁ ସେମାନେ ସମର୍ଥ ଯାହା ମନ, ପ୍ରାଣ ଓ ଦେହ ମଧ୍ୟକୁ ଅଜାଡ଼ି

୬. ଋ. ବେ. ୪/୩୩/୨, ୩, ୭; ୩୬/୧୩; ୧/୧୬୧/୭ ।
୭. ଋ. ବେ. ୪/୩୩/୧,୨ ।
୮. ଋ. ବେ. ୫/୩୬/୩ ।
୯. ଚତୁର୍ଥ ମନ୍ତ୍ର ଦ୍ରଷ୍ଟବ୍ୟ ।
୧୦. ପଞ୍ଚମ ମନ୍ତ୍ର ଦ୍ରଷ୍ଟବ୍ୟ ।
୧୧. ଷଷ୍ଠ ମନ୍ତ୍ର ଦ୍ରଷ୍ଟବ୍ୟ ।

ହୋଇ ଆସୁଛି । ଏମାନେ (ତ୍ରିଗୁଣ ସପ୍ତ) ଏକଶ୍ରେଣୀବଦ୍ଧ ହୋଇ ଥିଲେ ବି ପ୍ରତ୍ୟେକଟି ନିଜର ପୃଥକ୍ ପରମ ସୁଖର ପୂର୍ଣ୍ଣ ଅଭିବ୍ୟକ୍ତି ଦ୍ୱାରା ପୂର୍ଣ୍ଣ ରୂପେ ଆନନ୍ଦ ପ୍ରଦାନ କରିଥା'ନ୍ତି ।[୧୨]

ମାନବ-ଚେତନା ମଧ୍ୟରେ ସତ୍ତାର ଏହିସବୁ ଆନନ୍ଦ-ବନ୍ୟାକୁ ସମର୍ଥନ କରିବା ପୂର୍ବକ ଧାରଣ କରିବାର ଶକ୍ତି 'ଋଭୁଗଣ'ଙ୍କର ରହିଛି; ଏବଂ ସେମାନେ ନିଜର କର୍ମର ପୂର୍ଣ୍ଣତା ପରିପ୍ରେକ୍ଷୀରେ ଏହାକୁ ପ୍ରବିଭକ୍ତ କରି ଅଭିବ୍ୟକ୍ତ ଦେବଗଣଙ୍କ ମଧ୍ୟରେ ପ୍ରତ୍ୟେକ ଦେବତାଙ୍କ ଯଜ୍ଞଭାଗକୁ ବିତରଣ କରିବାରେ ସମର୍ଥ । କାରଣ ଏହିଭଳି ତ୍ରୁଟିହୀନ ବିଭାଗୀକରଣ ହେଉଛି ସାର୍ଥକ ଯଜ୍ଞର, ପୂର୍ଣ୍ଣାଙ୍ଗ କର୍ମର, ସମଗ୍ର ସର୍ତ୍ତ ।[୧୩]

'ଋଭୁଗଣ' ହେଉଛନ୍ତି ଏହିପରି, ଏବଂ ବସ୍ତୁଗୁଡ଼ିକୁ ଅମୃତତ୍ୱରେ ଗଠନ କରିବା ନିମନ୍ତେ, ଯଦିଓ ସେମାନେ ନିଜ ପାଇଁ ସେଗୁଡ଼ିକୁ ସେହିପରି କରିଥା'ନ୍ତି, ମାନବର ଯଜ୍ଞକୁ ଆବାହନ କରାଯାଏ । ''ସେ ହୋଇଥାଏ ସମୃଦ୍ଧିମାନ୍ (ବାଜୀ) ଏବଂ ଶ୍ରମ ନିମନ୍ତେ ବଳବାନ୍ (ଅର୍ବା), ଆତ୍ମ-ଅଭିବ୍ୟକ୍ତି ବଳରେ ସେ ହୋଇଥାଏ ଜଣେ ଋଷି, ସେ ହୋଇଥାଏ ଜଣେ ବୀର (ଶୂର) ତଥା ଯୁଦ୍ଧମାନଙ୍କରେ ତୀବ୍ର ପ୍ରହାର ପୂର୍ବକ ଶସ୍ତ୍ରବିଦ୍ଧ କରିବାର ଜଣେ ପ୍ରହାରକ, ସେ ନିଜ ମଧ୍ୟରେ ଆନନ୍ଦର ଓ ସମଗ୍ର ଶକ୍ତିର ବିକାଶକୁ ଧାରଣ କରିଥାଏ ଯାହାକୁ 'ବାଜ' ତଥା 'ବିଭ୍ୱ', 'ଋଭୁଗଣ' ପରିପୋଷଣ କରନ୍ତି[୧]... କାରଣ ତୁମେମାନେ ହେଉଛ ସ୍ୱଷ୍ଟ ବିଚାରବନ୍ତ କବିଗଣ ଓ ବିପଶ୍ଚିତ୍ ଗଣ; ଏହି ଧାରଣା ନେଇ ଆମ ଆତ୍ମାର ଧୀ-ଯୁକ୍ତ ହୋଇ (ବ୍ରହ୍ମଣା) ଆମେ ଆମର ଜ୍ଞାନକୁ ତୁମମାନଙ୍କୁ ଜଣାଉଛୁ ।[୨] ଜ୍ଞାନଯୁକ୍ତ ହୋଇ ତୁମେମାନେ ଆମ ଚିନ୍ତାର ପରିପାର୍ଶ୍ୱରେ ବିଚରଣ କର ଏବଂ ଆମ ନିମନ୍ତେ ସକଳ ମାନବୀୟ ଭୋଗ ନିର୍ମାଣ କର – ଭାସ୍ୱର ସମୃଦ୍ଧି (ଦ୍ୟୁମନ୍ତଂ ବାଜମ୍) ଓ ଉର୍ବରକ ଶକ୍ତି (ବୃଷଶୁଷ୍ମମ୍) ଏବଂ ଉଚ୍ଚତମ ଆନନ୍ଦ (ରୟିମ୍) ରଚନା କର ।[୩] ତୁମ ଆନନ୍ଦରେ ତୁମେ ରଚନା କର ଏହି ଜଗତରେ ପ୍ରଜା (ସନ୍ତାନ), ଏହି ଲୋକରେ ଆନନ୍ଦ (ରୟିମ୍), ଏହିଠାରେ ଅନ୍ତଃପ୍ରେରଣାର ମହତୀ ଶକ୍ତି (ବୀରବତ୍ ଶ୍ରବଃ) । ହେ ଋଭୁଗଣ ! ଆମକୁ ଦିଅ ସେହି ବିଚିତ୍ର ସମ୍ପତ୍ତି (ଚିତ୍ରଂ ବାଜଃ) ଯାହା ଦ୍ୱାରା ଆମେ ସାଧାରଣ ମାନବଗଣଙ୍କ ଅତୀତ ବସ୍ତୁଜାତ ପ୍ରତି ଜାଗ୍ରତ ହୋଇଯିବୁ ।''[୧୪]

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - XI, **"The Ribhus, Artisans of Immortality"**]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

---

୧୨. ସପ୍ତମ ମନ୍ତ୍ର ଦ୍ରଷ୍ଟବ୍ୟ ।
୧୩. ଅଷ୍ଟମ ମନ୍ତ୍ର ଦ୍ରଷ୍ଟବ୍ୟ ।
୧୪. ଋ. ବେ. ୪/୩୬/୬-୯ ।

୧. ସ ବାଜ୍ୟର୍ବା ସ ଋଷିର୍ବଚସ୍ୟୟା ସ ଶୂରୋ ଅସ୍ତାପୃତନାସୁ ଦୁଷ୍ଟରଃ ।
ସ ରାୟସ୍ପୋଷଂ ସ ସୁବୀର୍ୟଂ ଦଧେ ୟଂ ବାଜୋ ବିଭ୍ୱାଁ ଋଭବୋ ୟମାବିଶୁଃ ॥
୨. (ଶ୍ରେଷ୍ଠା ବଃ ପେଶୋ ଅଧି ଅଧି ଦର୍ଶତଂ ସ୍ତୋମୋ ବାଜା ଋଭବସ୍ତଂ ଜୁଜୁଷ୍ଟନ ।)
ଧୀରାସୋ ହି ଷ୍ଠା କବୟୋ ବିପଶ୍ଚିତସ୍ତାନ୍ ବ ଏନା ବ୍ରହ୍ମଣା ବେଦୟାମସି ॥
୩. ୟୂୟମସ୍ମଭ୍ୟଂ ଧିଷଣାଭ୍ୟସ୍ପରି ବିଦ୍ୱାଂସୋ ବିଶ୍ୱା ନର୍ୟାଣି ଭୋଜନା ।
ଦ୍ୟୁମନ୍ତଂ ବାଜଂ ବୃଷଶୁଷ୍ମମୁତ୍ତମମା ନୋ ରୟିମୃଭବସ୍ତକ୍ଷତା ବୟଃ ॥
୪. ଇହ ପ୍ରଜାମିହ ରୟିଂ ରରାଣା ଇହ ଶ୍ରବୋ ବୀରବତ୍ ତକ୍ଷତା ନଃ ।
ୟେନ ବୟଂ ଚିତୟେମାତ୍ୟନ୍ୟାନ୍ ତଂ ବାଜଂ ଚିତ୍ରମୃଭବୋ ଦଦା ନଃ ॥

# ''କାଳୀ ହେଲେ ଜନନୀ; ଶିବ ହେଲେ ପୁତ୍ର''

## ଶ୍ମଶାନ-ସହରରେ ଏକ ରାତ୍ର

### ଶ୍ରୀ ମନୋଜ ଦାସ

ଶ୍ମଶାନ-ସହର ଅଭିବ୍ୟକ୍ତିଟିକୁ ନେଇ ଯେ ଏ ଲେଖକ ସନ୍ତୁଷ୍ଟ ତାହା ନୁହେଁ । ବିଦଗ୍ଧ ପାଠକମାନେ ହୁଏତ ପ୍ରଥମେ ମନେ କରିବେ ଏହା Deserted Village ଅଥବା Waste-land ଅଥବା ସେହି ଗୋତ୍ରୀୟ ଏକ ଶିରୋନାମା — କୌଣସି ଏକ ପରିତ୍ୟକ୍ତ ସହର ପ୍ରତି ଧ୍ୟାନ ଆକର୍ଷଣ ପାଇଁ ।

ବାସ୍ତବତା କିନ୍ତୁ ବିଚିତ୍ର । ଯେଉଁ ସ୍ଥାନଟିକୁ ବୁଝାଉଛି ତାହା ଏକଦା ଏକ ଶକ୍ତି ଆସ୍ଥାନ ବା ଦେବୀପୀଠକୁ କେନ୍ଦ୍ର କରି ବ୍ୟାପକ ଶ୍ମଶାନ ହିଁ ଥିଲା । ଥିଲା ଏକ ନଦୀ ଦ୍ୱାରା ବିଭାଜିତ ଏବଂ ଅରଣ୍ୟ ପରିବୃତ । ଏପରିକି, ମାତ୍ର କୋଡ଼ିଏ ବର୍ଷ ତଳେ (ହିସାବଟି ଆଜି ୨୦୦୪ରୁ କରୁଛି) ଏହା ଥିଲା ଜନ ବିରଳ । ଶବବାହୀମାନଙ୍କ ବିଶ୍ରାମ ବା ଶବ ସତ୍କାରର ଆନୁଷଙ୍ଗିକ ଅନୁଷ୍ଠାନ ନିମନ୍ତେ ଚାଳିଘରଗୁଡ଼ିକ ବ୍ୟତୀତ ଦେବୀପୀଠକୁ ଆଗନ୍ତୁକ ଭକ୍ତମାନଙ୍କ ସକାଶେ କେତୋଟି ଚଟିଘର ଏବଂ ସେମାନଙ୍କ ଚାହିଦା ପୂରଣ ନିମନ୍ତେ କେତୋଟି ଦୋକାନକୁ ଭିତ୍ତି କରି ସ୍ଥାନଟିକୁ ଏକ ବଜାରର ଆଖ୍ୟା ଦିଆଯାଇ ପାରୁଥିଲା । ଆଜି କିନ୍ତୁ ତାହା ଏକ ଜମାଟ ସହର । ଶତାଧିକ ଭବ୍ୟ ହୋଟେଲ । ଯାନବାହନ ପ୍ରାଦୁର୍ଭାବରେ ପ୍ରକମ୍ପିତ ବାତାବରଣ । ଦ୍ୱାରକା ନଦୀର ଜଳ ଆଉ ସ୍ୱଚ୍ଛ ନାହିଁ । କିନ୍ତୁ ଶ୍ମଶାନ ଓ ତା'ର ଅଧିଷ୍ଠାତ୍ରୀ ଦେବୀହିଁ ଏ ସହରର ଉତ୍ସ । ଶ୍ମଶାନ ଅବ୍ୟାହତ ରହିଛି; ତେବେ ଜନସଂଖ୍ୟାର ବର୍ଦ୍ଧିଷ୍ଣୁ ଗତି ସହ ତାଳ ରଖି ଶ୍ୱାନଶ୍ୱାପଦଙ୍କ ସଂଖ୍ୟା ହ୍ରାସ ହୋଇଛି ଏବଂ ଏକଦା ଶ୍ମଶାନ ଭୂମି ଉପରେ ଜମିଦାର ବଂଶ ଭଳି ଚଳପ୍ରଚଳ ହେଉଥିବା ଶକୁନି ସମ୍ପ୍ରଦାୟ ପ୍ରାୟ ବିଲୁପ୍ତ ।

ତେବେ ଶ୍ମଶାନର ପ୍ରାଧାନ୍ୟହିଁ ଏହାକୁ ଶ୍ମଶାନ ସହର ଭାବରେ ଅଭିହିତ କରିବାର ଯଥାର୍ଥତା । ଏହା ସ୍ଥୂଳ ସ୍ତରର କଥା । ଅନ୍ୟ ଏକ ସ୍ତରରେ ଏ ଶ୍ମଶାନଟି ମୃତମାନଙ୍କ ପାଇଁ (ଅର୍ଥାତ୍ ସେମାନଙ୍କ ଶେଷକୃତ୍ୟକାରୀଙ୍କ ପାଇଁ) ଲୋଭନୀୟ ହେବାର କାରଣ, କାହିଁ କେଉଁ କାଳରୁ ଏ ଭୂମିକୁ ଆବରିତ କରି ରହିଛି ଦେବୀ ତାରାଙ୍କ କୃପା ।

ଅତୀତରେ ଚଣ୍ଡୀପୁର ନାମଧାରୀ, ଆଜିର ବିଖ୍ୟାତ ତାରାପୀଠ ବଙ୍ଗଦେଶର ବୀରଭୂମ ଜିଲ୍ଲାର ଅନ୍ତର୍ଭୁକ୍ତ । ୨୦୦୩ ଅଗଷ୍ଟ ମାସର ଏକ ଅପରାହ୍ଣରେ ବୋଲପୁର (ଶାନ୍ତି-ନିକେତନ)ଠାରୁ ଏ ଲେଖକ ନିଷ୍କ୍ରାନ୍ତ ହୋଇଥିଲା ବନ୍ଧୁ ବିଶ୍ୱଜିତ ଗଙ୍ଗୋପାଧ୍ୟାୟଙ୍କ ସମଭିବ୍ୟାହାରେ । ମାତ୍ର ଅଶୀ କିଲୋମିଟର ଦୂରତ୍ୱ କାର୍ ଯୋଗେ ଖୁବ୍ ବେଶୀରେ ଦୁଇ ଘଣ୍ଟାରେ ଅତିକ୍ରାନ୍ତ ହୋଇଯିବ, ଏହାହିଁ ଥିଲା ଯାତ୍ରାରମ୍ଭକାଳୀନ ଅନ୍ଦାଜ । କିନ୍ତୁ ବୋଲପୁରରୁ ନିଷ୍କ୍ରାନ୍ତ ହୋଇ ମୁଖ୍ୟ ପଥକୁ ଆସିବା ମାତ୍ରେ ଆରମ୍ଭ ହେଲା ବର୍ଷା । ବେଗ ତା'ର ହେଲା ପ୍ରଚଣ୍ଡରୁ ପ୍ରଚଣ୍ଡତର । ଚାଖଣ୍ଡେ ଆଗର ପଥ ବା ବସ୍ତୁ ମଧ୍ୟ ଦୃଶ୍ୟମାନ ନୁହେଁ । ବାମରେ ବିସ୍ତୃତ ବନାନୀ । ତା'ର ବହଳ ସବୁଜତାକୁ ଯେମିତି ମନ୍ଥନ କରି ତା'ର ବାୟବୀୟ ନିର୍ଯାସ ମେଘ ଲୋକକୁ ନେଇ ଯାଇ କୌଣସି ରହସ୍ୟମୟ କାମରେ ବ୍ୟବହାର କରିବାକୁ ଦୃଢ଼ ପ୍ରତିଜ୍ଞ ଉତ୍ତାଳ ପବନ ।

ଗାଡ଼ି ଆମର ଚାଲିଥାଏ ଅତ୍ୟନ୍ତ ମନ୍ଥର ଗତିରେ । ତଥାପି ଅଚାନକ ଘନଘନ ବିଦ୍ୟୁତ୍ ସ୍ଫୁରଣର ଆଶୀର୍ବାଦରୁ ହିଁ ଗୋଟିଏ ଅତିକାୟ ମାଲ୍‌ବୋଝାଇ ଟ୍ରକ୍ କବଳରୁ ସୂତାଏ ବ୍ୟବଧାନରେ ବର୍ତ୍ତିଯିବା ସମ୍ଭବ ହେଲା ।

ତାରାପୀଠର ସ୍ଥୂଳ ଦୃଶ୍ୟ ଆଜି ଯାହା ହେଉନା କାହିଁକି, ତା'ର ରହସ୍ୟମୟ ବାତାବରଣ ଭିତରକୁ ପ୍ରବେଶ କରିବା ନିମନ୍ତେ ଏହାହିଁ ଯେପରି ଉପଯୁକ୍ତ ଭୂମିକା । ସେ ରହସ୍ୟକୁ ଯିଏ ସର୍ବାଧିକ ମାତ୍ରାରେ ପ୍ରକଟ କରିଥିଲେ, ଶିଶୁସୁଲଭ ଉଲଗ୍ନ ବପୁ ଉପରିସ୍ଥ ତାଙ୍କର ଶ୍ମଶ୍ରୁମଣ୍ଡିତ ମୁଖମଣ୍ଡଳ ସେହି ବର୍ଷଣଧାରା ଭିତରେ ଯେମିତି ଧୋଇଧାଇ ଅଧିକରୁ ଅଧିକ ଉଜ୍ଜ୍ୱଳ ହେଉଥିଲା ଏ ଲେଖକର ମାନସ ଚକ୍ଷୁରେ । ସିଏ ହେଲେ ଅବଧୂତ ଜାତୀୟ ମହାଭୈରବ ବ୍ରହ୍ମଚାରୀ ବାମାକ୍ଷେପା । ସେ ରହୁଥିଲେ ଶ୍ମଶାନ ଭିତରେ; ତାଙ୍କ ଆସବାବ ପତ୍ରର ଅନ୍ତର୍ଭୁକ୍ତ ଥିଲା ହାଡ଼, କଙ୍କାଳ ଇତ୍ୟାଦି । ଯେଉଁମାନେ ସର୍ବଦା ତାଙ୍କୁ ବେଷ୍ଟନ କରି ରହୁଥିଲେ ଏବଂ ଯେଉଁମାନଙ୍କ ସହ ସେ ଗୋଟିଏ

ପାତ୍ର ବା ପତ୍ରରେ ଏକତ୍ର ଆହାର କରୁଥିଲେ, ସେମାନଙ୍କ ନାମ ହେଲା କାଲୁ, ଭୁଲୁ, ଶ୍ୱେତଫୁଲି, ସାବ୍ଲିଦିଦି, ବୁଢ଼ୋବାବା, ଥରଥରି, ବାଘା, ଗଙ୍ଗୁବାବୁ ଇତ୍ୟାଦି । ଏମାନେ ସମସ୍ତେ କୁକୁର ।

ଦିନେ ତାରା ମାଆଙ୍କ ମନ୍ଦିର ଆଗରେ ବସିଥା'ନ୍ତି ବାମାକ୍ଷେପା । ସେତେବେଳକୁ ମହାନ୍ ସିଦ୍ଧ ତାନ୍ତ୍ରିକ ଭାବରେ ତାଙ୍କ ଖ୍ୟାତି ବ୍ୟାପ୍ତ । ଦୂରାନ୍ତରରୁ ଆସିଥା'ନ୍ତି କେତେଜଣ ଶିକ୍ଷିତ ଯୁବକ ତାଙ୍କୁ ସାକ୍ଷାତ୍ କରି ନିଜ ନିଜ କୌତୂହଳ ତୃପ୍ତ କରିବା ନିମନ୍ତେ । ପାଖରେ ମେଲା ହୋଇଥିବା ଖଣ୍ଡିଏ କଦଳୀ ପତ୍ରରୁ କ୍ଷେପା ପ୍ରସାଦ ସେବନ କରୁଥା'ନ୍ତି । ଏକା ପତ୍ରରୁ ପୂଳାଏ ପୂଳାଏ ଖାଇ ଯାଉଥା'ନ୍ତି ତାଙ୍କର ତିନି ଚାରିଗୋଟି ପ୍ରିୟ କୁକୁର । ଅଦୂରରେ ବସିଥା'ନ୍ତି ଦଳେ ତୀର୍ଥଯାତ୍ରୀ ଭଦ୍ରଲୋକ ।

କ୍ଷେପା ଏବଂ କୁକୁରମାନେ ଏକତ୍ର ଖାଇବାର ସେ ଦୃଶ୍ୟରେ ଆଗନ୍ତୁକ କୌତୂହଳୀ ଯୁବକ କେଇଜଣ ଘୃଣାରେ ଶିହରି ଉଠିଲେ । ହଠାତ୍ କ୍ଷେପା ସେମାନଙ୍କୁ ପାଖକୁ ଡାକି ସେମାନଙ୍କ ପିଠିରେ ହାତ ରଖିଲେ । ମୁହୂର୍ତ୍ତକ ଭିତରେ ସେମାନେ ଦେଖିଲେ ସେ କୁକୁରମାନେ ମଣିଷ । ଅଦୂରରେ ବସିଥିବା ଭଦ୍ରଲୋକମାନେ କିଏ ବା କୁକୁର, କିଏ ଶୃଗାଳ, କିଏ ଭାଲୁ, କିଏ ପେଚା, କିଏ ବା ବିଷଧର ସର୍ପ !

ସେ ଅଦ୍ଭୁତ ବିଭୂତି ସେମାନଙ୍କ ଚେତନାରେ ଯେଉଁ ଭୂମିକମ୍ପ ସୃଷ୍ଟି କଲା, ପରାଦୃଷ୍ଟିର ତଡ଼ିତ୍ ସାହାଯ୍ୟରେ ସୂକ୍ଷ୍ମ ସ୍ତରର ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଯେଉଁ ଜ୍ଞାନ ଦେଲା, ସେମାନେ ସ୍ଥାୟୀ ଭାବରେ ତାହା ଦ୍ୱାରା କେତେଦୂର ଉପକୃତ ହେଲେ ତାହା ଜଣା ନାହିଁ । କିନ୍ତୁ ସାମସମୟିକ ଅନେକଙ୍କ ଜୀବନର ମୂଲ୍ୟବୋଧକୁ ବାମାକ୍ଷେପା ଓଲଟପାଲଟ କରି ଦେଉଥିଲେ ଅବଲୀଳା କ୍ରମେ ।

ମହାତାନ୍ତ୍ରିକ କୈଳାସପତି ଏବଂ ବେଦଜ୍ଞ ମୋକ୍ଷଦାନନ୍ଦ ନାମକ ଦୁଇ ମହାପୁରୁଷ ଥିଲେ ତାଙ୍କର ଗୁରୁ ଓ ଦିଗ୍‌ଦର୍ଶକ । ସେମାନେ ବୁଝୁଥିଲେ ବାମାକ୍ଷେପା ସମାଜର ସମସ୍ତ ବିଧିବିଧାନ, ନୀତିନିୟମ, ଭଲମନ୍ଦବୋଧର ଊର୍ଦ୍ଧ୍ୱରେ । କ୍ଷେପାଙ୍କ ଜୀବନର ପ୍ରଥମ ପର୍ଯ୍ୟାୟରେ ଏ ଦୁଇଜଣଙ୍କ ବ୍ୟତୀତ ଆଉ ଯିଏ ଏକଥା ବୁଝୁଥିଲେ ସିଏ ସ୍ୱୟଂ ଦେବୀ ତାରା । ଅନ୍ୟମାନେ ବୁଝୁ ନଥିଲେ; ମନ୍ଦିର ଭିତରେ ଦେବୀଙ୍କ ସହ ସେ ଯଥେଚ୍ଛା ଆଚରଣ କଲେ ସେମାନେ ସହି ପାରୁ ନଥିଲେ । ଥରେ ଦେବୀଙ୍କ ସେବକମାନେ ତାଙ୍କୁ ପିଟିଲେ, ପ୍ରସାଦ ଦେବାକୁ ନାସ୍ତି କରିଦେଲେ । ବାମାକ୍ଷେପା ପଳାଇ ଯାଇ ଶ୍ମଶାନରେ ଚୁପ୍‌ଚାପ୍ ବୁଲିଲେ ।

ତାରାଙ୍କ ମନ୍ଦିରର ଦାୟିତ୍ୱ ଥାଏ ନାଟୋରର ମହାରାଜାଙ୍କ ଉପରେ । ଚତୁର୍ଥ ଦିନ ଉତ୍କଣ୍ଠିତ ଭାବରେ ତହିଁ ଆସି ପହଞ୍ଚିଗଲେ ମହାରାଜାଙ୍କ ଦେବାନ ଏବଂ ବିଶିଷ୍ଟ କେତେଜଣ ଅମାତ୍ୟ । ସେମାନେ ଖୋଜିଲେ କ୍ଷେପାଙ୍କୁ । ସେ କିନ୍ତୁ ଆତ୍ମଗୋପନ କରିଥା'ନ୍ତି । ମନ୍ଦିରର ପରିଚାଳକ ପଣ୍ଡା, ପୁରୋହିତ ଓ ସେବକବର୍ଗଙ୍କ ସମେତ ସ୍ଥାନୀୟ ଲୋକେ ଆସି ସେଠାରେ ଠୁଳ ହେଲେ । ଦେବାନ ଘୋଷଣା କଲେ : ଏଣିକି ପ୍ରଥମେ ବାମାକ୍ଷେପାଙ୍କୁ ଖୁଆପିଆ କରାଇବା ପରେ ଯାଇ ଦେବୀଙ୍କୁ ଭୋଗ ଦିଆଯିବ । ଏତଦ୍‌ବ୍ୟତୀତ କ୍ଷେପାଙ୍କୁ ବାଡ଼େଇଥିବା ପୂଜକ ଓ ସେବକ ଦଣ୍ଡ ପାଇବେ ।

କଥା ହେଲା, ମହାରାଣୀଙ୍କୁ ରାତିରେ ଦେବୀ ଦେଲେ ସ୍ୱପ୍ନାଦେଶ — ସେ ସ୍ୱୟଂ ଚାରିଦିନ ଧରି ଭୋଗ ସ୍ପର୍ଶ କରି ନାହାନ୍ତି; କାରଣ ତାଙ୍କ ପ୍ରିୟ ସନ୍ତାନ ବାମାକ୍ଷେପା ଅଖିଆ ଅପିଆ ବୁଲୁଛି ।

କହିବା ବାହୁଲ୍ୟ ଏହା ପରେ ବାମାଙ୍କ ପ୍ରତି ସମଗ୍ର ପ୍ରତିଷ୍ଠାନର ମନୋଭାବରେ ହେଲା ବିପରୀତଧର୍ମୀ ପରିବର୍ତ୍ତନ । ଦେବୀଙ୍କ ସହ ବାମାଙ୍କ ସମ୍ପର୍କର ପରିଚୟ ପାଇଁ ଏଠାରେ ଅନ୍ୟ ଏକ ଘଟଣାର ଅବତାରଣା ଆବଶ୍ୟକ । ଶ୍ରୀ ସୁଶୀଳ କୁମାର ବନ୍ଦୋପାଧ୍ୟାୟ କୃତ ''ତାରାପୀଠ ଭୈରବ'' ନାମକ ଅଧୁନା ଦୁଷ୍ପ୍ରାପ୍ୟ ବଙ୍ଗଳା ବହିରୁ ଉଦ୍ଧାର କରୁଛି । ବନ୍ଦୋପାଧ୍ୟାୟ ମହାଶୟ ଦୃଷ୍ଟାନ୍ତମାନ ଲିପିବଦ୍ଧ କରିବା ପୂର୍ବରୁ ପ୍ରତ୍ୟକ୍ଷଦର୍ଶୀ ଅଥବା ସମ୍ପୃକ୍ତ ବ୍ୟକ୍ତିମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରୁଥିଲେ ।

''ଦ୍ୱିପ୍ରହର ବେଳେ ତାରାମାଆଙ୍କ ପ୍ରାଙ୍ଗଣରେ ସାଧୁ ସନ୍ନ୍ୟାସୀମାନେ ବସି ମାଆଙ୍କ ପ୍ରସାଦ ସେବନ କରୁଛନ୍ତି । ମନ୍ଦିରର ଦରଜା ବନ୍ଦ; କ୍ଷେପାଠାକୁର ଶ୍ମଶାନ ଭିତରୁ ଉଗ୍ର ମିଜାଜରେ ଦେବୀ ତାରାଙ୍କ ଚୌଦ ପୁରୁଷ ଉଦ୍ଧାର କରୁ କରୁ ଆସିଲେ । ସମସ୍ତେ ତାଙ୍କୁ କଣେଇ କରି ଦେଖିଲେ । ସମସ୍ତେ ନୀରବ; ପ୍ରଶ୍ନ କରିବାର ସାହସ ନାହିଁ । ଅଷ୍ଟପାଶମୁକ୍ତ ବୀର ସାଧକଙ୍କର କୌଣସି ବ୍ୟାପାର ପ୍ରତି ଲକ୍ଷ୍ୟ ନାହିଁ । ବାମାକ୍ଷେପା ପଶିଗଲେ ମନ୍ଦିର ଭିତରକୁ । ଗୋଟାଏ ଦୁଇଟା ଅସ୍ଫୁଟ କଥା ଭାସି ଆସିଲା । ସଙ୍ଗେ ସଙ୍ଗେ ହେଲା ପ୍ରହାରର ଶବ୍ଦ ।

''ମନ୍ଦିର ଭିତରେ ଜନ ମାନବ ନାହିଁ — କିଏ ଏମିତି ନିଷ୍ଠୁର ଭାବେ ବାବାଙ୍କ ପିଠିରେ ବସାଇଦେଲା ବିଧା ? ପିଠିରେ

ବିଧାମାତ୍ରର ଦାଗ ସ୍ପଷ୍ଟ । ଅଭିମାନରେ କାନ୍ଦୁଥିଲେ ବାମା – ଛୋଟ ପିଲା ଯେମିତି ମାଆଠୁଁ ପ୍ରହାର ଖାଇ କାନ୍ଦେ ।

''ଦୌଡ଼ି ଆସିଲେ ପଣ୍ଡା ଓ ସାଧୁସନ୍ନ୍ୟାସୀମାନେ । ସମସ୍ତେ ଦେଖିଲେ ଓ ବୁଝିଲେ – ଏ ଶାସନ ମାଆଙ୍କର । ନିର୍ଜନ ମନ୍ଦିର ଭିତରେ ସ୍ନେହର ପୁଅ ଓ ମାଆ ଛଡ଼ା ଆଉ କେହି ନଥିଲେ ।

''କାନ୍ଦି କାନ୍ଦି କ୍ଷେପାଠାକୁର କହୁଥା'ନ୍ତି, 'ତୁ ମା ନୋହୁଁ; ରାକ୍ଷସୀ । ଆଉ ତୋ ମନ୍ଦିରକୁ ଆସିବି ନାହିଁ । ଓଃ, ଏବେ ବି ପିଠିରେ ଯନ୍ତ୍ରଣା ।' ଅଭିମାନୀ ଶିଶୁ ମାଆଠୁଁ ଶାସ୍ତି ପାଇ କାନ୍ଦି କାନ୍ଦି ଫେରିଗଲେ ଶ୍ମଶାନ ଭିତରକୁ ।

''କି ମଜାର ଶାସନ ! ସେହି ଦିନରୁ କ୍ଷେପାଠାକୁରଙ୍କର ରାଗ ଓ ଉଗ୍ର ମିଜାଜ ପାଣି ହୋଇଗଲା । ସେ ବନିଗଲେ ନିରୀହ ଓ ଶାନ୍ତ । ଚଣ୍ଡାଳ ଆସୁଥା'ନ୍ତି, ବ୍ରାହ୍ମଣ ଆସୁଥା'ନ୍ତି, ଆସୁଥା'ନ୍ତି ରାଜା, ପ୍ରଜା – ସମସ୍ତେ ସମାନ । ସମସ୍ତେ ଶିବ । ଶିବମୟ ଜଗତକୁ ଦୁଇ ବାହୁ ପ୍ରସାରଣ କରି ଆଲିଙ୍ଗନ କରନ୍ତି କ୍ଷେପାଠାକୁର । ମଧୁର ବାକ୍ୟରେ କହନ୍ତି, 'ଆସନ୍ତୁ ବାବା, କ'ଣ ଦରକାର କହନ୍ତୁ ।' ରୁଦ୍ର ଠାକୁର ବନିଗଲେ ପ୍ରେମର ଠାକୁର । କାହାକୁ କହନ୍ତି ବାବା, କାହାକୁ କାକା, କାହାକୁ ବା ଆଦର କରି ଶଳା...''

ବାମାକ୍ଷେପାଙ୍କ ଅଲୌକିକ ଶକ୍ତିର ଦୃଷ୍ଟାନ୍ତର ତାଲିକା ହେବ ଦୀର୍ଘ । ମୋତେ ସେସବୁ ବିଶେଷ ବିସ୍ମିତ କରୁ ନଥିଲା । ଯାହା ବିସ୍ମିତ ବରଂ ଆଚମ୍ବିତ କରୁଥିଲା ତାହା ତାଙ୍କ ଜ୍ଞାନ । ଆଚରଣରେ ପାଗଳ, ଶିଶୁଭଳି ସରଳ ସେ ମହାତ୍ମା ଏତେ ଜ୍ଞାନ ଆୟତ୍ତ କଲେ କେବେ ? ବିଭିନ୍ନ ଜିଜ୍ଞାସୁଙ୍କ ପ୍ରଶ୍ନର ଉତ୍ତରରେ ସେ ସାବଲୀଳ ଭାବରେ ଯାହା ବ୍ୟକ୍ତ କରୁଥିଲେ, ସେଥିରୁ ମନେହେବ ସେ ଯେପରି ବେଦ, ଉପନିଷଦ୍, ମହାକାବ୍ୟ, ପୁରାଣ ଓ ଯୋଗ-ତନ୍ତ୍ର ସମ୍ବଳିତ ଅସଂଖ୍ୟ ଗ୍ରନ୍ଥ ଅଧ୍ୟୟନ ସଙ୍ଗେ ସଙ୍ଗେ ବିଭିନ୍ନ ଦର୍ଶନ ଉପରେ ବ୍ୟୁତ୍ପତ୍ତି ଲାଭ କରିଛନ୍ତି । ଉପରୋକ୍ତ ଗ୍ରନ୍ଥରୁ ଏକ ନମୁନା :

ଭକ୍ତ : ବିଜ୍ଞାନୀମାନେ ପଦାର୍ଥକୁ ସଚେତନ ଓ ଅଚେତନରେ ବିଭକ୍ତ କରିଛନ୍ତି । ପ୍ରାଣଶକ୍ତି ଆସିଲା କେଉଁଠାରୁ ?

ବାବା : ଆମର ମୁନିଋଷିମାନେ ସଚେତନ ଓ ଅଚେତନ ଭିତରେ ପ୍ରଭେଦ ଦେଖି ନାହାନ୍ତି । ସେମାନେ କହନ୍ତି ସମସ୍ତ ହିଁ ଚିନ୍ମୟ, ସବୁ ଭିତରେ ଏକହିଁ ବସ୍ତୁ – ଯାହା ସତ୍-ଚିତ୍-ଆନନ୍ଦ ସ୍ୱରୂପ । ଆଧାର ଅନୁଯାୟୀ ଉପାଧି, ଭେଦକ୍ରମେ ପ୍ରକାଶର ପାର୍ଥକ୍ୟ – କେଉଁଠାରେ କମ୍, କେଉଁଠାରେ ବେଶୀ, କେଉଁଠି ବା ଏକେବାରେ ଅପ୍ରକାଶ । ସର୍ବ ଭୂତରେ ତାଙ୍କ ସ୍ଥିତି ବାବା ! ତାଙ୍କ ଛଡ଼ା କିଛି ନାହିଁ ।

ଭକ୍ତ : ଉଦ୍ଭିଦ ଭିତରେ ?

ବାବା : ଉଦ୍ଭିଦ ସ୍ଥାବର ହେଲେ ମଧ୍ୟ ଜୀବ । ମାଟି, ପଥର ଭିତରେ ତାହାଙ୍କର ସତ୍ତାମାତ୍ରର ଆବିର୍ଭାବ, ଉଦ୍ଭିଦରେ ଆହୁରି ଅଧିକ ପ୍ରକାଶ; ପଶୁରେ ଆହୁରି ବେଶୀ; ସବୁଠୁଁ ବେଶୀ ମଣିଷ ଭିତରେ । ସେଥିପାଇଁ ମଣିଷ ଶ୍ରେଷ୍ଠ ଜୀବ, ବାବା !

ଭକ୍ତ : ମଣିଷ କିପରି ସୃଷ୍ଟି ହେଲା ବାବା ?

ବାବା : କ୍ଷୁଦ୍ର କୀଟ ପତଙ୍ଗରୁ କ୍ରମେ ବିବର୍ତ୍ତନରେ ମଣିଷର ସୃଷ୍ଟି ।

ଭକ୍ତ : ମଣିଷ ଜନ୍ମ ପୂର୍ବରୁ ତେବେ ବାନର ?

ବାବା : ହଁ ବାବା, ଆମ ଶାସ୍ତ୍ରରୁ ନେଇ ବୁଜ୍‌ରୁକ ସାହେବ ବାବାମାନେ ବାନର ଆମ ପୂର୍ବ ପୁରୁଷ ଥିଲେ ବୋଲି ଲମ୍ଫଝମ୍ପ କରୁଛନ୍ତି । ମୁନି ଋଷିମାନେ ବହୁ ପୂର୍ବରୁ ଏକଥା କହିଛନ୍ତି ।

ଭକ୍ତ : ମତ୍ସ୍ୟ, କୂର୍ମ, ବରାହ, ନୃସିଂହ ଏସବୁ ରୂପେ ଭଗବାନ୍ ଅବତୀର୍ଣ୍ଣ ହେଲେ କାହିଁକି ?

ବାବା : ସେସବୁ ଯୁଗରେ ମତ୍ସ୍ୟ, କୂର୍ମ ଛଡ଼ା ଅନ୍ୟ ଜୀବନର ସୃଷ୍ଟି ହୋଇ ନଥିଲା । ତେଣୁ ଭଗବାନ୍ ସେସବୁ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ମତ୍ସ୍ୟ, କୂର୍ମ, ପଶୁ, ତା'ପରେ ଅର୍ଦ୍ଧପଶୁ, ଅର୍ଦ୍ଧମାନବାକାର – ସେହିସବୁ ହେଲା ଦୈତ୍ୟ-ଦାନବର ଯୁଗ ।

ଭକ୍ତ : ଯେଉଁ ସବୁ ଅବତାର, ସେମାନେ ସମସ୍ତେ ଭଗବାନ୍ ତ ?

ବାବା : ନିଶ୍ଚୟ ବାବା, ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, କୃଷ୍ଣ, ବୁଦ୍ଧ, କଲ୍‌କୀ ଏମାନେ ମୂଳ ଦଶ ଅବତାର । ତା'ଛଡ଼ା ଆହୁରି ଅଛନ୍ତି, ବାବା – ଅର୍ଦ୍ଧ ଅବତାର, ଆଂଶିକ ଅବତାର । ଏମାନେ ସମସ୍ତେ ଭଗବାନ୍; ବଡ଼ ଛୋଟ କେହି ନୁହନ୍ତି ।

ଆଉ ଥରକର ଛୋଟ ଏକ ସଂଳାପ – ବାଲେଶ୍ୱର ନିକଟବର୍ତ୍ତୀ ଫରାସଡ଼ଙ୍ଗାରୁ ଆଗତ ଜନୈକ ଗୋସ୍ୱାମୀଙ୍କ ସହ :

ଗୋସ୍ୱାମୀ : ଅଦ୍ୱୈତ ଓ ଦ୍ୱୈତ – ଏ ଦୁଇ ତତ୍ତ୍ୱ ବଡ଼ ଗୋଳମାଳରେ ପକାଏ ।

ବାବା : କାହିଁକି ବାବା ? ଏହା ତ ଖୁବ୍ ସହଜ । ଅଦ୍ୱୈତ ତାଙ୍କ ସ୍ୱରୂପ, ଆଉ ଦ୍ୱୈତ ତାଙ୍କ ଲୀଳା । ଦେଖ ବାବା, ଆମେ ଯେ ପୂଜା, ଧ୍ୟାନଧାରଣା କରୁ, ତହିଁରେ ରହିଛି ଗୂଢ଼ ରହସ୍ୟ । ସାଧକ ଓ ସାଧ୍ୟ ଭିତରେ ମିଳନହିଁ ପୂଜା । ଯେତେବେଳେ ଆତ୍ମା ପରମାତ୍ମାରେ ଯୁକ୍ତ ହୁଏ ସେତେବେଳେ ତାକୁ ଯୋଗ କୁହାଯାଏ । ଅନ୍ତଃକରଣରୁ ବୃତ୍ତି ଓ ବିଷୟବୃତ୍ତି ନାଶ ହେଲେ ଧ୍ୟାନ ସମ୍ଭବ ହୁଏ । ମନ ଯେଉଁ ବିଷୟକୁ ଯାଉ, ସେହି ବିଷୟରେ ବ୍ରହ୍ମ ସ୍ୱରୂପ ଦର୍ଶନ କରି ଯେଉଁ ମନ ସ୍ଥାପନ କରାହୁଏ, ତାକୁ କୁହାଯାଏ ଧାରଣା । ଏ ବିଶ୍ୱବ୍ରହ୍ମାଣ୍ଡ ବ୍ରହ୍ମମାୟା, ଏ ଅନୁଭୂତି ଯା' ପ୍ରାଣରେ ଜାଗରିତ, ତା'ର ପୂଜା, ଧ୍ୟାନ, କିଛିର ଆବଶ୍ୟକତା ନାହିଁ । ସେ ଅବସ୍ଥାରେ ଧର୍ମାଧର୍ମ, ସ୍ୱର୍ଗନର୍କ, ପାପପୁଣ୍ୟ, ଜନ୍ମମୃତ୍ୟୁ, ସୁଖଦୁଃଖ, ଅଭାବ ଅଭିଯୋଗ କିଛି ହିଁ ରହେନା ବାବା !

*

ଆମେ ତାରାପୀଠରେ ପହଞ୍ଚିବା ବେଳକୁ ବର୍ଷା ମନ୍ଦୀଭୂତ ହେଲେ ବି ଅବ୍ୟାହତ ଥାଏ । ଏକ ଚଳନୀୟ ହୋଟେଲର ସର୍ବୋଚ୍ଚ ମହଲାରେ ଦୁଇଟି ବଖରାର ବ୍ୟବସ୍ଥା କରି ମନ୍ଦିରରେ ଉପନୀତ ହେଲୁ । ବିଶ୍ୱଜିତ୍ ବାବୁଙ୍କ ଉଦ୍ୟୋଗ ଅନୁସାରେ ଆମକୁ ଅପେକ୍ଷା କରିଥିଲେ ଜଣେ ସଜ୍ଜନ । ଅନବରତ ବର୍ଷା ଯୋଗୁଁ ମନ୍ଦିରରେ ଭିଡ଼ ନାହିଁ । ସାନ୍ଧ୍ୟ ପୂଜା ପରେ ପରେ ଆହୁରି ପ୍ରବଳ ବର୍ଷାର ସମ୍ଭାବନା ମନ୍ଦିରକୁ ପ୍ରାୟ ଜନଶୂନ୍ୟ କରିଦେଲା ।

କମନୀୟ ଅଥଚ ତେଜୀୟାନ୍ ମୁଖମଣ୍ଡଳ ଦେବୀଙ୍କର । ଅବଶ୍ୟ ଏ ସ୍ୱର୍ଣ୍ଣାଭ ରୂପରେ ମାତ୍ର ଗତ କେତେ ଶତାବ୍ଦୀ ଧରି ପୂଜା ପାଉଛନ୍ତି ଦେବୀ । ପରମ୍ପରାର ପ୍ରାକ୍‌କାଳରେ ଦେବୀ ଥିଲେ ଶିଳା-ରୂପିଣୀ । କ'ଣ ଥିଲା ସେ ମୂର୍ତ୍ତି ? କିମ୍ବଦନ୍ତି କହେ, ଏଠାରେ ବ୍ରହ୍ମର୍ଷି ବଶିଷ୍ଠଙ୍କୁ ଦେବୀ ଏଭଳି ରୂପରେ ଦେଖା ଦେଇଥିଲେ, ଯାହା ଅନନ୍ୟ; ସାଧାରଣ ଧାରଣାକୁ ସ୍ତମ୍ଭୀଭୂତ କରିଦେଲା ଭଳି ବ୍ୟାପାର ତାହା । ଏ ଲେଖକ ଯେ ସେଭଳି ବିମୂଢ଼ ଅନୁଭବ କରି ନଥିଲା, ତା'ର କାରଣ ଶ୍ରୀମା'ଙ୍କର ଏକ ବୈପ୍ଳବିକ ଉକ୍ତି ସହ ତା'ର ପରିଚୟ । ଶିବ ଓ କାଳୀଙ୍କ ସମ୍ପର୍କରେ ମହତ୍ତମ ସତ୍ୟ ଶ୍ରୀମା ଥରେ ପ୍ରକାଶ କରିଥିଲେ ଏହି ରୂପେ : ''କାଳୀ ହେଲେ ଜନନୀ; ଶିବ ହେଲେ ପୁତ୍ର ।'' (Kali is the mother; Siva is the son.) ରକ୍ଷଣଶୀଳ ଧାରଣାକୁ ଏହା ଦୋହଲାଇ ଦେବ । କିନ୍ତୁ ଏ ସତ୍ୟ ପ୍ରକଟ କରୁଥିବା ଏକମାତ୍ର ସୁପ୍ରାଚୀନ ଶକ୍ତି ପ୍ରତିଷ୍ଠାନ ଏହି ତାରାପୀଠ । ସମୁଦ୍ର ମନ୍ଥନ-ନିର୍ଗତ ହଳାହଳ ପାନ କରି ନିସ୍ତେଜ ଅନୁଭବ କରୁଥିବା ଶିବଙ୍କୁ ସ୍ତନ୍ୟପାନ କରାଇ ପ୍ରକୃତିସ୍ଥ କରିଥିଲେ ଦେବୀ । ତାରାପୀଠର ଅଧୀଶ୍ୱରୀ ହେଲେ ଦେବୀଙ୍କର ସେହି ଅନନ୍ୟ, ଅଭାବନୀୟ କ୍ରିୟାର ମୂର୍ତ୍ତି ଲିପି ।

ବଶିଷ୍ଠ ସେହି ଦୃଶ୍ୟ ଦେଖିବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କର ପରାଦର୍ଶନକୁ ହିଁ ଶିଳାରେ ମୂର୍ତ୍ତ କରା ଯାଇଥିଲା ।

କିଏ କହିବ କାହିଁଗଲା ସେ ସୁପ୍ରାଚୀନ ମୂର୍ତ୍ତି ?

ରାତି ଘନ ହୋଇ ଆସୁଛି । ଆମ ଆଶ୍ରୟ ସ୍ଥଳ ଦୂର ନୁହେଁ । ତେଣୁ ବାତାବରଣକୁ ସମ୍ମାନ ଦେଇ ଦଶମିନିଟ ବର୍ଷା ସହ୍ୟ କରି ବାଟ ଚାଲିବାରେ (ସେ ସଂକୀର୍ଣ୍ଣ ପଥରେ କାର୍ ନିଷିଦ୍ଧ) ଆପତ୍ତି ନଥିଲା । କିନ୍ତୁ ଆମର ସ୍ଥାନୀୟ ଦିଗ୍‌ଦର୍ଶକଙ୍କ ପରାମର୍ଶ ହେଲା ଆଉ କିଛି ସମୟ ଅପେକ୍ଷା କଲେ ଆମେ ଏକ ବିଶେଷ ଅନୁଷ୍ଠାନ ଦର୍ଶନ କରି ପାରିବା ।

ଅତଏବ ଅପେକ୍ଷା କଲୁ । ପୂଜକବର୍ଗ ଓ ଆମକୁ ଛାଡ଼ିଦେଲେ ମନ୍ଦିର ଏଥର ଜନଶୂନ୍ୟ । ଆମେ ଠିଆହେଲୁଁ ସେ ଦିବ୍ୟ ପ୍ରତିମା ପାଖରେ । ମନ୍ତ୍ରୋଚ୍ଚାରଣ କରୁଁ କରୁଁ ପୂଜକ ଦେବୀଙ୍କ କେଶପାଶ ଆକର୍ଷଣ କଲେ । ପାଟି କରି ତାଙ୍କୁ ବାଧା ଦେବାକୁ ଯାଉଁ ଯାଉଁ ରହିଗଲି । ଇଏ କି ବିଚିତ୍ର ଅନୁଷ୍ଠାନ ? ଚାହୁଁ ଚାହୁଁ ସେ କେଶପାଶ ବାହାର କରି ନେଲେ । ବିସ୍ମୟ ପରେ ବିସ୍ମୟ । ତା'ପରେ ବାହାର କରି ନେଲେ ସେ ସ୍ୱର୍ଣ୍ଣପ୍ରଭ ମୁଖ । ତା'ପରେ ସେ ପ୍ରସ୍ତ ପରେ ପ୍ରସ୍ତ ଆଭରଣ ଓ ଆବରଣ ବାହାର କରି ଚାଲିଲେ । ସେ ଦୃଶ୍ୟ ଦେଉଥାଏ ବିଚିତ୍ର ଅନୁଭବ । ଯେପରି ଆକାର ନିରାକାରରେ ପରିଣତ ହେବାର ପଦ୍ଧତି ଅନୁସୃତ ହୋଇ ଚାଲିଛି ଆମ ଆଖି ଆଗରେ !

ନା, ନିରାକାର ନୁହେଁ; ଯାହା ଅବଶିଷ୍ଟ ରହିଲା, ତାହାହିଁ ବଶିଷ୍ଠ-ଦୃଷ୍ଟ ଦିବ୍ୟ ଦୃଶ୍ୟର ଆଦି ଶିଳାରୂପ । ମହାକାଳ ଯାହା ଅବଶିଷ୍ଟ ରଖିଛି, ସେଥିରୁ ଅବଶ୍ୟ ବିଷୟବସ୍ତୁ ବାରିବା ସହଜ ନୁହେଁ ।

ଅବିରତ ବର୍ଷା । ତାହାରି ଭିତରେ ଆଶ୍ରୟକୁ ଆସି ସେହି ବିଚିତ୍ର ଅନୁଭୂତିର ଶିହରିତ ସ୍ମୃତି ଭିତରେ ଶୋଇ ପଡ଼ିଥିଲି । ପ୍ରତ୍ୟୁଷରେ ବାତାୟନ ଦେଇ ଦେଖୁଥିଲି, ମେଘ ଓ ବର୍ଷାର ପର୍ଦା ଅପସରି ଯାଇଛି ଧୀରେ ଧୀରେ; ପ୍ରତିଭାତ ହେଉଛି ମନ୍ଦିର ଶୀର୍ଷ । ନୀରବତା ଓ ନିଶ୍ଚଳତାର ସେ ବାତାବରଣରେ ଗତ ରାତିର ଅନୁଷ୍ଠାନ ଓ ସେ ଦୃଶ୍ୟ ଏକାକାର ହୋଇ ଯାଉଥିଲେ ଚେତନାରେ । ❖

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୧୩)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଏଥର ମୁଁ ସତରେ ଈଷତ୍ ଆଶ୍ୱସ୍ତ ହୋଇ ଉଠିଲି । କହିଲି, ''ତାହା ଆପଣ କରନ୍ତି – ମାନୁଛି । କିଛିଦିନ ପୂର୍ବେ ଆପଣ ମୋ ପାଖକୁ ଲେଖିଥିଲେ ଯେ ଖୁବ୍ ବିଷଣ୍ଣ ଅବସ୍ଥାରେ ପଡ଼ି ମୁଁ କଲମ ଧରିବା ମାତ୍ରକେ ମୋର ଚୈତ୍ୟପୁରୁଷ ଆସି ହାଜର ହୁଏ ଓ ତା' ନିଜର କଥା ଅନର୍ଗଳ କହିଥାଏ । ଏଥିପାଇଁ ମୁଁ ଅବଶ୍ୟ ଆପଣଙ୍କ ନିକଟରେ ଖୁବ୍ କୃତଜ୍ଞ – ତେବେ ମଧ୍ୟ ।''

''ମା ଭୈଃ''

''ମାନେ, ମୁଁ କହିବାକୁ ଯାଉଥିଲି ଯେ, ସବୁ ତ ବୁଝିଲି କିନ୍ତୁ ଏଥିରେ କ'ଣ ସମସ୍ୟାର ସମାଧାନ ହୁଏ ?''

''ସମସ୍ୟା ? ଯଥା ?'' ଗୁରୁଦେବଙ୍କ ମୁହଁରେ କୌତୂହଳର ହସ ।

''ଯଥା ?'' ଭାରି ବିପନ୍ନ ବୋଧ କଲି ।

''ଯଥା ପୁଣି କ'ଣ ? ମୁଁ ଯେ ଏହି ଅନ୍ତଃସ୍ଥ ସ୍ୱଭାବ ଭିତରେ ପ୍ରତିଷ୍ଠିତ ହୋଇ ପାରୁ ନାହିଁ । କାହିଁକି ଏପରି ହୁଏ ?''

ଶ୍ରୀଅରବିନ୍ଦ କହିଲେ, ''ଏହାର ଉତ୍ତର ଦେବା ମୋ ପକ୍ଷରେ କିଛି କଷ୍ଟକର ନୁହେଁ । ପାରେ ନାହିଁ, କେବଳ ଏଥିପାଇଁ ଯେ ତୁମର ପ୍ରାଣଶକ୍ତି ଅଶାନ୍ତ ହୋଇ ଉଠେ – ଅଧୈର୍ଯ୍ୟ ବଶତଃ, ଆଉ ତୁମର ମନ ଉତ୍ତେଜିତ ହୋଇ ଉଠେ । ପ୍ରଶ୍ନ ଉପରେ ପ୍ରଶ୍ନ ଆଣି ଠିଆକରେ । ମୁଁ ଏକଥା ବାରଂବାର କହେ ନାହିଁ ?''

''ତାହା ତ କହିଛନ୍ତି, କିନ୍ତୁ ତା'ର ପ୍ରତିକାର କ'ଣ, ତା' ତ କହି ନାହାନ୍ତି । ଆପଣ କାହିଁକି ଦେଖି ବି ଦେଖିବାକୁ ଚାହୁଁ ନାହାନ୍ତି ଯେ ମୁଁ ଟିକିଏ ବି ଶାନ୍ତି ପାଉ ନାହିଁ ? ଯଦି ପାଇଥା'ନ୍ତି ତେବେ ମୋ ପକ୍ଷରେ ଅନ୍ତର୍ମୁଖୀ ହୋଇ ରହିବା କେତେ ବେଶୀ ସହଜ ହୋଇଥା'ନ୍ତା । ବୁଝିପାରୁଛନ୍ତି ତ ?''

ଗୁରୁଦେବ କୌତୁକବୋଧ କଲେ, ହସି କହିଲେ, ''ବୁଝୁ ନାହିଁ ବୋଲି କିଏ କହିଲା ? ତୁମେ ତ ଦେଖି ମଧ୍ୟ ଦେଖିବାକୁ ଚାହୁଁନ ଯେ ତୁମର ଚୈତ୍ୟପୁରୁଷକୁ ଯଦି ଡିସ୍‌ମିସ୍ କରିଦିଅ, ତା' ଜାଗାରେ ପ୍ରାଣପୁରୁଷକୁ ଆଣି ବସାଅ, ତେବେ ତୁମେ କେବେ ବି ଶାନ୍ତି ପାଇ ପାରିବ ନାହିଁ, ଶାନ୍ତି ମିଳିବ ନାହିଁ, କାରଣ ପ୍ରାଣ ଶକ୍ତି କେବଳ ତା'ର ନିଜ ଶକ୍ତିରେ ଶାନ୍ତିକୁ ଆହ୍ୱାନ କରିପାରେ ନାହିଁ, ଶାନ୍ତି ତା'ର ସ୍ୱଧର୍ମ ନୁହେଁ ବୋଲି ।''

''ମନେ ପଡ଼ିଗଲା – ଆପଣ ଗୋଟିଏ ଚିଠିରେ ମୋତେ ଲେଖିଥିଲେ – ମୋର ପ୍ରାଣ ପୁରୁଷ ଏକ ଶିଷ୍ଟ ବାହନ, କିନ୍ତୁ ଦୁଷ୍ଟ ମୁନିବ ।''

''ଆଉ ତା'ର କାରଣ ମଧ୍ୟ ମୁଁ ତୁମକୁ ବୁଝାଇ ଦେଇଥିଲି । ଯୋଗ ଶକ୍ତି ଆମ ସ୍ୱଭାବର ସେହିସବୁ ଜାଗାରେ ଚାପ ଦିଏ ଯେଉଁଠାରେ ଅସ୍ୱଚ୍ଛ, ଅଶୁଦ୍ଧତା ସବୁକିଛି ଗାଦିମାଡ଼ି ରହିଛନ୍ତି । ପ୍ରାଣପୁରୁଷ ଏ ଚାପରେ ବଡ଼ ବ୍ୟଥିତ ହୋଇ ଉଠେ । ତା'ର କାରଣ, ପ୍ରଥମତଃ ସେ ଅନ୍ଧକାରକୁ ନେଇ ଘର କରିଥାଏ ବୋଲି ତା'ର ଅବବୋଧ ଝାପ୍‌ସା, ଅସ୍ୱଷ୍ଟ । ଦ୍ୱିତୀୟରେ, ତାହା ମଧ୍ୟରେ ଏପରି ଅନେକ ଅଂଶ ଅଛନ୍ତି ଯେଉଁମାନେ ସେମାନଙ୍କର ସ୍ଥୂଳ, ତମସାଚ୍ଛନ୍ନ ମତିଗତି ମଧ୍ୟରେ ବିହାର କରିବାକୁ ଚାହାନ୍ତି । ବାସ୍ତବିକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ ବୋଲି ସେମାନେ ଆଲୋକ ଦେଖିଲେ ହିଁ ଚମକି ଉଠନ୍ତି ।''

ଧମକ ଖାଇ କ୍ଷୀଣ ସ୍ୱରରେ ପଚାରିଲି, ''ଆଉ ମନପୁରୁଷ ? ସେ କ'ଣ ଶାନ୍ତି ପାଇ ପାରିବ ନାହିଁ ?''

ଗୁରୁଦେବ ଚିନ୍ତାବିଷ୍ଟ ଭାବରେ କହିଲେ, ''ମନ ? ହଁ, ମନ ନିଜକୁ ବୁଝାଇ ଶୁଝାଇ ନିଜ ବଶରେ ରଖିପାରିଲେ ସେ ଏକ ପ୍ରକାର ନିଷ୍ପ୍ରଭ ଶାନ୍ତି ପାଇ ପାରେ । କିନ୍ତୁ ସେ ଶାନ୍ତିର ଉତ୍ସ ହେଲା ଚୈତ୍ୟପୁରୁଷ । ସବୁ ଶାନ୍ତିର ପ୍ରକୃତ ଉତ୍ସ ସେହିଠାରେ । ସେ ନିର୍ଭରତାରେ କି ଆରାମ, କି ସହଜବୋଧ, କି ସ୍ୱତଃସ୍ଫୂର୍ତ୍ତ ଆତ୍ମସମର୍ପଣ, କି ବିଶ୍ୱାସ ଓ ପ୍ରେମ ତାଙ୍କର ସ୍ୱଭାବ ମଧ୍ୟରେ ରହିଛି ! ତୁମେ ବାସ୍ତବରେ ଏହାକୁ ଛାଡ଼ି ବର୍ତ୍ତିଯିବ କେମିତି ? ଏପରିକି ଶାନ୍ତି ଚାହିଁଲେ ବି ତାଙ୍କ ପାଖରେ ଧାରଣା ଦେବାକୁ ହେବ । ସେଥିପାଇଁ ମୁଁ ତୁମକୁ ବାରବାର

ମନା କରେ ଅଧୀର ହୋଇ ପ୍ରବଳ ନିରାଶା ଭିତରେ ନିଜକୁ ଝାମ୍ପ ଦେବାକୁ । ଏମିତି କି ଅଥଳ ଜଳରେ ବୁଡ଼ିଯାଇ, ତା' ମଧ୍ୟରୁ ଉଠିବାକୁ ଚାହିଁଲେ ମଧ୍ୟ ତୁମକୁ ତାଙ୍କର ଶରଣାପନ୍ନ ହେବାକୁ ପଡ଼ିବ । ବୁଝିଲ ?

ଦିଲୀପ ପଚାରିଲେ, ''ଧରନ୍ତୁ ଜ୍ଞାନମାର୍ଗୀମାନେ ଯେପରି ଭାବରେ ମନକୁ ବଶ କରନ୍ତି ସେପରି ଯଦି କରେ ?''

ଶ୍ରୀଅରବିନ୍ଦ ଉତ୍ତର ଦେଲେ, ''ତା'ର ମଧ୍ୟ ବିହିତ ପଦ୍ଧତି ରହିଛି – କିନ୍ତୁ ସେ ପଦ୍ଧତି ସେହିମାନଙ୍କ ପାଇଁ ଆସେ ଯେଉଁମାନେ କେବଳ ସେହି ପଥରେ ଚାଲିବା ପାଇଁ ହିଁ ତିଆରି ହୋଇଛନ୍ତି । ଯେପରି ଧର ବିବେକାନନ୍ଦଙ୍କର ପଦ୍ଧତି, ଜାଣ ତ ?''

''ମୁଁ ତାଙ୍କର 'ରାଜଯୋଗ' ପଢ଼ିଛି ।''

(ସ୍ୱାମିଜୀ ତାଙ୍କର ରାଜଯୋଗରେ ଯାହା ଲେଖିଛନ୍ତି, ତାହା ହେଲା : ''ପ୍ରଥମେ ଚୁପ୍ କରି ବସ, ମନକୁ ଛାଡ଼ି ଦିଅ ବୁଲାବୁଲି କରିବାକୁ । ତା' ତ ସଦାବେଳେ ଅସ୍ଥିର ହେଉଥାଏ । ସତେ ଅବା ଏହା ଏକ ମର୍କଟ । ଯେତେ ପାରେ ସେତେ ହେଉଥାଉ ନା କାହିଁକି ସେ ମାଙ୍କଡ଼ ପରି ଡିଆଁ ଡେଇଁ କରୁଥାଏ । ତୁମେ ଚୁପ୍ କରି କାଣ୍ଡଟିକୁ ଦେଖୁଥାଅ... ଯେତେଦିନ ଯାଏଁ ତା'ର ଦୌଡ଼ କେତେଦୂର ତୁମେ ଜାଣି ନାହଁ; ସେତେଦିନ ଯାଏଁ ତାକୁ ବାଟକୁ ଆଣିବାର ଆଶା ଦୁରାଶା ମାତ୍ର । ସେଥିପାଇଁ ତାକୁ ଛାଡ଼ି ଦିଅ । କେତେଦିନ ଏପରି କଳାପରେ ଦେଖିବ ଯେ ସେ କ୍ରମଶଃ ଶାନ୍ତ ହୋଇ ଆସିବ... ଆହୁରି, ଆହୁରି – ଯେତେଦିନ ଯାଏଁ ସେ ପୂରାପୂରି ବଶ ନ ହୋଇଛି । ଏହା କିନ୍ତୁ ବଡ଼ କଷ୍ଟକର କଥା । ଦୁଇ ଚାରିଦିନର ଏହା ସାଧନା ନୁହେଁ । ବହୁବର୍ଷ ଧରି ନିରନ୍ତର ଚେଷ୍ଟା ଫଳରେ ଏ ପଥରେ ସିଦ୍ଧି ଆସେ ।'')

ଶ୍ରୀଅରବିନ୍ଦ ତାଙ୍କର ନିଜ ଭାଷାରେ ଏ ପଦ୍ଧତିର ବ୍ୟାଖ୍ୟା କରି କହିଲେ, ''ଆହୁରି ଗୋଟିଏ ପଥ ଅଛି ଯାହା ଲେଲେ ମୋତେ ଶିଖାଇ ଦେଇଥିଲେ । 'ମନକୁ ଶାନ୍ତ କର' । '' ସେ କହିଥିଲେ, ''ଚିନ୍ତା ଆଡ଼କୁ ଜମା ଝୁଙ୍କ ନାହିଁ, ତା'ହେଲେ କ୍ରମଶଃ ଜାଣିପାରିବ ଯେ ଯେଉଁସବୁ ଚିନ୍ତାକୁ ତୁମେ ନିଜର ବୋଲି ମନେ କରିଛ, ସେସବୁ ବାହାରୁ ଆସିଛି । ସେସବୁ ଆସିବା ମାତ୍ରେ ହିଁ ତାକୁ ନିଷ୍କାସନ କରିଦିଅ । ତା'ପରେ ତୁମେ ଦେଖିବ ମନ କ୍ରମଶଃ ନିସ୍ତବ୍ଧ ହୋଇଯିବ ।'' ଏ ଧରଣର କଥା ମୁଁ କସ୍ମିନ୍‌କାଳେ ଶୁଣି ନ ଥିଲି । କିନ୍ତୁ ଏହାକୁ ମୁଁ ପ୍ରଥମରୁ ଅସମ୍ଭବ ବୋଲି ଉଡ଼ାଇ ଦେଇ ନାହିଁ କିଂବା ଏହାର ସତ୍ୟତା ସମ୍ବନ୍ଧରେ ସନ୍ଦିହାନ ହୋଇ ନାହିଁ । ସେ ଯାହା କହିଥିଲେ ମୁଁ ତାକୁ ଅକୁଣ୍ଠିତ ଚିତ୍ତରେ ମାନି ନେଇ, ମୋର ମନକୁ ନିଶ୍ଚେଷ୍ଟ କରିଥିଲି, କେବଳ ଦେଖିବା ପାଇଁ ଯେ କି ପ୍ରକାର ଚିନ୍ତା କେଉଁଠାରୁ ଆସୁଛି । ଆଉ ଦେଖିବାକୁ ପାଇଲି ଏକ ଅଦ୍ଭୁତ ବ୍ୟାପାର : ଦେଖିଲି ମନ ମୋର ନିସ୍ତବ୍ଧ ହୋଇଯାଉଛି, ବା ସତରେ ହିଁ ଗୋଟିଏ ଗୋଟିଏ ଚିନ୍ତା ଆସୁଛି ବାହାରୁ । ଆଉ ସେମାନେ ଆସି ମୋର ମନର ଚୌହଦୀ ପାଖରେ ପହଞ୍ଚିବା ମାତ୍ରେ ମୁଁ କହେ, 'ଆସିବାକୁ ଅନୁମତି ନାହିଁ' । ଏହିପରି ଭାବରେ ଠିକ୍ ତିନି ଦିନ ମଧ୍ୟରେ ମୁଁ ସବୁ ରକମର ଚିନ୍ତାରୁ ଅବ୍ୟାହତି ପାଇଲି । ସଙ୍ଗେ ସଙ୍ଗେ ମୋର ମନ ବିଶ୍ୱଭୌମ ଓ ମୁକ୍ତ ହୋଇ ପଡ଼ିଲା । ଯେଉଁସବୁ ଚିନ୍ତା ପ୍ରବେଶ କରିବାକୁ ଆସନ୍ତି, ମୁଁ ସେମାନଙ୍କ ହାତର ଖେଳ କଣ୍ଢେଇ ହୋଇ ରହିଲି ନାହିଁ । ସେମାନଙ୍କର ନିୟନ୍ତା ହୋଇଗଲି । କାରଣ ମୁଁ ସେତେବେଳେ ତା'ର ଗତିବୃତ୍ତିକୁ ଚିହ୍ନିବା ଓ ଚୟନ କରିବାକୁ ଶିଖି ଯାଇଥିଲି । ଯେଉଁ ଚିନ୍ତାସବୁକୁ ସ୍ଥାନ ଦେବାକୁ ଚାହେଁ, ସେମାନଙ୍କୁ ଆସିବାକୁ ଦିଏ । ଯେଉଁ ଚିନ୍ତାଗୁଡ଼ିକୁ ଚାହେଁ ନାହିଁ ସେସବୁକୁ ପ୍ରବେଶ କରିବାକୁ ଦିଏ ନାହିଁ ।''

ଏକଥା ମୋର ବେଶ୍ ମନେ ଅଛି, କାରଣ ଆପଣ ମୋ ପାଖକୁ ଏସବୁ ଲେଖିଥିଲେ । ଆଉ ସେତେବେଳେ ମୋତେ ଭାବିବାକୁ ଅବାକ୍ ଲାଗିଥିଲା ଯେ ଆପଣଙ୍କର ଗୁରୁ ଆପଣଙ୍କୁ ଏପରି ଉଦ୍ଭଟ କଥା କହିବା ସତ୍ତ୍ୱେ ଆପଣ କିପରି ସବୁ ଅକୁଣ୍ଠିତ ଭାବରେ ମାନି ନେଇ ପାରିଥିଲେ !''

ଗୁରୁଦେବ ହସି କହିଲେ, ''ହଁ, ଏହା ଯେ ଅନେକଙ୍କ ପାଇଁ ସୁସାଧ୍ୟ ନୁହେଁ, ତାହା ମୁଁ ଜାଣିଛି ।''

ତାଙ୍କର ଲକ୍ଷ୍ୟ ଯେ କ'ଣ ତାହା ବୁଝିବାକୁ କଷ୍ଟକର ହେଲା ନାହିଁ । ମୁଁ ଚଟ୍ କରି ପ୍ରସଙ୍ଗ ବଦଳାଇ ଦେଇ କହିଲି, ''ଆଚ୍ଛା, ଯଦି ମୁଁ ଏଇ ଭାବରେ ମୋ ମନକୁ ମାନିବାକୁ ଚାହିଁବି ତେବେ କିପରି ହେବ ?''

କଥାଟା କହି ଦେଇ ମୁଁ ଡରିଗଲି । ଯଦି ଗୁରୁଦେବ କହନ୍ତି, ''ଭଲ ହେବ ?''

ଗୁରୁଦେବ ନିଶ୍ଚୟ ମୋ ମନ କଥାର ଟେର୍ ପାଇ ଯାଇଥିଲେ । କାରଣ ସେ ଖୁବ୍ ହସିଲେ ଓ କହିଲେ, ''କିନ୍ତୁ ତୁମେ ସେହି ଆୟାର୍ ପରି କରିବ ଯଦି ? ସେ ଏକ ଅଦ୍ଭୁତ କାଣ୍ଡ । ଆୟାର୍ ମୋତେ ପଚାରିଲେ, ''ମନକୁ କେମିତି ସ୍ଥିର କରାଯାଏ ?'' ମୋ ନିର୍ଦ୍ଦେଶ ଅନୁସାରେ ଟିକିଏ ଚେଷ୍ଟା କରୁ

ନ କରୁଣୁ ତା'ର ସିଦ୍ଧି ହୋଇଗଲା । ଭାଗ୍ୟ ଆଉ କାହାକୁ କହନ୍ତି ? କିନ୍ତୁ ତା'ପରେ କ'ଣ ହେଲା ଶୁଣିବ ? ସେ ଊର୍ଦ୍ଧ୍ୱଶ୍ୱାସ ହୋଇ ମୋ ପାଖକୁ ଦୌଡ଼ି ଆସିଲା । କହିଲା, ''କି ସର୍ବନାଶ ! ମୋ ମୁଣ୍ଡ ଏକାବେଳେ ଫାଙ୍କା । ଭାବିବାକୁ ଭୁଲିଯାଇଛି । ହେ ଭଗବାନ୍, ମୁଁ କ'ଣ ଜଡ଼ ଭରତ ହୋଇଗଲି ?'' କହି ଗୁରୁଦେବ ହସିଲେ । ''କିନ୍ତୁ ଗୋଟାଏ କଥା ସେ ବୁଝିପାରିଲା ନାହିଁ ଯେ ଏ ପଦ୍ଧତିରେ ଜଣେ ଯାହା ଥିଲା, ତାହା ସେ ଆଉ ହୋଇ ପାରେନା । ମୁଁ ତାକୁ କିଛି ନ କହି ବିଦାୟ ଦେଲି ଓ ସେ ଦୈବାତ୍ ପାଇଥିବା ତା'ର ନିଃଶବ୍ଦତାକୁ ହରାଇଲା ।''

କହି ଗୁରୁଦେବ ପୁଣି ହସିଲେ, ପିଲାଙ୍କ ପରି । ମୁଁ ମଧ୍ୟ ଯୋଗ ଦେଲି ସେହି ଅନାବିଳ ହସରେ ।

ତା'ପରେ ଗୁରୁଦେବ କହିଲେ : ''କିନ୍ତୁ ତୁମ ପକ୍ଷରେ ଏସବୁ ପଥରେ ଯିବା କଥା ନଭାବି, କେବଳ ଭକ୍ତିମାର୍ଗୀ ହେବା ଭଲ, ଯାହା ମୁଁ ତୁମକୁ ଆଗରୁ କହିଛି ।''

ମୁଁ କହିଲି, ''ସେ ପଥରେ ଯିବାକୁ ତ କମ୍ ଚେଷ୍ଟା ମୁଁ କରି ନାହିଁ । ସଙ୍ଗୀତ କହନ୍ତୁ, କବିତା କହନ୍ତୁ, ସବୁ ତ କରି ଦେଖିଲି । କିନ୍ତୁ ମୁସ୍କିଲ୍ କଥା ହେଉଛି ଏସବୁ କାମରୁ ମୋର ମନ ଯଥାର୍ଥ ତୃପ୍ତି ପାଉ ନାହିଁ ଯେପରି, ଏକଥା ମୁଁ ବାରଂବାର ଲେଖି ଜଣାଇଥିଲି ଆପଣଙ୍କୁ । ଯେତେ ଚେଷ୍ଟା କରେନା କାହିଁକି, ମୋର ମନେ ହେଉଛି ଏସବୁ ମିଛ ମାୟାର ଖେଳ, ଏପରି ଖେଳ ଯେ ଯାହାକୁ ମୁଁ ନ ଚାହିଁଲେ ବି ଖେଳିବାକୁ ବାଧ, ଭଲ ନ ଲାଗିଲେ ବି ଅନ୍ତତଃ ଭଲ ଲାଗିବାର ଭଙ୍ଗୀ କରିବାକୁ ବାଧ ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

Obey your soul, it alone has the right to govern your life.
(CWM Vol. 14, p. 331) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା

## (୧)

## ଶ୍ରୀ ପ୍ରପତ୍ତି

... ...ଶ୍ରୀଅରବିନ୍ଦ ପାଠଚକ୍ରର ଯଥାର୍ଥ ସ୍ୱରୂପ ଓ ଭୂମିକା କ'ଣ ? ସାମାଜିକ ଜୀବନରେ ଏହିସବୁ କ୍ଷୁଦ୍ର କ୍ଷୁଦ୍ର ଅନୁଷ୍ଠାନଗୁଡ଼ିକ କେଉଁ ଆଦର୍ଶକୁ ପ୍ରତିଷ୍ଠା କରିବେ ? ବ୍ୟଷ୍ଟି ଓ ସମଷ୍ଟି ଉପରେ ଏମାନେ କ'ଣ ପ୍ରଭାବ ପକାଇ ପାରିବେ ? ଶ୍ରୀଅରବିନ୍ଦଙ୍କ ଦୁରଧିଗମ୍ୟ ମହାନ୍ ସାଧନାକୁ ଏମାନେ କେଉଁ ପରିମାଣରେ ରୂପ ଦେଇପାରିବେ ? ଏପରି ସବୁ ବିଭିନ୍ନ ପ୍ରଶ୍ନ ମନରେ ଉଠେ ଯେତେବେଳେ ପାଠଚକ୍ରଗୁଡ଼ିକର ବୃହତ୍ତର ସାମାଜିକ ଓ ଗୋଷ୍ଠୀଗତ ଭୂମିକା ବିଷୟରେ ଚିନ୍ତା କରାଯାଏ ।

ପାଠଚକ୍ରଗୁଡ଼ିକ ମୂଳତଃ, ସ୍ୱରୂପତଃ ଏକ, ଏକ ଆଧ୍ୟାତ୍ମିକ ଅନୁଷ୍ଠାନ । ଶ୍ରୀଅରବିନ୍ଦ ପାଠଚକ୍ର ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଜୀବନ ସାଧନାର ଏକ ପ୍ରତୀକ, ଏକ କ୍ଷୁଦ୍ର କେନ୍ଦ୍ର; ଜ୍ଞାନ, ଶକ୍ତି, ଐକ୍ୟ ଓ ଆଲୋକ ପ୍ରକାଶର ଯନ୍ତ୍ର ବା ଉପାୟ । ଏହା ଏକ ଅଧ୍ୟାତ୍ମ-କେନ୍ଦ୍ର ବୋଲି ଏହାର ବିଶେଷତ୍ୱ ରହିଛି ଏହି ଅର୍ଥରେ ଯେ ଏହା ଧର୍ମାନୁମୋଦିତ, ଆନୁଷ୍ଠାନିକ, ପ୍ରଥାଗତ, ଦଳଗତ ସଂକୀର୍ଣ୍ଣତା, ବାହ୍ୟକ୍ରିୟା, ପଦ୍ଧତି ବା ଆଡ଼ମ୍ବରରେ ନିଜକୁ ସମ୍ପୃକ୍ତ, ଲିପ୍ତ ବା ସାମିଲ କରେ ନାହିଁ । ଏହି ବିଷୟଟି ଆହୁରି ପରିଷ୍କାର କରିବା ଉଚିତ ।

ପ୍ରତ୍ୟେକ ବିଷୟରେ ଗୋଟାଏ ମାନବିକ ଆଚାରଗତ ସଂସ୍କାର ଓ ଧାରା ରହିଛି । ଏହି ସଂସ୍କାରର ବନ୍ଧନ ଏପରି ଯେ ମନୁଷ୍ୟ ସେଥିରୁ କ୍ୱଚିତ୍ ମୁକ୍ତ ହୋଇ ଅଗ୍ରସର ହୋଇପାରେ । ଆଧ୍ୟାତ୍ମିକତା କ୍ଷେତ୍ରରେ ମାନବଜାତିର ଯେଉଁ ସଂସ୍କାର ରହିଛି, ଅନୁଭୂତି ଓ ଅଭିଜ୍ଞତା ଅଛି ତାହା ହେଲା ଧାର୍ମିକ ମନୋଭାବ – କିଛି ପୂଜା, ପାଠ, ହୋମ, ଯଜ୍ଞ, ପଦ୍ଧତି, ଆଚାର, କ୍ରିୟା, ଉତ୍ସବ, ଭୋଗରାଗ ଏବଂ ନିଜ ନିଜର 'ପ୍ରଭୁ' ଏବଂ ନିଜର 'ଇଷ୍ଟଦେବତା' ବୋଲି ଆଡ଼ମ୍ବରରେ ଦଳସୃଷ୍ଟି, ସଂକୀର୍ଣ୍ଣତାର ପ୍ରଚାର ଇତ୍ୟାଦି । ଦ୍ୱିତୀୟତଃ ଆଧ୍ୟାତ୍ମିକତା ନାମରେ ଅନ୍ୟ ଗୋଟିଏ ସଂସ୍କାର ହେଲା ଏକ ଅଲୌକିକ, ଅତିଭୌତିକ ମହାନ୍ ଶକ୍ତି ଉପରେ ବିଶ୍ୱାସ କରିବା ଏବଂ ସେହି ଶକ୍ତିକୁ ଆହ୍ୱାନ କରିବା ଆମର ସକଳ ଦୁଃଖ-ଦୂରୀକରଣ ନିମିତ୍ତ, କାମନା ପୂରଣ ନିମିତ୍ତ : ପୁତ୍ରଲାଭ, ମକଦମାରେ ଜୟ, ନିର୍ବାଚନରେ ଜୟ, ପରୀକ୍ଷାରେ ପାସ, ବ୍ୟବସାୟରେ ଲାଭ ଇତ୍ୟାଦି ଇତ୍ୟାଦି । ଆଉ ଏସବୁ ଯଦି ସେହି ଅଲୌକିକ ଶକ୍ତି ବଳରେ ମିଳିଯାଏ, ତେବେ ଆଧ୍ୟାତ୍ମିକତା ହିଁ ସାର୍ଥକ ହେଲା, ଅର୍ଥାତ୍ ଆଧ୍ୟାତ୍ମିକ ଶକ୍ତି ଓ ଆଲୋକ ଯେପରି ଗୋଟାଏ ଯାଦୁବିଦ୍ୟା !

ପ୍ରକୃତରେ କହିବାକୁ ଗଲେ ଆଧ୍ୟାତ୍ମିକତା ଧାର୍ମିକତା ନୁହେଁ, ଅନ୍ୟ ଦିଗରେ ଯାଦୁବିଦ୍ୟା ମଧ୍ୟ ନୁହେଁ । ସାଧାରଣ ଜନତା ମଧ୍ୟରେ ଆଧ୍ୟାତ୍ମିକତା ସମ୍ବନ୍ଧରେ ଏହି ଦୁଇଟି ପୂର୍ବ ସଂସ୍କାର ଅତି ପ୍ରବଳ ଭାବରେ କାର୍ଯ୍ୟ କରେ । ସେମାନେ ପୁନଶ୍ଚ ଏକ ବିଶାଳ ଆଧ୍ୟାତ୍ମିକ ଆଦର୍ଶକୁ 'ପୂଜାପାଠ', 'ଭୋଗ-ରାଗ', 'ଆମୋଦ-ପ୍ରମୋଦ'ରେ ବୁଡ଼ାଇ ଦିଅନ୍ତି । ସେତେବେଳେ ଆନୁଷ୍ଠାନିକ ବାହ୍ୟକ୍ରିୟାରେ ଅଧ୍ୟାତ୍ମଶକ୍ତି କ୍ଷୀଣ, ଶୁଷ୍କ ଓ ନିର୍ଜୀବ ହୁଏ । ଆଉ ଆଧ୍ୟାତ୍ମିକତା ନଥାଇ ଆଧ୍ୟାତ୍ମିକ ଅର୍ଥରେ ଗୋଟାଏ ଧର୍ମ-ବିଳାସ କେନ୍ଦ୍ର ବା ଗୋଷ୍ଠୀର ସୃଷ୍ଟି ହୁଏ । ଏହା ଅତୀତରେ ହୋଇଛି – ଏବେ ଏହା ଏକ ପ୍ରଥା ରୂପେ ଆମକୁ ଆକଣ୍ଠ ଗ୍ରାସ କରିଛି । ଆଉ ଆଧ୍ୟାତ୍ମିକତାରେ ଯଦି କିଛି ଯାଦୁତ୍ୱ, ଚମତ୍କାରିତା, ଐଶ୍ୱର୍ଯ୍ୟ ନଥା'ନ୍ତା, ତେବେ ତାହା ହୁଏତ ଲୋକ ସମାଜରେ ମୋଟେ ଚଳନ୍ତା ନାହିଁ । ଭାଗବତ କୃପା ବାସ୍ତବରେ ପରମ ଐଶ୍ୱର୍ଯ୍ୟ ଓ ଅସୀମା ଶକ୍ତି, କିନ୍ତୁ ଯାଦୁ ନୁହେଁ ବା ଚମତ୍କାରିତା ନୁହେଁ । କେହି କେହି ବ୍ୟକ୍ତି ବି ଯାଦୁବିଦ୍ୟା ଦ୍ୱାରା କିଛି କିଛି ଅତିଭୌତିକ କାଣ୍ଡ ବା ଘଟଣା ଘଟାଇପାରନ୍ତି; କିନ୍ତୁ ଆମ୍ଭେ ଦୃଢ଼ଭାବେ କହିବାକୁ ଚାହୁଁ ଯେ ଏହା ସଙ୍ଗେ ଆଧ୍ୟାତ୍ମିକତାର କୌଣସି ସମ୍ପର୍କ ନାହିଁ । ଏପରିକି ଭବିଷ୍ୟତ୍ ବାଣୀ କରିବା, ଅନ୍ୟର ଚିନ୍ତାଶକ୍ତିକୁ ଜାଣିପାରିବା, ମୁଖକୁ ଦେଖି ଫଳାଫଳ କହିଦେବା, ସୂକ୍ଷ୍ମଦୃଶ୍ୟ (vision) ଦେଖିବା ବା ଅଳ୍ପ ବେଶୀ କିଛି ସୂକ୍ଷ୍ମ ଅଭିଜ୍ଞତା ଲାଭ କରିବା ବି ଆଧ୍ୟାତ୍ମିକତା ନୁହେଁ, ଯଦିଓ ଏହିସବୁ ଆଧ୍ୟାତ୍ମିକ ପଥରେ ଆନୁସଙ୍ଗିକ ଭାବେ ଆସେ । ସାଂସାରିକ ମନ ଏସବୁକୁ ଆଧ୍ୟାତ୍ମିକତା ସଙ୍ଗେ ଗୋଳେଇ ମିଶାଇ ଏକ କରିଦିଏ ।

ତେବେ ଆଧ୍ୟାତ୍ମିକତାର ଅର୍ଥ କ'ଣ ? ଶ୍ରୀଅରବିନ୍ଦ ନାନା ସ୍ଥାନରେ ଏ ବିଷୟରେ ଅତି ରୋକଠୋକ ଆଲୋଚନା କରିଛନ୍ତି ଏବଂ ଧର୍ମ ଓ ନୈତିକତାଠାରୁ ଆଧ୍ୟାତ୍ମିକତା ସ୍ୱତନ୍ତ୍ର ବସ୍ତୁ ବୋଲି ସ୍ପଷ୍ଟ ରୂପେ ପ୍ରତିପାଦିତ କରିଛନ୍ତି । ତାଙ୍କ ନିଜସ୍ୱ ଧାରାରେ ''ଦିବ୍ୟ-ଜୀବନ'' ଗ୍ରନ୍ଥର ଦ୍ୱିତୀୟ ଭାଗ, ଦ୍ୱିତୀୟ ଖଣ୍ଡରେ ''ଆଧ୍ୟାତ୍ମିକ ମାନବର ବିବର୍ତ୍ତନ'' ନାମକ ଅଧ୍ୟାୟରେ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତାର ଏକ ସୁସ୍ପଷ୍ଟ ଅର୍ଥ ନିର୍ଣ୍ଣୟ କରିଛନ୍ତି । ପାଠଚକ୍ରର ସଭ୍ୟମାନେ ଏହି ଅଧ୍ୟାୟଟି ପଢ଼ନ୍ତୁ, ଏହି ଉକ୍ତିଟି ପ୍ରତି ଗଭୀର ଧ୍ୟାନ ଦିଅନ୍ତୁ । ଶ୍ରୀଅରବିନ୍ଦ କହୁଛନ୍ତି :

''ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟାଏ ଉଚ୍ଚକୋଟୀର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ । ମନର ନୈତିକ ଦୃଷ୍ଟି, ଅଥବା ନୈତିକ ଶୁଦ୍ଧି, ଅଥବା ତପସ୍ୟା ନୁହେଁ; ଧାର୍ମିକତା ଅଥବା ଗୋଟାଏ ତୀବ୍ର ଭାବମୟ ପ୍ରେରଣା ନୁହେଁ, ଏପରିକି ଏହିସବୁ ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟାଏ ମାନସିକ ଧାରଣା, ମତବାଦ ଅଥବା ବିଶ୍ୱାସ, ଗୋଟାଏ ଭାଗବତ ପ୍ରେରଣା, ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟମନ ଓ ନିର୍ଦ୍ଧାରଣ ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ଏହି ସକଳ ବସ୍ତୁର ମନ ଓ ପ୍ରାଣ ନିମିତ୍ତ ଖୁବ୍ ମୂଲ୍ୟ ବା ଗୁରୁତ୍ୱ ରହିଛି, ଏହିଗୁଡ଼ିକ ଆଧ୍ୟାତ୍ମିକ ବିକାଶ ପଥରେ ଅବଶ୍ୟ ସହାୟକ, ଆଧ୍ୟାତ୍ମିକ ପ୍ରସ୍ତୁତିର ଗତିବୃତ୍ତି ରୂପେ ବିଶୁଦ୍ଧି ଓ ଶୃଙ୍ଖଳା ରୂପେ ପ୍ରକୃତିକୁ ଯଥାଯଥ ରୂପ ଦାନ କରିବାରେ ଏହା ସାହାଯ୍ୟ କରେ । କିନ୍ତୁ ତଥାପି ଏହା ମାନସିକ ବିବର୍ତ୍ତନ ସ୍ତରର – ଆଧ୍ୟାତ୍ମିକ ଉପଲବ୍ଧି, ଅନୁଭୂତି, ରୂପାନ୍ତର, ଏ ଅବଧି ବି ଆରମ୍ଭ ହୋଇ ନାହିଁ । ତେବେ ଆମ୍ଭମାନଙ୍କ ଅନ୍ତର ସତ୍ତାରେ ଜାଗ୍ରତ୍ ହେବା, ଆତ୍ମାରେ, ଆତ୍ମ ପୁରୁଷରେ, ଚୈତ୍ୟସତ୍ତାରେ ଜାଗ୍ରତ୍ ହେବା, ଯାହାକି ଆମର ଦେହ-ପ୍ରାଣ-ମନଠାରୁ ପୃଥକ୍, ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଗୋଟାଏ ଆନ୍ତର ଅଭୀପ୍ସା କରିବା, ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ, ବିଶ୍ୱଗତ ଏବଂ ଆମ୍ଭମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ; ତାହା ସଂସ୍ପର୍ଶରେ ଆସିବା, ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରା ପରିବର୍ତ୍ତନ କରିବା, ରୂପାନ୍ତର ଓ ସତ୍ତାନ୍ତରେ ଏବଂ ସେହି ସଂସ୍ପର୍ଶ, ଏକତ୍ୱରୁ ଉଦ୍ଭୂତ ନବଜନ୍ମ, ନୂତନ ସତ୍ତା, ନୂତନ ପ୍ରକୃତି ଓ ନୂତନ ଜାଗରଣ... ... ଏହିସବୁହିଁ ଆଧ୍ୟାତ୍ମିକତାର ସାରତତ୍ତ୍ୱ ।'' ଏଥିରୁ ଏହାହିଁ ସ୍ପଷ୍ଟ ହେବ ଯେ ଆଧ୍ୟାତ୍ମିକତାର ଗୂଢ଼ ଅର୍ଥ ହେଲା ଭାଗବତ ଚେତନାରେ ବାସ କରିବା । ଅବଶ୍ୟ ଶ୍ରୀଅରବିନ୍ଦଙ୍କ ସାଧନାରେ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତାର ଅର୍ଥ ଜୀବନ ଓ କର୍ମର ପୂର୍ଣ୍ଣ ରୂପାନ୍ତର, ଦିବ୍ୟ ଜୀବନପ୍ରାପ୍ତି ।

ଏକଥା କହିବାର ଉଦ୍ଦେଶ୍ୟ ହେଉଛି ଏକ ବୃହତ୍ତର ଏବଂ ମହତ୍ତର, ସମୁଚ୍ଚ ଦିବ୍ୟ-ଜୀବନ ଲାଭ ଆମ୍ଭମାନଙ୍କର ଲକ୍ଷ୍ୟ ଓ ସାଧନା । ଏହି ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଦିଗରେ ଆମ୍ଭମାନଙ୍କୁ ଅଗ୍ରସର ହେବାକୁ ହେବ । କିନ୍ତୁ ଏହି ଲକ୍ଷ୍ୟପ୍ରାପ୍ତି ପୂର୍ବରୁ ବହୁ ସ୍ତର ଦେଇ ଯିବାକୁ ହୁଏ, ପ୍ରଥମତଃ ଆଧ୍ୟାତ୍ମିକ ଶକ୍ତି ଓ ଆଲୋକ ବା ଚେତନା ପ୍ରାପ୍ତି ପୂର୍ବରୁ ଏଥିପାଇଁ ଗୋଟାଏ ପ୍ରସ୍ତୁତି (preparation), ଆଧାରର ବିଭିନ୍ନ ବୃତ୍ତିଚୟର ସମନ୍ୱୟ, ସଙ୍ଗତି ଏବଂ ବିଶୁଦ୍ଧିକରଣ ଆବଶ୍ୟକ । ଆଧ୍ୟାତ୍ମିକ ଜୀବନ ହଠାତ୍ ବା ଅଳ୍ପ ଦିନ ମଧ୍ୟରେ ପ୍ରାପ୍ତ ହୁଏ ନାହିଁ । ଏହି ପ୍ରସ୍ତୁତିର ପୂର୍ବରୁ ସର୍ବାଦୌ ବ୍ୟକ୍ତି-ଜୀବନରେ ଗୋଟାଏ ଆଧ୍ୟାତ୍ମିକ ଭାବ, ଗୋଟାଏ ଆନ୍ତର ଦୃଷ୍ଟି, ଶୃଙ୍ଖଳା, ମୂଲ୍ୟବୋଧ, ନିୟମନ ଦେଖାଦିଏ । ଏହା ହେଉଛି ଆଧ୍ୟାତ୍ମିକତା ଦିଗରେ ଉନ୍ମୁଖ ହେବା, ମୁହଁ ଫେରାଇବା ବା ସେହି ଦିଗରେ ଅଭିମୁଖୀ ହେବା । ଏହିଠାରୁ ଆରମ୍ଭ ହୁଏ ଗୋଟିଏ ବୃହତ୍ତର, ଉଚ୍ଚତର, ଶୁଦ୍ଧତର, କଲ୍ୟାଣକର ଜୀବନ ନିମିତ୍ତ ଅଭୀପ୍ସା, ଶ୍ରଦ୍ଧା ଓ ଜିଜ୍ଞାସା । ଭାଗବତ ଶକ୍ତି, ଜ୍ଞାନ, ଆଲୋକ ନିମିତ୍ତ ଗୋଟାଏ ଅଜ୍ଞାତ ଓ ଦୁର୍ନିବାର ବ୍ୟାକୁଳତା ଆନ୍ତର ଜୀବନରେ ମୁହୁର୍ମୁହୁଃ ଦେଖାଦିଏ । ଏଥି ସଙ୍ଗେ ସଙ୍ଗେ ଭକ୍ତି, ପ୍ରେମ, ଶ୍ରଦ୍ଧା, ସମର୍ପଣ, ଉଦାରତା, ସମତା, ଶାନ୍ତି, ବିନମ୍ରତା, ଅଚଞ୍ଚଳତା ଓ ସୂକ୍ଷ୍ମ ଆନ୍ତର ଦୃଷ୍ଟି ଦେଖାଦିଏ । ଯଦି ସମର୍ପଣ ଓ ଶ୍ରଦ୍ଧା, ଭକ୍ତି ଏବଂ ଆନ୍ତର ଜ୍ଞାନ ବୃଦ୍ଧି ହୁଏ, ତେବେ ଚୈତ୍ୟପୁରୁଷଙ୍କର କିଛି ସଂସ୍ପର୍ଶ ଲାଭ ହୁଏ, କେତେକ ଆଧ୍ୟାତ୍ମିକ ଅନୁଭୂତି ବା ସୂକ୍ଷ୍ମ ଦୃଶ୍ୟ (vision) ମଧ୍ୟ ଦେଖାଦିଏ । ଶୁଦ୍ଧି ଏବଂ ଏକାଗ୍ରତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବେଳେ ବେଳେ ଦିବ୍ୟ ଭାଗବତୀ ଶକ୍ତିଙ୍କର ଚାଳନା, ଇଙ୍ଗିତ ବା ସ୍ପର୍ଶ ମିଳେ । କିନ୍ତୁ ଏକଥା ସ୍ପଷ୍ଟଭାବେ ମନେ ରଖିବା ଉଚିତ ଯେ ଏହିସବୁ ଆଧ୍ୟାତ୍ମିକ ଜୀବନର ପ୍ରସ୍ତୁତି ମାତ୍ର, ପ୍ରଥମ ଓ ପ୍ରାରମ୍ଭିକ ପର୍ଯ୍ୟାୟ ମାତ୍ର – କେବେ ବି ପୂର୍ଣ୍ଣ ଓ ନିର୍ମଳ ଆଧ୍ୟାତ୍ମିକ ଜୀବନ ନୁହେଁ । ଅନ୍ୟ ଦିଗରେ ଅଧ୍ୟାତ୍ମ ମନୋଭାବର ଅନ୍ୟ ଏକ ଲକ୍ଷଣ ଏହି ଯେ ସାଂସାରିକ ବସ୍ତୁରେ ତାହାର ପ୍ରାଣଗତ ଆସକ୍ତି ନଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ବିଷୟାସକ୍ତ

ହୋଇ ରହେ, କୌଣସି ସାଂସାରିକ ବ୍ୟାପାରକୁ ବିଶେଷ ମୂଲ୍ୟ ଦିଏ, ସେପର୍ଯ୍ୟନ୍ତ ସେ ଆଧ୍ୟାତ୍ମିକତାର ଧାର ଧାରେ ନାହିଁ। ଏହାଛଡ଼ା କଳହ, ଝଗଡ଼ା, ଈର୍ଷା, ଦ୍ୱେଷ, ସ୍ୱାର୍ଥପରତା, ମୋହ, ଆସକ୍ତି, ପରନିନ୍ଦା, ଘୃଣା ଓ ମତ୍ସରତା ଏବଂ ବିଭିନ୍ନ ନିମ୍ନପ୍ରବୃତ୍ତିର ଦାବିପୂରଣ ବା ସେଥିପାଇଁ ଉତ୍କଣ୍ଠା କୌଣସି ଉଚ୍ଚତର ଜୀବନର ସଫଳତା ଦିଗରେ ଏକାନ୍ତଭାବେ ବିରୋଧୀ । ଆଉ ଯାହା ହେଉ ନା କାହିଁକି ଆଧ୍ୟାତ୍ମିକ ଜୀବନର ବାହ୍ୟ ଲକ୍ଷଣ ହେବ ଉଦାରତା, ବିନମ୍ରତା, ସମତା, ଶାନ୍ତି ଓ ନିରାସକ୍ତ ଭାବ । ଯେଉଁଠି ଆସକ୍ତିର ଚେର ଦୃଢ଼ ସେଠି ଆଧ୍ୟାତ୍ମିକତା ଗୋଟାଏ ସ୍ୱପ୍ନ ।

ତେବେ ଏହିପରି ଏକ ମହାନ୍, ବିଶାଳ ଆଧ୍ୟାତ୍ମିକ ଜୀବନର ସନ୍ଧାନ, ସିଦ୍ଧି ଓ ପ୍ରାପ୍ତି ନିମିତ୍ତ ସାମାଜିକ ଜୀବନରେ ପାଠଚକ୍ରଗୁଡ଼ିକ କେଉଁ ପନ୍ଥା ଅବଲମ୍ବନ କରିବେ, କେଉଁ ଭୂମିକା ଗ୍ରହଣ କରିବେ ? ଏହି ଆଦର୍ଶ ଓ ଲକ୍ଷ୍ୟକୁ ଗୋଷ୍ଠୀ ବା ସମଷ୍ଟିଗତ ଜୀବନରେ କିପରି ଭାବରେ ରୂପାୟିତ କରିବେ ?

ଶ୍ରୀଅରବିନ୍ଦ ଭାବୀ-ମାନବଜାତିର ଯେଉଁ ଚିତ୍ର ଦେଇଛନ୍ତି, ଭବିଷ୍ୟତ୍ ମାନବସମାଜର ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଯେଉଁ ମହାସତ୍ୟର ସିଦ୍ଧି ନିମିତ୍ତ ପ୍ରୟାସ କରିଛନ୍ତି, ତାହା ଆଶା ଏବଂ ସନ୍ଦେହର ବ୍ୟାପାର ନୁହେଁ । ସେ ସ୍ପଷ୍ଟ ରୂପେ ଘୋଷଣା କରିଛନ୍ତି, ''It is not hope but a certitude that complete transformation of human nature will take place.'' ଏହା କେବଳ ଏକ ଆଶାର କଥା ନୁହେଁ, ବରଂ ଏହା ନିଶ୍ଚିତ ଯେ ମନୁଷ୍ୟ ଚରିତ୍ର ନିଶ୍ଚୟ ହିଁ ରୂପାନ୍ତରିତ ହେବ । କିନ୍ତୁ ଏହି ରୂପାନ୍ତର ପଥରେ ସମାଜରେ ସର୍ବପ୍ରଥମେ କେତେକ ବ୍ୟକ୍ତି ବା କେତେକ ଗୋଷ୍ଠୀ ହିଁ ଅଗ୍ରସର ହେବେ । ବ୍ୟକ୍ତି ବା ବ୍ୟଷ୍ଟି ହିଁ ବିବର୍ତ୍ତନ ଧାରାରେ ଅଗ୍ରଗତି ଓ ନୂତନ ସତ୍ୟର ପ୍ରକାଶ ନିମିତ୍ତ ପ୍ରାଥମିକ ଚାବିକାଠି । ''The individual is indeed the key of the evolutionary movement.'' ସୁତରାଂ ମାନବଜାତି ମଧ୍ୟରେ ଯେତେ ବେଶୀ ପରିମାଣରେ ନୈରାଶ୍ୟ, ହତାଶା, ବିପର୍ଯ୍ୟୟ, ବିକ୍ଷୋଭ ବଢ଼ି ଉଠିବ, କେତେକ ବ୍ୟକ୍ତି ଏହି ସଂକଟରୁ ଉଦ୍ଧାର ପାଇବା ନିମିତ୍ତ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଏହି ନୂତନ ଆଲୋକ ଓ ସତ୍ୟର ଅଭିମୁଖୀ ହେବେ । ସାମାଜିକ ଜୀବନରେ କେତେକ ବ୍ୟକ୍ତି ଏଥିପ୍ରତି ଆକୃଷ୍ଟ ହୋଇ ଏହି ଆଦର୍ଶ ଓ ଲକ୍ଷ୍ୟସାଧନ ଦିଗରେ ସ୍ୱୀକୃତି ଦେବେ ଏବଂ ଏହାକୁ କାର୍ଯ୍ୟରେ ପରିଣତ କରିବା ନିମିତ୍ତ ଚେଷ୍ଟିତ ହେବେ । ଅବଶ୍ୟ 'ଅତିମାନସ' ଦିବ୍ୟସତ୍ୟର ଅବତରଣର କ୍ରିୟା କେବେ ବି କେତେକ ବ୍ୟକ୍ତି ବା ମୁଷ୍ଟିମେୟ ଶିଷ୍ୟବର୍ଗଙ୍କ ନିମିତ୍ତ ଉଦ୍ଦିଷ୍ଟ ନୁହେଁ ବା ତାଙ୍କରି ପାଖରେ ତାହା ସୀମାବଦ୍ଧ ନୁହେଁ । ଏହି ବିଶାଳ ଦିବ୍ୟତତ୍ତ୍ୱର କ୍ରିୟା ହେବ ସକଳ ସୃଷ୍ଟି ଉପରେ, ସମଗ୍ର ମାନବଜାତି – ଏପରିକି ଜୀବଜଗତ୍ ଓ ଉଦ୍ଭିଦ ତଥା ଭୌତିକ ଜଗତ୍ ଉପରେ । ଯେତେ ଯେତେ ଏହି ଶକ୍ତିର କ୍ରିୟା ବୃଦ୍ଧି ହେବ ସେତେ ଅଧିକ ସଂଖ୍ୟାରେ ଲୋକ ଏଥିପ୍ରତି ଆକୃଷ୍ଟ ହେବେ, ସ୍ୱତଃ ଜୀବନ ଓ କର୍ମର ସମାଧାନ ଏହି ସତ୍ୟରେ ଦେଖିବାକୁ ପାଇବେ । ତେବେ ଯେଉଁମାନେ ଏହି ସତ୍ୟ ପ୍ରତି ସଚେତନ ଭାବେ ଉନ୍ମୁକ୍ତ ହୋଇ ସେହି ଶକ୍ତି ଓ ତତ୍ତ୍ୱକୁ ନିଜ ଆଧାରରେ ସ୍ଥାନ ଦେଇ ନିଜକୁ ପରିବର୍ତ୍ତିତ କରିବାକୁ ଚାହିଁବେ, ସେମାନେ ହେବେ ଏହି ସତ୍ୟର ପ୍ରତିଷ୍ଠା ପଥରେ ଅଗ୍ରଣୀ ବା ଯନ୍ତ୍ର । କିନ୍ତୁ ଯେଉଁମାନେ ଏହି ସତ୍ୟ ବା ଜ୍ୟୋତିର କ୍ରିୟା ସମ୍ବନ୍ଧରେ ସଚେତନ ନୁହନ୍ତି ସେମାନେ ମଧ୍ୟ ଏହା ଦ୍ୱାରା କେତେକାଂଶରେ ଉପକୃତ ହେବେ । ସମଗ୍ର ମାନବଜାତି ମଧ୍ୟରେ ଏକ ମନସ୍ତାତ୍ତ୍ୱିକ ଐକ୍ୟ, ସମନ୍ୱୟ, ଭ୍ରାତୃଭାବ ଏବଂ ସୌହାର୍ଦ୍ଦ୍ୟ ବୃଦ୍ଧି ହେବ । ଏପରିକି ଅନ୍ୟାନ୍ୟ ଅଧ୍ୟାତ୍ମମାର୍ଗର ସାଧକମାନେ ଅଜ୍ଞାତସାରରେ ଏହି ସମୁଚ୍ଚ ଦିବ୍ୟଶକ୍ତି ଓ ଆଲୋକ ଦ୍ୱାରା ପ୍ରଭୂତ ଭାବେ ଉପକୃତ ହେବେ । ଅଧ୍ୟାତ୍ମ-ସାଧନା ଦିଗରେ କ୍ରମଶଃ ବାହ୍ୟ ଓ ଆନ୍ତର ବାଧା-ବିପତ୍ତି ଦୂର ହେବ । ସୁତରାଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ କେବଳ କେତେକ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀ ବା ଦଳ ମଧ୍ୟରେ ସୀମାବଦ୍ଧ ରହିବ ନାହିଁ ।

ତଥାପି ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ଓ ଲକ୍ଷ୍ୟସାଧନ ଦିଗରେ ସ୍ୱେଚ୍ଛାରେ ଅନୁପ୍ରାଣିତ, ସ୍ୱତଃସ୍ଫୂର୍ତ୍ତଭାବେ ଅନୁଷ୍ଠିତ ଏହି କ୍ଷୁଦ୍ର କ୍ଷୁଦ୍ର ପାଠଚକ୍ରଗୁଡ଼ିକ ନିଶ୍ଚୟ ଏକ ସକ୍ରିୟ ଅଂଶ ଗ୍ରହଣ କରିବେ । ପାଠଚକ୍ରର ସଭ୍ୟମାନେ ଏହି ବୃହତ୍ତର ଏବଂ ଶୁଭ୍ରତର ଜୀବନ ଓ ସମାଜ ଗଠନ ଦିଗରେ ନିଜକୁ ଉତ୍ସର୍ଗ କରିବେ ବା ଏହି ଦିଗରେ ପ୍ରୟାସୀ ହେବେ । ଯଥାର୍ଥରେ କହିବାକୁ ଗଲେ ପ୍ରତ୍ୟେକ ପାଠଚକ୍ର ସଭ୍ୟ ନିଜକୁ ଏକ ସାଧକ ବୋଲି ଗ୍ରହଣ କରିବା ଉଚିତ ଏବଂ ପାଠଚକ୍ରକୁ ଏକ ସାଧନାର ଭୂମି ବା ପୀଠ ବୋଲି ଗ୍ରହଣ କରିବା ସର୍ବାଦୌ କର୍ତ୍ତବ୍ୟ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ନିଜର ନିଷ୍ଠା ଓ ଐକାନ୍ତିକତା ବଳରେ କିଛି ଭାବରେ ରୂପାୟିତ କରି ନିଜର କର୍ମ, ବାହ୍ୟ ବ୍ୟବହାର ତଥା ଉଦାହରଣ ଦ୍ୱାରା ଅନ୍ୟ ଉପରେ ପ୍ରଭାବ

ପକାଇ ସାମାଜିକ ଜୀବନରେ ଗୋଟାଏ ଧୀର ଅଥଚ ସୁସ୍ଥ ବିପ୍ଲବ ସୃଷ୍ଟି କରିବାକୁ ହେବ । ଆନ୍ତର ଜୀବନର ଶୁଦ୍ଧତା, ନିର୍ମଳତା ପାଇଁ ଅହଂ, ଈର୍ଷା, ଦ୍ୱେଷ, କଳହ, ବିତଣ୍ଡା, ସଂକୀର୍ଣ୍ଣତାକୁ ତ୍ୟାଗ କରିବାକୁ ହେବ ଅଥବା ଏ ଦିଗରେ ପ୍ରୟାସ କରିବାକୁ ହେବ । ଯଦି ଗୋଟିଏ ପାଠଚକ୍ରରୁ ଜଣେ ବି ବ୍ୟକ୍ତି ଯଥାର୍ଥ ମନୋବୃତ୍ତି ଓ ନିଷ୍ଠାର ସହ ସାଧନା ଦିଗରେ ଅଗ୍ରସର ହୋଇ ନିଜ ପ୍ରକୃତି ଓ ଅଭ୍ୟାସର ସାମାନ୍ୟତମ ପରିବର୍ତ୍ତନ କରିବାରେ ସଫଳ ହୁଏ ବା ଏଥିନିମିତ୍ତ ଏକ କଠୋର ପ୍ରୟାସ କରେ; ତେବେ ତ ସେହି ପାଠଚକ୍ର ସଫଳତା ଅର୍ଜନ କରିଛି ଏବଂ ସାମାଜିକ ଜୀବନରେ ତା'ର ବହୁ ପ୍ରଭାବ ପଡ଼ିବ । ପାଠଚକ୍ର ସଭ୍ୟମାନେ ପ୍ରଥମତଃ ଏହା ଉପରେ ଦୃଷ୍ଟି ଦିଅନ୍ତୁ ଯେ ଏହି ଅନୁଷ୍ଠାନଗୁଡ଼ିକ ସମଷ୍ଟିଗତ ଜୀବନରେ ଐକ୍ୟ, ସମତା, ସମନ୍ୱୟ ଓ ଉଦାରତାର ଭୂମିକା ଗ୍ରହଣ କରିବେ । ଏ ଦିଗରେ ଯେକୌଣସି ସଭ୍ୟଙ୍କୁ, ପାଠଚକ୍ରର କର୍ମକର୍ତ୍ତାମାନଙ୍କୁ ଗଭୀର ସଞ୍ଜମ ଓ ଶୃଙ୍ଖଳା ରଖିବାକୁ ହେବ ଏବଂ କୌଣସି ପ୍ରକାର ସଂକୀର୍ଣ୍ଣତା, ବିବାଦ, ବିଭେଦ ଏବଂ ନୀଚ ଈର୍ଷାଜନିତ ବିଦ୍ୱେଷକୁ ଜାହିର କରିବାକୁ ଦିଆଯିବ ନାହିଁ । ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ ଏକ କଡ଼ା ବାଣୀ ଶୁଣାଇ ସାଧକମାନଙ୍କୁ ସତର୍କ କରି ଯାହା କହିଛନ୍ତି, ପାଠଚକ୍ରର କର୍ମକର୍ତ୍ତାମାନେ ସେକଥାକୁ ସାମାନ୍ୟ ଧ୍ୟାନ ଦେଲେ ପ୍ରଭୂତ ଉପକାର ହେବ ।

ଶ୍ରୀଅରବିନ୍ଦ କହୁଛନ୍ତି :

"If the little external personality is to persist in retaining its obscure and limited, its petty and ignoble, its selfish and false and stupid human consciousness, this amounts to a flat negation of the work and the Sadhana. I have no intention of giving my sanction to a new edition of the old fiasco, a partial and transient spiritual opening within with no true and radical change in the law of the external nature. If, then, any sadhaka refuses in practice to admit this change, or if he refuses even to admit the necessity for any change of his lower vital being and his habitual external personality, I am entitled to conclude that, whatever his professions, he has not accepted either myself or my Yoga."

(Letters on Yoga IV, p. 151)

ଅର୍ଥାତ୍, ''ଯଦି ଆମ୍ଭମାନଙ୍କର କ୍ଷୁଦ୍ର ବାହ୍ୟ ବ୍ୟକ୍ତିତ୍ୱକୁ ତାହାର ଅନ୍ଧ, ସୀମିତ, କ୍ଷୁଦ୍ର, ଅନୁଦାର, ସ୍ୱାର୍ଥପର, ମିଥ୍ୟାବାଦୀ, ମୂର୍ଖ ମାନବିକ ଚେତନା ସହ ସେହିପରି ଅପରିବର୍ତ୍ତିତଭାବେ ରହିବାକୁ ଛାଡ଼ି ଦିଆଯାଏ, ତେବେ ଏହାର ଅର୍ଥ ଏହି ଯେ ସାଧକ ସ୍ୱୀୟ ସାଧନାର ଏକେବାରେ ବିପରୀତ ଦିଗରେ ଚାଲିଛି । ସେହି ପୂର୍ବତନ ତାମସାକୁ, ଅର୍ଥାତ୍ ଟିକିଏ ଅଳ୍ପ ବେଶୀ ବା ଆଂଶିକ କ୍ଷଣିକ ଆଧ୍ୟାତ୍ମିକ ଉନ୍ମୀଳନ ଆଉ ବାହ୍ୟ ଜୀବନ ଓ ପ୍ରକୃତିର ନିୟମ ଓ ଧାରାରେ କୌଣସି ଯଥାର୍ଥ ବା ଆମୂଳ ପରିବର୍ତ୍ତନ ହେବ ନାହିଁ – ଏହି ପରି ଗୋଟାଏ ବ୍ୟାପାରର ନୂତନ ସଂସ୍କରଣକୁ ମୁଁ ଆଉ ସ୍ୱୀକୃତି ଦେବାକୁ ଚାହେଁ ନାହିଁ । ଯଦି କୌଣସି ସାଧକ କାର୍ଯ୍ୟତଃ ଏହି ରୂପାନ୍ତରକୁ ଅସ୍ୱୀକାର କରେ, ଅଥବା ଏପରିକି ଯଦି ସେ ତାହାର ନିମ୍ନପ୍ରାଣସତ୍ତା ଏବଂ ତାହାର ଅଭ୍ୟାସଗତ ବାହ୍ୟ ବ୍ୟକ୍ତିତ୍ୱର ରୂପାନ୍ତରର ଆବଶ୍ୟକତାକୁ ବି ଅସ୍ୱୀକାର କରେ, ତେବେ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେବି ଯେ, ସେ ଯାହା କହୁ ବା କରୁ ନା କାହିଁକି ସେ ମୋତେ ବା ମୋର ଯୋଗ-ସାଧନା ଗ୍ରହଣ କରି ନାହିଁ ।''

(କ୍ରମଶଃ)

---

ମୁଁ ତୁମ ପାଇଁ ଗୋଟିଏ ମାତ୍ର ନିୟମ ଧାର୍ଯ୍ୟ କରିପାରେ; ତାହା ହେଉଛି, ''ଶ୍ରୀମାଙ୍କ ନିକଟରୁ ଲୁଚାଇ କୌଣସି କାର୍ଯ୍ୟ କର ନାହିଁ ବା କୁହ ନାହିଁ, ଏପରିକି ଚିନ୍ତା ମଧ୍ୟ କର ନାହିଁ ।''

– ଶ୍ରୀଅରବିନ୍ଦ

# ସଂସାର ଜୀବନ ଓ ଅଧ୍ୟାତ୍ମ ଜୀବନ

## ଶ୍ରୀ ଲଳିତ ମୋହନ ଘୋଷ

**ଐହିକ ଦର୍ଶନ** : ଏ ଦର୍ଶନ ମତରେ ଏକମାତ୍ର ଜଗତ୍ ସତ୍ୟ ଏବଂ ତାହା ଏହି ଜଡ଼ ଜଗତ୍ । ଜଡ଼-ବିଜ୍ଞାନର ପ୍ରସାର ହେତୁ ଏହି ଦର୍ଶନ ବର୍ତ୍ତମାନ ପୃଥିବୀରେ ବିଶେଷ ଲୋଭନୀୟ ହୋଇଅଛି । ଏହି ଦର୍ଶନ କହେ, ''ଜୀବ ସତ୍ୟ, ଜଗତ୍ ମଧ ସତ୍ୟ, କିନ୍ତୁ ଜଡ଼ୋତ୍ତର ସତ୍ୟ ବୋଲି କିଛି ନାହିଁ । ଜଡ଼-ଜଗତରେ ପ୍ରାଣ ଓ ମନର ସଞ୍ଚାର କ୍ଷଣିକର ଗୋଟିଏ ପ୍ରକାଶ ମାତ୍ର । ଏହି କ୍ଷଣସ୍ଥାୟୀ ଚମକକୁ ଭିତ୍ତି କରି କୌଣସି ଶାଶ୍ୱତ ପୁରୁଷାର୍ଥର କଳ୍ପନା କେବଳ ଏକ ପାଗଳାମୀ । ଆତ୍ମାର ଅମରତ୍ୱ ଗୋଟିଏ ଭୁଲ୍ କଥା । ମାନବଜାତିର ଆପେକ୍ଷିକ ଅମରତ୍ୱ ବିଶ୍ୱାସ କରାଯାଇପାରେ – ଏହି ପର୍ଯ୍ୟନ୍ତ । ମୋର ଇହକାଳ ଅଛି, ଦେଖୁଛି; କିନ୍ତୁ ପରକାଳ ବୋଲି କିଛି ଅଛି କି ନାହିଁ ସେ ବିଷୟରେ ଅନୁସନ୍ଧାନ କରିବାର କୌଣସି ପ୍ରୟୋଜନ ଦେଖୁ ନାହିଁ । ମୋର ନିଜ ଜୀବନକୁ ସମୃଦ୍ଧ କରିବି, ତତ୍ପରେ ମୋର ଅର୍ଜିତ ସମ୍ପଦକୁ ସନ୍ତତିକୁ ଅଥବା ଭବିଷ୍ୟତ୍ ସମାଜକୁ ଦେଇଯିବି – ଏହାହିଁ ମୋର ଜୀବନର ଦାୟିତ୍ୱ । ଯେତେଦିନ ପୃଥିବୀରେ ମନୁଷ୍ୟ ଅଛି, ସେତେଦିନ ତାହାର ପ୍ରଗତିର ଏବଂ କଲ୍ୟାଣର ତପସ୍ୟାହିଁ ମୋର ଇହ ଜୀବନର ପୁରୁଷାର୍ଥ – ଏହାଠାରୁ ଅଧିକ କିଛି ନାହିଁ ।'' ଐହିକ ଦର୍ଶନର ଏହାହିଁ ପ୍ରଧାନ କଥା ।

ପ୍ରତ୍ୟକ୍ଷଭାବରେ ଇନ୍ଦ୍ରିୟ ନିକଟରେ ସୁସ୍ପଷ୍ଟ ହୋଇଥିବାରୁ ବହିର୍ମୁଖୀ ଜଡ଼ାଶ୍ରୟୀ ମନ ଜଡ଼-ଜଗତକୁ ସତ୍ୟ ବୋଲି ବିଶ୍ୱାସ କରେ; କିନ୍ତୁ ସେ ମନ ପକ୍ଷରେ ଜଡ଼ାତୀତ ବସ୍ତୁକୁ ପୂର୍ଣ୍ଣରୂପେ ଜାଣିବାର କୌଣସି ଉପାୟ ନାହିଁ । ବ୍ୟଷ୍ଟି ମନ ଅପରୋକ୍ଷ ଅନୁଭବ (Direct experience) ଦ୍ୱାରା ତାହାର ନିଜ ମଧ୍ୟରେ ଯାହା ଘଟେ ତାହାର କିଛି ଅଂଶ ଜାଣିପାରେ, ଅପର ବ୍ୟକ୍ତିର ଚେତନାରେ କ'ଣ ଘଟେ ତାହା ସାକ୍ଷାତ୍ ଭାବରେ ଜାଣିବାର ତାହାର କୌଣସି ଉପାୟ ନାହିଁ । କେବଳ ନିଜ ସଙ୍ଗେ ତୁଳନା ଏବଂ ବାହାରୁ ପର୍ଯ୍ୟବେକ୍ଷଣ (Outward observation) କରି ସେ ଯେଉଁ ଚିହ୍ନ ବା ତଥ୍ୟ ଦେଖିବାକୁ ପାଏ ଏବଂ ସେହି ଅସମ୍ପୂର୍ଣ୍ଣ ଚିହ୍ନ ଓ ତଥ୍ୟରୁ ଯେଉଁ ପ୍ରକାରର ଅନୁମାନ ସେ କରିଥାଏ ତଦ୍ୱାରା ଅପର ବ୍ୟକ୍ତିର ଚେତନାର ବୃତ୍ତି ସମ୍ପର୍କରେ ଗୋଟିଏ ଅତି ଅପୂର୍ଣ୍ଣ ଓ ଅନିଶ୍ଚିତ ଧାରଣା ସେ ଲାଭ କରେ । ଏହି କାରଣରୁ ଅନ୍ତର୍ଦୃଷ୍ଟିରେ ମୁଁ ମୋ ନିକଟରେ ସତ୍ୟ ହେଲେ ସୁଦ୍ଧା ଅପରର ଜୀବନ ମୋର ଦୃଷ୍ଟିର ଅଗୋଚର; ମୋର ମନ, ପ୍ରାଣ ଏବଂ ଇନ୍ଦ୍ରିୟ ଉପରେ ସେମାନଙ୍କର ଯେଉଁ ଛାପ ପଡ଼େ ତାହା ଦ୍ୱାରା ମୁଁ ତାହାର ପରୋକ୍ଷ ସତ୍ୟ କେବଳ ଅନୁଭବ କରେ । ମନୁଷ୍ୟର ଜଡ଼ାଶ୍ରୟୀ ମନ ଏହି ସୀମା ମଧ୍ୟରେ ନିବଦ୍ଧ, ତେଣୁ ପୂର୍ଣ୍ଣ ରୂପେ କେବଳ ଜଡ଼କୁ ବିଶ୍ୱାସ କରିବା ତାହାର ମଜ୍ଜାଗତ ଅଭ୍ୟାସ ହୋଇଅଛି । ଏହି ଅହଂ-କେନ୍ଦ୍ରିକ ଚେତନାକୁ ଜ୍ଞାନର ପ୍ରାମାଣିକତାର ଯଥାର୍ଥ ମାନଦଣ୍ଡ ରୂପେ ସମର୍ଥନ କରାଯାଏ ନାହିଁ ।

"An inner range of spiritual experience is one very great domain of human consciousness; it has to be entered into up to its deepest depths and its vastest reaches. The supraphysical is as real as the physical; to know it is part of a complete knowledge."

(The Life Divine, p. 678)

ଅନ୍ତର ମଧ୍ୟରେ ମାନବ ଚେତନାର ଆଧ୍ୟାତ୍ମିକ ଅନୁଭବର ଏକ ବିଶାଳ ରାଜ୍ୟ ଅଛି । ସେହି ରାଜ୍ୟରେ ପ୍ରବେଶ କରିବା, ତାହାର ସର୍ବତ୍ର ବିଚରଣ କରିବା, ତାହାର ସୁଦୂରତମ ଓ ଗଭୀରତମ ଗୁହାରେ ଅନୁପ୍ରବିଷ୍ଟ ହେବା ପ୍ରୟୋଜନ । ଜଡ଼ାତୀତ ଓ ଜଡ଼-ସତ୍ତା ସମାନ ଭାବରେ ସତ୍ୟ । ଜଡ଼ାତୀତର ଜ୍ଞାନ ପୂର୍ଣ୍ଣଜ୍ଞାନର ଅଂଶ; ତେଣୁ ଏହା ବର୍ଜନୀୟ ନୁହେଁ ।

ଜଡ଼ାତୀତର ଜ୍ଞାନକୁ ଆମ୍ଭେମାନେ ଏକ ପ୍ରକାର ରହସ୍ୟ-ବିଦ୍ୟା (Mysticism) ସହିତ ଯୁକ୍ତ କରି ଦେଖୁ । ଏହାକୁ ଏକ ପ୍ରକାର କୁସଂସ୍କାର ଓ ଫାଙ୍କା ବିଷୟ ବୋଲି ଆମ୍ଭେମାନେ ମନେକରୁ, କିନ୍ତୁ ପ୍ରକୃତ ରହସ୍ୟ ବିଦ୍ୟାର ଅନୁଶୀଳନ ଜଡ଼ାତୀତ ସତ୍ୟସମୂହର ଆବିଷ୍କାରର ଓ ପ୍ରକୃତିର ସକଳ ଗୋପନ ବିଧାନର ଆବରଣ ଉନ୍ମୋଚନ ବ୍ୟତୀତ ଅନ୍ୟ କିଛି ନୁହେଁ । ଚିତ୍-ଜଗତ୍ (Spiritual domain) ବହିଃସ୍ଥର ମନ (Surface mind) ନିକଟରେ ରହସ୍ୟାବୃତ, କାରଣ

ସେଠାକାର ଅନୁଭୂତି ଅପ୍ରାକୃତ ଏବଂ ଅତୀନ୍ଦ୍ରିୟ (Super normal)। ଏହି ରହସ୍ୟ-ଲୋକରେ ଆମ୍ଭେମାନେ ଚିନ୍ମୟ ଆତ୍ମାର ସନ୍ଧାନ ପାଉ। ଅଧ୍ୟାତ୍ମ-ଚେତନା ଓ ଆତ୍ମାର ଶକ୍ତି, ଚିନ୍ମୟ (Spiritual) ଜ୍ଞାନ ଓ ଚିନ୍ମୟ କର୍ମ-ଧାରାର ଯେଉଁ ଆଲୋକ ଆମ୍ଭମାନଙ୍କୁ ଯଥାର୍ଥ ପଥରେ ପରିଚାଳିତ କରିପାରେ ତାହାର ସନ୍ଧାନ ମଧ୍ୟ ଏହି ରହସ୍ୟ-ଲୋକରେ ମିଳେ। ଏହି ସକଳ ବିଷୟ ଜାଣିବା ଏବଂ ତାହାର ସତ୍ୟ ଓ ଶକ୍ତିକୁ ବିଶ୍ୱମାନବର ଜୀବନରେ ସଂକ୍ରମିତ କରିବା ବିବର୍ତ୍ତନ (Evolution)ର ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ।

ତାହାହେଲେ କ'ଣ ଆମ୍ଭମାନଙ୍କର ଜୀବନଧାରା (Way of life) ପରସ୍ପର ବିରୋଧୀ ଦୁଇ ଭାଗରେ ବିଭକ୍ତ ହେବ; ଅର୍ଥାତ୍ ଗୋଟିଏ ହେବ କାମନା ଓ ପ୍ରବୃତ୍ତିର ସାଧାରଣ **ସଂସାର ଜୀବନ** ଏବଂ ଅପରଟି ହେବ ଅତିପ୍ରାକୃତ ଆନ୍ତରଜୀବନ ବା **ଅଧ୍ୟାତ୍ମ ଜୀବନ**। ତାହାହେଲେ ଚିନ୍ମୟ (Spiritual) ଏବଂ ମୃଣ୍ମୟ (Worldly) – ଏହି ଦୁଇ ଭାଗରେ ଆମ୍ଭମାନଙ୍କର ଜୀବନଧାରା ବିଭକ୍ତ ହୋଇପଡ଼ିବ; ଯେତେବେଳେ ଯେଉଁଟା ଦରକାର ହେବ ତାକୁ ଗ୍ରହଣ କରିବା କିଂବା ଗୋଟିଏକୁ ଛାଡ଼ି ଅପରଟିକୁ ଗ୍ରହଣ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ। କିନ୍ତୁ ଏହାହିଁ ଯଦି ଠିକ୍ ପଥ ହୁଏ ତାହାହେଲେ ସଂସାର ଜୀବନ ଏବଂ ଅଧ୍ୟାତ୍ମ ଜୀବନ ମଧ୍ୟରେ କୌଣସି ସମନ୍ୱୟ ଓ ସାମଞ୍ଜସ୍ୟ ସାଧିତ ହୋଇ ପାରିଲା ନାହିଁ। ମନୁଷ୍ୟର ଜୀବନଧାରାରେ ଦୁଇଟା ସ୍ୱତନ୍ତ୍ର ବିଭାଗ ରହିଲା – ଗୋଟିଏ ସଂସାର ଜୀବନ ବିଷୟକ କାମନା, ବାସନା, ପ୍ରବୃତ୍ତିର ଦିଗ ଏବଂ ଅନ୍ୟଟି ଅଧ୍ୟାତ୍ମ ଜୀବନର ଦିଗ। କିନ୍ତୁ କେଉଁ ଭିତ୍ତିରେ ଏହି ବିରୋଧର ସମାଧାନ ହେବ ? ସମାଧାନ ଏହି ଯେ ଆମ୍ଭମାନଙ୍କ ନିମ୍ନତର ଅନ୍ନମୟ (Physical), ପ୍ରାଣମୟ (Vital) ଏବଂ ମନୋମୟ (Mental) ଚେତନା ସେମାନଙ୍କର ଚରମ ସାର୍ଥକତା କେବଳ ସେତିକିବେଳେ ଲାଭ କରିବେ ଯେତେବେଳେ ଉଚ୍ଚତର ଆଧ୍ୟାତ୍ମିକ ଚେତନାର ଆଲୋକ, ଶକ୍ତି ଓ ଆନନ୍ଦ ସେମାନଙ୍କୁ ଗ୍ରହଣ କରିବ ଏବଂ ସେମାନଙ୍କର ରୂପାନ୍ତର ସାଧିତ କରି ନୂତନ ଭଙ୍ଗିରେ ସେମାନଙ୍କୁ ପ୍ରକାଶ କରିବ। ଉଚ୍ଚତର ଆଧ୍ୟାତ୍ମିକ ଚେତନା ଯଦି ନିମ୍ନତର ଚେତନାର ଅନ୍ତର୍ଗତ ମନ, ପ୍ରାଣ ଓ ଶରୀରକୁ ବର୍ଜନ କରେ ତାହା ହେଲେ ତାହା ସହିତ ସେମାନଙ୍କର ଯେଉଁ ସତ୍ୟ-ସମ୍ବନ୍ଧ ଅଛି ତାହାର ପ୍ରକାଶ ହେବ ନାହିଁ। ଏହା କେବଳ ସମ୍ଭବ ହେବ ଯେତେବେଳେ ଉଚ୍ଚତର ଚେତନା ନିମ୍ନତରକୁ ଗ୍ରହଣ ଓ ଶାସନ କରିବ, ତାହା ମଧ୍ୟରେ ଯାହା ଅପୂର୍ଣ୍ଣ ଅଛି ତାହାକୁ ପୂର୍ଣ୍ଣ କରିବ, ତାହାକୁ ଦିବ୍ୟ ଭାବରେ ରୂପାନ୍ତରିତ କରିବ ଏବଂ ନୂତନ ପ୍ରଣାଳୀରେ ପ୍ରକାଶିତ କରିବ ଅର୍ଥାତ୍ ଯେତେବେଳେ ମନୋମୟ, ପ୍ରାଣମୟ ଏବଂ ଅନ୍ନମୟ ପ୍ରକୃତିକୁ ଚିନ୍ମୟ ଓ ଅତିମାନସ କରି ଗଢ଼ି ପାରିବ। ଐହିକ ଦର୍ଶନର ଆଦର୍ଶ ଆଧୁନିକ ମନକୁ ଅଧିକାର କରିଛି; ଏହି ଆଦର୍ଶ ମନୁଷ୍ୟର ପାର୍ଥିବ ଜୀବନକୁ ଏବଂ ମାନବସମାଜର ଆଶା ଓ ଅଭିଳାଷକୁ ପ୍ରଧାନ ସ୍ଥାନ ଦେଇଛି, ଏବଂ ଜୀବନ-ସମସ୍ୟାର ସମାଧାନ ନିମିତ୍ତ ଦୃଢ଼ ଦାବୀ କରିଛି। ଏହି ଦର୍ଶନ ଆମ୍ଭମାନଙ୍କର ଏହି ଉପକାର କରିଛି। କିନ୍ତୁ ଜାଗତିକ ଜୀବନର ଅବିବେକିତା ଏବଂ ସେଥିରେ ଐକାନ୍ତିକ ଅଭିନିବେଶ ହେତୁ ମନୁଷ୍ୟର ସମ୍ଭାବନାର ପରିଧି ସୀମିତ ହୋଇଅଛି ଏବଂ ଏହି ସୀମାନିର୍ଦ୍ଦେଶ ହେତୁ ମନୁଷ୍ୟ ତାହାର ଜୀବନର ଲକ୍ଷ୍ୟ ପୂର୍ଣ୍ଣଭାବରେ ଅନୁସରଣ କରିପାରୁ ନାହିଁ। ମନୁଷ୍ୟ ମଧ୍ୟରେ ଓ ବିଶ୍ୱ-ପ୍ରକୃତିରେ 'ମନ'ହିଁ ଯଦି ଚରମ ତତ୍ତ୍ୱ ହୁଏ ତାହାହେଲେ ଏହି ବିଫଳତାର କୌଣସି ପ୍ରଶ୍ନ ଉଠେ ନାହିଁ; କିନ୍ତୁ ମନ ଯଦି ଚେତନାର ଆଂଶିକ ଉନ୍ମୀଳନ ମାତ୍ର ହୁଏ ଏବଂ ମନର ଅତୀତ ଏପରି ଶକ୍ତିସମୂହ ଥାଏ ଯାହା ଲାଭ କରିବା ମନୁଷ୍ୟ ପକ୍ଷରେ ସାଧ୍ୟାୟତ୍ତ ହୁଏ, ତାହାହେଲେ (ଜଗଦାତୀତ ବସ୍ତୁର ବିଷୟ ଛାଡ଼ିଦେଲେ ମଧ୍ୟ) ସେହି ସମସ୍ତ ଶକ୍ତିର ଉନ୍ମେଷ ଓ ପୁଷ୍ଟି ଉପରେ ଏହି ପୃଥିବୀରେ ସିଦ୍ଧି ଲାଭ ଯେ କେବଳ ନିର୍ଭର କରିବ ତାହା ନୁହେଁ, ତାହା ହେବ ଆମ୍ଭମାନଙ୍କର ଊର୍ଦ୍ଧ୍ୱ-ପରିଣତିର ଏକମାତ୍ର ପ୍ରକୃତ ପଥ।

ଶ୍ରୀଅରବିନ୍ଦଙ୍କ ଭାଷାରେ :

"But if mind is only a partial unfolding of consciousness and there are powers beyond of which Nature in our race is capable, then not only does our hope upon earth, let alone what is beyond it, depend upon their development, but this becomes the one proper road of our evolution."

(The Life Divine, p. 705)

ଶ୍ରୀଅରବିନ୍ଦ କହିଛନ୍ତି : ''ମନୁଷ୍ୟର ମନ ଯେଉଁ ଆଡ଼କୁ ଅଗ୍ରସର ହୋଇପାରେ, ସେହି ବୃହତ୍ତର ଓ ମହତ୍ତର ଚେତନାର ଆଂଶିକ ଉନ୍ମେଷ ନ ଘଟିଲେ ମନୁଷ୍ୟର ମନ ଓ ପ୍ରାଣ କଦାପି ପରିପୂର୍ଣ୍ଣତା ଲାଭ କରି ପାରିବ ନାହିଁ। ଅଧ୍ୟାତ୍ମ ଚେତନା ହିଁ

ସେହି ବୃହତ୍ତର ଓ ମହତ୍ତର ଚେତନା, କାରଣ ଅଧ୍ୟାତ୍ମ ଚେତନା ଯେ ଅନ୍ୟ ସକଳ ଚେତନା ଅପେକ୍ଷା କେବଳ ଉଚ୍ଚତର ତାହା ନୁହେଁ, ପରନ୍ତୁ ତାହା ଅନ୍ୟ ସକଳ ଚେତନାକୁ ନିଜର ଅନ୍ତର୍ଭୁକ୍ତ କରିନିଏ । ଅଧ୍ୟାତ୍ମ ଚେତନା ନିଜ ଆଲୋକ ମଧ୍ୟରେ ମନୁଷ୍ୟର ପ୍ରାଣ ଓ ମନକୁ ଗ୍ରହଣ କରିପାରେ ଏବଂ ତାହାର ସତ୍ୟ ଓ ଚରମ ଉପଲବ୍ଧି ଦାନ କରିପାରେ । କାରଣ ଏହି ଉଚ୍ଚତର ଚେତନାରେ ଅଛି ଜ୍ଞାନର ବୃହତ୍ତର ସାମର୍ଥ୍ୟ, ଅଛି ଗଭୀରତର ଶକ୍ତି ଓ ସଂକଳ୍ପର ପ୍ରସ୍ରବଣ, ଅଛି ପ୍ରେମ, ଆନନ୍ଦ ଏବଂ ସୌନ୍ଦର୍ଯ୍ୟର ଅମେୟ ପ୍ରସାରତା ଓ ପ୍ରବଳତା ।''

"The conquest of the body and the vital self by the purification of the emotions and the clarification of the intellect was the principal work of the past. The purification has been done by morality and religion, the clarification by science and philosophy, art, literature and social and political life being the chief media in which these uplifting forces have worked. The conquest of the emotions and the intellect by the spirit is the work of the future."

(CWSA-13, p. 21) – Sri Aurobindo

ଅର୍ଥାତ୍, ''ଭାବର ବିଶୁଦ୍ଧୀକରଣ ଏବଂ ବୁଦ୍ଧିର ମାର୍ଜନା ଦ୍ୱାରା ଶରୀର ଏବଂ ପ୍ରାଣମୟ ସତ୍ତା ଉପରେ ବିଜୟ ହାସଲ କରିବା ଅତୀତ ଯୁଗର ପ୍ରଧାନ କାର୍ଯ୍ୟ ଥିଲା । ପ୍ରାଣର ଏହି ବିଶୁଦ୍ଧୀକରଣ ନୈତିକତା ଓ ଧର୍ମ ଦ୍ୱାରା ସାଧିତ ହୋଇଛି ଏବଂ ବୁଦ୍ଧିର ମାର୍ଜଣା ମୁଖ୍ୟତଃ ବିଜ୍ଞାନ, ଦର୍ଶନ, କଳା ଓ ସାହିତ୍ୟ ଏବଂ ସାମାଜିକ ଓ ରାଜନୈତିକ ଜୀବନ ଦ୍ୱାରା ସାଧିତ ହୋଇଛି, ଯାହା ମାଧ୍ୟମରେ ଏହି ଉନ୍ନୟନକାରୀ ଶକ୍ତିଗୁଡ଼ିକ କାର୍ଯ୍ୟକାରୀ ହୋଇଅଛି । ଆଉ ଭାବ ଓ ବୁଦ୍ଧି ଉପରେ ଆତ୍ମାର ବିଜୟ ଆଗାମୀ ଯୁଗର ପ୍ରଧାନ କାର୍ଯ୍ୟ ହେବ ।''

ମାନବଜାତିର ପ୍ରଗତି ପଥରେ ବିଶ୍ୱାସର ଆଲୋକ ମନୁଷ୍ୟ ପକ୍ଷରେ ଅପରିହାର୍ଯ୍ୟ । କାରଣ ସେହି ଆଲୋକ ବ୍ୟତୀତ ଅଜଣା ପଥରେ ଚାଲିବା ତାହା ପକ୍ଷରେ ଅସମ୍ଭବ ହୁଏ । କିନ୍ତୁ ଏହା ମଧ୍ୟ ବୁଝିବା ଉଚିତ ଯେ ବିଶ୍ୱାସକୁ ଜବରଦସ୍ତି କାହାରି ଉପରେ ଲଦି ଦେବା ଉଚିତ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ତା' ନିଜ ଅନ୍ତରର ସ୍ୱାଧୀନ ଅନୁଭୂତିରୁ, ଅନ୍ତରସ୍ଥ ଚିତ୍‌ପୁରୁଷଙ୍କର ଅଲଂଘ୍ୟ ନିର୍ଦ୍ଦେଶରୁ ଆଧ୍ୟାତ୍ମିକ ବିଶ୍ୱାସ ଲାଭ କରନ୍ତି । ମନୁଷ୍ୟର ଚିନ୍ତାଧାରା, ଆଦର୍ଶ, ଶିଳ୍ପ ଓ ବିଜ୍ଞାନ ସାଧନା ପ୍ରଭୃତି ପ୍ରଚେଷ୍ଟାରେ ବିଶ୍ୱାସର ଆଲୋକ ଅପରିହାର୍ଯ୍ୟ । ଲଣ୍ଡନ ସହର ଅଛି – ଏ ବିଶ୍ୱାସ ନ ଥିଲେ ଲଣ୍ଡନକୁ ଯିବା ସମ୍ଭବ ହେବ ନାହିଁ । ସେହିପରି ଭଗବାନଙ୍କୁ ନିଶ୍ଚିତ ଭାବରେ ଜାଣିବା ପୂର୍ବରୁ ଭଗବାନଙ୍କଠାରେ ବିଶ୍ୱାସ ଥିବା ପ୍ରୟୋଜନ । ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନ ଅବିଦ୍ୟାଚ୍ଛନ୍ନ ପରିସ୍ଥିତିରେ ମନୁଷ୍ୟ ମଧ୍ୟରେ ପ୍ରକୃତି (Nature) ଯେଉଁ ଉଚ୍ଚତମ ଅଧ୍ୟାତ୍ମଜ୍ଞାନର ପ୍ରକାଶ ଚାହୁଁଛି ସେଥିପାଇଁ ମନ ଦ୍ୱାରା ତା'ର ଧାରଣା କରିବା ଏବଂ ବୁଦ୍ଧି ସାହାଯ୍ୟରେ ଅଗ୍ରସର ହେବାକୁ ଚେଷ୍ଟା କରିବା ମଧ୍ୟ ବିଶେଷ ସହାୟକ । ଆମ୍ଭମାନଙ୍କର ପ୍ରକୃତି ଏବଂ ତାହାର ପଶ୍ଚାତରେ ଯେଉଁ ଗୋପନ ସତ୍ୟ ଅଛି ତାହାର ଉଚ୍ଚତମ ପରିଣତି ଏବଂ ତାହାର କ୍ରିୟାର ଲକ୍ଷ୍ୟ, ପଦ୍ଧତି ଓ ତତ୍ତ୍ୱସମୂହ ବୁଝିବାକୁ ହେବ । ସେଥିନିମିତ୍ତ ଚିତ୍ତର ଭାବନା ଓ ବିଚାର ଶକ୍ତିକୁ ନିୟୋଜିତ କରିବାକୁ ହେବ । ପରମ ସତ୍ୟ ଯଦି ଚିନ୍ମୟ ତତ୍ତ୍ୱ ହୁଏ, ତାହାହେଲେ ବୁଦ୍ଧି ପକ୍ଷରେ ସେହି ଆଦି ସତ୍ୟ ଓ ତତ୍ତ୍ୱର ପ୍ରକୃତି କ'ଣ, ଜୀବଜଗତ୍ ସହିତ ସେହି ସତ୍ୟର ସମ୍ବନ୍ଧ କ'ଣ – ଏହି ସବୁ ବିଷୟ ବୁଦ୍ଧି ସାହାଯ୍ୟରେ ଜାଣିବାର ପ୍ରୟୋଜନ ଅଛି । ଚିନ୍ମୟ ଅନୁଭୂତିର ମୂଳରେ ସମର୍ଥନ ଯୋଗ୍ୟ କୌଣସି ସତ୍ୟ ନଥିଲେ ମନୁଷ୍ୟର ବିଚାରବୁଦ୍ଧି ସ୍ୱଚ୍ଛନ୍ଦରେ ସେହି ସବୁ ଅଲୌକିକ ଅନୁଭୂତିଗୁଡ଼ିକୁ ଅନିଶ୍ଚିତ ଓ ଦୁର୍ବୋଧ ବୋଲି ସନ୍ଦେହ କରିପାରେ ଅଥବା ସତ୍ୟାଶ୍ରିତ ନୁହେଁ ମନେ କରି ତାହାଠାରୁ ଦୂରରେ ରହେ । କିଂବା ବିଚାରବୁଦ୍ଧି ଆଧ୍ୟାତ୍ମିକ ଅନୁଭୂତିକୁ ଅତିରିକ୍ତ ଭାବାବେଗ (Fanaticism) କଳ୍ପନାବିଳାସୀ ମନ ବା ଇନ୍ଦ୍ରିୟବୋଧ ଦ୍ୱାରା ବିକୃତ ଓ କଳୁଷିତ ମନେ କରି ସେଗୁଡ଼ିକୁ ଅବିଶ୍ୱାସ କରିପାରେ । ଆମ୍ଭମାନଙ୍କର ବୁଦ୍ଧିର ମୁଖ୍ୟ ଉଦ୍ଦେଶ୍ୟ ତତ୍ତ୍ୱର ଅବଧାରଣ, ଗୌଣ ଉଦ୍ଦେଶ୍ୟ ସମାଲୋଚନା କରିବା ଏବଂ ପରିଶେଷରେ ସଂହତ, ସଂଯତ ଓ ସୁବିନ୍ୟସ୍ତଭାବରେ ତାହାକୁ ରୂପ ଦେବା ।

"For the action of our intellect is primarily the function of understanding, but secondarily critical and finally organising, controlling and formative."

(The Life Divine, p. 911)

ବୁଦ୍ଧିମାନ୍ ମନୁଷ୍ୟ ମଧ୍ୟରେ ଗୋଟିଏ ମହତ୍ତର ଚେତନାର ପ୍ରଥମ ଜାଗରଣ ସମୟରେ ପ୍ରକୃତି ତାହାର ଚେତନାରେ ଅତୀନ୍ଦ୍ରିୟ ଅନନ୍ତର ଗୋଟିଏ ଅସ୍ପଷ୍ଟ ବୋଧ ଜାଗ୍ରତ୍ କରାନ୍ତି । ସେ ମନେ କରେ ଏକ ଅଦୃଶ୍ୟ ଅଜଣା ରହସ୍ୟ ତାହାର ଜଡ଼ମୟ ସତ୍ତାକୁ ଘେରି ରହିଛି । ଏହି ଭାବନାକୁ ମହିମବୋଧ (Sense of Sublime) ବୋଲାଯାଏ । ମହିମବୋଧର କ୍ରମବିକାଶ ହେତୁ ମନୁଷ୍ୟ ଜାଣିପାରେ (ଯେତେ ଅସ୍ପଷ୍ଟ ହେଲେ ମଧ୍ୟ) ଯେ ତାହାର ମନ ଓ ଇଚ୍ଛାଶକ୍ତି ସୀମିତ ଏବଂ ଦୁର୍ବଳ ଏବଂ ଜଗତ୍ ମଧ୍ୟରେ ଏପରି କିଛି ଗୋପନରେ ଅବସ୍ଥିତ ଯାହା ଅନେକ ବଡ଼ । ଯେଉଁ ଜଡ଼ଜଗତରେ ସେ ବାସ କରେ ତା'ର ପଶ୍ଚାତରେ ଏପରି ଏକ ଶକ୍ତି ଅଛି ଯାହା ଜଗତ୍‌କୁ ଏବଂ ତାହାକୁ ସୃଷ୍ଟି କରିଅଛି । ଏହି ଶକ୍ତିର ସ୍ୱରୂପ ଏବଂ ତାଙ୍କ ସହିତ ଯୋଗାଯୋଗର ସୂତ୍ର ମନୁଷ୍ୟ କାଳକ୍ରମେ ଆବିଷ୍କାର କରିଛି । ଭାରତର ଇତିହାସରେ ଏହି ଆବିଷ୍କାର-ପଦ୍ଧତିର ଗୋଟିଏ ସୁଦୀର୍ଘ କ୍ରମବଦ୍ଧ ବିବରଣ ଅଛି । ଭାରତୀୟ ସଂସ୍କୃତି ମଧ୍ୟରେ ମହିମବୋଧର ବିପୁଳ ପ୍ରସାର ଓ ଗଭୀର ତାତ୍ପର୍ଯ୍ୟ ଦେଖା ଦେଇଛି । ଆତ୍ମସଚେତନତା ପରି ମହିମବୋଧ ମାନସିକ ଚେତନାର ଗୋଟିଏ ସ୍ୱାଭାବିକ ବୃତ୍ତି । ମହିମବୋଧର ଚରମ ପରିଣାମକୁ ଭାରତରେ ଘୋଷଣା କରାହୋଇଥିଲା ''ଅୟମାତ୍ମା ବ୍ରହ୍ମ''– ଉପନିଷଦ୍‌ର ଏହି ମନ୍ତ୍ର ଦ୍ୱାରା ।

ଏହି ଅଖଣ୍ଡ ଦର୍ଶନରେ ବିଶ୍ୱାତୀତ ପରମ ସତ୍ତାହିଁ ପରମ ସତ୍ୟ ବସ୍ତୁ ଏବଂ ତାହାଙ୍କୁ ଉପଲବ୍ଧି କରିବା ମନୁଷ୍ୟ ଚେତନାର ଉଚ୍ଚତମ ସୀମା । ବିଶ୍ୱସତ୍ତା ଏକ ଅର୍ଥହୀନ ଖିଆଲ ବା ଭ୍ରମ ବା ଆକସ୍ମିକ ପ୍ରମାଦ ନୁହେଁ; ତହିଁରେ ଦିବ୍ୟ ଅର୍ଥ ଏବଂ ସତ୍ୟ ଅଛି ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ,

"A perfect selfexpression of the spirit is the object of our terrestrial existence. This cannot be achieved if we have not grown conscious of the supreme Reality; for it is only by the touch of the Absolute that we can arrive at our own absolute."

(The Life Divine, p. 706)

ଅର୍ଥାତ୍, ''ସେହି ଚିଦ୍‌ବସ୍ତୁର ପୂର୍ଣ୍ଣ ଆତ୍ମପ୍ରକାଶହିଁ ଆମ୍ଭମାନଙ୍କର ଏହି ପାର୍ଥିବ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ । କିନ୍ତୁ ପରମ ସତ୍ୟ ବସ୍ତୁର ଚେତନା ଅନ୍ତରରେ ସ୍ଫୁରିତ ନ ହେଲେ ଏହି ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ନୁହେଁ, କାରଣ କେବଳ ପରମ ଏବଂ ଚରମର ସଂସ୍ପର୍ଶ ଫଳରେ ଆମ୍ଭମାନଙ୍କର ଚରମ ଅବସ୍ଥା ବା ପରାଚେତନା ଲାଭ ହୁଏ ।'' ✤

### [ୟୁନେସ୍କୋ (UNESCO) ସକାଶେ ବାଣୀ]

ପୃଥିବୀ ପୃଷ୍ଠରେ ଅତିମାନସ ସତ୍ୟର ଆଗମନୀକୁ ତ୍ୱରାନ୍ୱିତ କରିବା ନିମିତ୍ତ ଅରୋଭିଲ୍ ଉଦ୍ଦିଷ୍ଟ ।

ପୃଥିବୀ ଯେପରି ହେବା ଉଚିତ ସେପରି ହୋଇ ନାହିଁ ବୋଲି ଯେଉଁମାନେ ଦେଖିପାରୁଛନ୍ତି, ସେହି ସମସ୍ତଙ୍କର ସାହାଯ୍ୟକୁ ସ୍ୱାଗତ କରିବା ଉଚିତ ।

ପ୍ରତ୍ୟେକ ବ୍ୟକ୍ତି ଜାଣିବା ଆବଶ୍ୟକ ଯେ ସେ ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ଏକ ପୁରାତନ ପୃଥିବୀ ସହିତ ମିଳିତ ହେବାକୁ ଚାହାନ୍ତି ଅଥବା ନବଜନ୍ମ ନିମିତ୍ତ ପ୍ରସ୍ତୁତ ହେଉଥିବା ଏକ ନୂତନ ଏବଂ ମହତ୍ତର ପୃଥିବୀ ସକାଶେ କାର୍ଯ୍ୟ କରିବାକୁ ଚାହାନ୍ତି ।

*୧ ଫେବ୍ରୁଆରୀ, ୧୯୭୨* — ଶ୍ରୀମା

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୩)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ '**ବୁଦ୍ଧ ଚରିତ**' ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍‌ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି । ଏହି କାବ୍ୟର କେତେକ ନିର୍ବାଚିତ ଅଂଶ 'ନବଜ୍ୟୋତି'ର କେତୋଟି ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶ କରାଯାଉଛି ।

'ନବଜ୍ୟୋତି'ର ଗତ ନଭେମ୍ବର ସଂଖ୍ୟାରେ ବର୍ଣ୍ଣିତ ହୋଇଛି ନଗର ଭ୍ରମଣ କାଳରେ ଜରା, ବ୍ୟାଧି ଓ ମୃତ୍ୟୁର ଦୃଶ୍ୟ ଦର୍ଶନ କରି ଶାକ୍ୟ ରାଜକୁମାରଙ୍କ ହୃଦୟ କିପରି ବିଚଳିତ ହୋଇଥିଲା ଓ ସେ ରଥ ଫେରାଇବାକୁ ସାରଥିଙ୍କୁ କହିଥିଲେ, କିନ୍ତୁ ରଥ ନ ଫେରାଇ ସ୍ୱୟଂ ରାଜାଙ୍କ ଆଦେଶାନୁଯାୟୀ ସାରଥି ରାଜକୁମାରଙ୍କୁ ବହୁ ସୁନ୍ଦରୀ ରମଣୀଙ୍କ ପରିବେଷ୍ଟିତ ଅପୂର୍ବ ଶୋଭାମୟ ପଦ୍ମଖଣ୍ଡ ବନକୁ ନେଇ ଯାଇଥିଲେ । ରାଜାଙ୍କ ଉଦ୍ଦେଶ୍ୟ ଥିଲା କୁମାରଙ୍କୁ ବିଷୟଭୋଗରେ ପ୍ରଲୋଭିତ କରିବା । — ସଂପାଦକ]

### ଚତୁର୍ଥ ସର୍ଗ

ଏହାପରେ କୌତୂହଳ-ଚଞ୍ଚଳ-ନୟନା ଯୁବତୀମାନେ କୁମାରଙ୍କୁ ବିବାହ ପାଇଁ ଆଗତ ବର ପରି ଅଭ୍ୟର୍ଥନା ଜଣାଇ ସେହି ଉଦ୍ୟାନରୁ ନିର୍ଗତ ହେଲେ । ତାହାଙ୍କ ସମୀପବର୍ତ୍ତୀ ହୋଇ ଯେପରି ପ୍ରୀତିବିକଚ ବିଶାଳ ନୟନ ଦ୍ୱାରା ତାଙ୍କ ସୌନ୍ଦର୍ଯ୍ୟକୁ ପାନ କରିବାକୁ ଲାଗିଲେ । ସେହି ନାରୀଗଣ, ଦୀପ୍ତ ଲକ୍ଷଣ ସବୁରେ ଶୋଭିତ କୁମାରଙ୍କୁ ମୂର୍ତ୍ତିମାନ୍ ମନ୍ମଥ ପରି, ବା ତାଙ୍କର ଧୀରତା ଓ ସୌମ୍ୟତା ହେତୁ କେହି କେହି ତାଙ୍କୁ ଭୂ-ତଳେ ଅବତୀର୍ଣ୍ଣ ସାକ୍ଷାତ୍ ସୁଧା-ବିତରଣକାରୀ ସୁଧାଂଶୁ ଚନ୍ଦ୍ରମା ବୋଲି ମନେ କଲେ । ତାଙ୍କ ଦେହର ଦୀପ୍ତି ଦ୍ୱାରା ବିକ୍ଷିପ୍ତଚିତ୍ତା ନାରୀଗଣ ପରସ୍ପର ପ୍ରତି ଦୃଷ୍ଟି ନିକ୍ଷେପ କରି ଧୀର ନିଃଶ୍ୱାସ ତ୍ୟାଗପୂର୍ବକ ସ୍ଥିର ଦୃଷ୍ଟିରେ କେବଳ ନିରୀକ୍ଷଣ କରିବାକୁ ଲାଗିଲେ । କଥା ମଧ୍ୟ କହିଲେ ନାହିଁ ବା ହାସ୍ୟ ମଧ୍ୟ କଲେ ନାହିଁ ।

ସେହି ରମଣୀମାନଙ୍କର ଏହି ପ୍ରକାର ଆଚରଣରେ କୁମାରଙ୍କ ବନ୍ଧୁ ପୁରୋହିତପୁତ୍ର ଉଦାୟୀ ସେମାନଙ୍କୁ ସମ୍ବୋଧନ କରି କହିଲେ, ''ତୁମେମାନେ ବୀତରାଗ ଋଷିମାନଙ୍କୁ ଓ ଅପ୍‌ସରା-ଶୋଭିତ ଦେବଗଣଙ୍କୁ ମଧ୍ୟ ଚଞ୍ଚଳ କରିବା ପାଇଁ ସମର୍ଥ । ତୁମେମାନେ ତୁମର ହାବଭାବ, ଜ୍ଞାନ, ଚାତୁର୍ଯ୍ୟ ଦ୍ୱାରା ସ୍ତ୍ରୀ ଲୋକମାନଙ୍କୁ ମଧ୍ୟ ଆକୃଷ୍ଟ କରିପାର, ପୁରୁଷଙ୍କ କଥା କ'ଣ କହିବା । ଏପରି ସାମର୍ଥ୍ୟ-ସଂପନ୍ନା ହୋଇ ମଧ୍ୟ, ନିଜ ଅଧିକାରରେ ନିଯୁକ୍ତ ତୁମର ଏହି ଆଚରଣ ସନ୍ତୋଷଜନକ ନୁହେଁ, ଏହା ଯେପରି ଲଜ୍ଜାରେ କୁଞ୍ଚିତନୟନା ନବବଧୂ ବା ଗୋପବଧୂଙ୍କ ଅନୁରୂପ ହେଉଛି । କୁମାର ଧୀର ଓ ମହାମହିମ-ସଂପନ୍ନ ମହାପୁରୁଷ, କିନ୍ତୁ ନାରୀଗଣଙ୍କର ମହାତେଜ ରହିଛି । ଦୃଢ଼ ସଂକଳ୍ପ ହୋଇ ତୁମର କାର୍ଯ୍ୟ ଆରମ୍ଭ କର ।

''ପୁରାକାଳରେ ଦେବତାଗଣଙ୍କଠାରୁ ଆହୁରି ଦୁର୍ଦ୍ଧର୍ଷ ମହର୍ଷି ବ୍ୟାସ କାଶୀସୁନ୍ଦରୀଙ୍କ ଦ୍ୱାରା, ଦୀର୍ଘତପା ମହର୍ଷି ଗୌତମ ଏକ ନୀଚବର୍ଣ୍ଣା ନାରୀ ଦ୍ୱାରା, ସ୍ତ୍ରୀମାନଙ୍କ ସଂପର୍କରେ ଅନଭିଜ୍ଞ ଋଷିପୁତ୍ର ଋଷ୍ୟଶୃଙ୍ଗ ଏକ ବାରାଙ୍ଗନା ଦ୍ୱାରା ଆକୃଷ୍ଟ ଓ ମୋହିତ ହୋଇଥିଲେ । ଘୃତାଚୀ ଅପ୍ସରା ମହାତପୋମଗ୍ନ ମହର୍ଷି ବିଶ୍ୱାମିତ୍ରଙ୍କୁ ଏପରି ମୋହମୁଗ୍ଧ କରିଥିଲେ ଯେ ଦଶବର୍ଷ ତାଙ୍କୁ ଗୋଟିଏ ଦିନ ପରି ଲାଗିଥିଲା । ନାରୀଗଣ ଯେତେବେଳେ ପୁରାକାଳରେ ଏପରି ଋଷିମାନଙ୍କ ମନରେ ବିକାର ଆଣି ପାରିଥିଲେ ଏହି ତରୁଣ କୋମଳମତି ରାଜକୁମାରଙ୍କୁ ମୋହିତ କରିବା ପାଇଁ ତୁମେମାନେ ନିର୍ଭୟ ଚେଷ୍ଟା କର ।''

ଉଦାୟୀଙ୍କ ଏହିପରି ବାକ୍ୟ ଶ୍ରବଣ କରି ପୁରୋଦ୍ୟାନରେ ଉପସ୍ଥିତା ସେହି ନାରୀମାନେ ପ୍ରଥମେ ଭ୍ରୂଭଙ୍ଗ, କଟାକ୍ଷ,

ହାବଭାବ, ହାସ୍ୟ ଓ ଲଳିତଗତି ଆଦି ଅଙ୍ଗ ବିକ୍ଷେପ ଚେଷ୍ଟା ଆରମ୍ଭ କରିଲେ ଭୟଚକିତ ଭାବ ନେଇ । ପରେ ମଦୋନ୍ମତ୍ତ-ନାରୀସୁଲଭ ନାନା ଆଚରଣରେ କୁମାରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କଲେ । କେହି ନାରୀ ଛଳ-ପୂର୍ବକ ସ୍ଖଳିତ ହୋଇ ତାହାର କୋମଳ ସ୍କନ୍ଧାଲମ୍ବିତ ଲଳିତ ବାହୁଲତା ଦ୍ୱାରା କୁମାରଙ୍କୁ ଆଶ୍ରୟ କରି ବଳ-ପୂର୍ବକ ଆଲିଙ୍ଗନ କଲା । କେହି ନାରୀ ମତ୍ତତା ଛଳରେ ନିଜର ନୀଳାମ୍ବର ବାରଂବାର ଶିଥିଳ କରି, କାଞ୍ଚିବନ୍ଧନ ଈଷତ୍ ପ୍ରଦର୍ଶନ-ପୂର୍ବକ ବିଦ୍ୟୁତ୍ ସ୍ଫୁରିତ ରଜନୀ ପରି ବିରାଜ କରିବାକୁ ଲାଗିଲା । କେହି ବା ତାହାର ତାମ୍ର ଅଧରୋଷ୍ଠ ବିଶିଷ୍ଟ ମୁଖକୁ କୁମାରଙ୍କ କର୍ଣ୍ଣମୂଳରେ ସ୍ଥାପନ କରି ଅସ୍ଫୁଟ ସ୍ୱରରେ କହିଲା, ''ଏକ ଗୋପନୀୟ କଥା ଶ୍ରବଣ କରନ୍ତୁ ।'' କେହି କେହି ନାରୀ ସେମାନଙ୍କ ସୁବର୍ଣ୍ଣକଳସ ସଦୃଶ ପୟୋଧର ସମୂହ ପ୍ରଦର୍ଶନ କରି ମୁକୁଳିତ ଚୂତ ଶାଖା ଧାରଣ କରି ଝୁଲିବାକୁ ଲାଗିଲେ । କେହି ପଦ୍ମଲୋଚନା ପଦ୍ମବନରୁ ପଦ୍ମ ଆଣି ପଦ୍ମାନନ ସେହି କୁମାରଙ୍କ ପାର୍ଶ୍ୱରେ ଦଣ୍ଡାୟମାନା ହୋଇ ପଦ୍ମଶ୍ରୀର ଶୋଭା ଧାରଣ କଲା । କେହି ବା ଅଭିନୟ ସହକାରେ, କେହି ବା ମଧୁର ଗାନ କରି ସେହି ସ୍ଥିରଚିତ୍ତ କୁମାରଙ୍କୁ ଉତ୍ତେଜିତ କରିବା ପାଇଁ କହିଲା, ''ଆପଣ ବଞ୍ଚିତ ହେଲେ'' । କୁମାର ଗମନୋଦ୍ୟତ ହେଲେ କେହି ତାହାଙ୍କୁ ମାଲ୍ୟଦାନ କରି, କେହି ବା ତାଙ୍କୁ ତିରସ୍କାର ବ୍ୟଞ୍ଜକ ମଧୁର ବଚନ କହି ଅଟକାଇବାକୁ ଚେଷ୍ଟା କଲେ । ସେହି କାମୋନ୍ମତ୍ତଚିତ୍ତା ରମଣୀମାନେ କୁମାରଙ୍କୁ ନାନା ଭାବରେ ଉତ୍ତେଜିତ କରିବାକୁ ଚେଷ୍ଟା କରି ଉଦ୍ୟାନରେ ଶୋଭା ପାଉଥିବା ଅଶୋକ, ଚୂତ, ଆଦି ନାନା ପଲ୍ଲବାବୃତ ବୃକ୍ଷ, ନାନା ପୁଷ୍ପଲତା, ତହିଁରେ ଗୁଞ୍ଜନରତ ଭ୍ରମର, କୂଜନରତ କୋକିଳ, ମନୋହର ପୁଷ୍କରିଣୀ ସବୁରେ ପ୍ରସ୍ଫୁଟିତ କମଳ ଓ ନୀଳୋତ୍ପଳ ଆଦି ପୁଷ୍ପ, ସନ୍ତରଣରତ ଚକ୍ରବାକ ଆଦିଙ୍କୁ ଦେଖାଇ ଆକ୍ରମଣସୂଚକ ଭଙ୍ଗୀରେ କହିବାକୁ ଲାଗିଲେ, ''ବସନ୍ତ ଦ୍ୱାରା ଆହରିତ ମତ୍ତତା ବିହଙ୍ଗମାନଙ୍କ ପାଇଁ । ଯାହା ଚିନ୍ତାର ଅତୀତ ତାହା ଚିନ୍ତା କରୁଥିବା ପାଣ୍ଡିତ୍ୟାଭିମାନୀ ବ୍ୟକ୍ତିମାନଙ୍କ ପାଇଁ ନୁହେଁ ।''

### କୁମାରଙ୍କ ଭାବନା

ପୁରୋଦ୍ୟାନର ରମଣୀମାନଙ୍କ ଦ୍ୱାରା ଏହିପରି ପ୍ରଲୋଭିତ ହୋଇ ମଧ ଧୈର୍ଯ୍ୟାବୃତେନ୍ଦ୍ରିୟ ସେହି କୁମାର ''ସକଳଙ୍କୁହିଁ ମୃତ୍ୟୁ ଭୋଗ କରିବାକୁ ହେବ'', ଏହି ଉଦ୍‌ବେଗ ଯୋଗୁଁ କୌଣସି ହର୍ଷ ବା ବ୍ୟଥା ଅନୁଭବ କଲେ ନାହିଁ । ସେ ଉଦ୍‌ବିଗ୍ନ ହୃଦୟରେ, ଧୀର ଚିତ୍ତରେ ଚିନ୍ତା କରିବାକୁ ଲାଗିଲେ, ''ଜରା ଯାହାକୁ ଧ୍ୱଂସ କରିବ, ସେହି ରୂପରେ ଏହି ନାରୀଗଣ ମତ୍ତ ହୋଇଛନ୍ତି । ହାୟ, ଏମାନେ କ'ଣ ଜାଣନ୍ତି ନାହିଁ ଯେ ଯୌବନ ଚପଳ ଓ ଚଞ୍ଚଳ । ନିଶ୍ଚୟହିଁ ଏମାନେ କାହାକୁ ରୋଗରେ ଅଭିଭୂତ ହୋଇଥିବା ଦେଖି ନାହାନ୍ତି, ସେଇଥି ପାଇଁ ସ୍ୱଭାବତଃ ବ୍ୟାଧି ପରିପୂର୍ଣ୍ଣ ଏହି ଜଗତରେ ଆନନ୍ଦ କରୁଛନ୍ତି । ଏହା ସ୍ପଷ୍ଟ ପ୍ରତୀତ ହେଉଛି ଯେ ଏହି ସ୍ତ୍ରୀଲୋକମାନେ ସର୍ବାପହାରୀ ମୃତ୍ୟୁ ବିଷୟରେ ଅଜ୍ଞ । ସେଇଥି ଯୋଗୁଁ ନିରୁଦ୍‌ବେଗରେ ସୁସ୍ଥ ଚିତ୍ତରେ ଏମାନେ କ୍ରୀଡ଼ା ଓ ହାସ୍ୟ କରୁଛନ୍ତି ।

ଜରା, ମୃତ୍ୟୁ ଓ ବ୍ୟାଧିକୁ ଜାଣି କେଉଁ ସଚେତନ ବ୍ୟକ୍ତି ସୁସ୍ଥ ଅବସ୍ଥାରେ ବସି ରହିପାରେ ବା ନିଦ୍ରା ଯାଇପାରେ, ହସିବା ତ ଦୂରର କଥା । ଯେ ପରକୁ ଜରାଜୀର୍ଣ୍ଣ, ବ୍ୟାଧିପୀଡ଼ିତ ବା ମୃତ ଦେଖି ଉଦ୍‌ବିଗ୍ନ ନ ହୋଇ ସୁସ୍ଥ ରହିପାରେ ସେ ପ୍ରକୃତରେ ଚେତନାଶୂନ୍ୟ । କେଉଁ ବୃକ୍ଷ ପୁଷ୍ପହୀନ ବା ଫଳହୀନ ହେଲେ ବା ଛିନ୍ନ ହେଲେ ଅନ୍ୟ ବୃକ୍ଷ ଅନୁଶୋଚନା କରେ ନାହିଁ !

### ବନ୍ଧୁ ଉଦାୟୀଙ୍କ ନିବେଦନ

କୁମାରଙ୍କୁ ବିଷୟଭୋଗରେ ଗତସ୍ପୃହ ଦେଖି ତାଙ୍କର ବନ୍ଧୁ ନୀତିଶାସ୍ତ୍ରଜ୍ଞ ଉଦାୟୀ ସୌହାର୍ଦ୍ଦ୍ୟର ସହ କହିଲେ, ''ନୃପତି ମୋତେ ତୁମର ଉପଯୁକ୍ତ ବନ୍ଧୁ ବୋଲି ସ୍ଥିର କରିଛନ୍ତି, ତେଣୁ ପ୍ରଣୟବଶତଃ ତୁମକୁ ମୋର କିଛି କହିବାର ଅଛି :

''ମିତ୍ରର ଲକ୍ଷଣ ହେଉଛି ଯାହା ଅହିତକର ତହିଁରୁ ନିବାରଣ କରିବା, ଯାହା ହିତକର ତହିଁରେ ନିୟୋଗ କରିବା ଏବଂ ବିପଦ ଉପସ୍ଥିତ ହେଲେ ପରିତ୍ୟାଗ ନ କରିବା – ଏହି ତିନୋଟି ହେଲା ମିତ୍ରର ଲକ୍ଷଣ । ମୁଁ ଯଦି ମିତ୍ରତାର ପ୍ରତିଶ୍ରୁତି ଦେଇ ପୁରୁଷାର୍ଥରୁ ପରାଙ୍ମୁଖ ତୁମକୁ ଉପେକ୍ଷା କରିବି ତା'ହେଲେ ମୁଁ କିପରି ମିତ୍ର ? ସୁହୃଦ୍ ହିସାବରେ ତୁମକୁ କହୁଛି ରମଣୀଗଣଙ୍କ ପ୍ରତି ଏପରି ଉଦାସୀନତା ତୁମ ପରି ତରୁଣ ଓ ସୁନ୍ଦର ପୁରୁଷଙ୍କ ଯୋଗ୍ୟ ନୁହେଁ । ନମ୍ରତା ଓ ଆନୁଗତ୍ୟହିଁ ନାରୀମାନଙ୍କ ହୃଦୟକୁ ବନ୍ଧନ କରିପାରେ । ନାରୀମାନେହିଁ କାମନା କରନ୍ତି, କପଟତା ଦ୍ୱାରା ମଧ ନାରୀମାନଙ୍କ ଆକାଂକ୍ଷାର ଅନୁକୂଳ ଆଚରଣ କରିବା ଉଚିତ । ସେମାନେ

ଯେପରି ଲଜ୍ଜା ନ ପାଆନ୍ତି ଓ ତୁମ ନିଜର ସନ୍ତୋଷ ଓ ତୃପ୍ତି ପାଇଁ ଏହା କରିବା ଉଚିତ ।

''ସମସ୍ତ ଅନ୍ତରର ଆଗ୍ରହ ନେଇ ତୁମେ ସେମାନଙ୍କୁ ଗ୍ରହଣ କର । ଦୁର୍ଲଭ ଭୋଗ୍ୟବସ୍ତୁ ଲାଭ କରି ତାହା ଅବଜ୍ଞା କରିବା ତୁମର ଉଚିତ ନୁହେଁ । ପୁରାକାଳରେ ଦେବରାଜ ଇନ୍ଦ୍ର ମଧ କାମୋପଭୋଗକୁ ଶ୍ରେଷ୍ଠ ଜାଣି ଗୌତମପତ୍ନୀ ଅହଲ୍ୟାଙ୍କୁ କାମନା କରିଥିଲେ । ଶ୍ରୁତିରେ ଅଛି ଅଗସ୍ତିମୁନି ସୋମଭାର୍ଯ୍ୟା ରୋହିଣୀଙ୍କୁ ପାଇବାକୁ ପ୍ରାର୍ଥନା କରିଥିଲେ ଏବଂ ସେହି ପ୍ରାର୍ଥନା ଯୋଗୁଁ ରୋହିଣୀ ସଦୃଶା ଲୋପାମୁଦ୍ରାଙ୍କୁ ଲାଭ କରିଥିଲେ । ମହାତପା ବୃହସ୍ପତି ଉତଥ୍ୟଙ୍କ ଭାର୍ଯ୍ୟା ମରୁତ୍‌କନ୍ୟା ମମତାଙ୍କ ଠାରୁ ଭରଦ୍ୱାଜଙ୍କୁ ଉତ୍ପନ୍ନ କରିଥିଲେ । ବୃହସ୍ପତିଙ୍କ ଭାର୍ଯ୍ୟା ଯେତେବେଳେ ହୋମ କରୁଥିଲେ, ସେତେବେଳେ ତାହାଙ୍କଠାରୁ ଶ୍ରେଷ୍ଠ ହୋମକାରୀ ଚନ୍ଦ୍ରମା ବୁଧଙ୍କୁ ଜନ୍ମଦାନ କରାଇଥିଲେ ।

''ପୁରାକାଳରେ ଜିତରାଗ ପରାଶର ମତ୍ସ୍ୟକନ୍ୟା କାଳୀଙ୍କୁ ଯମୁନାତୀରରେ ସମ୍ଭୋଗ କରିଥିଲେ । ବଶିଷ୍ଠ ମୁନି କାମବଶତଃ ଚଣ୍ଡାଳକନ୍ୟା ଅକ୍ଷମାଳାଙ୍କଠାରୁ ପୁତ୍ର କପିଞ୍ଜଳାଦଙ୍କୁ ଜନ୍ମ ଦେଇଥିଲେ । ବୟସ ଉତ୍ତୀର୍ଣ୍ଣ ହୋଇଥିଲେ ମଧ ଯଯାତି ବିଶ୍ୱାଚୀ ଅପ୍ସରାଙ୍କ ସହ ଚୈତ୍ରବନରେ ରମଣ କରିଥିଲେ । ସ୍ତ୍ରୀ ସଂସର୍ଗ କଲେ ତାଙ୍କର ମୃତ୍ୟୁ ହେବ ଜାଣି ମଧ ପାଣ୍ଡୁ, ମାଦ୍ରୀଙ୍କ ରୂପରେ ଆକୃଷ୍ଟ ହୋଇ ତାଙ୍କ ସହ ରତିସୁଖ ଉପଭୋଗ କରିଥିଲେ ।

''ପୁରାକାଳର ମହାତ୍ମାମାନେ କାମବଶତଃ ଗର୍ହିତ ଭୋଗ୍ୟସବୁ ଭୋଗ କରିଛନ୍ତି । ବଳବାନ୍, ରୂପବାନ୍ ଯୁବା ହୋଇ ମଧ ସମସ୍ତ ଜଗତ୍ ଯେଉଁଥିରେ ଆସକ୍ତ, ସେହି ଭୋଗ୍ୟ ବିଷୟ ପ୍ରାପ୍ତ ହୋଇ ମଧ ତୁମେ ଅବହେଳା କରୁଛ !''

## କୁମାରଙ୍କ ପ୍ରତ୍ୟୁତ୍ତର

ବନ୍ଧୁ ଉଦାୟୀଙ୍କର ଶ୍ରୁତି-ଇତିହାସ-ସମନ୍ୱିତ ମଧୁର ବାକ୍ୟ ଶ୍ରବଣ କରି ମେଘ ଗର୍ଜନ ସଦୃଶ ଗୁରୁଗମ୍ଭୀର ସ୍ୱରରେ କୁମାର ଉତ୍ତର କରିଲେ, ''ସୌହାର୍ଦ୍ଦବ୍ୟଞ୍ଜକ ଏହି ବାକ୍ୟ କହିବା ତୁମର ଉପଯୁକ୍ତହିଁ ହୋଇଛି । କିନ୍ତୁ ଯେଉଁ ବିଷୟରେ ତୁମେ ମୋତେ ଦୋଷୀ ବୋଲି କହୁଛ ସେ ବିଷୟରେ ମୁଁ ମୀମାଂସା କରୁଛି । ମୁଁ ଯେ ବିଷୟକୁ ଅବଜ୍ଞା ବା ଅବହେଳା କରୁଛି ତାହା ନୁହେଁ, ମୁଁ ଏହା ମଧ ଜାଣେ ଯେ ଜଗତ ବିଷୟାସକ୍ତ । କିନ୍ତୁ ଜଗତକୁ ଅନିତ୍ୟ ଜାଣି, ବିଷୟରେ ମୋର ମନ ଆସକ୍ତ ହେଉ ନାହିଁ ।

''ଜରା, ବ୍ୟାଧି ଓ ମୃତ୍ୟୁ, ଏହି ତିନିଟି ବସ୍ତୁ ଯଦି ନ ଥା'ନ୍ତା ତା'ହେଲେ ମୋର ମଧ ମନୋଜ୍ଞ ବିଷୟରେ ଆସକ୍ତି ହୁଅନ୍ତା । ସ୍ତ୍ରୀଲୋକମାନଙ୍କ ରୂପଲାବଣ୍ୟ ଯଦି ଚିରସ୍ଥାୟୀ ହୋଇ ଥାଆନ୍ତା, ତା'ହେଲେ ଶତଦୋଷ ସତ୍ତ୍ୱେ ମୋର ଚିତ୍ତ ତହିଁରେ ଆସକ୍ତ ହୁଅନ୍ତା । କିନ୍ତୁ ଏମାନଙ୍କର ଏହି ରୂପ-ଲାବଣ୍ୟ ଯେତେବେଳେ ଜରାଗ୍ରସ୍ତ ହୋଇ ଏମାନଙ୍କ ନିଜ ପାଇଁ ମଧ ଅପ୍ରିୟ ହୋଇ ଉଠିବ ସେତେବେଳେ ସେହି ରୂପ ପ୍ରତି ଆସକ୍ତି ଏକମାତ୍ର ମୋହବଶତଃ ହିଁ ହୋଇପାରେ । ମୃତ୍ୟୁ-ବ୍ୟାଧି-ଜରାଧର୍ମୀ ଯେଉଁ ବ୍ୟକ୍ତି ମୃତ୍ୟୁ-ବ୍ୟାଧି-ଜରାତ୍ମକ ଲୋକମାନଙ୍କ ସହ ଅନୁଦ୍‌ବିଗ୍ନ ଚିତ୍ତରେ ଅଭିରମଣ କରେ ସେ ପଶୁପକ୍ଷୀ-ମାନଙ୍କର ହିଁ ଅନୁରୂପ ।

''ତୁମେ ଯେ କହିଲ ମହାତ୍ମାମାନେ ମଧ କାମାତ୍ମା ଥିଲେ – ଏଥିରେ ଦୁଃଖ କରିବା ଉଚିତ, ତୁମର ସେହି ମହାତ୍ମାମାନେ ମଧ ଧ୍ୱଂସ ପ୍ରାପ୍ତ ହୋଇଛନ୍ତି । ସାଧାରଣ ଅନ୍ୟ ସମସ୍ତଙ୍କ ପରି ଯେଉଁମାନଙ୍କର ଆତ୍ମସଂଯମ ଲାଭ ହୋଇ ନାହିଁ – ସେମାନଙ୍କ ମଧ୍ୟରେ କେହି ମହାତ୍ମା ଅଛନ୍ତି ବୋଲି ମୁଁ ମନେ କରେ ନାହିଁ ।

''ତୁମେ କହିଲ, ଛଳପୂର୍ବକ ମଧ ସ୍ତ୍ରୀଗଣଙ୍କ ସହ ମିଳିତ ହେବା ଉଚିତ, କିନ୍ତୁ ମୁଁ ଦାକ୍ଷିଣ୍ୟ ପ୍ରଦର୍ଶନ ପାଇଁ ମଧ କୌଣସି ରୂପେ ଛଳନା କରି ଜାଣି ନାହିଁ । ଯେଉଁଠି ସାରଲ୍ୟ ନାହିଁ ସେଇ ଧରଣର ଆନୁଗତ୍ୟରେ ମୋର ରୁଚି ହୁଏ ନାହିଁ । ସମସ୍ତ ଅନ୍ତରର ସହ ଯଦି ସଂପର୍କ ନ ହୁଏ ତା'ହେଲେ ସେହି ସଂପର୍କକୁ ଧିକ୍ । ମିଥ୍ୟା ଛଳନାକୁ ଯେ ବିଶ୍ୱାସ କରେ, ନିଜ ପ୍ରତି ଅନୁରକ୍ତ ବ୍ୟକ୍ତିର ଯେ ଦୋଷ ଦେଖି ପାରେ ନାହିଁ, ସେହି କାମାସକ୍ତ ଲୋକର ଚିତ୍ତକୁ କ'ଣ ବଞ୍ଚନା କରିବା ଉଚିତ ? ଜାତଗୁଣ ବ୍ୟକ୍ତିମାନେ ଯଦି ପରସ୍ପରକୁ ଏହିଭଳି ବଞ୍ଚନା କରିବେ ତା'ହେଲେ ପୁରୁଷ ସ୍ତ୍ରୀଲୋକମାନଙ୍କୁ ଓ ସ୍ତ୍ରୀଲୋକ ପୁରୁଷମାନଙ୍କୁ ଦେଖିବାର ମଧ ଯୋଗ୍ୟ ନୁହନ୍ତି ।

''ଅବସ୍ଥା ଯେତେବେଳେ ଏହିଭଳି ସେତେବେଳେ ଜରା ଓ ମରଣଭୋଗୀ ଦୁଃଖାର୍ତ୍ତ ମୋତେ ଆର୍ଯ୍ୟଜନଙ୍କ ଅଯୋଗ୍ୟ ବିଷୟ ଭୋଗରେ ନିୟୋଗ କରିବା ତୁମର କର୍ତ୍ତବ୍ୟ ନୁହେଁ । କ୍ଷଣଭଙ୍ଗୁର ଭୋଗ୍ୟ ବିଷୟରେ ସାରଦର୍ଶୀ ତୁମର ଚିତ୍ତ ଅତ୍ୟନ୍ତ ଦୃଢ଼ ଓ ବଳବାନ୍ । ତୀବ୍ର ଭୟ ଉପସ୍ଥିତ ରହିଥିବା

ସତ୍ତ୍ୱେ ବି ସମସ୍ତ ଜୀବଗଣଙ୍କୁ ମରଣ ପଥରେ ନିରୀକ୍ଷଣ କରି ମଧ୍ୟ ତୁମେ ଭୋଗରେ ଆସକ୍ତ ହେଉଛ ।

''ମୁଁ କିନ୍ତୁ ଜରା, ବିପଦ ଓ ବ୍ୟାଧି ଭୟ ଚିନ୍ତା କରି ଅତ୍ୟନ୍ତ ବିକଳ ଓ ଭୀତ ହୋଇଛି । ଏହି ଜଗତ୍ ଯେପରି ଅଗ୍ନି ଦ୍ୱାରା ଦଗ୍ଧ ହେଉଛି । ଏହା ଦେଖି ମୁଁ ଶାନ୍ତି ବା ଧୈର୍ଯ୍ୟ ଲାଭ କରିପାରି ନାହିଁ । ରତି କିପରି ହେବ ? ମୃତ୍ୟୁ ଅବଶ୍ୟମ୍ଭାବୀ ଜାଣି ମଧ୍ୟ ଯେଉଁ ବ୍ୟକ୍ତିର ହୃଦୟରେ ଭୋଗାକାଂକ୍ଷା ଜନ୍ମ ନିଏ, ମୋର ମନେ ହୁଏ ତା'ର ଚେତନା ନିଶ୍ଚୟ ଲୌହ ପରି । ସେ ଏହି ମହାଭୟରେ ରୋଦନ ନ କରି ଆନନ୍ଦ କରେ ।''

ଏହି ଭାବରେହିଁ କୁମାର ଦୃଢ଼ସଂକଳ୍ପଯୁକ୍ତ ହୋଇ କାମାଶ୍ରୟବିନାଶୀ ସେହି ବାକ୍ୟ ସମାପ୍ତ କରିଲେ । ସୂର୍ଯ୍ୟ ମଧ୍ୟ ଅସ୍ତମିତ ହେଲେ । ସେତେବେଳେ କଳାଗୁଣ ଓ ପ୍ରଣୟର ନିଷ୍ଫଳତା ହେତୁ ସେହି କାମିନୀଗଣ ମନ ମଧ୍ୟରେହିଁ ମନ୍ମଥକୁ ଗୋପନ କରି, ଭଗ୍ନମନୋରଥା ହୋଇ ନଗରକୁ ଗମନ କରିଲେ । ଏହାପରେ, ପୁରୋଦ୍ୟାନଗତ କାମିନୀଜନଶୋଭା ସନ୍ଧ୍ୟା କାଳରେ ପ୍ରତ୍ୟାହୃତ ଦେଖି, ସମସ୍ତ ବିଷୟର ଅନିତ୍ୟତା ଚିନ୍ତା କରି ରାଜକୁମାର ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ରାଜା, ପୁତ୍ରର ବିଷୟ-ବିମୁଖତାର କଥା ଶ୍ରବଣ କରି, ତୀରବିଦ୍ଧ ଗଜ ପରି ସେହି ରାତ୍ରିରେ ଆଉ ନିଦ୍ରା ଯାଇ ପାରିଲେ ନାହିଁ । ତାହା ପରେ ମନ୍ତ୍ରିଗଣଙ୍କ ସହ ନାନାବିଧ ଉପାୟର ଚିନ୍ତା ଓ ଆଲୋଚନା କରି ଶ୍ରାନ୍ତ ହୋଇ, ବିଷୟଭୋଗଭିନ୍ନ ପୁତ୍ରର ମତିଗତିକୁ ସଂଯତ କରିବା ପାଇଁ ଅନ୍ୟ କୌଣସି ଉପାୟ ମଧ୍ୟ ଦେଖି ପାରିଲେ ନାହିଁ ।

(କ୍ରମଶଃ)

Lord, grant me this Grace, that I may never forget Thee.

*December 1958* — THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

**ଅନ୍ତରାଳ ଜଗତ୍ :**

# ସୂକ୍ଷ୍ମସ୍ପନ୍ଦନସବୁକୁ ଅନୁଭବ କରିବାର ସାମର୍ଥ୍ୟ

## ଶ୍ରୀମା

... ଗୋଟିଏ ଦୃଷ୍ଟିରୁ ପ୍ରାଚୀନ ଦୀକ୍ଷା ପଦ୍ଧତିର ଏକ ଉତ୍ତମ ଦିଗ ଥିଲା, ତା' ହେଉଛି ଗୁରୁ କେବଳ ସେଇମାନଙ୍କ ଆଗରେ ଆଧ୍ୟାତ୍ମିକ ଜ୍ଞାନର ପ୍ରକାଶ କରୁଥିଲେ ଯେଉଁମାନେ ଏପରି ଏକ ଅବସ୍ଥାରେ ପହଞ୍ଚି ସାରିଛନ୍ତି ଯେଉଁଠି କୌଣସି କଥା ଓ ଶବ୍ଦର ସାହାଯ୍ୟ ବିନା ସିଧାସଳଖ ସେହି ଜ୍ଞାନକୁ ଗ୍ରହଣ କରି ପାରିବେ । ମୋର ମନେ ହୁଏ ବର୍ତ୍ତମାନ ମଧ୍ୟ ସେହି ଅବସ୍ଥା ରହିଛି,– ଏପରିକି ଯାହାଙ୍କର ଅତିମାନସ ଜ୍ଞାନ ରହିଛି ସେ ମଧ୍ୟ ନିଜର ବକ୍ତବ୍ୟକୁ କେବେହେଲେ ଅନ୍ୟମାନଙ୍କୁ ବୁଝାଇ ଦେଇ ପାରିବେ ନାହିଁ, ଯଦି ସେହି ଲୋକମାନେ ନିଜେ ସେଇ ଜ୍ଞାନରେ ପ୍ରବେଶ କରିବାକୁ ସମର୍ଥ ନ ହୁଅନ୍ତି । ତେଣୁ ଯୁକ୍ତିସମ୍ମତ ଭାବରେ ଏହାର ଫଳ ହୋଇଥାଏ, ଲୋକମାନେ କହିବେ, ଯାହା କୁହାଯିବାର ମୁଁ ଶୁଣିଛି ଯେ, ''ଓଃ, ସାଧାରଣ ଜୀବନରେ ଯାହା ହୋଇଥାଏ, ଏଠାରେ ସବୁକିଛି ତ ସେଇଭଳି ମାମୁଲି ।'' ପ୍ରକୃତରେ ଯାହାକିଛି ସାଧାରଣ ଜୀବନର ଅନ୍ତର୍ଗତ ନୁହେଁ, ସେଗୁଡ଼ିକ ଆମ ଦୃଷ୍ଟି ବା ପ୍ରତ୍ୟକ୍ଷରେ ଧରା ପଡ଼େ ନାହିଁ । ତାହାକୁ କୌଣସି କଥା ବା ଶବ୍ଦ ଦ୍ୱାରା ମଧ୍ୟ ବୁଝାଇ ଦେଇ ହେବ ନାହିଁ ।

ଆମର ଏହି ସ୍ଥାନଟିର କଥା ଧରାଯାଉ । କେତେକ ବିଶେଷ ଶକ୍ତି ଓ ବିଶେଷ ସ୍ପନ୍ଦନର ସଞ୍ଚାରରେ ଏହା ପୂରି ରହିଛି । ଏହି ସ୍ପନ୍ଦନଗୁଡ଼ିକ ଦୃଶ୍ୟମାନ ହୁଅନ୍ତି ନାହିଁ ବା ଇନ୍ଦ୍ରିୟାନୁଭୂତିର ବୋଧଗମ୍ୟ ହୋଇ ସ୍ଥୂଳ ଭାବରେ ନିଜକୁ ପ୍ରକଟ କରନ୍ତି ନାହିଁ । ସେଗୁଡ଼ିକ ନାନା ପରିବର୍ତ୍ତନ ସୃଷ୍ଟି କରିପାରନ୍ତି କିନ୍ତୁ ସେହି ପରିବର୍ତ୍ତନସବୁ ଅନ୍ୟାନ୍ୟ ସ୍ଥୂଳ ପରିବର୍ତ୍ତନ ପରି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଭିତରେ ହିଁ ହୋଇଥାଏ । ତେଣୁ ଗୋଟିଏ ଅବସ୍ଥାରୁ ପ୍ରାୟ ଯୁକ୍ତିଯୁକ୍ତ ପରିଣାମ ରୂପେ ତୁମେ ଅନ୍ୟ ଏକ ଅବସ୍ଥାରେ ପ୍ରବେଶ କର, ଅବସ୍ଥାର ଏହି ପରିବର୍ତ୍ତନ ପଛରେ ଏକ ଯୁକ୍ତି ରହିଥାଏ, ଏବଂ ସେହି ଯୁକ୍ତିହିଁ ତୁମକୁ ଏହା ଦେଖିବାରେ ବାଧାସୃଷ୍ଟି କରେ ଯେ ଏଠାରେ ଏପରି କିଛି ଜିନିଷ ରହିଛି ଯାହା ସାଧାରଣ ଜୀବନର ଅନ୍ତର୍ଗତ ନୁହେଁ । ଯେଉଁମାନେ ସାଧାରଣ ମନର ପ୍ରତ୍ୟକ୍ଷ ଛଡ଼ା ଆଉ କିଛି ଜାଣନ୍ତି ନାହିଁ, ଯେଉଁମାନେ ସାଧାରଣ ଜୀବନରେ ଘଟଣାଗୁଡ଼ିକ ଯେପରି ଘଟିଥାଏ ସବୁକିଛିକୁ କେବଳ ସେହି ଭାବରେହିଁ ଦେଖିବାରେ ଅଭ୍ୟସ୍ତ, ସେମାନେ ତୁମକୁ କହିବେ, ''ଓଃ, ସେହି ଘଟଣା, ତାହା ସେପରି ଘଟିବା ତ ସ୍ୱାଭାବିକ ।'' ସେମାନଙ୍କ ଭିତରେ ଯଦି ସ୍ଥୂଳ ପ୍ରତ୍ୟକ୍ଷ ଛଡ଼ା ଦେଖିବାର ଅନ୍ୟ କିଛି ସାମର୍ଥ୍ୟ ନଥାଏ, କୌଣସି ସୂକ୍ଷ୍ମ ସ୍ପନ୍ଦନର ଗୁଣଧର୍ମକୁ ଅନୁଭବ କରିବାର ଶକ୍ତି ଯଦି ନଥାଏ, (କେତେକ ଝାପ୍‌ସା ଭାବରେ ଏହା ଅନୁଭବ କରନ୍ତି, କିନ୍ତୁ ଏପରିକି ସେତିକିଟି ଅନୁଭବ କରିବାର କ୍ଷମତା ଯଦି ସେମାନଙ୍କର ନଥାଏ, ସେହି ସ୍ପନ୍ଦନ ସହ ମେଳଥିବା କିଛି ମଧ୍ୟ ଯଦି ସେମାନଙ୍କ ଭିତରେ ନଥାଏ ବା ଥିଲେ ମଧ୍ୟ ଯଦି ତାହା ଜାଗ୍ରତ୍ ହୋଇ ନଥାଏ) ତା'ହେଲେ ସେମାନେ ଆମର ଏଠିକାର ଜୀବନ ଦେଖି ତୁମକୁ କହିବେ, ''ଅନ୍ୟାନ୍ୟ ସାଧାରଣ ଜୀବନ ସହିତ ଏହା ପୂରାପୂରି ସମାନ, କୌଣସି ପାର୍ଥକ୍ୟ ନାହିଁ – ହୁଏତ ତୁମର ନିଜସ୍ୱ ଚିନ୍ତାଧାରା କିଛି ରହିଛି, କିନ୍ତୁ ଅନ୍ୟାନ୍ୟ ଅନେକଙ୍କର ମଧ୍ୟ ସେହିଭଳି ନିଜସ୍ୱ ଚିନ୍ତାଧାରା ରହିଛି, ତୁମେମାନେ ହୁଏତ କାର୍ଯ୍ୟଗୁଡ଼ିକୁ ଏକ ବିଶେଷ ଢଙ୍ଗରେ କରୁଛ କିନ୍ତୁ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଶେଷ ଢଙ୍ଗରେ କାର୍ଯ୍ୟ କରି ଥାଆନ୍ତି । ଶେଷରେ ଦେଖାଯାଉଛି ଆମେ ବାହାରେ ଯେଉଁ ଜୀବନ ଯାପନ କରୁଛୁ ଏଠାରେ ମଧ୍ୟ ଠିକ୍ ସେହିଭଳି । କୌଣସି ପାର୍ଥକ୍ୟ ନାହିଁ...'' ତେଣୁ ଏପରି ମଧ୍ୟ ବେଶ୍ ଘଟିପାରେ ଯେ ଏକ ନିର୍ଦ୍ଦିଷ୍ଟ ସମୟରେ ଅତିମାନସ ଶକ୍ତି ପ୍ରକଟିତ ହେଲା, ଏଠାରେ ତାହା ସଚେତ ହେଲା ଓ ଜଡ଼ ଉପରେ କ୍ରିୟା କଲା, କିନ୍ତୁ ଯେଉଁମାନେ ସଚେତ ଭାବରେ ଏହାର ସ୍ପନ୍ଦନରେ ଅଂଶ ଗ୍ରହଣ କରନ୍ତି ନାହିଁ, ସେମାନେ ତାହା ପ୍ରତ୍ୟକ୍ଷ କରିବାକୁ ଅସମର୍ଥ ହେବେ । ଲୋକମାନେ କୁହନ୍ତି, ''ଯେତେବେଳେ ଅତିମାନସ ଶକ୍ତି ଅଭିବ୍ୟକ୍ତ ହେବ, ଆମେ ତାହା ବେଶ୍ ଭଲ ଭାବରେ ଜାଣି ପାରିବୁ, ଏହା ସ୍ପଷ୍ଟ ଭାବରେ ଦେଖିହେବ ।'' କିନ୍ତୁ ଏହା ନିଶ୍ଚିତ ଭାବରେ ଯେ ଏପରି ହେବ, ତା' ନୁହେଁ । ଖୁବ୍ କମ୍ ସମ୍ବେଦନଶୀଳତା ଥିବା ଯେଉଁ ଲୋକମାନେ ଆମର ଏହି ସ୍ଥାନ ଦେଇଯାଆନ୍ତି, ଏପରିକି ଏଠାରେ ବାସ ମଧ୍ୟ କରନ୍ତି, ସେମାନେ ଯେପରି ଅନ୍ୟାନ୍ୟ ସ୍ଥାନଠାରୁ ଏହାର ପାର୍ଥକ୍ୟ,

ଏହାର ବିଶେଷତ୍ୱ ଅନୁଭବ କରିପାରନ୍ତି ନାହିଁ, ସେହିପରି ପୂର୍ବୋକ୍ତ ଲୋକମାନେ ମଧ୍ୟ ଅତିମାନସ ଅଭିବ୍ୟକ୍ତିକୁ ଅନୁଭବ କରିପାରିବେ ନାହିଁ । ତୁମ ଭିତରୁ କେଉ ଜଣ ଆମର ଏହି ସ୍ଥାନର ମହିମା ଓ ବିଶେଷତ୍ୱକୁ ଏପରି ନିର୍ଦ୍ଦିଷ୍ଟଭାବେ ଅନୁଭବ କରିପାରୁଛ ଯେ ଦୃଢ଼ତାର ସହ କହିପାରିବ ଏହା ଅନ୍ୟାନ୍ୟ ସ୍ଥାନଠାରୁ ସ୍ୱତନ୍ତ୍ର ? ତୁମେ ହୁଏତ ତୁମ ଚିନ୍ତାରେ, ତୁମ ହୃଦୟରେ କିଛିଟା ଅନୁଭବ କରିପାରୁଥିବ ଯେ, ଏହି ସ୍ଥାନଟି ଅନ୍ୟାନ୍ୟ ସ୍ଥାନ ପରି ନୁହେଁ କିନ୍ତୁ ତାହାକୁ ବରଂ ଏକ ଅସ୍ପଷ୍ଟ ଅନୁଭୂତି ବୋଲି କୁହାଯିବ । ନୁହେଁ କି ? କିନ୍ତୁ ଏହି ସ୍ଥାନର ବିଶେଷତ୍ୱକୁ ନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟକ୍ଷ କରିବାକୁ ହେଲେ, ସେଥିପାଇଁ ସାମର୍ଥ୍ୟ ଥିବା ଆବଶ୍ୟକ । ଏ ସମ୍ପର୍କରେ ମୋର ନିଜର ଅନୁଭୂତିଟି ଶୁଣ । ମୁଁ ଜାପାନରୁ ଆସିବା ବେଳେ ଯାହା ପ୍ରତ୍ୟକ୍ଷ କରିଥିଲି । ମୁଁ ସମୁଦ୍ର ଭିତରେ ଏକ ବୋଟରେ ଥିଲି; କିଛି ଘଟିବ ବୋଲି ଆଶା କରୁ ନଥିଲି; ଅବଶ୍ୟ ମୁଁ ଆନ୍ତର ଜୀବନ ନେଇ ବ୍ୟାପୃତ ଥିଲି କିନ୍ତୁ ସ୍ଥୂଳ ଦୈହିକ ଭାବରେ ବୋଟ ଉପରେହିଁ ରହିଥିଲି । ଯେତେବେଳେ ଆମ ବୋଟଟି ପଣ୍ଡିଚେରୀର ଦୁଇ ମାଇଲ ନିକଟବର୍ତ୍ତୀ ହୋଇଗଲା, ହଠାତ୍ ଅଚାନକ ଭାବରେ ସମଗ୍ର ବାତାବରଣ ଏପରିକି ପବନ ଆଦିର ସ୍ଥୂଳ ସ୍ପର୍ଶ ଓ ଗୁଣଧର୍ମ ମଧ୍ୟ ଏପରି ପରିବର୍ତ୍ତିତ ହୋଇଯିବାର ମୁଁ ଅନୁଭବ କଲି ଯେ ମୁଁ ଜାଣିଲି ଆମେ ଶ୍ରୀଅରବିନ୍ଦଙ୍କ ପ୍ରଭା ଭିତରେ ପ୍ରବେଶ କରୁଛୁ । ଏହା ଥିଲା ପୂରା ଏକ **ଦୈହିକ** ଅନୁଭୂତି । ଏବଂ ମୁଁ ସମସ୍ତ ନିର୍ଭରତା ଦେଇ କହିପାରେ ଯେ ଯାହା ଭିତରେ ଚେତନା ଯଥେଷ୍ଟ ଜାଗ୍ରତ୍ ହୋଇଥିବ ସେ ମଧ୍ୟ ସେଇ ସମାନ ଅନୁଭୂତି ପାଇପାରିବ ।

ଠିକ୍ ଏହାର ବିପରୀତ ଅନୁଭୂତି ମଧ୍ୟ ମୋର ହୋଇଛି, ଯେତେବେଳେ ଏଠାରେ ବହୁବର୍ଷ କଟାଇବା ପରେ ପ୍ରଥମ ଥର ପାଇଁ କାର୍ ଯୋଗେ ବାହାରକୁ ଯାଇଥିଲି । ଯେତେବେଳେ ଲେକ୍‌କୁ ଅତିକ୍ରମ କରି ଟିକେ ଆଗକୁ ଗଲି, ହଠାତ୍ ଅନୁଭବ କଲି ବାତାବରଣ ପରିବର୍ତ୍ତିତ ହୋଇଯାଉଛି, ବାତାବରଣରେ ଯେଉଁ ପ୍ରାଚୁର୍ଯ୍ୟ, ଶକ୍ତି, ଆଲୋକ ଓ ସାମର୍ଥ୍ୟ ରହିଥିଲା ତାହା ଯେପରି ହ୍ରାସ ପାଇବାକୁ ଲାଗିଲା ଏବଂ ଶେଷରେ ଆଉ କିଛି ବି ରହିଲା ନାହିଁ । ମୁଁ ସେତେବେଳେ ମନ ବା ପ୍ରାଣର ଚେତନାରେ ନଥିଲି, ରହିଥିଲି ପୂରା ଦୈହିକ ଚେତନାରେ । ଯେଉଁମାନେ ନିଜର ଦୈହିକ ଚେତନାରେ ସମ୍ବେଦନଶୀଳ ଥିବେ ସେମାନେ ଏହା ଖୁବ୍ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଅନୁଭବ କରି ପାରିବେ । ଏବଂ ମୁଁ ତୁମକୁ ଏହି ନିଶ୍ଚିତତା ଦେଇ କହିପାରେ ଯେ ଯେଉଁ ସ୍ଥାନ ବା ଅଞ୍ଚଳଟିକୁ ଆମେ 'ଆଶ୍ରମ' ବୋଲି କହୁଛେ ତହିଁରେ ଶକ୍ତି ଏପରି ଜମାଟ ଓ ଘନୀଭୂତ ହୋଇ ରହିଛି ଯେ ସହରରେ ତାହା ଆଦୌ ସେଭଳି ହୋଇ ରହି ନାହିଁ ଏବଂ ଗ୍ରାମାଞ୍ଚଳରେ ତାହା ଆହୁରି କମ୍ ।

ତେଣୁ, ମୁଁ ତୁମକୁ ପଚାରୁଛି ଶକ୍ତିର ଏହି ଘନୀଭୂତ ରୂପ, ଯାହାକି ଚେତନାରେ ଏକ ବିଶେଷ ସ୍ପନ୍ଦନ ଆଣିଦିଏ, ସେସମ୍ପର୍କରେ ତୁମ ଭିତରୁ ପ୍ରକୃତରେ କିଏ ସଚେତ ? ତୁମ ଭିତରୁ ଅନେକେ ଏହା ଅସ୍ପଷ୍ଟ ଓ ଝାପ୍‌ସା ଭାବରେ ଅନୁଭବ କର, ମୁଁ ତାହା ଜାଣେ, ଏପରିକି ବାହାରୁ ଆସୁଥିବା ଲୋକମାନେ ମଧ୍ୟ ଝାପ୍‌ସା ଭାବରେ ତାହା ଅନୁଭବ କରନ୍ତି, ସେମାନଙ୍କ ମନରେ ଏକ ଛାପ ରହିଯାଏ, ସେମାନେ ଏ ସମ୍ପର୍କରେ କୁହନ୍ତି ମଧ୍ୟ; କିନ୍ତୁ ଏ ସମ୍ପର୍କରେ ଏକ ସୁନିର୍ଦ୍ଦିଷ୍ଟ ଚେତନା, ଏକ ବୈଜ୍ଞାନିକ ଚେତନା ଯାହାକି ଏହାର ଏକ ନିର୍ଭୁଲ ପରିମାପ ଦେଇପାରିବ, ସେହି ଚେତନା କାହାର ଅଛି ? ମୁଁ ନିର୍ଦ୍ଦିଷ୍ଟ ଭାବରେ କାହାକୁ ଇଙ୍ଗିତ କରୁ ନାହିଁ, ପ୍ରତ୍ୟେକେ ନିଜ ନିଜ ଭିତରକୁ ଦେଖିପାର । ଏବଂ ଏଠାରେ ଶକ୍ତିର ଏହି ଯେଉଁ ଘନୀକରଣ ହୋଇଛି ତାହା ଅତିମାନସ ଶକ୍ତିର ଏକ ସୁଦୂର ପ୍ରତିବିମ୍ବ ମାତ୍ର । ତେଣୁ ଯେତେବେଳେ ସେହି ଅତିମାନସ ଶକ୍ତି ଏଠାରେ ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତିଷ୍ଠିତ ହେବ ସେତେବେଳେ ଏହା ଯେ ଏଠାରେ ବିଦ୍ୟମାନ ରହିଛି ତାହା ପ୍ରତ୍ୟକ୍ଷ କରିବା ପାଇଁ ଲୋକମାନଙ୍କୁ କେତେ ଦିନ ଲାଗିବ ? ଏବଂ ଏହା ସବୁକିଛି ପରିବର୍ତ୍ତନ କରିଦିଏ, ବୁଝିପାରୁଛ ତ ? ଏବଂ ମୁଁ ଯେତେବେଳେ କୁହେ ମନ କେବେହେଲେ ବିଚାର କରିବା ପାଇଁ ସମର୍ଥ ନୁହେଁ, ମୁଁ ଏହି ଧରଣର ବିଷୟଗୁଡ଼ିକ ଉପରେହିଁ ଭିତ୍ତି କରି ତାହା କୁହେ; ମନ କେବେହେଲେ ଜ୍ଞାନର ପ୍ରକୃତ ଯନ୍ତ୍ର ହୋଇ ପାରିବ ନାହିଁ, ଏହା କୌଣସି ବିଷୟକୁ ସମ୍ପୂର୍ଣ୍ଣ ଠିକ୍ ଭାବରେ ଜାଣି ପାରିବ ନାହିଁ । ଜଣେ ବୈଜ୍ଞାନିକ କୌଣସି ନିର୍ଦ୍ଦିଷ୍ଟ ବାତାବରଣକୁ ବିଶ୍ଳେଷଣ କରି, ତାହା କେଉଁସବୁ ଭିନ୍ନ ଭିନ୍ନ ଉପାଦାନ ଓ ଅନୁପାତ ନେଇ ଗଠିତ ତାହା କହି ଦେଇପାରିବ । କିନ୍ତୁ ଏଠାରେ ଏହି ବାତାବରଣର ସମ୍ପୂର୍ଣ୍ଣ ଠିକ୍ ଅନୁପାତ କିଏ ଦେଇପାରିବ ? କିଏ କହିପାରିବ ଏଠାରେ ଏହିପରି ଏକ ସ୍ପନ୍ଦନ ରହିଛି, ଅମକ ସ୍ପନ୍ଦନର ଏହି ଅନୁପାତ ରହିଛି ଓ ସମକ ସ୍ପନ୍ଦନର ଏହି ଅନୁପାତ ରହିଛି, ଅତିମାନସର ଏତିକି ମାତ୍ରା ଓ ଏତିକି ଅନୁପାତ ରହିଛି ?... ମୁଁ ତୁମକୁ ଏହି ପ୍ରଶ୍ନ ପଚାରୁଛି ଯାହା ଉପରେ ତୁମେ ଚିନ୍ତା କରିପାର ।

*

(ମା'ଙ୍କୁ ଜଣେ ପ୍ରଶ୍ନ କଲେ ଯେ ଏହି ଅନୁଭୂତି ପାଇଁ, କହିବାକୁ ଗଲେ ସେ ଏକ 'ଅନୁକୂଳ' ଅବସ୍ଥାରେ ରହି ନଥିଲେ କି ? ତା'ର ଉତ୍ତରରେ ମା ନିମ୍ନୋକ୍ତ ବ୍ୟାଖ୍ୟାଟି ଦେଇଥିଲେ ।)

କେତେକ ଲୋକ ଅଛନ୍ତି ଯେଉଁମାନେ ବରାବର ଏକ ଉଚ୍ଚତର ଚେତନାରେ ବାସ କରନ୍ତି, ଯେତେବେଳେ ଅନ୍ୟମାନଙ୍କୁ ସେହି ଚେତନାରେ ପ୍ରବେଶ କରିବା ପାଇଁ ପ୍ରୟାସ କରିବାକୁ ପଡ଼େ । କିନ୍ତୁ ଏଠାରେ ବିଷୟଟି ସମ୍ପୂର୍ଣ୍ଣ ଭିନ୍ନ ଧରଣର । ମୁଁ ଯେଉଁ ଅନୁଭୂତିଟି କଥା କହୁଥିଲି, ତାହାର ସମସ୍ତ ମୂଲ୍ୟ ହେଉଛି ଏଇଥିପାଇଁ ଯେ ମୁଁ ସେହିପରି କିଛି ଅନୁଭୂତି ପାଇଁ ଆଦୌ ଆଶା କରି ନଥିଲି, ଆଦୌ ନୁହେଁ । ଯଦିଓ ମୁଁ ଏହା କହିପାରେ ଯେ ଶ୍ରୀଅରବିନ୍ଦଙ୍କ ବାତାବରଣ ବିଷୟ ମୁଁ ଖୁବ୍ ଭଲ ଭାବରେ ଜାଣିଥିଲି, ଏବଂ ଦୀର୍ଘଦିନ ଧରି କ୍ରମାଗତ ଭାବରେ ତାହା ସହିତ ଆଧ୍ୟାତ୍ମିକ ଯୋଗାଯୋଗ ଓ ସମ୍ପର୍କ ରଖୁଥିଲି, କିନ୍ତୁ ମୁଁ କେବେହେଲେ ଆଶା କରି ନଥିଲି ଯେ ସ୍ଥୂଳ ପବନ ମଧ୍ୟ ବଦଳି ଯିବ ଏବଂ ସାମାନ୍ୟତମ ଭାବରେ ମଧ୍ୟ ମୁଁ ତାହା ଆଶା କରି ନଥିଲି ଏବଂ ଏହାହିଁ ଅନୁଭୂତିଟିକୁ ସମଗ୍ର ମୂଲ୍ୟ ଦେଇଥିଲା । ହଠାତ୍ ଅଚାନକ ଭାବରେ ଏହା ଆସିଲା, ଠିକ୍ ଯେପରି ତୁମେ ଏକ ଭିନ୍ନ ତାପ ବା ଭିନ୍ନ ଉଚ୍ଚତା ବିଶିଷ୍ଟ ବାତାବରଣରେ ପ୍ରବେଶ କରିଛ ଠିକ୍ ସେହିପରି ଲାଗିଲା ।... ମୁଁ ଜାଣେନା ତୁମେ ଏହା ଲକ୍ଷ୍ୟ କରିଛ କି ନାହିଁ ଯେ ତୁମେ ଶ୍ୱାସ-ପ୍ରଶ୍ୱାସରେ ଯେଉଁ ବାୟୁ ଗ୍ରହଣ କର ତାହା ସବୁବେଳେ ସମାନ ନୁହେଁ, ଗୋଟିଏ ଦେଶର ବାୟୁର ସ୍ପନ୍ଦନ ସଙ୍ଗେ ଅନ୍ୟ ଏକ ଦେଶର ବାୟୁର ସ୍ପନ୍ଦନରେ, ଗୋଟିଏ ସ୍ଥାନର ବାୟୁର ସ୍ପନ୍ଦନ ସଙ୍ଗେ ଅନ୍ୟ ଏକ ସ୍ଥାନର ବାୟୁର ସ୍ପନ୍ଦନରେ ଅନେକ ଭିନ୍ନତା ରହିଛି । ତୁମେ ଯଦି ଏହି ସୂକ୍ଷ୍ମ ଭୌତିକର ପ୍ରତ୍ୟକ୍ଷ ଜ୍ଞାନ ସଙ୍ଗେ ପରିଚିତ ଥିବ ତେବେ ସଙ୍ଗେ ସଙ୍ଗେ କହି ଦେଇପାରିବ ଯେ ''ଆଃ ଏହା ହେଉଛି ଫ୍ରାନ୍ସର ପବନ'', ''ଏହା ହେଉଛି ଜାପାନର ପବନ ।'' ଗନ୍ଧ ବା ସ୍ୱାଦ ପରି ଏହାର ମଧ୍ୟ ସଂଜ୍ଞା ନିର୍ଣ୍ଣୟ କରାଯାଇପାରିବ ନାହିଁ । କିନ୍ତୁ ମୋର ସେହି ଅନୁଭୂତିଟି ଆଦୌ ଏପରି ନଥିଲା, ଏହା ଥିଲା ଅନ୍ୟ ଏକ ଇନ୍ଦ୍ରିୟାନୁଭୂତିର ପ୍ରତ୍ୟକ୍ଷ । ଏହା ଥିଲା ଏକ ଦୈହିକ ବୋଧ, ପ୍ରାଣିକ ବା ମାନସିକ ବୋଧ ନୁହେଁ; ଏହା ଥିଲା ଦୈହିକ ଜଗତରହିଁ ଏକ ଅନୁଭୂତି । କିନ୍ତୁ ସାଧାରଣତଃ ଆମର ଯେଉଁ ପଞ୍ଚଇନ୍ଦ୍ରିୟର ଅନୁଭୂତି ଥାଏ ତା'ଛଡ଼ା ମଧ୍ୟ ଅନେକ ବୋଧ ଓ ଅନୁଭୂତି ରହିଛି ।

ପ୍ରକୃତରେ ଦୈହିକ ସତ୍ତାର ପୂର୍ଣ୍ଣ ବିକାଶ ପାଇଁ – ମନେରଖ ମୁଁ ଦୈହିକ ସତ୍ତା କଥା କହୁଛି –ବାରଟି ବୋଧ ବା ଇନ୍ଦ୍ରିୟାନୁଭୂତି ଦରକାର । ଏଥି ଭିତରୁ ଗୋଟିଏ ବୋଧହିଁ ମୋତେ ପୂର୍ବୋକ୍ତ ପ୍ରତ୍ୟକ୍ଷ ଅନୁଭୂତି ଆଣି ଦେଇଥିଲା । ତୁମେ କହିପାରିବ ନାହିଁ ଯେ ଏହା ଥିଲା ଏକ ସ୍ୱାଦ, ଶବ୍ଦ ବା ଶ୍ରବଣ ଇତ୍ୟାଦି କିନ୍ତୁ ଏହା ଏପରି ଧରଣର ଏକ ଅନୁଭୂତି ଥିଲା ଯାହାକି ଅତି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଗୁଣ ଧର୍ମର ପାର୍ଥକ୍ୟକୁ ବୁଝାଇ ଦେଉଥିଲା । ଏହା ଥିଲା ଅତି ସୁନିର୍ଦ୍ଦିଷ୍ଟ, କଳା ଓ ଧଳାର ପାର୍ଥକ୍ୟ ବୁଝିପାରିଲା ଭଳି ସ୍ପଷ୍ଟ, ଯଥାର୍ଥରେ ଏହା ଥିଲା ଏକ ଇନ୍ଦ୍ରିୟାନୁଭୂତି ।

ସାଧାରଣତଃ ତୁମେ ଯେତେବେଳେ କୌଣସି ଗୁହ୍ୟବିଦ୍ୟା ଅଧ୍ୟୟନ କରିବାକୁ ଚାହଁ, ତୁମର ଗୁରୁ ଯେଉଁ କାମଟି ପ୍ରଥମ କରନ୍ତି ତୁମକୁ ଏ ବିଷୟରେ ଆଦୌ କିଛି କହିବେ ନାହିଁ, ଆଦୌ କିଛି ବ୍ୟାଖ୍ୟା କରିବେ ନାହିଁ । ଏହାର କାରଣ ହେଉଛି ମନର ଭାବିବାର ଯେଉଁ ଏକ ହାସ୍ୟାସ୍ପଦ ସ୍ୱଭାବ ରହିଛି ତାହା ସଙ୍ଗେ ସଙ୍ଗେ ଏ ବିଷୟରେ ଭାବିବାକୁ ଆରମ୍ଭ କରେ ଏବଂ ସେହି ଭାବନା ଦ୍ୱାରା ତୁମ ପାଇଁ ଏପରିସବୁ ଅନୁଭୂତି ଆଣିଦିଏ ଯାହାର କି କୌଣସି ମୂଲ୍ୟ ନାହିଁ । ସେଗୁଡ଼ିକ କେବଳ ମନର ଗଠନ ମାତ୍ର ଏବଂ ତୁମକୁ ନେଇ ସେଗୁଡ଼ିକ ଖେଳା ଆରମ୍ଭ କରିଦିଅନ୍ତି । ବାସ୍, କେବଳ ତାହାହିଁ, ସେଗୁଡ଼ିକର କୌଣସି ବାସ୍ତବତା ନଥାଏ ।

ତୁମକୁ ଅନୁଭୂତିର ଜଗତରେ ପ୍ରବେଶ କରିବାକୁ ହେଲେ ମନକୁ ପୂରାପୂରି ସନ୍ଦେହ କରିବାକୁ ହେବ । ମନକୁ ଟିକିଏ କେବଳ ହଲଚଲ କରି ଉଠାଇ ଦେବାକୁ ହେବ; ଯେତେବେଳେ ସେ ଦେଖିବାକୁ ଚାହିଁବ, 'ଆଃ, କ'ଣ ସବୁ ଘଟୁଛି ।' ତା'ପରେ ନାନା ଅନୁଭୂତି ଘଟିବାକୁ ଆରମ୍ଭ କରିପାରେ କିନ୍ତୁ ପ୍ରକୃତରେ ସେଗୁଡ଼ିକ ଯଥାର୍ଥ ଅନୁଭୂତି ନୁହେଁ, ମନର କଳ୍ପନା ମାତ୍ର ।

ପ୍ରଥମ ସର୍ତ୍ତ ହେଉଛି ତୁମକୁ ଜାଣିବାକୁ ହେବ କିପରି ନିରବତା ରକ୍ଷା କରାଯାଏ । କେବଳ କଥାବାର୍ତ୍ତା ବନ୍ଦ କରି ଜିଭକୁ ଚୁପ୍ ରଖିବା ଯଥେଷ୍ଟ ନୁହେଁ, ତୁମର ମନକୁ ନିରବ କରିବାକୁ ହେବ, ମସ୍ତିଷ୍କକୁ ନିରବ କରିବାକୁ ହେବ । ତୁମେ ଯଦି ଯଥାର୍ଥ ଓ ଆନ୍ତରିକ କିଛି ଅନୁଭୂତି ପାଇବାକୁ ଚାହୁଁଥାଅ, ଯାହା ଉପରେ ଯଥାର୍ଥ କିଛି ନିର୍ମାଣ କରିପାରିବ, ତେବେ

ତୁମକୁ ଜାଣିବାକୁ ହେବ କିପରି ନିରବ ହେବାକୁ ହୁଏ । ତା' ନହେଲେ କେବଳ ତୁମେ ନିଜେ ଯାହା କଳ୍ପନା କରି ଚାଲୁଥିବ ତା'ଛଡ଼ା ତୁମର ଆଉ କିଛି ରହିବ ନାହିଁ, ଯାହାର ଆଦୌ କୌଣସି ମୂଲ୍ୟ ନାହିଁ । ସେତେବେଳେ କେବଳ ଏତିକି କୁହାଯାଇ ପାରେ ''ହାୟ, ଭଗବାନ୍, ମୋ ମନର କେତେ ନୂଆ ନୂଆ କଳ୍ପନାର ଶକ୍ତି ରହିଛି ।''

(CWM Vol 4, pp. 222 - 24, 229 - 31) ✤

*''ଏକ ଜଡ଼ ନିଷ୍କ୍ରିୟତାକୁ ଅନେକ ସମୟରେ ଯଥାର୍ଥ ସମର୍ପଣ ବୋଲି ଭୁଲ୍ କରାଯାଇଥାଏ । କିନ୍ତୁ କୌଣସି ଜଡ଼ ନିଷ୍କ୍ରିୟତା ମଧ୍ୟରୁ କୌଣସି ଯଥାର୍ଥ ଶକ୍ତିଶାଳୀ ବସ୍ତୁର ଉଦ୍ଭବ ହୋଇ ନ ଥାଏ । ଭୌତିକ ପ୍ରକୃତିର ଜଡ଼ ନିଷ୍କ୍ରିୟତା ହିଁ ଏହାକୁ ଯାବତୀୟ ଅନ୍ଧକାରମୟ ଓ ଅଦିବ୍ୟ ପ୍ରଭାବର ଶିକାର ହେବା ଲାଗି ଛାଡ଼ି ଦେଇଥାଏ । ଭାଗବତୀ ଶକ୍ତି ଯେଉଁଥିରେ କାର୍ଯ୍ୟ କରିପାରନ୍ତି ସେଥିଲାଗି ଦରକାର ଏକ ସାନନ୍ଦ, ସମର୍ଥ ଓ ସହଯୋଗୀ ଆତ୍ମ-ସମର୍ପଣ, ...''*

('ମା' ପୁସ୍ତକ, ପୃଷ୍ଠା - ୬) — ଶ୍ରୀଅରବିନ୍ଦ

*ପ୍ରଶ୍ନ : ଏକ ସାନନ୍ଦ, ସମର୍ଥ ଓ ସହଯୋଗୀ ସମର୍ପଣର ଅର୍ଥ କ'ଣ ?*

**ଶ୍ରୀମା** : ତୁମେ ଜାଣ ତ, ଖୁସୀ ହେବା ବା ଆନନ୍ଦ କହିଲେ ପ୍ରକୃତରେ କ'ଣ ବୁଝାଏ ? ଶକ୍ତିଯୁକ୍ତ ବା ସାମର୍ଥ୍ୟବାନ୍ ହେବା କହିଲେ କ'ଣ ବୁଝାଏ ସେକଥା ତୁମକୁ ଜଣା ଅଛି ତ ? ସହଯୋଗ ବା ସହାୟକ ହୋଇ ଉଠିବାର ଅର୍ଥ କ'ଣ ଜାଣ ତ ? କଥା ହେଉଛି ସମର୍ପଣ, ଅର୍ଥାତ୍ ଭଗବାନଙ୍କ ନିକଟରେ ଆତ୍ମଦାନ ହେବା ଉଚିତ ଖୁସିଭରା, ପ୍ରଫୁଲ୍ଲତାଯୁକ୍ତ ଓ ଆନନ୍ଦମୟ । ଏହି ସମର୍ପଣ ହେବା ଉଚିତ ଶକ୍ତି-ସାମର୍ଥ୍ୟଯୁକ୍ତ, ଦୁର୍ବଳତା ଅଥବା କୌଣସି ପ୍ରକାର ଅସମର୍ଥତା ଦ୍ୱାରା ପ୍ରେରିତ ହୋଇ ନିଜକୁ କାହା ପାଖରେ ନେଇ ସମର୍ପଣ କରିଦେବା ଉଚିତ ନୁହେଁ, ମାତ୍ର ତାହା ହେବା ଉଚିତ ସକ୍ରିୟ ଓ ଶକ୍ତିଶାଳୀ ସଂକଳ୍ପର ସହ । ତା'ପରେ ଏହି ସମର୍ପଣ ଯେପରି ଖାଲି ଆଳସ୍ୟଭରା ହୋଇ ନ ରହେ ! ''ମୁଁ ତ ନିଜକୁ ସମର୍ପଣ କରି ଦେଇଛି, ଆଉ ମୋର ଜୀବନରେ କିଛି କରିବାର ନାହିଁ, ଏଥର ମୋତେ ଖାଲି ସ୍ଥିର ହୋଇ ବସିବାକୁ ହେବ, ସମର୍ପଣ ତ ମୋର ହୋଇଯାଇଛି ।'' ଆହୁରି ମଧ୍ୟ ଏହି ସମର୍ପଣ ହେବା ଉଚିତ ସହାୟକ ବା ସହଯୋଗୀ, ଅର୍ଥାତ୍, ଏହା ହେବା ଉଚିତ ସକ୍ରିୟ,— ସତ୍ତାର ରୂପାନ୍ତର ସାଧନହିଁ ଏହାର କାର୍ଯ୍ୟ ହୋଇ ରହିବା ଉଚିତ ବା କୌଣସି ଉପଯୋଗୀ କାର୍ଯ୍ୟରେ ତାହା ନିଜକୁ ନିଯୁକ୍ତ କରି ରଖିବା ଉଚିତ ।

*''ତୁମର ସମର୍ପଣ ହେବା ଉଚିତ ଏକ ଜୀବନ୍ତ ସତ୍ତାର ସମର୍ପଣ, ଜଡ଼ ସ୍ୱୟଂକ୍ରିୟତା ବା ଯାନ୍ତ୍ରିକ ଉପକରଣର ନୁହେଁ ।''* (*ତତ୍ରୈବ, ପୃଷ୍ଠା : ୬*)

**ଶ୍ରୀମା** : ଉଦାହରଣ ସ୍ୱରୂପ, ତୁମେ ନିଜ ହାତରେ ବନ୍ଧା ହୋଇଥିବା ଘଡ଼ିର ସମର୍ପଣ କଥା ଏଠାରେ ଉଲ୍ଲେଖ କରିପାର : ତୁମେ ସେଥିରେ ଚାବି ଦେଇଦିଅ ଓ ତାହା ଚାଲେ, କିନ୍ତୁ ଏହାକୁ ଆମେ ଏକ ସଚେତନ ସହଯୋଗର ପ୍ରତ୍ୟୁତ୍ତର ବୋଲି କହିପାରିବା ନାହିଁ ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା. ୩ - ୪)

ଶେଷ ପୃଷ୍ଠା :

# ନୂତନ ଜଗତର ନିର୍ମାଣରେ ମା'ଙ୍କ ଯନ୍ତ୍ର ହୋଇଉଠିବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶ୍ରୀମା'ଙ୍କର ଏକ ବାର୍ତ୍ତା – "Heralding the birth of a new world, we invite all those who want to have a place in it to prepare themselves sincerely for it."

(MCW-15, p. 97)

''ଏକ ନୂତନ ଜଗତ୍ ଜନ୍ମ ନେବାର ଅଗ୍ରିମ ବାର୍ତ୍ତା ଘୋଷଣା କରି ଆମେ ସେହି ସମସ୍ତଙ୍କୁ ଆମନ୍ତ୍ରଣ ଜଣାଉଛୁ ଯେଉଁମାନେ ଏଥିନିମନ୍ତେ ନିଜକୁ ଆନ୍ତରିକ ଭାବରେ ପ୍ରସ୍ତୁତ କରି ଏଥିରେ ଏକ ସ୍ଥାନ ଗ୍ରହଣ କରିବା ପାଇଁ ଚାହାନ୍ତି ।''

ଆମେ ନିଜକୁ କେତେ ଭାଗ୍ୟବାନ୍ ମନେ କରିବା କଥା ଯେ ସ୍ୱୟଂ ଭାଗବତୀ ଦିବ୍ୟଜନନୀ ଆମମାନଙ୍କୁ ସେ ଜନ୍ମ ଦେଇଥିବା ଏକ ନୂତନ ଜଗତରେ ବାସ କରିବା ପାଇଁ ଓ ସେଥିପାଇଁ ଆନ୍ତରିକ ଭାବରେ ପ୍ରସ୍ତୁତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି । ସୂକ୍ଷ୍ମ ଚେତନାର ସ୍ତରରେ ମନୁଷ୍ୟକୁ ଦିବ୍ୟ ହୋଇ ଉଠିବା ପାଇଁ ଭଗବାନଙ୍କ ତରଫରୁ ସବୁବେଳେ ଏକ ଆହ୍ୱାନ ଥାଏ, ସବୁବେଳେ ତାଙ୍କ ଶକ୍ତିର ଏକ ସୂକ୍ଷ୍ମ ଚାପ ଥାଏ । ନିଜ ଚେତନାର ଗ୍ରହଣଶୀଳତା ଅନୁଯାୟୀ ମନୁଷ୍ୟ ଧୀର ମନ୍ଥର ଗତିରେ ଜନ୍ମ ପରେ ଜନ୍ମ, ଜୀବନ ପରେ ଜୀବନ ଭିତର ଦେଇ ସେହି ଦିଗରେ ଆଗେଇ ଚାଲିଥାଏ । କିନ୍ତୁ ଏକ ମାନୁଷୀ ଶରୀର ଧାରଣ କରି ସ୍ୱୟଂ ଭାଗବତୀ ମହାଶକ୍ତି ଯେତେବେଳେ ଧରାପୃଷ୍ଠରେ ଅବତୀର୍ଣ୍ଣା ହୋଇ ବାହ୍ୟ ପ୍ରକଟିତ ଭାବରେ ଆମକୁ ତାଙ୍କ କାମରେ ଅଂଶ ଗ୍ରହଣ ପାଇଁ ଆମନ୍ତ୍ରଣ ଜଣାନ୍ତି ତା'ଠାରୁ ଆମ ପାଇଁ ଆଉ ବଡ଼ ସୁଯୋଗ କ'ଣ ହୋଇପାରେ ?

ସୂକ୍ଷ୍ମ ଚେତନାର ସ୍ତରରେ ଯେତେବେଳେ ଏକ ନୂତନ ଜଗତ୍ ଜନ୍ମ ନେଇ ସାରିଛି ବୋଲି ମା ଘୋଷଣା କରିଛନ୍ତି, ସେହି ଜଗତ୍ ନିଶ୍ଚୟ ବାହ୍ୟ ସ୍ଥୂଳ ଭାବରେ ବାସ୍ତବ ରୂପ ନେଇ ଗଠିତ ହେବ । ଏହା ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ, କାରଣ ଏହା ପଛରେ ରହିଛି ଅପରାଜେୟ ଭାଗବତୀ ଶକ୍ତି । ଏହି ନୂତନ ଜଗତର ନିର୍ମାଣରେ ଆମକୁ ନିମିତ୍ତ ଓ ଯନ୍ତ୍ର ହେବାର ସୁଯୋଗ ଦେଇ ଆମର ଚେତନା ଓ ଜୀବନକୁ ଆହୁରି ଊର୍ଦ୍ଧ୍ୱକୁ ଉଠାଇ ନେବା ପାଇଁ, ଆହୁରି ସାର୍ଥକ କରିବା ପାଇଁ ମା'ଙ୍କର ଯେ ଏକ ଦିବ୍ୟଯୋଜନା ରହିଛି ତାହା ଆମକୁ ବୁଝିବାକୁ ହେବ । ଆମକୁ ଅନୁଭବ କରିବାକୁ ହେବ ଯେ ଆମେ ଯେଉଁମାନେ ନିଜକୁ ଶ୍ରୀଅରବିନ୍ଦ ଓ ମା'ଙ୍କ ସନ୍ତାନସନ୍ତତି, ଭକ୍ତ ଓ ଶିଷ୍ୟ ଶିଷ୍ୟା ବୋଲି ମନେ କରୁ ଆମ ସମସ୍ତଙ୍କ ଚେତନାରେ ନୂତନ ଜଗତ୍ ନିର୍ମାଣ ପାଇଁ ମା'ଙ୍କ ଆମନ୍ତ୍ରଣର ସ୍ପର୍ଶ ଲାଗିଛି । ଆମର ଗ୍ରହଣଶୀଳତା, ପ୍ରସ୍ତୁତି ଓ ସାମର୍ଥ୍ୟ ଅନୁଯାୟୀ, ତାହା ଯେତେ଼ ଅକିଞ୍ଚନ ଓ ସୀମିତ ହେଲେ ମଧ୍ୟ ଆମକୁ ସେହି ଆମନ୍ତ୍ରଣର ଉତ୍ତର ଦେବା ପାଇଁ ଆଗେଇ ଆସିବାକୁ ହେବ । ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ପ୍ରକୃତରେ ଆମ ଭିତରେ ସେଥିପାଇଁ ଏକ ଅଭୀପ୍ସାର ଉଦୟ ହୋଇଛି । ଆମେ ଯେଉଁମାନେ ଶ୍ରୀଅରବିନ୍ଦ ଓ ମା'ଙ୍କୁ ନିଜର ଇଷ୍ଟ ରୂପେ ଗ୍ରହଣ କରି ଆମର ବ୍ୟକ୍ତି ଜୀବନରେ ତାଙ୍କର ଆରାଧନା ଓ ପୂଜା ପାଇଁ ପ୍ରାର୍ଥନା କରୁଛୁ; ଧ୍ୟାନ, ଧାରଣା, ନାମଜପ ଓ ସ୍ୱାଧ୍ୟାୟ ଆଦିରେ ରତ ରହୁଛୁ, ତାହା ଯେତେ ଅଳ୍ପ ସମୟ ପାଇଁ ହେଉ ପଛକେ; କିଂବା ସମୂହ ଜୀବନରେ ପାଠଚକ୍ର ଗଢ଼ୁଛୁ, ପାଠଚକ୍ର ସମ୍ମିଳନୀ କରୁଛୁ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବା ସମାଧି ମନ୍ଦିର ସ୍ଥାପନ ଆଦିରେ ଉତ୍ସାହର ସହ ଭାଗ ନେଉଛୁ । ସଭା, ସମିତି, ସେମିନାର, ଆଲୋଚନା ଚକ୍ର ସଙ୍ଗଠିତ କରି ଅନ୍ୟମାନଙ୍କ ନିକଟରେ ମା' ଶ୍ରୀଅରବିନ୍ଦଙ୍କ ବାଣୀ ପହଞ୍ଚାଉଛୁ – ଏହି ସମସ୍ତହିଁ ସୂଚିତ କରେ ଯେ ଆମ ଚେତନାର ଏକ ଅଂଶରେ ଆମେ ନୂତନ ଜଗତ୍ ନିର୍ମାଣରେ ଭାଗ ନେବା ପାଇଁ ମା'ଙ୍କ ଆମନ୍ତ୍ରଣ ପାଇଛୁ ଓ ତାହା ଗ୍ରହଣ କରି ସାଧ୍ୟମତେ ତାହାର ଉତ୍ତର ଦେବା ପାଇଁ ଅଭୀପ୍ସା ଓ ପ୍ରଚେଷ୍ଟା କରୁଛୁ ଓ ସେହି ପ୍ରଚେଷ୍ଟା ପୂର୍ବୋକ୍ତ ବିଭିନ୍ନ କାମରେ ରୂପାୟିତ ହେଉଛି ।

କିନ୍ତୁ ଏଇଠି ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ ଏହି ଯେଉଁ ସମସ୍ତ କାମରେ ଭାଗ ନେଉଛୁ ଆମେ କ'ଣ ପ୍ରକୃତରେ ତାହାକୁ ଠିକ୍ ରୂପରେ, ଠିକ୍ ଭାବରେ, ଠିକ୍ ବାଟରେ କରିବା ପାଇଁ ସମର୍ଥ ହୋଇ ପାରୁଛୁ ? ଏଥିରେ ନାନା ଭୁଲ୍ ଭ୍ରାନ୍ତି ମିଶିଯାଉ ନାହିଁ କି ? ଆମର ଅଜ୍ଞାନମୟ ମନ ଓ ପ୍ରାଣର ବାହ୍ୟ ଚେତନା ତ ପ୍ରତ୍ୟକ୍ଷ ଭାବରେ ଜାଣି ପାରୁ ନାହିଁ

ପ୍ରକୃତରେ ମା କେଉଁ କାମଟି ଠିକ୍ କିପରି ଭାବେ ହେଉ ବୋଲି ଚାହାନ୍ତି । ତା'ଛଡ଼ା ଆମ ଭିତରେ ପୁରାତନ ଜଗତର ନାନା ଅଭ୍ୟାସ, ସଂସ୍କାର, ନୀତି, ତତ୍ତ୍ୱ ଏପରି ବସାବାନ୍ଧି ରହିଛନ୍ତି ଯେ ନୂତନ ଜଗତ୍ ନିର୍ମାଣ କରିବାକୁ ଯାଇ ଆମେ ଭ୍ରମରେ ପଡ଼ି ପୁଣି ସେଇ ପୁରୁଣା ଜଗତର ଆଉ ଏକ ନୂତନ ସଂସ୍କରଣ କରିବାକୁ ଯାଉ ନାହୁଁ ତ ? ବିଶେଷ କରି ଏକ ଅଭିଯୋଗ ବରାବର ଶୁଣିବାକୁ ପାଉ ଯେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସତ୍ୟ ଓ ଆଦର୍ଶର ପ୍ରସାର କରିବାକୁ ଯାଇ ଆମେ ଏକ ନୂତନ ଧର୍ମାଚାରର ପ୍ରବର୍ତ୍ତନ ଓ ପ୍ରଚଳନ କରିବାକୁ ଯାଉ ନାହୁଁ ତ ? ବାସ୍ତବରେ ଯେ ଏପରି ବିପଦ ନାହିଁ ତାହା କୁହାଯାଇ ନପାରେ । ନହେଲେ ମା କାହିଁକି ବାରବାର ଶ୍ରୀଅରବିନ୍ଦଙ୍କ ନାମରେ ଏକ ଧର୍ମ, ଏକ ସଂକୀର୍ଣ୍ଣ ଗୋଷ୍ଠୀ ବା ସମ୍ପ୍ରଦାୟ ଗଠନର ବିପଦ କଥା କହି ଆମକୁ ସେଦିଗରେ ସତର୍କ କରାଇ ଦେଇ ଥାଆନ୍ତେ ।

ତା'ଛଡ଼ା ବର୍ତ୍ତମାନ ପୃଥିବୀର ଯାହା ଅବସ୍ଥା, ତହିଁରେ ସତ୍ୟ ଓ ମିଥ୍ୟା, ଭୁଲ୍ ଓ ଠିକ୍ ଏପରି ମିଶାମିଶି ହୋଇ ପରସ୍ପର ସହ ଜଡ଼ିତ ରହିଛନ୍ତି ଯେ ଗୋଟିକୁ ଅନ୍ୟଟିଠାରୁ ବାଛି ନିର୍ଣ୍ଣୟ କରିବା ଅତ୍ୟନ୍ତ ଦୁରୂହ ଓ କଷ୍ଟସାଧ । ସ୍ୱୟଂ ଶ୍ରୀମା ବର୍ତ୍ତମାନର ବାସ୍ତବତା କଥା କହିବାକୁ ଯାଇ କହିଛନ୍ତି ଯେ ଏପରିକି ତଥାକଥିତ ''ଆଧାତ୍ମିକ ଜୀବନ''ରେ ମଧ ଏହି ମିଶ୍ରଣ ରହିଛି । ମା'ଙ୍କ କଥାରେ, ''So, in all things, Falsehood and Truth are mixed everywhere: in the so-called "spiritual life", in sannyasins, in swamis, in those who think they represent the life divine on earth, all that – there also, there is a mixture of Falsehood and Truth."

(MCW - 12, p. 402)

– ''ପ୍ରତ୍ୟେକଟି ଜିନିଷ ଭିତରେ ସତ୍ୟ ଓ ମିଥ୍ୟା ମିଶ୍ରିତ ହୋଇ ରହିଛି, ସର୍ବତ୍ର ଏହା ରହିଛି, ତଥାକଥିତ ଆଧାତ୍ମିକ ଜୀବନରେ, ସନ୍ନ୍ୟାସୀମାନଙ୍କ ଭିତରେ, ସ୍ୱାମୀମାନଙ୍କ ଭିତରେ, ଯେଉଁମାନେ ପୃଥିବୀପୃଷ୍ଠରେ ଦିବ୍ୟଜୀବନର ପ୍ରତିନିଧିତ୍ୱ କରନ୍ତି ବୋଲି ଭାବନ୍ତି, ସେମାନଙ୍କ ଭିତରେ ମଧ ଏହା ରହିଛି । ସତ୍ୟ ଓ ମିଥ୍ୟାର ଏହି ମିଶ୍ରଣ ସମସ୍ତଙ୍କ ଭିତରେ ରହିଛି ।''

କିନ୍ତୁ ମିଥ୍ୟାର ଛୁଆଁ ଲାଗିଯିବ ବୋଲି ଭୟ କରି ସତ୍ୟର ଅନୁପ୍ରେରଣାରୁ ଆସୁଥିବା କର୍ମରେ ଭାଗ ନେବାରୁ ବିରତ ରହିଲେ ଆମେ ନୂତନ ଜଗତର ନିର୍ମାଣ ଦିଗରେ କେବେ ବି କିଛି କରିପାରିବୁ ନାହିଁ । ଏହା କେବେ ବି ସମ୍ଭବ ହେବ ନାହିଁ ଯେ ପାଣିରେ ନପଶି ସ୍ଥଳରେ ରହି ପହଁରା ଶିଖି ନେଇ ତା'ପରେ ପାଣି ଭିତରକୁ ଆସିବା । ପହଁରା ଶିଖିବାକୁ ହେଲେ ପହଁରା ନଜାଣି ପାଣି ଭିତରକୁ ଆସିବାକୁ ପଡ଼ିବ ଏବଂ ପାଣି ଭିତରେ ନିଜର ଅଙ୍ଗ-ପ୍ରତ୍ୟଙ୍ଗର ଚାଳନା କରି ଶିଖିବାକୁ ହେବ ଓ ଜାଣିବାକୁ ହେବ କେଉଁ ଅଙ୍ଗ-ଚାଳନାଗୁଡ଼ିକ ଆମକୁ ତଳକୁ ବୁଡ଼ାଇ ଦେଉଛି ଓ କେଉଁଗୁଡ଼ିକ ଆମକୁ ଉପରେ ଭସାଇ ରଖୁଛି । ସେହିପରି କର୍ମ କରି ହିଁ ନିଜ ଅଭିଜ୍ଞତାରୁ ଜାଣିବାକୁ ହେବ କେଉଁ ଗତିବୃତ୍ତିଗୁଡ଼ିକ ଆମ ଚେତନାକୁ ନିମ୍ନମୁଖୀ କରି ଆମକୁ ମିଥ୍ୟାଚାର ଆଡ଼କୁ ନେଇ ଯାଉଛି ଓ କେଉଁ ଗୁଡ଼ିକ ଆମର ଚେତନାକୁ ଊର୍ଦ୍ଧ୍ୱାୟିତ ଓ ଉନ୍ନତ କରି ସତ୍ୟ ଆଚରଣ ପଥରେ ନେଇ ଯାଉଛି । ନୂତନ ଜଗତର ନିର୍ମାଣରେ ଭାଗ ନେବାକୁ ଆଗେଇ ଆସିବାକୁ ହେଲେ ଆମକୁ ଏହି ମନୋଭାବ ହିଁ ରଖିବାକୁ ହେବ ।

ଆଉ ମଧ ଏହା ମନେ ରଖିବାକୁ ହେବ ଯେ ଏହି କାମରେ ଆମେ ମା'ଙ୍କ ପରିଚାଳନାରେ ନିଜକୁ ଦେଇ ଦେବା ପାଇଁ ଅଭୀପ୍ସା ରଖିଛୁ; ଆମେ ଯେତେ ଅଧିକ ଆନ୍ତରିକ ହେବୁ, ମା'ଙ୍କ କୃପା ଓ ଶକ୍ତି ଉପରେ ଆମର ବିଶ୍ୱାସ ଯେତିକି ଅଧିକ ଦୃଢ଼ ହେବ, ଆମ ଚେତନାର ଯେଉଁ କ୍ଷୁଦ୍ର ଅଂଶଟି ନେଇ ଆମେ ଏହି ନୂତନ ଜଗତ୍ ନିର୍ମାଣରେ ଭାଗ ନେବା ପାଇଁ ଆସିଥିଲୁ ତାହା କ୍ରମଶଃ ସେତିକି ଅଧିକ ପ୍ରସାରିତ ହେବ ଓ ଆମେ ଆମ କାମରେ ଆହୁରି ଅଧିକ ସଚେତ ଓ ପ୍ରତ୍ୟକ୍ଷ ଭାବରେ ମା'ଙ୍କ ଶକ୍ତିର ସହାୟତାକୁ ଅନୁଭବ କରିବୁ ଓ ଦିନ ଆସିବ ଯେତେବେଳେ ଆମର ସମଗ୍ର ଜୀବନଟିକୁ ମା'ଙ୍କର ଏହି କାମରେ ଉତ୍ସର୍ଗ ଓ ସମର୍ପଣ କରି ଦେବାର ଅଭୀପ୍ସା ଓ ସଂକଳ୍ପ ଆମ ପାଇଁ ସ୍ୱାଭାବିକ ହୋଇ ଉଠିବ । ସେତେବେଳେ କ୍ରମଶଃ ଅଧିକରୁ ଅଧିକ ଆମେ ଦେଖିବୁ ଯେ ମା'ଙ୍କ କାମରେ ଅଂଶ ଗ୍ରହଣ ଛଡ଼ା ଆମ ଜୀବନରେ ଆଉ ନିଜର ବୋଲି କିଛି ଲକ୍ଷ୍ୟ ନାହିଁ ଓ ଆମର ସମଗ୍ର ଚେତନା ଭିତର ଦେଇ, ଆମର ଦେହ, ମନ, ପ୍ରାଣ ଓ ଆତ୍ମା ସବୁ ଭିତର ଦେଇ ନୂତନ ଜଗତର ନିର୍ମାଣ ପାଇଁ ମା'ଙ୍କ ଶକ୍ତି ହିଁ କ୍ରିୟା କରି ଚାଲିଛି ।

ତେବେ ଆମ ଚେତନା ପାଇଁ ସେହି ଅବସ୍ଥା ଆସିବା ପର୍ଯ୍ୟନ୍ତ ଆମକୁ ନାନା ତ୍ରୁଟି, ନାନା ବାଧାବିଘ୍ନ ଭିତର ଦେଇ ଯିବାକୁ ପଡ଼ିବ । କାରଣ ପୁରୁଣା ଜଗତ୍ ଏବେ ବି ତା'ର ସମସ୍ତ ଶକ୍ତି ନେଇ ତିଷ୍ଠି ରହିଛି ଓ ନୂତନ ଜଗତ୍ ନିର୍ମାଣର ସମସ୍ତ କାମରେ ତାହା ପଦେ ପଦେ ବାଧା ଦେବ । ସେହି

ପୁରାତନ ଜଗତର ସମସ୍ତ ସତ୍ୟ, ତତ୍ତ୍ୱକୁ ତା'ର ସମସ୍ତ ରୀତି, ନୀତି, ଚଳଣ, ଆଚାରକୁ ଭାଙ୍ଗି ଦେବା ପାଇଁ ଆମେ ଯେତେବେଳେ ଆଗେଇ ଆସୁଛୁ, ଭାଙ୍ଗିବାର ସେହି ପ୍ରକ୍ରିୟାରେ ଆମକୁ ତାହାର ସମସ୍ତ ଆଘାତ ଓ ଆକ୍ରମଣ ସହିବାକୁ ପଡ଼ିବ, ଏପରିକି, ତହିଁରେ କିଛିକାଳ ପାଇଁ ଆମେ କ୍ଷତବିକ୍ଷତ ହୋଇ ଯାଇପାରୁ, ତା'ର ସମସ୍ତ ଧୂଳିମଳି ହୁଏତ ଆମ ଅଭୀପ୍ସାର ଉଜ୍ଜ୍ୱଳତାକୁ ମଳିନ କରିଦେଇ ପାରେ, ତାହା ନାନା ପ୍ରଲୋଭନ ଦେଖାଇ ଆମକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରିପାରେ; ତାହାର ପ୍ରରୋଚନାରେ ଆମେ ନାନା ତ୍ରୁଟିକୁ ପ୍ରଶ୍ରୟ ଦେଇ ପାରୁ । କିନ୍ତୁ ଶେଷ ପର୍ଯ୍ୟନ୍ତ ତାହା ତିଷ୍ଠି ପାରିବ ନାହିଁ । କାରଣ ଆମେ ଛିଡ଼ା ହୋଇଛୁ ଭଗବାନଙ୍କ ଦିବ୍ୟଯୋଜନା ଓ ସଂକଳ୍ପର ପକ୍ଷ ସମର୍ଥନରେ । ଭୁଲ୍ ବାଟରୁ ରକ୍ଷା ପାଇବା ପାଇଁ ଆମର ପ୍ରାର୍ଥନା ଆନ୍ତରିକ ହେଲେ ଆମ ଚେତନା ଆଗରେ ଭୁଲ୍‌ଗୁଡ଼ିକ ନିଶ୍ଚୟ ଧରା ପଡ଼ିଯିବ । ସେତେବେଳେ ଅବଶ୍ୟ ତାହାକୁ ସଂଶୋଧନ କରିବା ପାଇଁ ଆମ ଭିତରେ ଆଶାନୁରୂପ ଧୈର୍ଯ୍ୟ ଓ ସାହସ ରହିବା ଆବଶ୍ୟକ । ତା'ଛଡ଼ା ବେଳେବେଳେ ଏପରି ହୁଏ ଯେ ବାହ୍ୟ ପରିସ୍ଥିତି ଓ କୌଣସି କାମର ବ୍ୟାବହାରିକ ଦିଗର ଚାପରେ ପଡ଼ି ଆମକୁ ପୁରୁଣା ଜଗତର ଅନେକ ଜିନିଷ ସହ ନାନା ପ୍ରକାର ଆପୋସ ଓ ସନ୍ଧି କରିବାକୁ ପଡ଼ିଥାଏ । ସେ କ୍ଷେତ୍ରରେ ମଧ୍ୟ ଆମକୁ ସେହିସବୁ ଆପୋସ ସମ୍ପର୍କରେ ସଚେତ ଓ ସଜାଗ ରହି ସୁଯୋଗ ପାଇବା ମାତ୍ରେ ତାହାର କବଳରୁ ବାହାରି ଆସିବା ପାଇଁ ଯତ୍ନବାନ୍ ହେବାକୁ ପଡ଼ିବ । ବାହ୍ୟ ସାଫଲ୍ୟର କୌଣସି ପ୍ରଲୋଭନ ଯେପରି ଆମକୁ ଆମ ପୂର୍ଣ୍ଣତାର ଲକ୍ଷ୍ୟରୁ ପଥଚ୍ୟୁତ ନକରେ । ମା'ଙ୍କ କଥାରେ, "We are not aiming at success—our aim is perfection.

(CWM - 12, p. 268)

— ''ସଫଳତା ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି ପୂର୍ଣ୍ଣତା ।''

ଆମକୁ ବରାବର ମନେ ରଖିବାକୁ ହେବ ଯେ ଏକ ନୂତନ ଜଗତର ନିର୍ମାଣର ଲକ୍ଷ୍ୟରେ କୌଣସି କିଛିକୁ ବାଦ୍ ଦିଆଯାଏ ନାହିଁ; ଏକ ସର୍ବାଙ୍ଗୀଣ ପୂର୍ଣ୍ଣତା ଭିତରେ ଜୀବନ ଓ ସଂସାରର ସବୁକିଛିକୁ ଗ୍ରହଣ କରି ତାହାକୁ ଅଧିକ ସତ୍ୟମୟ, ଆଲୋକମୟ ଓ ଦିବ୍ୟ କରି ଗଢ଼ି ତୋଳିବାର ଲକ୍ଷ୍ୟକୁ ହିଁ ମା ଆମ ଆଗରେ ରଖିଛନ୍ତି । ଯାହା ବାଦ୍ ଦେବାକୁ ହେବ ତାହା ହେଉଛି ଜଡ଼ତା ଓ ବିଭ୍ରାନ୍ତି, ମିଥ୍ୟାଚାର ଓ ବିକୃତି । ବର୍ତ୍ତମାନର ବାହ୍ୟରୂପ ଯାହା ହେଉନା କାହିଁକି ସବୁକିଛିର ମୂଳ ସ୍ୱରୂପ ଦିବ୍ୟ ଏବଂ ଶେଷରେ ସେହି ଦିବ୍ୟସ୍ୱରୂପରେ ତାହା ଉତ୍ତୀର୍ଣ୍ଣ ହେବ ହିଁ ହେବ । ସବୁକିଛି ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଭଗବତ୍ ଦିବ୍ୟସତ୍ୟକୁ ଫୁଟାଇ ତୋଳି ଧରିବାର ପ୍ରକ୍ରିୟା ଭିତରେ ହିଁ ଗଢ଼ି ଉଠିବ ମା କହିଥିବା ସେହି ନୂତନ ଜଗତ୍ । ତେଣୁ ଏପରି ଏକ ଦିନ ନିଶ୍ଚୟ ଆସିବାକୁ ବାଧ୍ୟ ଯେତେବେଳେ ଆମକୁ ଜୀବନର ସମସ୍ତ ବିଭାବରେ, ରାଜନୀତିରେ, ଅର୍ଥନୀତି ଓ ସମାଜନୀତିରେ, କଳା, ସାହିତ୍ୟ, ବିଜ୍ଞାନ, କୃଷି, ଶିକ୍ଷା, ବାଣିଜ୍ୟ, ବ୍ୟବସାୟ, ସଙ୍ଗୀତ, ସ୍ଥାପତ୍ୟ, କାରିଗରୀ କୌଶଳ, ଚିକିତ୍ସା ଆଦି ସବୁ କ୍ଷେତ୍ରରେ ମା'ଙ୍କ ଯନ୍ତ୍ର ରୂପେ ସଚେତ ଓ ସଙ୍ଗଠିତ ଭାବରେ କାମ କରିବାକୁ ପଡ଼ିବ । କୌଣସି ଉଗ୍ର, କଠୋରପନ୍ଥୀ ମନୋଭାବ ନୁହେଁ — ଉଦାର, ସହିଷ୍ଣୁତା ଓ ନମନୀୟତାର ମନୋଭାବ ନେଇ; କୌଣସି ଦମ୍ଭ ନୁହେଁ ବରଂ ନମ୍ର, ବିନୟ ଓ କୋମଳତାର ଭାବ ରଖି, ସବୁ କ୍ଷେତ୍ରରେ ଶାନ୍ତି, ସମତା, ପ୍ରସନ୍ନ ଚିତ୍ତତା, ଆନନ୍ଦ ଓ ପ୍ରେମର ଭାବକୁ ବଜାୟ ରଖିବା ପାଇଁ ଯତ୍ନ କରି ଆମକୁ ଦିବ୍ୟପୂର୍ଣ୍ଣତାର ପଥରେ ଆଗେଇ ଯିବାକୁ ହେବ । ଆମର ଲକ୍ଷ୍ୟକୁ ଯେପରି ଆମେ ମୁହୂର୍ତ୍ତକ ପାଇଁ ଭୁଲି ନଯାଉ । ସେହି ଲକ୍ଷ୍ୟଟିର ସ୍ୱରୂପ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ କଥାଗୁଡ଼ିକ ଯେପରି ସବୁ ସମୟରେ ସ୍ମରଣ ରଖୁ, "A total perfection is the ultimate aim which we set before us, for our ideal is the Divine Life which we wish to create here, the life of the Spirit fulfilled on earth,... in the conditions of the material universe."

(SABCL, Vol. 16, p. 5)

— ''ଏକ ସାମଗ୍ରିକ ପୂର୍ଣ୍ଣତାକୁହିଁ ଚରମ ଲକ୍ଷ୍ୟ ରୂପେ ଆମ ଆଗରେ ରଖିଛୁ, କାରଣ ଆମର ଆଦର୍ଶ ହେଉଛି ସେହି ଦିବ୍ୟଜୀବନ, ଯାହା ଆମେ ଏହିଠାରେ ହିଁ ସୃଷ୍ଟି କରିବାକୁ ଚାହୁଁ । ଏହି ଜଡ଼-ବିଶ୍ୱର ଚେତନାରେ, ଏହି ପୃଥିବୀ ଉପରେହିଁ ସିଦ୍ଧ ହେବ ଆତ୍ମାର ଜୀବନ... ।'' ❖

We are upon earth
to manifest the
Divine's will

With my blessings

Vol. LXIII, No. 1, NAVAJYOTI – 21 February, 2020, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

## ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**